
# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 43 •ISSUE-242 •FRIDAY •27 FEBRUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୪୨ •ଶୁକ୍ରବାର •୨୭ ଫେବୃଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

ଫୁଟବଲ କ୍ଲବ୍ କିଣିଲେ ରୋନାଲ୍ଡୋ

▶ପୃଷ୍ଠା ୧୨ ଦେଖନ୍ତୁ...





10 YEAR WARRANTY | BAJAJ SECURE •AMC•ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 28 ଫେବୃଆରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉକ୍ତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫି ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ର ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଭଳି । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ଡିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293• **Balugaon** BHARAT BAJAJ 7381099441 • **Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211** • **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979

### କଳସ ଶୋଭାଯାତ୍ରାରେ ବାଣ ବିସ୍ଫୋରଣ

# ୨ ଗୁରୁତର, ଶିଶୁ ସହ ୫ରୁ ଅଧିକ ଆହତ

କେନ୍ଦ୍ରାପଡ଼ା,୨୬।୨(ସମିସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଲନଗର ଗ୍ରାମରେ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ଆୟୋଜିତ କଳସ ଶୋଭାଯାତ୍ରା ବେଳେ ବାଣ ବିସ୍ଫୋରଣରେ ୨ ଜଣ ମହିଳା ଗୁରୁତର ଆହତ ହୋଇଥିବାବେଳେ ଶିଶୁ ସହିତ ୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଗୁଲନଗର ଗାଁର ଶତାଧିକ ମହିଳା କଳସ ନେଇ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଗୋବରୀ ନଦୀ କୂଳରେ ପହଞ୍ଚିବା ପରେ ସେଠାରେ



ପୂଜାର୍ଚ୍ଚନା ଚାଲିଥିଲା। ଏହି ସମୟରେ ଉତ୍ସବର ଆନନ୍ଦକୁ ବଢ଼ାଇବା ପାଇଁ ବାଣ ଫୁଟାଯାଉଥିଲା। ହଠାତ୍ ଏକ ବକ୍ସ ବାଣ ଅସାବଧାନତାବଶତଃ ଓଲଟି ପଡ଼ି ମହିଳାମାନେ ବସିଥିବା ସ୍ଥାନ ଦିଗକୁ ମୁହାଁ କରି ଫୁଟିଥିଲା। ପରେ ଗୋଟିଏ ପରେ ଗୋଟିଏ କରି ଏକାଧିକ ବାଣ ବିସ୍ଫୋରଣ ଘଟିଥିଲା। ଫଳରେ ରୁବି ସାହୁ (୩୫) ଓ ଶୈଳବାଳା ପୃଷ୍ଟି ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କ ଶରୀରର ୩୦ ପ୍ରତିଶତରୁ ଅଧିକ ପୋଡ଼ିଯାଇଥିବା ଜଣାପଡ଼ିଛି। ରୁବି ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେବିନରେ ଭର୍ତ୍ତି କରାଯାଇଥିବାବେଳେ ଶୈଳବାଳା ପୃଷ୍ଟିଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଆହତ ନାବାଳିକା ଗୀତାଞ୍ଜଳି ବେହେରା, ପାର୍ବତୀ ସାହୁ ଓ ପଙ୍କଜିନୀ ପାତ୍ରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ଆହତଙ୍କ ମଧ୍ୟରେ ୪ ଜଣ ଶିଶୁ ଥିବା ସୂଚନା ମିଳିଛି। କେନ୍ଦ୍ରାପଡ଼ା ସଦର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### କନିକା ରାଜମେଳଣ ଆରମ୍ଭ

# କାଳିକାପୁର ମେଳଣରେ ୪୦ରୁ ଅଧିକ ବିମାନ ସାମିଲ

ରାଜକନିକା,୨୬।୨(ସମିସ): ଆଜି ଆରମ୍ଭ ହୋଇଛି କନିକାର ପ୍ରସିଦ୍ଧ ରାଜମେଳଣ। ଫଗୁର ରଙ୍ଗରେ ସାରା ପରିବେଶକୁ ରଙ୍ଗାୟିତ କରି ଦୋଳ ମେଳଣରେ ଭକ୍ତ ଓ ଭଗବାନ ଏକାଠି ହୋଇଛନ୍ତି। ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦର୍ଶନର ସାନିଧ୍ୟ ଲାଭ କରି କନିକାର ନରନାରୀ ଆହ୍ଲାଦିତ ହୋଇଛନ୍ତି। ଆଜି ଫଗୁ ଏକାଦଶୀରେ କନିକା ରାଜମେଳଣର ପରମ୍ପରା ଅନୁଯାୟୀ କାଳିକାପୁର ମେଳଣ



ଆରମ୍ଭ ହୋଇଛି। ସକାଳ ୧୧ଟାଠାରୁ ମେଳଣ ପଡିଆକୁ ଗୋଟିକ ପରେ ଗୋଟିଏ ଦୋଳବିମାନ ଥାଟ ପଟାଳି ଧରି ପ୍ରବେଶ କରିବା ପରେ ଆୟୋଜକ କମିଟି ପକ୍ଷରୁ ସେମାନଙ୍କୁ ଫଗୁର ଅବିରରେ ସ୍ୱାଗତ କରାଯାଇଥିଲା। ବର୍ଷର ପ୍ରଥମ ଦିନର ପ୍ରଥମ ମିଳନ ପର୍ବରେ ସାମିଲ ହେଉଥିବା ଶ୍ରୀଜୀଉ ନିଜ ନିଜର ଶୋଭାଯାତ୍ରା ଧରି ରଙ୍ଗ ବେରଙ୍ଗର ପତାକା, ଢୋଲ, ମହୁରୀ, କାହାଳୀ, ଛତ୍ର ଛତ୍ରୀ, ଆଲଟ ଚାମର, ରଙ୍ଗଢୋଲ ଓ ନର୍ତ୍ତକୀଙ୍କ ରଙ୍ଗରାସର ଉଦଣ୍ଡ ନୃତ୍ୟରେ ପରିବେଶକୁ ମୁଖରିତ କରି ମେଳଣରେ ସାମିଲ ହୋଇଥିଲେ। କନିକା ରାଜ ପରିବାର ଦ୍ୱାରା ଆୟୋଜିତ ହେଉଥିବା ୫ ଦିନିଆ ମେଳଣର ପ୍ରଥମ ଦିନରେ ୪୫ରୁ ଅଧିକ ଦୋଳ ବିମାନର ସମାହାର ହୋଇଥିବାବେଳେ ଅନୁକୂଳ ପାଣିପାଗ ଥିବାରୁ ହଜାର ହଜାର ଭକ୍ତ ଛୁଟି ଆସିଥିଲେ ମେଳଣ ଦେଖିବାକୁ। ସନ୍ଧ୍ୟାରେ ଆୟୋଜକ କମିଟି ପକ୍ଷରୁ ପ୍ରତ୍ୟେକ ବିମାନର ଜୀଉଙ୍କୁ ଭୋଗ ଅର୍ପଣ କରାଯିବା ସହ ପରସ୍ପର ମଧ୍ୟରେ ଆଧ୍ୟାତ୍ମିକ ଭାବ ଆଦାନ ପ୍ରଦାନ କରାଯାଇଥିଲା। ଆସନ୍ତାକାଲି ଆୟତନଠାରେ ଦ୍ୱିତୀୟ ଦିନର ମେଳଣ ଅନୁଷ୍ଠିତ ହେବାକୁ ଥିବାରୁ ସାରା କନିକାର ପୁରପଲ୍ଲୀରେ ଶ୍ରୀଜୀଉଙ୍କୁ ଭୋଗଲାଗି କରାଯିବାର ଅପୂର୍ବ ମୁହୂର୍ତ୍ତ ଫଗୁର ମାଦକତା ଭରି ଦେଇଛି।

## ସନାତନ ଧର୍ମ ସମ୍ମିଳନୀ ଆରମ୍ଭ

ରାଜନଗର, ୨୬।୨(ସମିସ): ରାଜନଗର ବ୍ଲକ ଗୁପ୍ତିଠାରେ ଆଜିଠାରୁ ୫୬ତମ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଆରମ୍ଭ ହୋଇଛି। ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀ ଆନୁକୂଲ୍ୟରେ ଏହି ସନାତନ ଧର୍ମ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସନାତନ ଧର୍ମ ସମ୍ମିଳନୀ ପାଇଁ ଆଜି ସକାଳ ୧୦ଟାରେ ରାଜନଗର ଆଶ୍ରମଠାରୁ ଶ୍ରୀଶ୍ରୀ ଠାକୁର ଅଭିରାମ ପରମହଂସ ଦେବଙ୍କୁ ଭବ୍ୟ ଓ ଦିବ୍ୟ ସଂକୀର୍ତ୍ତନ ଶୋଭାଯାତ୍ରାରେ ସମ୍ମିଳନୀ ମଣ୍ଡପ ଯାଏଁ ପାଛୋଟି ନିଆଯାଇଛି। ରାଜନଗର ଆଶ୍ରମରୁ ବାହାରିଥିବା ଠାକୁରଙ୍କ ଶୋଭାଯାତ୍ରା ରାଜନଗର ବଜାର ଓ ଗାଁ ପରିକ୍ରମା କରିଥିଲା। ପରେ ମହିଁଷାସୁର, କୁରୁଣ୍ଡି, ହାତିନା, ଜୁନୁପଙ୍ଗରା, ବଧୀ, ଗୋପାଳପୁର ଗାଁ ପରିକ୍ରମା କରି ଗୁପ୍ତି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲା। ସନ୍ଧ୍ୟାରେ ଶାନ୍ତି ଧାମର ପୂଜ୍ୟ ସନ୍ୟାସୀ ରତ୍ନାକର ଦାସ ବାବାଜୀ, ଦୟାନିଧି ଦାସ ବାବାଜୀ, ଆତ୍ମାରାମ ଦାସ ବାବାଜୀ, ପଣ୍ଡିତ ଉଦୟ ନାଥ ସାହୁ ପ୍ରମୁଖ ସାଧୁସନ୍ଥ ଆଶୀର୍ବଚନ ପ୍ରଦାନ କରିଥିଲେ। ରାଜନଗର ଭକ୍ତ ଗୋଷ୍ଠୀ ସଭାପତି, ସମ୍ପାଦକ, ଗୁପ୍ତି ପଞ୍ଚାୟତର ଅଧିବାସୀ ଓ ସେବକ ଅଭୟ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଏହି ଧର୍ମ ସମିଳନୀ ୪ ଦିନ ଧରି ଚାଲିବ।

## ଲଛମନଜୀଉଙ୍କ ପୀଠରେ ଗ୍ରନ୍ଥାଗାର ଉଦ୍‌ଘାଟିତ

ଡେରାବିଶ,୨୬।୨(ସମିସ): ଡେରାବିଶ ବ୍ଲକ୍ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ବାଲିପାଟଣାସ୍ଥ ପ୍ରଭୁ ଶ୍ରୀଲଛମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଆଜି ଆଧ୍ୟାତ୍ମିକ ଗ୍ରନ୍ଥାଗାର ଉଦ୍‌ଘାଟନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଚିଦାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରନ୍ଥାଗାରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କାଙ୍ଗାଳି ଚରଣ ବାରିକ, ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତା ଭାବେ ମାତୃଦତ୍ତ ମହାନ୍ତି ଯୋଗଦେଇ ପାଠାଗାର ପ୍ରତିଷ୍ଠା ଏକ ଆନ୍ଦୋଳନରେ ପରିଣତ ହେଲେ ହିଁ ସଚେତନ ପାଠକ ଗୋଷ୍ଠୀ ସୃଷ୍ଟି ହୋଇପାରିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ ମହଲା ସଂଯୋଜନା କରିଥିବାବେଳେ ସତ୍ୟନାରାୟଣ ବେହେରା, କିଶୋର ପୋଥାର, ରମେଶ ସେଠୀ, ଦିଲ୍ଲୀପ ଦାସ, ସରପଞ୍ଚ ଦୟାନିଧି ଦାସ, ଶିବାନୀ ଶଙ୍କର ଦାସ, ବ୍ରଜକିଶୋର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାପିତ ଏହି ଗ୍ରନ୍ଥାଗାରରେ ଶତାଧିକ ଆଧ୍ୟାତ୍ମିକ ଓ ରାଷ୍ଟ୍ରବାଦୀ ପୁସ୍ତକ ରହିଛି।

## କମିଶନରଙ୍କ ପୁନର୍ବାସ କେନ୍ଦ୍ର ପରିଦର୍ଶନ

କେନ୍ଦ୍ରାପଡ଼ା,୨୬।୨(ସମିସ): ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ସୁବିଧାର ସମୀକ୍ଷା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦାରସୱାଲ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ କମିଶନର ପୁନର୍ବାସ କେନ୍ଦ୍ରରେ ରହୁଥିବା ମାଆମାନଙ୍କ ସହ ଆଲୋଚନା କରି ସେମାନଙ୍କ ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଶିଶୁଙ୍କୁ ଉତ୍ତମ ପୁଷ୍ଟି ଓ ଚିକିତ୍ସା ସୁବିଧା ଯୋଗାଇବା ସହ ସେମାନଙ୍କର ସଠିକ୍ ଯତ୍ନ ନିଆଯାଉଥିବା ନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମାଆମାନଙ୍କ ସ୍ୱାସ୍ଥ୍ୟ ସ୍ଥିତି, ଖାଦ୍ୟ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ମଧ୍ୟ ସେ ଖୋଜଖବର ନେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଚାଲୁଥିବା ବିଭିନ୍ନ ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ସଜାଗ ରହି କାର୍ଯ୍ୟ କରିବାକୁ କମିଶନର ପରାମର୍ଶ ଦେଇଥିଲେ। ପରେ କମିଶନର ୱାନ ଷ୍ଟପ ସେଣ୍ଟର (ସଖି) ପରିଦର୍ଶନ କରି ସେଠାରେ ମହିଳା ସୁରକ୍ଷା ଓ ସହାୟତା ସମ୍ପର୍କିତ ବିଭିନ୍ନ ସେବା ବିଷୟରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଆୟୁଷ୍ମାନ କାର୍ଡ ସମୀକ୍ଷା ବୈଠକ

ଆଳି,୨୬।୨(ସମିସ): ଆଳି ବ୍ଲକ୍‌ସ୍ତରୀୟ ଆୟୁଷ୍ମାନ କାର୍ଡ ବଣ୍ଟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନସେବା କେନ୍ଦ୍ର (ସିଏସସି)ର କେନ୍ଦ୍ରାପଡ଼ା ଜିଲ୍ଲା ପରିଚାଳକ ଚିରଞ୍ଜୀବ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଏବିଡିଓ ସୁମନ୍ତ ବେହେରା, ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା ପ୍ରଣବ ଶୁକ୍ଳା, ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳିକା ସିଲି ପ୍ରିୟମ୍ବଦା ସାହୁ, ସିଏସସି ଅଧିକାରୀ ଦିବାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଆଳି ବ୍ଲକରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଜନସେବା କେନ୍ଦ୍ର ଅଧିକାରୀ(ଭିଏଲଇ)ଙ୍କ ମିଳିତ ସମନ୍ୱୟରେ ଓଡିଶା ସରକାରଙ୍କ ପ୍ରଦତ୍ତ ଆୟୁଷ୍ମାନ ଆରୋଗ୍ୟ କାର୍ଡର ବିତରଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, କ୍ଷେତ୍ରରେ କାମ କରୁଥିବା ଏଏନଏମ, ଆଶା କର୍ମୀ କିପରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ, ସେ ନେଇ ଚିଠା ପ୍ରସ୍ତୁତ କରିଥିଲେ। ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା ଶୁକ୍ଳା ପ୍ରତି ସପ୍ତାହର ଶନିବାର ଦିନ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ସମୀକ୍ଷା ବୈଠକ କରାଯିବା ନେଇ ପରିଚାଳିକା ଶ୍ରୀମତୀ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୨୬।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ କଲେଜ ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ କଲେଜର ୫୦ ବର୍ଷ ପୂର୍ତ୍ତି ଉତ୍ସବକୁ ମନୋରମ ଓ ଉଦାହରଣୀୟ କରିବାକୁ କଲେଜ କର୍ମଚାରୀ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଏପ୍ରିଲ ୩, ୪, ୫ ତାରିଖ ୩ ଦିନ ଧରି ଉତ୍ସବ ପାଳିତ ହେବାକୁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ କରିବାକୁ ବିଭିନ୍ନ କମିଟି ଗଠନ କରାଯାଇଛି। କଲେଜର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବୈଠକ କଲେଜ ଅଡିଟୋରିୟମରେ ଅନୁଷ୍ଠିତ ହୋଇ ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠନ କରାଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ



ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ, ପ୍ରାଧ୍ୟାପକ ଅମୀୟ ଦାସ, କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତି ରଶ୍ମିରଞ୍ଜନ ପ୍ରଧାନ (ଲିଟୁ), ପୁରାତନ ଛାତ୍ର ତଥା ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ପାତ୍ର, ଓକିଲ ସଂଘ ପୂର୍ବତନ ସଭାପତି ତପନ ମିଶ୍ର, ଗାଳ୍ପିକ ପ୍ରଦୀପ ନାୟକ, ଆଡଭୋକେଟ ପ୍ରମୋଦ ସାହୁ, ସତ୍ୟନାରାୟଣ ନାୟକ, ରୁଦ୍ରପ୍ରସନ୍ନ ପାତ୍ର, କବି ଅନ୍ତର୍ଯ୍ୟାମୀ ବେଜ, ଚିତ୍ରଶିଳ୍ପୀ ରମେଶ ଦେ ଓ ରାଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ କଲେଜ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଆକର୍ଷଣୀୟ କରିବାକୁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ପୁରାତନ ଛାତ୍ରଛାତ୍ରୀ ପରିଷଦ ଗଠନ କରାଯାଇଥିଲା। ସଭାପତି ରଶ୍ମିରଞ୍ଜନ ପ୍ରଧାନ, ଉପସଭାପତି ବିଶ୍ୱରଞ୍ଜନ ପାତ୍ର, ସମ୍ପାଦକ ନିଶିକାନ୍ତ ପ୍ରଧାନ, ଯୁଗ୍ମସମ୍ପାଦକ ରାଜେନ୍ଦ୍ର ଦାଶ, କୋଷାଧ୍ୟକ୍ଷ ଭାବେ ଶୁଭଦୀପ ଗୁପ୍ତା ମନୋନୀତ ହୋଇଛନ୍ତି। ତପନ ମିଶ୍ର, ରୁଦ୍ରପ୍ରସନ୍ନ ପାତ୍ର, ରବୀନ୍ଦ୍ର ବିଶ୍ୱାଳ ଓ ନଟବର ସେଠୀଙ୍କୁ ନେଇ ୪ଜଣିଆ ଉପଦେଷ୍ଟା ମଣ୍ଡଳୀ ଓ ଅନ୍ତର୍ଯ୍ୟାମୀ ବେଜ, ସୁଶାନ୍ତ ଦାଶ, ରମେଶ ଦେ, ଅନୀଲ ଚୌଧୁରୀଙ୍କୁ ନେଇ ୪ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି।

### ● ସରକାରୀ ଜାଗା ଅବରୋଧ ହଟାଇବାକୁ ପ୍ରଶାସନର କାର୍ଯ୍ୟାନୁଷ୍ଠାନ

## ବିନା ସୂଚନାରେ ଉଚ୍ଛେଦକୁ ଗ୍ରାମବାସୀଙ୍କ ବିରୋଧ

ପଞ୍ଚୁପାଣ୍ଡବ,୨୬।୨(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ରାଜସ୍ୱ ଗ୍ରାମ ରଘୁଦେଇପୁରକୁ ଗୁରୁବାର ପ୍ରଶାସନ ସ୍ଥାନ ନିରୂପଣ କରିବାକୁ ଯାଇ ଫେରିଥିବାବେଳେ ଗ୍ରାମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରଘୁଦେଇପୁର ପଞ୍ଚାୟତରେ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଅନିଶ୍ଚିତତା ଜାରି ରହିଛି। ଏକ ଭଙ୍ଗା ଆଜବେଷ୍ଟସ ଘରେ ପ୍ରାୟ ୨୭ ବର୍ଷ ହେବ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିବାବେଳେ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଯୋଗୁଁ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନାହିଁ। ଏପରିକି କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ବରାଦ କରାଯାଇଥିଲେ ମଧ୍ୟ ସ୍ଥାନ ନିରୂପଣ ସମସ୍ୟା ଲାଗିରହିଛି। ଏଥିପାଇଁ ନୋଲସାହିରେ ପଞ୍ଚାୟତ ଗୃହ କରାଯିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଗୃହ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଆଜି ଡେରାବିଶ ତହସିଲଦାର ସରୋଜ ନାୟକ ଓ ମଣ୍ଡଳ ଉନ୍ନୟନ ଅଧିକାରିଣୀ ନମିତା ବାରିକ ସ୍ଥାନ ନିରୂପଣ ପାଇଁ ରଘୁଦେଇପୁର ରାଜସ୍ୱ ଗ୍ରାମକୁ ଯାଇଥିବାବେଳେ ବିବାଦ ସୃଷ୍ଟି ହୋଇଥିଲା। ଉକ୍ତ ସ୍ଥାନଟି ସରକାରଙ୍କ ଅଧୀନରେ ଥିଲେ ହେଁ କିଛି ମୁଷ୍ଟିମେୟ ବ୍ୟକ୍ତି କେତେକ ସ୍ଥାନକୁ ଲିଜ ଆକାରରେ ନେଇ ଥିବାବେଳେ ବହୁତ ଗୁଡିଏ ସରକାରୀ ସମ୍ପତ୍ତିକୁ ଗ୍ରାମବାସୀ ଜବରଦଖଲ କରି ଚାଷ କରିଆସୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସେଥିରୁ କିଛି ଜାଗା ଚିହ୍ନଟ କରିବାକୁ ପ୍ରଶାସନ ଚାହିଁଥିଲେ ମଧ୍ୟ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଗ୍ରାମର ମହିଳା ଏକତ୍ରିତ ହୋଇ ଜୀବନ ଜୀବିକା ସହ ଜଡ଼ିତ ଥିବା କହି ସ୍ଥାନ ନିରୂପଣ ନ କରିବା ପାଇଁ ପ୍ରଶାସନକୁ ବାରଣ କରିଥିଲେ। ଏହି ଘଟଣାକୁ ନେଇ ବାଦାନୁବାଦ ସୃଷ୍ଟି ହୋଇଥିବାବେଳେ ମହିଳାଙ୍କ ବିରୋଧ ଯୋଗୁଁ ପ୍ରଶାସନ ଫେରି ଆସିଥିଲା। ଉକ୍ତ ସ୍ଥାନଟି ରାଜତନ୍ତ୍ର ସମୟରେ ରାଜାଙ୍କ ଅଧୀନରେ ଥିବାବେଳେ ପରବର୍ତ୍ତୀ ସମୟରେ ସରକାରଙ୍କ ଅଧୀନକୁ ଚାଲି ଯାଇଛି। ଏବେ ଗ୍ରାମବାସୀଙ୍କ ଜବରଦଖଲରେ ରହିଛି। ଏ ସମ୍ପର୍କରେ ତହସିଲଦାର ସରୋଜ ନାୟକଙ୍କୁ ପଚାରିବାରୁ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବା ପାଇଁ ଯାଇଥିବାବେଳେ କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ପ୍ରରୋଚନାରେ ଏଭଳି ଅବସ୍ଥା ଉପୁଜିଛି। ବିବାଦ ପରେ ସେ ଫେରି ଆସିଥିଲେ ହେଁ ଗ୍ରାମବାସୀଙ୍କ ପକ୍ଷରୁ ଏହାର ସମାଧାନ ପାଇଁ କିଛି ଦିନ ସମୟ ନିଆଯାଇଥିବା ତହସିଲଦାର ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

କେନ୍ଦ୍ରାପଡ଼ା,୨୬।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ଶିକ୍ଷୟିତ୍ରୀଙ୍କୁ ଯୌତୁକ ଦାବିରେ ନିର୍ମମ ଭାବେ ମାଡ଼ମାରି ତାଙ୍କ ଗର୍ଭନଷ୍ଟ କରାଯାଇଥିବା ଗୁରୁତର ଅଭିଯୋଗ ଆସିଛି। ଏ ନେଇ ପୀଡ଼ିତା ଶିକ୍ଷୟିତ୍ରୀ ଟାଉନ ଥାନାରେ ସ୍ୱାମୀ, ଶାଶୂ ଓ ନଣନ୍ଦଙ୍କ ବିରୋଧରେ ଏତଲା ଦେଇଥିବାବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମାର୍ଶାଘାଇ ଥାନା ଅନ୍ତର୍ଗତ ଗଡ଼ରୋମିତ ଗ୍ରାମର ଶ୍ରେୟାଶ୍ରୀ ସାମନ୍ତରାୟ ୨୦୨୨ ଡିସେମ୍ବର ୧୪ ତାରିଖରେ କେନ୍ଦ୍ରାପଡ଼ା ଥାନା ଅଞ୍ଚଳର ମାଧପୁର ଗ୍ରାମର ସିଦ୍ଧାର୍ଥ ଚୌଧୁରୀଙ୍କୁ ବିବାହ କରିଥିଲେ। ବିବାହ ପରେ ସେ ସ୍ୱାମୀଙ୍କ ସହ ଖଣ୍ଡଗିରି ଅଞ୍ଚଳରେ ରହୁଥିଲେ। ବିବାହର କିଛି ଦିନ ପରେ ସ୍ୱାମୀ ଅନ୍ୟ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖୁଥିବା ଜାଣିବାକୁ ପାଇଥିବା ଶ୍ରେୟାଶ୍ରୀ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରିବାରୁ ସ୍ୱାମୀ ଓ ଶାଶୂ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିକି ସେମାନେ ୫ ଲକ୍ଷ ଟଙ୍କା ଆଣିବାକୁ ଚାପ ପକାଇଥିଲେ। ଟଙ୍କା ନ ଦେବାରୁ ବିଭିନ୍ନ ସମୟରେ ତାଙ୍କୁ ମାଡ଼ ମାରିଥିଲେ। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ଶ୍ରେୟାଶ୍ରୀ ଗର୍ଭବତୀ ଥିବା ସମୟରେ ମାଧପୁର ଗ୍ରାମର ଶାଶୂଘରକୁ ଆସିଥିବାବେଳେ ସ୍ୱାମୀ ଓ ଶାଶୂ ତାଙ୍କୁ ନିର୍ମମ ଭାବେ ମାଡ଼ ମାରିଥିଲେ। ଫଳରେ ତାଙ୍କ ଗର୍ଭନଷ୍ଟ ହୋଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପୀଡ଼ିତା ନ୍ୟାୟ ଦାବି କରି ଟାଉନ ଥାନାରେ ସ୍ୱାମୀ, ଶାଶୂ ଓ ନଣନ୍ଦଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସର ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଅଭିଯୁକ୍ତ ସ୍ୱାମୀ ଓ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ବିଧାୟକ

ରାଜନଗର, ୨୬।୨(ସମିସ): ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଜୁଣଗଡି ମଣ୍ଡିରେ ସମ୍ପାଦକ ଓ ମିଲରଙ୍କ ନିର୍ଯାତନା ସହି ନ ପାରି ପ୍ରାଣ ହରାଇଛନ୍ତି ଚାଷୀ ତ୍ରିଲୋଚନ ନାୟକ। ଆଜି ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ମଣ୍ଡିରେ ଓ ମିଲ୍‌ରେ ମୃତ ଚାଷୀ ଓ ତାଙ୍କ ଭାଇ କିପରି ଶୋଷଣ ଓ ନିର୍ଯାତନାର ଶିକାର ହୋଇଥିଲେ, ସେ ନେଇ ପଚାରି ବୁଝିଥିଲେ। ମୃତ ଚାଷୀଙ୍କ ପରିବାରକୁ ରାଜ୍ୟ ସରକାର ୨୦ ଲକ୍ଷ ଟାଙ୍କର ସହାୟତା ରାଶି ପ୍ରଦାନ କରନ୍ତୁ ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ନେତା ବିଜୟ ନାୟକ, ଯୁବ ନେତା ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଜନଗର, ୨୬।୨(ସମିସ): ରାଜନଗର ବ୍ଲକ୍ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ମିତା ରାଉତଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟ ପକ୍ଷରୁ ପୂର୍ବତନ ଅଧ୍ୟକ୍ଷ ପ୍ରଣୟ ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଷ୍ଟାଫ୍ ଆସୋସିଏସନ୍ ସଭାପତି ଅଧ୍ୟାପକ ସନ୍ଦୀପ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତ, ଅଧ୍ୟାପକ ବିଚିତ୍ରାନନ୍ଦ ପାଣି ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ପକ୍ଷରୁ ପୂର୍ବତନ ଅଧ୍ୟକ୍ଷ ପ୍ରଣୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସଂଗ୍ରାମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ଦଧିନଉତି ଉତ୍ସବ

ମାର୍ଶାଘାଇ,୨୬।୨(ସମିସ): ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତର ବଡ଼ପାଳ ଛକରେ ଶ୍ରୀଜଗନ୍ନାଥଙ୍କ ନବନିର୍ମିତ ମନ୍ଦିର ଦଧିନଉତି ଉତ୍ସବ ଅନୁଷ୍ଠିତ ହୋଇଛି। ଗରଜଙ୍ଗା ଦେବସ୍ଥାନମ୍ ଚାରିଟେବୁଲ ଟ୍ରଷ୍ଟ, ଗରଜଙ୍ଗା ପଞ୍ଚାୟତବାସୀ ଓ ମାର୍ଶାଘାଇ ଅଞ୍ଚଳବାସୀଙ୍କ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ପଣ୍ଡିତ ମାନସ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ କଳସାଧିବାସ, ସୂର୍ଯ୍ୟପୂଜନ, ଅଗ୍ନିସ୍ଥାପନ ସହିତ ଦଧିନଉତିରେ ଭକ୍ତ ଅର୍ପଣ କରିଥିବା ଧଳାଧାନ, ସୁନା, ରୁପା, ମୁଦ୍ରା, ପଞ୍ଚଧାତୁ ପୂର୍ଣ୍ଣ କରାଯାଇଛି। ଦଧିନଉତି ପ୍ରତିଷ୍ଠା ଉତ୍ସବରେ ହୋମଯଜ୍ଞ ପୂର୍ଣ୍ଣାହୂତି ସହ ଦଧିନଉତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଟ୍ରଷ୍ଟ ସଭାପତି ରୀନାବାଳା ବେହେରା, ସମ୍ପାଦକ ଅରୁଣ ନାୟକ, କୋଷାଧ୍ୟକ୍ଷ ଦୀପ୍ତିରଞ୍ଜନ ଲେଙ୍କା, ରଶ୍ମିରଞ୍ଜନ ମହାପାତ୍ର, ବିପୁଲ ନାୟକ, ଟ୍ରଷ୍ଟ ସଭ୍ୟ ସରୋଜ ପଣ୍ଡା, କଳ୍ପନା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଡ଼ମୂଳବସନ୍ତ ମଣ୍ଡିରୁ ୮ ଦିନ ହେବ ଉଠୁନି ଧାନ

ପଟ୍ଟାମୁଣ୍ଡାଇ,୨୬।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିରୁ ପ୍ରାୟ ୮ ଦିନରୁ ଉର୍ଦ୍ଧ୍ୱ ହେବ ଧାନ ଉଠାଯାଉନାହିଁ। ଏହି ମଣ୍ଡିରେ ୯୫୯ ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଚାଷୀଙ୍କ ୧୫୦୦ କ୍ୱିଣ୍ଟାଲ ଧାନ ବିକ୍ରୟ ନ ହୋଇ ପଡିରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପଦ୍ମାବତୀ ରାଇସ ମିଲ ଓ ପ୍ରଶାନ୍ତି ରାଇସ ମିଲକୁ ୭୦୦ ଓ ୪୦୦ କ୍ୱିଣ୍ଟାଲ ଧାନ ଉଠାଇବା ପାଇଁ ଦିଆଯାଇଥିବାବେଳେ ଟାର୍ଗେଟ ପୂରଣ ହୋଇସାରିଛି ବୋଲି ରାଇସ ମିଲ୍ ପ୍ରକାଶ କରିବା ସହିତ ଧାନ ଉଠାଉନାହାନ୍ତି। ଏବେ ମଣ୍ଡିରେ ୧୫୦୦ କ୍ୱିଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଛି। ଏ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବଡ଼ମୂଳବସନ୍ତ ସୋସାଇଟି ଧାନ ମଣ୍ଡିର ଧାନ କିଣା କମିଟି ଅଧ୍ୟକ୍ଷ ସଞ୍ଜୟ ଲେଙ୍କା ରାଇସ ମିଲ୍‌ମାନଙ୍କୁ ଧାନ କିଣିବା ପାଇଁ ଅନୁରୋଧ କଲେ ମଧ୍ୟ ସେମାନେ ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ଲେଙ୍କା ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ମଣ୍ଡିରୁ ଧାନ ଉଠାଇବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଢଳିଥିବା ମନ୍ଦିରକୁ ଉଠାଇବାକୁ ଯୋଜନା

ମହାକାଳପଡ଼ା,୨୬।୨(ସମିସ): ଜଅଁରା ଗ୍ରାମର ସ୍ୱପ୍ନେଶ୍ୱର ଶିବ ମନ୍ଦିର ୧୦ ବର୍ଷ ତଳୁ ନିର୍ମାଣ ଚାଲିଥିବାବେଳେ ୨୦୨୦ରେ ଏହି ମନ୍ଦିର ଧିରେ ଧିରେ ପଶ୍ଚିମ ଦିଗକୁ ଢଳିବାକୁ ଲାଗିଲା। ଗ୍ରାମବାସୀ ମନ୍ଦିରକୁ ସୁରକ୍ଷିତ ରଖିବାକୁ ବିଭିନ୍ନ ଅନୁଷ୍ଠାନ ସହିତ ଯୋଗାଯୋଗ କରିଥିଲେ। ବିହାର ରାଜ୍ୟର ମାଧପୁର ଅଞ୍ଚଳର ବିକେ ହାଉସ୍ ଲିଫ୍ଟିଂ ସଂସ୍ଥା ସହିତ ଶେଷରେ ଆଲୋଚନା ହୋଇଥିଲା। ଏହି ସଂସ୍ଥାର ବରିଷ୍ଠ କାରିଗର ବିଭିନ୍ନ ରାଜ୍ୟରେ ବଡ଼ ବଡ଼ ଅଟ୍ଟାଳିକା, ମନ୍ଦିର ଆଦିକୁ ଲିଫ୍ଟିଂ ମାଧ୍ୟମରେ କାର୍ଯ୍ୟ କରି ସଫଳ ହୋଇ ନିଜର ପାରଦର୍ଶିତା ହାସଲ କରିଛନ୍ତି। ଏବେ ଜଅଁରା ଗ୍ରାମର ଢଳି ପଡିଥିବା ସ୍ୱପ୍ନେଶ୍ୱର ଶିବ ମନ୍ଦିରକୁ ଉଠାଇବା କାର୍ଯ୍ୟ ବବୁଲ ଯାଦବଙ୍କ ଭଳି ବହୁ ପୁରୁଖା କାରିଗର କରୁଛନ୍ତି। ମନ୍ଦିରକୁ ସଳଖ କରିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ଅନୁକମ୍ପାମୂଳକ ନିଯୁକ୍ତି ମେଳା

# ଏକକାଳୀନ ୪୦ ଜଣଙ୍କୁ ମିଳିଲା ସରକାରୀ ଚାକିରି

କେନ୍ଦ୍ରାପଡ଼ା,୨୬।୨(ସମିସ): ଶିକ୍ଷା ବିଭାଗରେ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିବା ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ପାଇଁ ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ବିଶେଷ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକକାଳୀନ ୪୦ ଜଣ



ଯୋଗ୍ୟ ଆବେଦକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ନିୟମାବଳୀ ଓ ନିର୍ଦ୍ଦେଶନାମା ଅନୁସାରେ କାଉନସେଲିଂ ପ୍ରକ୍ରିୟା ମାଧ୍ୟମରେ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟର ନିଜ ହସ୍ତରେ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ସମଗ୍ର ରାଜ୍ୟରେ ଏକକାଳୀନ ଭାବେ ସର୍ବାଧିକ ସଂଖ୍ୟକ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ପ୍ରଦାନ କରିବାରେ କେନ୍ଦ୍ରାପଡ଼ା ଜିଲ୍ଲା ଅଗ୍ରଣୀ ଥିବା ସୂଚନା ମିଳିଛି। ନିଯୁକ୍ତି ପତ୍ର ପାଇଥିବା ବ୍ୟକ୍ତି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ବାରିକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବିଭିନ୍ନ ବ୍ଲକ ଓ ମଣ୍ଡଳ ଅଧିକାରୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ମାଳିବସା-ବାବର ପୂର୍ତ୍ତ ରାସ୍ତାରେ ଜମା ହୋଇଛି ଚିପ୍‌ସ

# ଯାତାୟାତରେ ବାଧା; ଘଟୁଛି ଦୁର୍ଘଟଣା

ପଟ୍ଟାମୁଣ୍ଡାଇ,୨୬।୨(ସମିସ)

ସମ୍ପ୍ରତି ମାଳିବସା-ବାବର ପୂର୍ତ୍ତ ବିଭାଗ ରାସ୍ତା ଲୋକଙ୍କ ପାଇଁ ପାଲଟିଛି ମରଣଯନ୍ତା। ଏହି ରାସ୍ତାର ମରାମତି ପାଇଁ କେହି ଠିକାଦାର ରାସ୍ତା ଉପରେ ଠୁଳ କରିଛନ୍ତି ବଜୁରି ଓ ଚିପ୍‌ସ। ତେବେ ରାସ୍ତା ମରାମତି ପାଇଁ କୌଣସି ଟେଣ୍ଡର ହୋଇ ନ ଥିବାବେଳେ ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଏହି ରାସ୍ତାର ନିର୍ମାଣ ଦାୟିତ୍ୱ କାହାକୁ ଦିଆଯାଇଛି ବିଭାଗଠାରୁ ତାହାର ଉତ୍ତର ମିଳୁନାହିଁ। ଏହି ରାସ୍ତାଟି ପୂର୍ବରୁ ସାଲାଇନ ବିଭାଗ ଅଧୀନରେ ଥିବାବେଳେ ଏହାକୁ ରାଜନଗର



ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ୫ ଦିନ ହେବ ରାସ୍ତାକୁ ମଡ଼ାଇ କେହି ଠିକାଦାର ବଜୁରୀ ଓ ଚିପ୍ସ ଠୁଳ କରିଛି। ରାସ୍ତାରେ ଠାକୁ ଠା ବଜୁରି ଓ ଚିପ୍‌ସ ଜମାହୋଇ ରହିବା ଫଳରେ ଯାତାୟାତରେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ମାଟ୍ରିକ ପରୀକ୍ଷା ଚାଲିଥିବାରୁ ଏହି ରାସ୍ତାଦେଇ ଯାଉଥିବା ପରୀକ୍ଷାର୍ଥୀ ରାସ୍ତାରେ ପଡ଼ି ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାର ୧୦ରୁ ୧୨ କିଲୋମିଟର ପର୍ଯ୍ୟନ୍ତ ଅବସ୍ଥା ଶୋଚନୀୟ ହୋଇପଡୁଥିବାରୁ ଏହାର ମରାମତିର ଆବଶ୍ୟକତା ରହିଛି। କିନ୍ତୁ ରାସ୍ତା ମରାମତି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅପରିଣାମଦର୍ଶିତା ପାଇଁ ଏହି ରାସ୍ତାଟି ପଥଚାରୀଙ୍କ ଦୁଃଖର କାରଣ ହୋଇଛି। ରାସ୍ତା ମଝିରେ ଜମାହୋଇ ରହିଥିବା ବଜୁରି ଓ ଚିପ୍‌ସକୁ ହଟାଇବା ପାଇଁ ସ୍ଥାନୀୟ ଅଞ୍ଚଳର ପ୍ରତାପ ଦାସ ଦାବି କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୨୬/୨/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୮,୪୩୫/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



### ବେଳାଭୂମିରେ ବ୍ୟାଗେଜ୍ ଲକର୍ ସିଷ୍ଟମ୍

# ସୁରକ୍ଷା ଦୃଷ୍ଟିକୋଣରୁ କେତେ ସୁରକ୍ଷିତ?

**ପୁରୀ,୨୬ା୨(ସମିସ):** ପୁରୀ ସମୁଦ୍ର କୂଳରେ ପ୍ରଥମଥର ପାଇଁ ବ୍ୟାଗେଜ୍ ଲକର୍ ସିଷ୍ଟମ ବ୍ୟବସ୍ଥା କରାଯାଇଛି। ସମୁଦ୍ରରେ ସ୍ନାନ କରୁଥିବା ପର୍ଯ୍ୟଟକ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହେବେ। ସାଥିରେ ଆଣିଥିବା ବ୍ୟାଗପତ୍ର ରଖିବା ଲାଗି ସେମାନଙ୍କୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ। ଏହି ବ୍ୟାଗେଜ୍ ଲକର୍ ସିଷ୍ଟମ୍‌ରେ ରଖି ବିନା ଟେନ୍‌ସନରେ ସମୁଦ୍ରରେ ସ୍ନାନ କରିପାରିବେ। ପର୍ଯ୍ୟଟକଙ୍କ ସୁବିଧା ପାଇଁ କରାଯାଇଥିବା ଏହି ବ୍ୟବସ୍ଥାକୁ ସମସ୍ତେ ସ୍ୱାଗତ କରୁଛନ୍ତି। ହେଲେ ସୁରକ୍ଷା ଦୃଷ୍ଟିକୋଣରୁ ଏହା ସୁରକ୍ଷିତ ତ? ଏଭଳି ପ୍ରଶ୍ନ ଏବେ ଅନେକଙ୍କ ମନରେ ସୃଷ୍ଟି ହୋଇଛି। କାରଣ ଏହା ସ୍ୱୟଂଚାଳିତ ଭାବେ କାର୍ଯ୍ୟ କରିବ। ଏହା କୌଣସି ମାନବ ସମ୍ବଳ ଦ୍ୱାରା ପରିଚାଳନା ହେଉ ନାହିଁ। କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ ଏହାର ସେବା ଉପଲବ୍ଧ ହେବ। ବଡ଼କଥା ହେଉଛି ଏଠାରେ ପର୍ଯ୍ୟଟକଙ୍କ ବ୍ୟାଗ୍ ଯାଞ୍ଚ କରାଯାଉନାହିଁ। ଯଦି କେହି ମନ୍ଦ ଉଦ୍ଦେଶ୍ୟ ନେଇ ତାଙ୍କ ବ୍ୟାଗ୍ ଭିତରେ ସେମିତି କିଛି ଦ୍ରବ୍ୟ ରଖିଦିଅନ୍ତି ତା'ହେଲେ ବଡ଼ ଧରଣର ବିପଦକୁ ମଧ୍ୟ ଏଡ଼ାଇ ଦେଇହେବ ନାହିଁ। ତେଣୁ ଏଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।



ପୁରୀ ଏକ ଅନ୍ତର୍ଜାତୀୟ ଧାର୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥା'ନ୍ତି। ପର୍ଯ୍ୟଟକମାନେ ସାଧାରଣତଃ ପୁରୀ ବେଳାଭୂମିକୁ ବୁଲି ଯାଉଥିବାବେଳେ ଭକ୍ତମାନେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପରେ ସମୁଦ୍ର କୂଳକୁ ବୁଲିଯାଇଥା'ନ୍ତି। ଅନ୍ୟପକ୍ଷରେ ପୂର୍ବ ଭାରତର ଏକ ମନୋରମ ବଳାଭୂମି ହେଉଛି ପୁରୀ। ତେଣୁ ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅନେକ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା'ନ୍ତି। ସାଥିରେ ଆଣିଥିବା ବ୍ୟାଗ୍ ସମୁଦ୍ର ବାଲିରେ ରଖି ସମୁଦ୍ରକୁ ସ୍ନାନ କରିବାକୁ ଯାଇଥାନ୍ତି ପର୍ଯ୍ୟଟକ। ଏଥିପାଇଁ ବିଭିନ୍ନ ସମୟରେ ବ୍ୟାଗ୍ ଚୋରି ହୋଇଯାଉଥିବା ଅଭିଯୋଗ ହେଉଥିଲା। ବେଳାଭୂମିରେ ଏମିତି ନିର୍ଦ୍ଦିଷ୍ଟ ଧରଣର ଲୁଟେରାଙ୍କ ସକ୍ରିୟତା ବି ପୂର୍ବରୁ ଦେଖିବାକୁ ମିଳିଛି। ପୁଲିସ ମଧ୍ୟ ଅନେକଙ୍କୁ କାବୁ କରିଥିବା ବେଳେ ପର୍ଯ୍ୟଟକଙ୍କୁ ତାଙ୍କ ବ୍ୟାଗ୍ ଉଦ୍ଧାର କରି ଦେଇଛି। ଏଭଳି ଅସୁବିଧାକୁ ଦୃଷ୍ଟିରେ ରଖି ପୁରୀ ପୌରସଂସ୍ଥା ପକ୍ଷରୁ ଏକ ନିଆରା ପଦକ୍ଷେପ ନିଆଯାଇଛି। ପ୍ରଥମଥର ପାଇଁ ପୁରୀ ସମୁଦ୍ର କୂଳରେ କରାଯାଇଛି ବ୍ୟାଗେଜ୍ ଲକର୍ ସିଷ୍ଟମ୍। ବେଳାଭୂମିର ଦୁଇଟି ସ୍ଥାନରେ ଏହି ବ୍ୟାଗେଜ୍ ଲକର୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଭିକ୍ଟୋରିଆ ହୋଟେଲ୍ ସମ୍ମୁଖ ଓ ଦିଗବାରେଣୀ ଛକ ପାଖରେ ଦୁଇଟି ବ୍ୟାଗେଜ୍ ଲକର୍ ପରୀକ୍ଷାମୂଳକ ଭାବେ ସ୍ଥାପନ ହୋଇଛି। ତେବେ ବ୍ୟାଗେଜ୍ ଲକର୍ ବ୍ୟବସ୍ଥା ଆପଣାଇବାକୁ ହେଲେ ପ୍ରଥମେ ସେଠାରେ ଲାଗିଥିବା କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ ଲୋକେସନ୍ ଅନ୍ କରି ଆବଶ୍ୟକୀୟ ତଥ୍ୟ ଦେବାକୁ ପଡ଼ିବ। ଏହାପରେ ଅନ୍‌ଲାଇନ୍‌ରେ କିଛି ଟଙ୍କା ଦେବାକୁ ପଡ଼ିବ। ଏହି ପ୍ରକ୍ରିୟା ପରେ ଲକର୍ ଆପେ ଆପେ ଖୋଲିଯିବ। ଏହାପରେ ପର୍ଯ୍ୟଟକମାନେ ନିଜର ବ୍ୟାଗ୍, ଜୋତା, ମୋବାଇଲ୍ ଆଦି ଅନ୍ୟାନ୍ୟ ଜିନିଷପତ୍ର ରଖି ମୋବାଇଲ୍ ଯୋଗେ ଏହାକୁ ବନ୍ଦ କରିବେ। ଗୋଟିଏ ସିଷ୍ଟମ୍‌ରେ ୨୭ଟି ଲକର୍ ଥିବାବେଳେ ଏଥିରେ ଛୋଟ, ମଧ୍ୟମ, ବଡ଼ ଏବଂ ଅତିରିକ୍ତ ବଡ଼ ଭଳି ଭିନ୍ନ ଭିନ୍ନ ସାଇଜ୍‌ର ଲକର୍ ରହିଛି। ସବୁଠାରୁ ବଡ଼ ଲକର୍‌ରେ ୮ରୁ ୧୦ଟି ବ୍ୟାଗ୍, ଚପଲ, ମୋବାଇଲ୍ ରହିପାରିବ। ଏଥିପାଇଁ ଘଣ୍ଟାକୁ ୧୧୮ ଟଙ୍କା ଦେବାକୁ ପଡ଼ିବ। ସେହିଭଳି ବଡ଼ ଲକର୍ ପାଇଁ ଘଣ୍ଟାକୁ ୬୯ ଟଙ୍କା ୬୨ ପଇସା, ମଧ୍ୟମ ଲକର୍ ପାଇଁ ଘଣ୍ଟାକୁ ୨୯ ଟଙ୍କା ୫ ପଇସା ଏବଂ ଛୋଟ ଲକର୍ ପାଇଁ ଘଣ୍ଟାକୁ ୧୮ ଟଙ୍କା ୮୮ ପଇସା ଅନ୍‌ଲାଇନ୍ ଯୋଗେ ପେମେଣ୍ଟ କରିବାକୁ ହେବ। ଫେବୃଆରୀ ୨୫ରୁ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି।

**ଯାଞ୍ଚ ହେଉନି ପର୍ଯ୍ୟଟକଙ୍କ ବ୍ୟାଗ୍; ପ୍ରଶ୍ନ ଉଠାଇଲେ ବୁଦ୍ଧିଜୀବୀ**

ଏ ସମ୍ପର୍କରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ଟିକଟ୍ ସଂସ୍ଥା ମାଧ୍ୟମରେ ଏହି ଡିଜିଟାଲ ଲକର୍ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହାଦ୍ୱାରା ଲୋକେ ତାଙ୍କ ବ୍ୟାଗ୍ ଆଦି ଜିନିଷପତ୍ର ରଖିପାରିବେ। ଏହା ସମ୍ପୂର୍ଣ୍ଣ ଡିଜିଟାଲ୍ ବ୍ୟବସ୍ଥା। ଏହା ଡିଜିଟାଲି ଖୋଲିବ ଏବଂ ଡିଜିଟାଲି ବନ୍ଦ ହେବ ବୋଲି ଶ୍ରୀ ବେହେରା କହିଛନ୍ତି। ତେବେ ପୁରୀର ଯୁବ ସାମାଜିକ କର୍ମୀ ସମୀର ସାମନ୍ତରାୟ ଏହି ବ୍ୟବସ୍ଥା କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଏଭଳି ବ୍ୟବସ୍ଥା କରାଯିବା ନିଶ୍ଚିତ ସ୍ୱାଗତଯୋଗ୍ୟ। ହେଲେ ଡିଜିଟାଲି ଏହା କାର୍ଯ୍ୟକ୍ଷମ ହେବ। ଅର୍ଥାତ୍ କ୍ୟୁଆର୍ କୋଡ୍ ସ୍କାନ୍ ପରେ ଏହା ଖୋଲିବ ଏବଂ ବନ୍ଦ ହେବ। ବଡ଼କଥା ହେଉଛି ଯଦି କେହି ମନ୍ଦ ଉଦ୍ଦେଶ୍ୟ ରଖି ବ୍ୟାଗ୍‌ରେ କିଛି ଜିନିଷ ରଖିଦିଅନ୍ତି ତେବେ କୌଣସି ଅଘଟଣ ଘଟିପାରେ। କାରଣ ଏଠାରେ ବ୍ୟାଗ୍ ଯାଞ୍ଚ କରିବା ପାଇଁ କେହି ରହୁନାହାନ୍ତି। ଏ ଦିଗ ପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଦରକାର ବୋଲି ଶ୍ରୀ ସାମନ୍ତରାୟ ଦାବି କରିଛନ୍ତି।

---

● ଶ୍ରୀମନ୍ଦିରରେ ଫଗୁ ଦଶମୀ

## ମହାପ୍ରଭୁଙ୍କ ଚାଚେରୀ ବେଶ ଆରମ୍ଭ

**ପୁରୀ,୨୬ା୨(ସମିସ):** ଶ୍ରୀମନ୍ଦିରରେ ଗୁରୁବାରଠାରୁ ଦୋଳପର୍ବ ଏବଂ ଚାଚେରୀ ବେଶ ଆରମ୍ଭ ହୋଇଥିବାବେଳେ ଫଗୁ ଦଶମୀ ପାଳିତ ହୋଇଯାଇଛି। ଦୋଳ ଉତ୍ସବ ସପ୍ତାହେ ଧରି ଚାଲିବ। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ ପ୍ରମୁଖ ଯାତ୍ରା। ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଇଲମ ହୋଇ ନୂଆ ଲୁଗା ଲାଗି ହୋଇଥିଲା। ପାଳିଆ ମେକାପ ଚନ୍ଦନ ବିଜେ କରାଇଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ନୀତି ବଢ଼ିଥିଲା। ଶ୍ରୀଦେବୀ ଓ ଭୂଦେବୀ ଦକ୍ଷିଣୀ ଘରକୁ ବିଜେ କରିବା ପରେ ମହାପ୍ରଭୁଙ୍କର ଚାଚେରୀ ବେଶ ହୋଇଥିଲା। ଏହି ବେଶରେ ଠାକୁରମାନେ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କରିଥିଲେ। ଏଥିସହ ବିଭିନ୍ନ ପ୍ରକାର ଅଳଙ୍କାର ଧାରଣ କରିଥିଲେ। ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବିମାନରେ ଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଭୋଗ ଓ ଜଉଡାବ ଖେଳ ବଢ଼ିଲା ପରେ ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥିଲେ। ଏହାପରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀମନ୍ଦିରରେ ରାତ୍ର ପହୁଡ଼ ହୋଇଥିଲା।

ବିଶ୍ୱାସ ରହିଛି, ଫାଲ୍‌ଗୁନ ଶୁକ୍ଳ ଦଶମୀରୁ ଚୈତ୍ର କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ। ଗୁରୁବାର ଫଗୁ ଦଶମୀ ଅବସରରେ ମହାପ୍ରଭୁଙ୍କ ଚାଚେରୀ ବେଶ ଓ ଚାଚେରୀ ଭୋଗ ହୋଇଥିଲା। ଆସନ୍ତା ଚତୁର୍ଦ୍ଦଶୀ ତିଥି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାଚେରୀ ବେଶରେ ମହାପ୍ରଭୁ ରକ୍ତବସ୍ତ୍ର ପରିଧାନ କରିବା ସହ ବିଭିନ୍ନ ଅଳଙ୍କାରରେ ସଜ୍ଜିତ ହେବେ। ପ୍ରତିଦିନ ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କୁ ଏହି ବେଶ କରାଯିବ।

## ଦେଓଘରରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା

**ପୁରୀ,୨୬ା୨(ସମିସ):** ଭାରତବର୍ଷର ଅନ୍ୟତମ ଜ୍ୟୋତିର୍ଲିଙ୍ଗ ବାବା ବୈଦ୍ୟନାଥଙ୍କ ପୀଠ ଝାଡ଼ଖଣ୍ଡର ଦେଓଘରଠାରେ ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇଛି। ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ପରିଚାଳନାରେ ଶିକ୍ଷାବିତ୍ ଡ. ମାନସ ରଞ୍ଜନ ଝା ଓ ପ୍ରଫେସର ରାମନାରାୟଣ ତିୱାରୀ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କବି ମାତଙ୍ଗିନୀ ମିଶ୍ର, ରଣଜିତ୍ ପାଢ଼ୀ, ନିରଞ୍ଜନ ମହାପାତ୍ର, ଅଶୋକା ମିଶ୍ର, ନିହାର ମହାପାତ୍ର, ଏଲୋରା ପାଢ଼ୀ, ସୁଲୋଚନା ମିଶ୍ର, ରଶ୍ମିରଞ୍ଜନ ଦାଶ, ରାଜେନ୍ଦ୍ର ମିଶ୍ର, ଜ୍ୟୋତି ପ୍ରକାଶ ମହାପାତ୍ର ପ୍ରମୁଖ ସମୂହ ଗୀତାପାଠ ସହ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପାଠ କରିଥିଲେ। ଚଳିତ ଚୈତ୍ରର ପ୍ରଥମ ସୋମବାରରୁ ଏଠାରେ ସନ୍ଧ୍ୟାରେ ଭାଗବତ ପାଠ କରାଯିବ। ଅନୁଷ୍ଠାନ ପକ୍ଷରୁ ରାଜ୍ୟ ବାହାରେ ଏହା ଦଶମ ଭାଗବତ ଟୁଙ୍ଗି ବୋଲି ସଭାପତି ଶ୍ରୀ ମିଶ୍ର ଜଣାଇଛନ୍ତି।

## ବୋମାମାଡ଼ ଘଟଣାରେ ୪ ଗିରଫ

**ପୁରୀ,୨୬ା୨(ସମିସ):** ଗତ ୧୦ ତାରିଖ ରାତିରେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ୍ ହାଉସ୍ ନିକଟ ଏକ ହୋଟଲ ନିକଟରେ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏନେଇ ଗୁରୁବାର ସନ୍ଧ୍ୟାରେ ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି କି, ଗତ ୧୦ ତାରିଖ ରାତିରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ଲାଇଟ୍ ହାଉସ୍ ଛକ ନିକଟରେ ଥିବା ହୋଟେଲ ସ୍ୱପ୍ନା ଇନ୍‌ର ମାଲିକ ତଥା ହୋଟେଲ ଉପରକୁ ବୋମାମାଡ଼ କରିଥିଲେ। ଏନେଇ ଶିବୁନା ପଲେଇ ବଳିଆ ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ବୋମାମାଡ଼ କରିଥିବା ଓ ସହଯୋଗ କରିଥିବା ୪ ଯୁବକଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ବୋମାମାଡ଼ର ମୁଖ୍ୟ ଅଭିଯୁକ୍ତ ବିଶାଳ ପାତ୍ର ରହିଥିବାବେଳେ ଅନ୍ୟ ତିନି ଅଭିଯୁକ୍ତ ହେଉଛନ୍ତି ସମୀର ସାମନ୍ତରାୟ, ସଞ୍ଜୟ ସରକାର ଓ ପ୍ରିୟବ୍ରତ ଜେନା। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ କିଛି ମାମଲା ରହିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବା ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ ବ୍ୟବସାୟକୁ କେନ୍ଦ୍ରକରି ପୂର୍ବରୁ ଶତ୍ରୁତା ରହିଥିଲା। ତେଣୁ ଜୀବନରୁ ମାରିଦେବାକୁ ଲକ୍ଷ୍ୟ ରଖି ବୋମାମାଡ଼ କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି ଅଭିଯୁକ୍ତମାନେ ବୋମା ଡେଲାଙ୍ଗ ଅଞ୍ଚଳରୁ ଆଣିଥିବା ତଦନ୍ତ ସମୟରେ ଜଣାପଡ଼ିଛି। ତେଣୁ ବୋମା ଯୋଗାଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ସିଟି ଡିଏସ୍‌ପି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ୧୦୦୦ ପ୍ୟାକେଟ୍ ପାନ ମସଲା ଓ ଗୁଟ୍‌ଖା ଜବତ

**ପୁରୀ,୨୬ା୨(ସମିସ):** ଚନ୍ଦନପୁର ଥାନା ଅଧୀନ ଦୋଳଗୋବିନ୍ଦପୁରରେ ନିଷେଧ ତଥା ବେଆଇନ ପାନ ମସଲା, ଗୁଟ୍‌ଖା ବିକ୍ରି ଏବଂ ଗଚ୍ଛିତ ରଖିବା ଅଭିଯୋଗରେ ପୁଲିସ ଚଢ଼ଉ କରିଛି। ଚଢ଼ଉବେଳେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କ ଦୋକାନରୁ ପ୍ରାୟ ୧୦୦୦ ପ୍ୟାକେଟ୍ ପାନ ମସଲା ଓ ଗୁଟ୍‌ଖା ଜବତ କରିଛି। ଗିରଫ ଦୋକାନୀ ଜଣକ ଦୋଳଗୋବିନ୍ଦପୁରର ଅନିଲ ମହାପାତ୍ର(୨୭) ବୋଲି ଅଭିଯୋଗରେ ଦର୍ଶାଯାଇଛି। ସୂଚନା ମୁତାବକ, ଚନ୍ଦନପୁର ଥାନା ଏସ୍‌ଆଇ ପ୍ରଫୁଲ୍ଲ କୁମାର ଅତାବୁଦ୍ଧି ସଦଳବଳେ ଥାନା ଅଞ୍ଚଳରେ ପଇଁତରା ମାରୁଥିବାବେଳେ ଦୋଳଗୋବିନ୍ଦପୁରରେ ଜଣେ ଯୁବକ ନିଜ ଦୋକାନରେ ବିପୁଳ ମାତ୍ରାରେ ପାନ ମସଲା, ଗୁଟୁଖା ରଖିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସୂଚନା ଆଧାରରେ ପୁଲିସ ତୁରନ୍ତ ସଦଳବଳେ ସେଠାରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ପୁଲିସ ଅନିଲଙ୍କୁ ଗିରଫ କରିବା ସହ ୨ଜଣ ସାକ୍ଷୀଙ୍କ ଉପସ୍ଥିତିରେ ତଲାସୀବେଳେ ବିପୁଳ ମାତ୍ରାରେ ପାନ ମସଲା ଓ ଗୁଟ୍‌ଖା ଜବତ କରିଥିଲା।

---

## ସିଂହଦ୍ୱାରରେ ମହିଳାଙ୍କୁ ମହିଳାଙ୍କ ଟଣାଘୋଷରା

**ପୁରୀ,୨୬ା୨(ସମିସ):** ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଏପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିନାହିଁ। ବିଭିନ୍ନ ସମୟରେ ଭକ୍ତ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। କେତେବେଳେ କିଏ ଦର୍ଶନ କରିପାରୁ ନାହାନ୍ତି ତ ପୁଣି କେତେବେଳେ ଭିଡ଼ ଭିତରକୁ ପଶିବାକୁ ସାହସ କରିପାରୁନାହାନ୍ତି ବରିଷ୍ଠ ନାଗରିକ। ଏହାରି ଭିତରେ ଆଉ ଏକ ଗମ୍ଭୀର ଅଭିଯୋଗ ଆସିଛି। ଗୁରୁବାର ସିଂହଦ୍ୱାର ସମ୍ମୁଖରେ ଜଣେ ମହିଳାଙ୍କୁ ଗାଳିଗୁଲଜ କରାଯିବା ସହ ଟଣାଘୋଷରା କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତା ମହିଳା ଏ ନେଇ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଦର୍ଶନ ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ନେଇ ସେ ପ୍ରଶାସନକୁ ଦାୟୀ କରିଛନ୍ତି। ଏହି ମହିଳା ଜଣକ ହେଉଛନ୍ତି, ୧ ନମ୍ବର ୱାର୍ଡ ମାଟିତୋଟା ପଞ୍ଚମ ଲେନ୍‌ର ସୌମ୍ୟା ହୋତା। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗୁରୁବାର ଭୋର୍ ସାଢ଼େ ୪ଟାରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ଲାଗି ତାଙ୍କ ଆଧାରକାର୍ଡ ଦେଖାଇ ସିଂହଦ୍ୱାର ନିକଟରେ ଉପସ୍ଥିତ ଥିଲେ। ଏହି ସମୟରେ ମଙ୍ଗଳ ଆଳତି ଦର୍ଶନ ପାଇଁ ପୁରୀବାସୀ ହିସାବରେ ଦର୍ଶନ ଅନୁମତି ପାଇଥିବା କିଛି ସଂଗଠନର ମହିଳା ପହଞ୍ଚିଥିଲେ। ସୌମ୍ୟାଙ୍କ ସମେତ ଅପେକ୍ଷାରତ ଆଉ କିଛି ମହିଳାଙ୍କୁ ଜବରଦସ୍ତ ସେଠାରୁ ବାହାରିଯିବାକୁ କହିଥିଲେ। ମାତ୍ର ସୌମ୍ୟା ଦର୍ଶନ କରି ଯିବେ ବୋଲି କହିବାରୁ ସେହି ମହିଳାମାନେ ତାଙ୍କୁ ଗାଳିଗୁଲଜ ସହ ଭିଡ଼ାଘୋଷରା ଏବଂ ହାତ ମୋଡ଼ି ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମହିଳା ସୌମ୍ୟାଙ୍କ ଚେନ୍ ଟାଣିବାକୁ ଉଦ୍ୟମ କରିଥିଲେ। ପୁଲିସ ଆଖି ଆଗରେ ଏଭଳି ବିଶୃଙ୍ଖଳା ଘଟିଥିଲା। ପରେ ପୁଲିସ ହସ୍ତକ୍ଷେପ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏହାଦ୍ୱାରା ତାଙ୍କ ମାନବିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ସୌମ୍ୟା ଥାନାରେ ଅଭିଯୋଗ କରିଛନ୍ତି।

### ଜାତୀୟ ନାଟକ ମହୋତ୍ସବ

## 'ଉଲ୍‌ପି'ରେ ନାଗକନ୍ୟା ଓ ଅର୍ଜୁନଙ୍କ ପ୍ରେମ କାହାଣୀ

**ପୁରୀ,୨୬ା୨(ସମିସ):** ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ରଙ୍ଗଶାଳା' ପକ୍ଷରୁ ଚାଲିଛି ୧୬ତମ ଜାତୀୟ ନାଟକ ମହୋତ୍ସବ। ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟାରେ ମିରର୍ ଥିଏଟର ବେଲପାହାଡ଼ ପକ୍ଷରୁ ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ଉଲପି' ମଞ୍ଚସ୍ଥ ହୋଇଛି। ପଶ୍ଚିମ ଓଡ଼ିଶାର ରହସ୍ୟମୟ ଉଲାପଗଡ଼ ପର୍ବତମାଳାକୁ ପୃଷ୍ଠଭୂମି କରି ଏହି ନାଟକ ନାଗକନ୍ୟା ଉଲ୍‌ପି ଓ ପାଣ୍ଡବପୁତ୍ର ବୀର ଅର୍ଜୁନଙ୍କ ପ୍ରେମ କାହାଣୀ ଉପରେ ଆଧାରିତ। ପାଣ୍ଡବ ଓ ନାଗମାନଙ୍କ ମଧ୍ୟରେ ପୁରୁଣା ଶତ୍ରୁତାର କଥା ଏଠାରେ ନୂତନ ଅର୍ଥ ପାଏ। ଭୂମି ଓ ପ୍ରକୃତି ଉପରେ ପ୍ରଭୁତ୍ୱ ସ୍ଥାପନର ଚେଷ୍ଟା ଦୁଇ କୁଳକୁ ମୁହାଁମୁହିଁ କରେ। ଖାଣ୍ଡବ ଅରଣ୍ୟ, ଯାହା ନାଗମାନଙ୍କ ପବିତ୍ର ଆଶ୍ରୟସ୍ଥଳୀ, ପାଣ୍ଡବମାନେ ମାନବ ବସବାସ ପାଇଁ ଧ୍ୱଂସ କରିଦେବାରୁ ଏହି ସଂଘର୍ଷ ଆରମ୍ଭ ହୁଏ। ବନବାସରେ ଥିବା ପାଣ୍ଡବମାନେ ଯେତେବେଳେ ଖାଣ୍ଡବ ଅରଣ୍ୟ ସୀମାକୁ ପହଞ୍ଚନ୍ତି, ସେମାନେ ନୂତନ ଜୀବନ ଗଢିବା ପାଇଁ ଆଶ୍ରୟ ଖୋଜନ୍ତି। ଶ୍ରୀକୃଷ୍ଣଙ୍କ ପ୍ରେରଣା ଓ ନିଜର ଭାଗ୍ୟବୋଧରେ ପ୍ରେରିତ ହୋଇ ଅର୍ଜୁନ ଅରଣ୍ୟକୁ ଅଗ୍ନିଦାହ କରନ୍ତି। ଏହା କେବଳ ମନୁଷ୍ୟ ଓ ସର୍ପମାନଙ୍କ ଯୁଦ୍ଧ ନୁହେଁ ବରଂ ଦୁଇ ଦାର୍ଶନିକ ଭାବଧାରାର ମୁହାଁମୁହିଁ। ଉଲ୍‌ପିର ପ୍ରବେଶ ନାଟକର ମୁଖ୍ୟ ମୋଡ଼। ପୁରାଣ ଆଧାରିତ ଏହି ନାଟକ ଦର୍ଶକଙ୍କ ହୃଦୟ ଛୁଇଁ ପାରିଥିଲା। କଳାକାରଙ୍କ ନିଚ୍ଛକ ଅଭିନୟକୁ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିଲେ। ସନ୍ଧ୍ୟାରେ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟଅତିଥି, ପ୍ରଦୀପ୍ତ କୁମାର ମିଶ୍ର, ବିଭୂତିଭୂଷଣ ପଟ୍ଟନାୟକ, ବିକାଶ ଦତ୍ତ, ବିକ୍ରମ ବରାଳ, ପ୍ରଦୀପ ପ୍ରଧାନ, ସନ୍ତୋଷ କୁମାର ଦାସ, ସନ୍ଦୀପ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦେବାଶିଷ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।





ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟଙ୍କ ଶୋଭାଯାତ୍ରା

### ଡକାୟତି ଯୋଜନା ପଣ୍ଡ

## ୬ ଗିରଫ; ଖଣ୍ଡା ଓ ଛୁରି ଜବତ

**ପୁରୀ,୨୬ା୨(ସମିସ):** ଡକାୟତି ଉଦ୍ୟମ ବେଳେ କୁମ୍ଭାରପଡ଼ା ଥାନା ପୁଲିସ ଚଢ଼ଉ କରି ୬ ଜଣଙ୍କୁ ଗିରଫ କରିବା ସହ ଖଣ୍ଡା ଏବଂ ଛୁରି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସିଦ୍ଧମହାବୀରର ବୀରେନ୍ ମହାପାତ୍ର, ମାଟିତୋଟାର ଭବାନୀ ଶଙ୍କର ଦାସ, ଗଙ୍ଗାରାମ ନୂଆସାହିର ଜଗନ୍ନାଥ ଦାସ, ହେରାଗୋହିରୀ ସାହିର ରଞ୍ଜନ କୁମାର ନାୟକ, ଉପର ନୂଆସାହିର ଭୀମ ପରିଡ଼ା, ମାଟିତୋଟା ନୂଆସାହିର ଶାନ୍ତନୁ ଶେଖର ଦାସ। ଏମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍, ଦୁଇଟି ଛୁରି, ଫାଙ୍କା ବିୟର ବୋତଲ ଏବଂ ଗ୍ଲାସ୍ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତିରେ ୫/୬ ଜଣ ଯୁବକ ମାରଣାସ୍ତ୍ର ସହିତ ନବକଳେବର ରୋଡ୍‌ସ୍ଥିତ ଦେବକୀ ହସ୍ପିଟାଲ ପଛପାଖର୍ ଏକ ପରିତ୍ୟକ୍ତ ଜାଗାରେ ବସି ଡକାୟତି ଯୋଜନା କରୁଥିବା କୁମ୍ଭାରପଡ଼ା ଥାନା ପୁଲିସ ପାଖରେ ଖବର ପହଞ୍ଚିଥିଲା। ଏହି ସମୟରେ ରାତ୍ର ପାଟ୍ରୋଲିଂରେ ଥିବା କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସେମାନେ ଫେରାର୍ ହେବାକୁ ଉଦ୍ୟମ ବେଳେ ଧସ୍ତାଧସ୍ତି ହୋଇଥିଲା। ପୁଲିସ ୬ ଜଣଙ୍କୁ କାବୁ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୦/୨୬) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



---

### ଜମିଲା ଓଡ଼ିଶୀ ଆସର

## ବାଦ୍ୟ ଓ ସଙ୍ଗୀତରେ ବିମୁଗ୍ଧ ଦର୍ଶକ

**ପୁରୀ,୨୬ା୨(ସମିସ):** ଓଡ଼ିଶୀ ଆମ ସଂସ୍କୃତିର ଏକ ବଡ଼ ପରିଚୟ। ତାହା ବର୍ଷ ପରେ ବର୍ଷ ଆମ ମହାନ ସଂସ୍କୃତି ଓ ସାଂସ୍କୃତିକ ଭାବଧାରାକୁ ମହନୀୟ କରି ଚାଲିଛି ବୋଲି କହିଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲ୍‌ରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ଆସର ଆୟୋଜିତ ହୋଇଥିଲା। ଏହାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିବା ସହ କଳା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ନିଜ ସଙ୍ଗୀତ ଗୁରୁ ଶ୍ୟାମ ସୁନ୍ଦର ସିଂହାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଗୁରୁଙ୍କ ଲାଗି ତାଙ୍କର ପରିଚୟ ମିଳିଛି ବୋଲି କହିଥିଲେ। ସଂସ୍କୃତି ବିଭାଗ ରାଜ୍ୟ ସାରା ଓଡ଼ିଶୀ ଆସର ବା ଓଡ଼ିଶୀ ସଙ୍ଗୀତର ପରିବେଷଣ ବ୍ୟବସ୍ଥାର ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ। ଏହା ଫଳରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ସହଜ ହୋଇପାରିବ। ଆଗାମୀ ପିଢ଼ି ପାଇଁ ଏକ ବଡ଼ ଉପଲବ୍ଧି ହୋଇପାରିବ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଦ୍ୱାନ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଓଡ଼ିଶାର ପ୍ରତିଟି ଶବ୍ଦରେ କଳାର ଝଙ୍କାର ପ୍ରତିଧ୍ୱନିତ ହୁଏ। ପ୍ରାଚୀନତା ମଧ୍ୟରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ଆଧିପତ୍ୟ ଯେତିକି ମଧୁରତା ତତୋଧିକ। ଏହାର ପ୍ରଚାରପ୍ରସାର ପାଇଁ ଏହି ଆସର ଏକ ପ୍ରମୁଖ ମାଧ୍ୟମ ପାଲଟିବ ବୋଲି କହିଥିଲେ।




**ଓଡ଼ିଶୀ ଆମ ସଂସ୍କୃତିର ଏକ ବଡ଼ ପରିଚୟ**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଏଥିରେ ଯୋଗଦେଇଥିଲେ।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରଥମ କାର୍ଯ୍ୟକ୍ରମ ଭାବେ ବୃନ୍ଦ ମର୍ଦ୍ଦଳ ବାଦନ ଆଦି ତାଳ କଳାକାର ସଚ୍ଚିଦାନନ୍ଦ ଦାସ, ଅରୂପ ଦାସ ଓ ପି. ଗୁଲ୍‌ସନ କୁମାର ପରିବେଷଣ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମ ଭାବେ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ଏକକ ଓଡ଼ିଶୀ ଗାୟନ, ତୃତୀୟ କାର୍ଯ୍ୟକ୍ରମ ରୂପକ ପରିଡ଼ାଙ୍କ ଦ୍ୱାରା ଏକକ ଓଡ଼ିଶୀ ଗାୟନ ଓ ଚତୁର୍ଥ ବା ଅନ୍ତିମ କାର୍ଯ୍ୟକ୍ରମ ଭାବେ ବୃନ୍ଦ ଯନ୍ତ୍ର ସଙ୍ଗୀତ ପରିବେଷଣ ରାଗ କଲ୍ୟାଣ, ତାଳ ପତି ପରିବେଷଣ କରାଯାଇଥିଲା। ହାର୍‌ମୋନିୟମ୍‌ରେ ମୁରଲୀଧର ସ୍ୱାଇଁ, ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ସିତାରରେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ବେହେଲାରେ ସୁରମଣି ରମେଶ ଚନ୍ଦ୍ର ଦାସ, ବଂଶୀରେ ରୁଦ୍ର ପ୍ରସାଦ ପରିଡ଼ା ପ୍ରମୁଖ ସହଯୋଗିତା କରିଥିଲେ। ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ବିଭାଗୀୟ ମୁଖ୍ୟ ଗୁରୁ କେଶବ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଦିବଂଗତ କଳାକାର ଅଭିଜିତ୍ ମଜୁମ୍‌ଦାର, ଗୀତା ପଟ୍ଟନାୟକ ଓ ପଦ୍ମଶ୍ରୀ ଉଛବ ଚରଣ ଦାସଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

## ମୌଳିକ ସୁବିଧାରୁ ବଞ୍ଚିତ ଢେପିରିଗୁଡ଼ାବାସୀଙ୍କ ଭୋଟ ବର୍ଜନ ଚେତାବନୀ

# ରାସ୍ତା ନାହିଁ, ଝରଣା ପାଣି ଭରସା, ସ୍କୁଲ ବନ୍ଦ







**ଦୋଳାରେ ବୁହା ହେଉଛି ରୋଗୀ ଓ ମୃତଦେହ**

ନୂଆଗଡ଼,୨୬।୨(ସମିସ): ସରକାର ଗାଁର ବିକାଶ ପାଇଁ ବହୁ ଯୋଜନା କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗାଁକୁ ରାସ୍ତା ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା ଓ ଶିକ୍ଷାର ବିକାଶ ପାଇଁ ଗାଁ ଗାଁରେ ବିଦ୍ୟାଳୟ ଖୋଲିଛନ୍ତି। ହେଲେ ଏବେବି ଅନେକ ଗାଁ ଅବହେଳିତ ଅବସ୍ଥାରେ ଅଛି। ସେଠାରେ ପକ୍କା ରାସ୍ତା, ପାନୀୟ ଜଳର ସୁବିଧା ନଥିବା ବେଳେ ସ୍କୁଲରେ ତାଲା ଝୁଲୁଛି। ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ। ଏଭଳି ସମସ୍ୟା ଘେରରେ ଛନ୍ଦି ହୋଇଥିବା ଏକ ଗାଁ ହେଉଛି ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଉଦୟପୁର ପଞ୍ଚାୟତ ଢେପିରିଗୁଡ଼ା। ଏହି ଗାଁରେ ୪୫ରୁ ଅଧିକ ଆଦିବାସୀ ପରିବାର ରହୁଥିବା ବେଳେ ଜନସଂଖ୍ୟା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ। ଏତେ ବଡ଼ ଗାଁ ହୋଇଥିଲେ ମଧ୍ୟ ପ୍ରଶାସନର ଶୁଭଦୃଷ୍ଟି ପଡୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏହି ଗାଁର ଦୂରତା ପ୍ରାୟ ୪ କିଲୋମିଟର। ହେଲେ ଗାଁକୁ ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନି। ରାସ୍ତା ନଥିବା ଯୋଗୁ ଗାଁ ଲୋକେ ୪ କିଲୋମିଟର ଚଲାରାସ୍ତା ପଥର, ମାଟି ପାହାଡ଼ ଚଢି ପ୍ରତିଦିନ ଛାତ୍ରଛାତ୍ରୀ ବିଦ୍ୟାଳୟ, ବାଣିଜ୍ୟ ବ୍ୟବସାୟ, ରୋଗୀଙ୍କୁ ଦୋଳାରେ ବୋହି ଯାତାୟତ କରୁଥିବା କହିଛନ୍ତି। ରୋଗାକ୍ରାନ୍ତଙ୍କୁ ଡାକ୍ତରଖାନା ନେବା କଷ୍ଟକର ହୋଇପଡୁଛି।

ସୂଚନା ପ୍ରକାରେ ସପ୍ତାହକ ପୂର୍ବେ ଗାଁର ଜଣେ ଛାତ୍ରୀ ଅସୁସ୍ଥ ହୋଇଥିବା ବେଳେ ଗାଁରୁ କାନ୍ଧରେ ବୋହି ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ହେଲେ ଚିକିତ୍ସା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହକୁ ବୋହି ବୋହି ରାତିରେ ଗାଁକୁ ନେଇଥିଲେ ଗ୍ରାମବାସୀ। ଯାତାୟତରେ ଅସୁବିଧା ହେଉଥିବାରୁ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ, ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି ଗ୍ରାମବାସୀ। ଏଥିସହ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। କିନ୍ତୁ ରାସ୍ତା ନିର୍ମାଣ ହେଉନଥିବା ଦୁଃଖର ସହ କହିଛନ୍ତି। ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅଛି। ହେଲେ ପ୍ରାୟ ବର୍ଷେ ହେଲା ତାଲା ପଡ଼ିଛି। ଏହି ବିଦ୍ୟାଳୟକୁ ସରକାର ବନ୍ଦ କରିଦେଇଛନ୍ତି ନା ଆଉ କ'ଣ କାରଣ ରହିଛି ତାହା ଗ୍ରାମବାସୀ ଜାଣିନଥିବା କହିଛନ୍ତି। ଫଳରେ ଗାଁର ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏନେଇ ନୂଆଗଡ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଲିଙ୍ଗରାଜ କାର୍ଜିଙ୍କୁ ପଚାରିବାରେ ଆବଶ୍ୟକ ପିଲା ନଥିବା ଯୋଗୁ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ବର୍ଷେ ହେଲା ବିଦ୍ୟାଳୟ ବନ୍ଦ ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ଗାଁରେ ପାନୀୟ ଜଳ ସମସ୍ୟା ମଧ୍ୟ ଲାଗି ରହିଛି। ଗାଁରେ କୌଣସି ନଳକୂପ ଖୋଳାଯାଇନଥିବା ବେଳେ ପାହାଡ଼ ନିକଟରେ ଥିବା ଏକ ଝରଣାରୁ ଗୋଳିଆ ପାଣି ଆଣି ପିଉଥିବା କହିଛନ୍ତି ଗ୍ରାମବାସୀ। ତୁରନ୍ତ ରାସ୍ତା ନିର୍ମାଣ ସହ ପାଣି ବ୍ୟବସ୍ଥା ଓ ବିଦ୍ୟାଳୟ ଖୋଲିବାକୁ ଦାବି କରିଛନ୍ତି ଗ୍ରାମବାସୀ। ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ରାସ୍ତା ନିର୍ମାଣ ପାଇଁ ୧୦ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଶିବରାମ ସାହୁ କହିବା ସହ ଅତିଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି । ସେହିପରି ଖୁବଶୀଘ୍ର ପାଣି ବ୍ୟବସ୍ଥା କରାଯିବ ବୋଲି ନୂଆଗଡ ବିଡ଼ିଓ ଲୋକନାଥ ଶବର କହିଛନ୍ତି। ଦେଖିବାକୁ ବାକି ରହିଲା କେବେ ଏହି ଅଞ୍ଚଳବାସୀ ମୌଳିକ ସୁବିଧା ପାଉଛନ୍ତି।

## ନାବାଳିକା ବଳାତ୍କାରୀକୁ ୨୦ ବର୍ଷ ଜେଲ୍

ଫୁଲବାଣୀ,୨୬।୨(ସମିସ): ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକସୋ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି।ଏଥିସହିତ ଦୋଷୀକୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି।ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗବାଡି ଥାନା ଅଞ୍ଚଳର ରଞ୍ଜନ ନାୟକ। ଘଟଣାର ଅନ୍ୟତମ ଅଭିଯୁକ୍ତ ରଞ୍ଜନଙ୍କ ସ୍ତ୍ରୀ ଚାନ୍ଦିନୀ ପ୍ରଧାନଙ୍କୁ ମଧ୍ୟ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ତାଙ୍କ ସମ୍ପର୍କୀୟ ମଉସା ରଞ୍ଜନଙ୍କ ଘରେ ରହୁଥିଲେ। ୨୦୨୪ ଡିସେମ୍ବର ୧୮ ରେ ରଞ୍ଜନ ତାଙ୍କୁ ନିଶା ବଟିକା ଖୁଆଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କାହା ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବେକୁ ଧମକ ଦେଇଥିଲେ। ପରେ ପୀଡ଼ିତା ନିଜ ଘର ଲୋକଙ୍କୁ ଏ ନେଇ ଜଣାଇବାରୁ ଦାରିଙ୍ଗବାଡି ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଜି ଏହି ମାମଲାର ବିଚାର କରି ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ୧୪ ଜଣ ସାକ୍ଷୀ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

## ବିଧାୟକଙ୍କ ଦ୍ୱାରା କମ୍ୟୁନିଟି ହଲ୍ ଉଦ୍‌ଘାଟିତ



ପାରଳାଖେମୁଣ୍ଡି,୨୬।୨(ସମିସ): ଗୁମ୍ମା ବ୍ଲକ ଅଣ୍ଡରସିଂ ଗ୍ରାମର ଉତ୍କଳ ବାପଟିଷ୍ଟ ଚର୍ଚ୍ଚ ପ୍ରାଙ୍ଗଣରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଏକ କମ୍ୟୁନିଟି ହଲର ଉଦଘାଟନ କରିଛନ୍ତି। ଏହି ହଲ ନିର୍ମାଣ ନିମନ୍ତେ ଗ୍ରାମବାସୀ ବହୁ ଦିନ ହେବ ଦାବି କରିଆସୁଥିଲେ। ଗତ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ କମ୍ୟୁନିଟି ହଲ ନିର୍ମାଣ କରାଯାଇଛି। ଯାହାକୁ ନେଇ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି। ଉଦଘାଟନୀ ଉତ୍ସବରେ ବିଧାୟକଙ୍କ ସମେତ ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଗୁମ୍ମା ବ୍ଲକ ବିଜେଡି ସଭାପତି ମସୁରୁନ୍ ରଇତ, ସ୍ଥାନୀୟ ସରପଞ୍ଚ ଯୋହନ ମଣ୍ଡଳ ଓ ସମିତିସଭ୍ୟ ରାୟାବ ଭୁଁୟା ଉପସ୍ଥିତ ଥିଲେ।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସକ୍ଷମକେନ୍ଦ୍ର ଉଦ୍‌ଘାଟିତ

ଦାରିଙ୍ଗବାଡ଼ି,୨୬।୨(ସମିସ): ଦାରିଙ୍ଗବାଡ଼ି ବ୍ଲକ ଭ୍ରମରବାଡ଼ି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସକ୍ଷମ କେନ୍ଦ୍ର ଶୁଭ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନମାଳି ମାଝୀ, ମୁଖ୍ୟବକ୍ତା ଭାବେ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜକିରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଭ୍ରମରବାଡ଼ି ପଞ୍ଚାୟତ ସମିତିସଭ୍ୟା ମିତା ପ୍ରଧାନ, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୀଷ୍ମଚରଣ ପୂଜାରୀ, ମାନବ ସମ୍ବଳ ଶିକ୍ଷକ ମାନସ ଷଡ଼ଙ୍ଗୀ ଯୋଗ ଦେଇ ସକ୍ଷମ କେନ୍ଦ୍ରର କାର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କୁ ସଚେତନ କରିଥିଲେ। ଉକ୍ତ ସକ୍ଷମ କେନ୍ଦ୍ରରେ ସିଆଙ୍ଗବାଲି ଏବଂ ଭ୍ରମରବାଡ଼ି କ୍ଲଷ୍ଟର ଶାରିରୀକ ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କୁ ଥେରାପି ମାଧ୍ୟମରେ ଶାରିରୀକ ସମସ୍ୟା ଦୂର କରାଯିବା କାର୍ଯ୍ୟକ୍ରମ ରହିଛି। ମାନବ ସମ୍ବଳ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ସଂଯୋଜନା କରିଥିଲା ବେଳେ ସହକାରୀ ଶିକ୍ଷକ ଜାଳେନ୍ଦ୍ର ଦିଗାଲ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## କଳିଙ୍ଗା ବିଏଡ୍ କଲେଜରେ ଓଡ଼ିଆ ଭାଷା ସମ୍ମାନ



ଜି.ଉଦୟଗିରି,୨୬।୨(ସମିସ): କଳିଙ୍ଗା ବିଏଡ କଲେଜରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରାୟୋଜିତ ସଂସ୍କୃତି, ପରମ୍ପରା ଓ ସାହିତ୍ୟ ବିଷୟ ଆଧାର କରି ଓଡ଼ିଆ ଭାଷା ସମ୍ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ.ଲମ୍ବୋଦର ପାଣିଗ୍ରାହୀ, ଡ. ବନମାଳୀ ପାଣିଗ୍ରାହୀ ଓ ଡ. ନଳିନୀ କୁମାର ପାଣଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ସଂସ୍କୃତିର ମହାନ ଅନୁଭବକୁ ପ୍ରକାଶ କରିଥିଲେ। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୀପକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୁଲ୍ୟରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଆସିଷ୍ଟାଣ୍ଟ ପ୍ରଫେସର ବିକ୍ରମ କୁମାର ପ୍ରଧାନ ପରିଚାଳନା କରିଥିଲେ।ଏଥିରେ ଅନୁଷ୍ଠାନର ସମସ୍ତ ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ସ୍ୱଚ୍ଛତା ଓ ହରିତ୍ ବିଦ୍ୟାଳୟ ଜାତୀୟ ମନୋନୟନ କମିଟି ସଦସ୍ୟଙ୍କ ପରିଦର୍ଶନ



ଜି.ଉଦୟଗିରି,୨୬।୨(ସମିସ): ଜି.ଉଦୟଗିରି ପରିଷଦ ଅନ୍ତର୍ଗତ ରାବାନାଜୁ ପ୍ରାଥମିକ ବିଦ୍ୟାଳୟ ସହିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସ୍ତରରେ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ପୁରସ୍କାର ପାଇଁ ରାଜ୍ୟ ଚୟନ କମିଟି ଦ୍ୱାରା ମନୋନୀତ ହୋଇସାରିଛି। ଏବେ ଜାତୀୟସ୍ତରରେ ମନୋନୀତ ହେବା ପାଇଁ ଆଜି ଜାତୀୟ ମନୋନୟନ କମିଟି ସଦସ୍ୟ ରୋହିତ କୁମାର ସିଂ ପରିଦର୍ଶନ କରଛନ୍ତି। ଦୁଇ ଶିକ୍ଷାନୁଷ୍ଠାନର ସ୍ୱଚ୍ଛତା, ପରିବେଶ, ସବୁଜିମା, ଶୃଙ୍ଖଳା, ଆଦି ବିଭିନ୍ନ କୋଣରୁ ଅନୁଧ୍ୟାନ କରିଥିବା ବିଭିନ୍ନ ବିଷୟ ପଚାରି ବିଝିଛନ୍ତି ମନୋନୟନ କମିଟି ସଦସ୍ୟ । ରାବାନାଜୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପି.ମଧୁମିତା ପ୍ରଧାନ ସ୍ୱାଗତ କରିଥିବା ବେଳେ ବୁଧବାର ଦିନ ଅଧ୍ୟକ୍ଷ ଶିବରାମ ସାହୁଙ୍କ ତତ୍ତ୍ୱାବଧାନରେ ମନୋନୟନ କମିଟି ସଦସ୍ୟ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

## ଗଜପତିରେ ଓଡିଶାର ପ୍ରଥମ 'ପ୍ରୋଜେକ୍ଟ ଉନ୍ନତି' ତାଲିମ



ପାରଳାଖେମୁଣ୍ଡି,୨୬।୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ୟୁନିୟନ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନ ଦ୍ୱାରା ୩୫ଜଣ ପୁରୁଷ ଓ ମହିଳା ତାଲିମାର୍ଥୀ ଛତୁ ଚାଷ ତାଲିମ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ସମାରୋହ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ୟୁନିୟନ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ହେବ। ଏଥିରେ ଗଜପତି ଜିଲ୍ଲାର ଆର.ଉଦୟଗିରି ଏବଂ ରାୟଗଡ ବ୍ଲକର ବିଭିନ୍ନ ପଞ୍ଚାୟତର ପୁରୁଷ ଓ ମହିଳାଙ୍କୁ ଛତୁ ଚାଷ ତାଲିମ ଦିଆଯିବ। ଯାହାକି ଓଡ଼ିଶା ରାଜ୍ୟର ପ୍ରଥମ ପ୍ରୋଜେକ୍ଟ ଉନ୍ନତିର ଏମଜିଏନଆରଇଜିଏସ ଯୋଜନା ଦ୍ୱାରା ଗଜପତି ଜିଲ୍ଲାରେ ଆୟୋଜନ ହୋଇଥିଲା। ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଯୋଗ ଦେଇଥିବା ବେଳେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ତ୍ରିନାଥ ନାଗ ସଭାପତିତ୍ୱ କରିଥିଲେ। ଉଦଘାଟନ ସଭାରେ ଅନ୍ୟମାନଙ୍କ ମଧ୍ୟରେ କାଶୀନଗର ବିଡିଓ ଉମ୍ବରୁଧର ମଲିକ, ଜିଲ୍ଲା ଏମଜିଏନଆରିଇଜିଏସ ସଂଯୋଜକ ଦେବୀ ପ୍ରସାଦ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ତାଲିମାର୍ଥୀଙ୍କୁ ଛତୁ ଚାଷ କରି ସ୍ୱରୋଜଗାର କରିବାକୁ ଉତ୍ସାହିତ କରିଥିଲେ। ସଭାରେ ଅନୁଷ୍ଠାନର ଛତୁ ଚାଷ ତାଲିମ ପ୍ରୋଜେକ୍ଟ ଉନ୍ନତି କାର୍ଯ୍ୟକ୍ରମର ପ୍ରଶିକ୍ଷିକ ଲିଙ୍ଗରାଜ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବରିଷ୍ଠ ପ୍ରାଧ୍ୟାପକ ତଥା ପାଠ୍ୟ ସଂଯୋଜକ ଦିଲୀପ କୁମାର ତନ୍ତି ଉପସ୍ଥିତ ରହି କାର୍ଯ୍ୟକୁ ସୁଚାର ରୂପେ ସମ୍ପାଦନା କରିଥିବା ବେଳେ ଅନୁଷ୍ଠାନର ପ୍ରଧ୍ୟାପକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ସିପିଆଇ (ଏମ୍‌ଏଲ୍) ଲିବରେସନର ବ୍ଲକସ୍ତରୀୟ ବୈଠକ

# ମାର୍ଚ୍ଚ ୧୫ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ




ପାରଳାଖେମୁଣ୍ଡି,୨୬।୨(ସମିସ): ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତର କେରାଡା ଗ୍ରାମରେ ସିପିଆଇ (ଏମ୍ଏଲ୍) ଲିବରେସନ ଗୋଷାଣି ବ୍ଲକ କମିଟି ତରଫରୁ ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେରେଡା ଠାରୁ ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ ପକ୍କା ରାସ୍ତା, ଉପଲଡା ଶବର ସାହି, କେରାଡା, ବୁର୍ଜିଗୁଡା, କୁଦୁଡା ନୂଆ ସାହି, ଗୋଷାଣି ନୁଆସାହି ଆଦିବାସୀଙ୍କୁ ଘର ଡିହ ପଟା, ପାଣି, ଜଙ୍ଗଲ ଜମି ପଟ୍ଟା, ସମସ୍ତ ରାଜସ୍ୱ କର୍ମଚାରୀ ଜଙ୍ଗଲ ଜମି, ଘର ଡିହ ପଟା ପ୍ରଦାନ , ଜଙ୍ଗଲ ଜମି ଚିହ୍ନଟ କରିବା ପାଇଁ ଆରଆଇ ଓ ଅମିନ ମାସିକ ୧୫ ଦିନ କାମ କରିବା, ଭିବି ଜି ରାମ ଜି ଆଇନ ବାତିଲ କରିବା ସହ ମନରେଗା ଆଇନ ଲାଗୁ କରିବା, ଦୈନିକ ୬୦୦ ଟଙ୍କ ମଜୁରୀ ପ୍ରଦାନ କରିବା, ସହ ଅନ୍ୟାନ୍ୟ କେତେକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ସିପିଆଇ (ଏମ୍ଏଲ୍) ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ ଯୋଗଦେଇ ବକ୍ତବ୍ୟ ରଖିବା ସହ ସରକାର ମାର୍ଚ୍ଚ ୧୫ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପାରଳାଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ଶବର, ନରସିଂହ ମଣ୍ଡଳ, ଲାଜାର ଶବର, ମୋଜେସ ଶବର, ତମାସ ରଇତ, ରବି ବେହେରା, ମୋଜେସ ଶବର, ଆମସ ଶବର, ୱାଇ. ଗଙ୍ଗା ରାଓ, ଟିମା ପାତ୍ର, ସନ୍ତୋଷୀ ଶବର, ସୁନିତା ଶବର, ଶ୍ୟାମ ଆନ୍ଧ୍ରାପୁ, ଆୟୁବ ଶବର, ବାସୁରା ମଣ୍ଡଳ ଓ ଅରୁଣ ମଣ୍ଡଳଙ୍କ ସମେତ ବହୁ ସିପିଆଇ (ଏମ୍ଏଲ୍) କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସୁଦଶା ବ୍ରତ ପାଇଁ ଜଗନ୍ନାଥ ମନ୍ଦିରରେ ଭିଡ଼




ପାରଳାଖେମୁଣ୍ଡି,୨୬।୨ (ସମିସ): ମାର୍ଗଶୀର ମାସର ପ୍ରତିଟି ଗୁରୁବାରରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ବର୍ଷର ଯେ କୌଣସି ଗୁରୁବାରରେ ଦଶମୀ ତିଥି ପଡ଼ିଲେ, ସେହି ଦିନ ମଧ୍ୟ ମା'ଙ୍କ ପୂଜା ଠିକ୍ ମାର୍ଗଶୀର ଗୁରୁବାର ଭଳି ବିଧି ପାଳନ ହୁଏ। ଯାହାକୁ ସୁଦଶା ବ୍ରତ କୁହାଯାଏ। ସେହି ପବିତ୍ର ଦିନ ଆଜି ପଡ଼ିଛି। ଏହା ଦୀର୍ଘ ୧୨ ବର୍ଷ ପରେ ଏଭଳି ତିଥି ପଡ଼ିବାରୁ ଆଜି ପୁରପଲ୍ଲୀ ଠାରୁ ଆରମ୍ଭ କରି ସହରାଞ୍ଚଳ ହୋଇଛି ଭକ୍ତିମୟ ପରିବେଶ। ଘରେ ଘରେ ପାଳିତ ହୋଇଛି ସୁଦଶା ବ୍ରତ। ଏହି ପରିପ୍ରକ୍ଷୀରେ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରରେ ସକାଳେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭକ୍ତ ପାହାନ୍ତିଆ ସାଢ଼େ ୩ଟାରୁ ଗହଳି ଲଗାଇଥିଲେ। ଗୁରୁବାରରେ ନୂଆ ବିରି, ମୁଗ, ଚାଉଳ ମଣ୍ଡାପିଠା ମା'ଙ୍କ ନିକଟରେ ଲାଗି ହୁଏ। ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରତ୍ୟେକ ଘରେ ଘରେ ମାଙ୍କୁ ଆବାହନ କରିଛନ୍ତି। ବିଶେଷ କରି ମହିଳାମାନେ ଏହି ପୂଜା କରୁଛନ୍ତି ଯାହା ବିଶ୍ୱାସ ରହିଛି ପୂଜା କରିବା ଦ୍ୱାରା ଘରେ ସୁଖ, ଶାନ୍ତି, ଧନଧାନ୍ୟ ଆସେ। ତେଣୁ ଆଜି ସଧବା ମହିଳାମାନେ ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ସୁଦଶା ବ୍ରତ ପାଳନ କରିଥିଲେ। ମାଙ୍କୁ ସ୍ମରଣ କରି ଜଗନ୍ନାଥ ମନ୍ଦିରରେ ମହିଳା ବ୍ରତକୁ ଜଗନ୍ନାଥଙ୍କ ଠାରେ ସମର୍ପଣ କରିବା ପରେ ୧୦ ଗଣ୍ଠି ପକାଇ ପୂଜା କରି ବାହୁରେ ବ୍ରତ ବାନ୍ଧିଛନ୍ତି ମହିଳା।

## ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ତାଲିମ୍ ଶିବିର

# ଏପ୍ରିଲ ୧୬ରୁ ପ୍ରଥମ ପର୍ଯ୍ୟାୟରେ ଗୃହ ଗଣନା

ପାରଳାଖେମୁଣ୍ଡି,୨୬।୨(ସମିସ):



ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଦୁଇ ଦିନିଆ ଜନଗଣନା ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୁନୀନ୍ଦ୍ର ହୋନନାଗା, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ରାଜ୍ୟ ମାଷ୍ଟର ଟ୍ରେନର ସନ୍ତୋଷ କୁମାର ଅଚାରୀ ଓ ଉପନିର୍ଦ୍ଦେଶକ ଯୋଜନା ପ୍ରକାଶ ରାଉତ ମଞ୍ଚାସୀନ ଥିଲେ। ଆଜିର ଏହି ତାଲିମ କାର୍ଯ୍ୟକ୍ରମରେ ୨୦୨୭ ଜନଗଣନା ପାଇଁ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ମାଷ୍ଟର ଟ୍ରେନର ଭାବେ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲା ଶିକ୍ଷା ଅଧିକାରୀ ଓ ନିର୍ବାହୀ ଅଧିକାରୀଙ୍କୁ ତାଲିମ ଦିଆଯାଇଛି।

ଶିବିରରେ ଜିଲ୍ଲାପାଳ ସୂଚନା ଦେଇ କହିଥିଲେ ଯେ ଭାରତୀୟ ସାମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ। ଶେଷ ଥର ପାଇଁ ଏହା ୨୦୧୧ରେ ଏହା ଅନୁଷ୍ଠିତ ହୋଇଥିଲା। କୋଭିଡ୍ ପାଇଁ ୨୦୨୧ ଜନଗଣନା ହୋଇ ପାରିନଥିଲା। ଯାହାକି ୨୦୨୭ରେ ହେବାକୁ ଯାଉଛି। ଜନଗଣନା ମୁଖ୍ୟତଃ ୨ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ। ଯାହାକି ଚଳିତ ବର୍ଷ ୧୬ ଏପ୍ରିଲରୁ ମେ' ୧୫ ପର୍ଯ୍ୟନ୍ତ ହେବ। ଏହି କ୍ରମରେ ଗୃହ ତାଲିକା ଗଣନା କରାଯିବ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଜନଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରାଯିବ। ଗୃହ ତାଲିକା ବ୍ଲକର ଅପହଞ୍ଚ ଓ ଦୁର୍ଗମ ଅଂଚଳ ପ୍ରତି ଅଧିକ ଧ୍ୟାନ ଦିଆଯିବ। ଏହାର ସୁପରିଚାଳନା ପାଇଁ ଜାତୀୟ ସ୍ତରୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିୟୋଜିତ କରାଯିବା ବ୍ୟବସ୍ଥା ରହିଛି। ଦୁଇଦିନିଆ ତାଲିମ୍ ଶିବିରରେ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ଜିଲ୍ଲାସ୍ତରୀୟ ନିୟୋଜିତ ସମ୍ପୃକ୍ତ ଅଧିକାରୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ମାଷ୍ଟର ଟ୍ରେନର ଭାବେ, ତହସିଲ ଓ ସହରାଞ୍ଚଳ ସ୍ତରୀୟ ଅଧିକାରୀ ମାନଙ୍କୁ କ୍ଷେତ୍ରୀୟ ଟ୍ରେନର ଭାବେ ନିୟୋଜିତ କରାଯିବ ବୋଲି କହିଥିଲେ। ଏଥର ଦେଶରେ ପ୍ରଥମ କରି ଡିଜିଟାଲ ମାଧ୍ୟମରେ ଜନଗଣନା ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଅଧିକାରୀ ନିଜ ନିଜ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଶା ପ୍ରକଟ କରିଥିଲେ ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଶିକ୍ଷଣ ଶିବିରରେ ତହସିଲଦାର, ଅତିରିକ୍ତ ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନଗଣନା କାର୍ଯ୍ୟରେ ସଂଶ୍ଳିଷ୍ଟ କର୍ମଚାରୀ ଉପସ୍ଥିତ ଥିଲେ।

### ଶହେ ବର୍ଷରେ ଧଉରାପାଲି ଦୋଳଯାତ୍ରା

# ମିନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

କିଶୋରନଗର,୨୬ ।୨(ସମିସ):

କିଶୋରନଗର ବ୍ଲକ ଧଉରାପାଲି ଗ୍ରାମରେ ଦୋଳଯାତ୍ରା ଚଳିତବର୍ଷ ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହାକୁ ସ୍ମରଣୀୟ କରିବାକୁ ଶତବାର୍ଷିକୀ କମିଟି ଏବର୍ଷ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ଅବସରରେ ୨୭ ତାରିଖ ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଅଞ୍ଚଳବାସୀଙ୍କୁ ଉତ୍ସାହିତ କରିବେ। ରାଧାକୃଷ୍ଣଙ୍କ ଦୋଳଯାତ୍ରାର ଶହେବର୍ଷ ପୂର୍ତ୍ତି ଅବସରରେ ଧାର୍ମିକ କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷଣ ବ୍ୟବସ୍ଥା ରହିଛି। ଫଗୁ ଦଶମୀରୁ ନଗର ପରିକ୍ରମା ସହ ଏହି କାର୍ଯ୍ୟକ୍ରମ ଶୁକ୍ରବାର ଉଦଘାଟିତ ହୋଇଛି। ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି।



- ଏକତା ଓ ଭାଇଚାରାର ବାର୍ତ୍ତାବହ
- ଆଜି ଯୋଗଦେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ସାବିତ୍ରୀ ଗଣନାଟ୍ୟ ଦ୍ୱାରା ଅପେରା ପରିବେଷଣ ଓ ମିନାବଜାର ଗ୍ରାମବାସୀଙ୍କୁ ସାଂସ୍କୃତିକ ବନ୍ଧନରେ ବାନ୍ଧି ରଖିବ ବୋଲି କମିଟି ପକ୍ଷରୁ ଆଶା ପ୍ରକଟ କରାଯାଇଛି।


ଏହି ଗ୍ରାମରେ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ମୁଖ୍ୟ ପର୍ବ ଦୋଳଯାତ୍ରା। ଏହି ଗାଁର ଇତିହାସ ଯେପରି ପୁରାତନ ଦୋଳଯାତ୍ରା ଇତିହାସ ମଧ୍ୟ ସେତିକି ପୁରୁଣା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୯୦୦ ଖ୍ରୀଷ୍ଟାବ୍ଦରେ ଗାଁର ସ୍ୱର୍ଗତ ଅର୍ଜୁନ ପ୍ରଧାନଙ୍କ ନେତୃତ୍ୱରେ ଏହି ଗ୍ରାମରେ ଦୋଳଯାତ୍ରା ଆରମ୍ଭ ହୋଇଥିଲା। ମାତ୍ର ସେତେବେଳେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜାରେ ଯାତ୍ରା ସୀମିତ ଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପୁଅ ଭାଗୀରଥି ପ୍ରଧାନଙ୍କ ଉଦ୍ୟମ ଓ ସାନଭାଇ ଗତିକୃଷ୍ଣ ପ୍ରଧାନଙ୍କ ସହଯୋଗରେ ୧୯୨୬ରେ ବଡ଼ ଧରଣର ଆୟୋଜନ ହୋଇ ବିରାଟ ଯାତ୍ରାର ରୂପ ନେଇଥିଲା। ସେ ବର୍ଷ ଦୋଳବିମାନ ରଥ କରି ଦୋଳଗୋବିନ୍ଦଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଗ୍ରାମର ଗୁଣନିଧି ବିଶ୍ୱାଳଙ୍କ ନେତୃତ୍ୱରେ ଦୋଳଯାତ୍ରା ଜାକଜମକରେ ପାଳିତ ହୋଇଆସୁଥିଲା। ପରବର୍ତ୍ତୀ ସମୟରେ ଭାଗୀରଥିଙ୍କ ପୁଅ ପୀତାମ୍ବର ପ୍ରଧାନଙ୍କ ନେତୃତ୍ୱରେ ଯାତ୍ରା ସୁରୁଖୁରୁରେ ପାଳନ ହେଉଛି।

### ଏମାନେ ଯାହା କହନ୍ତି



ପୂର୍ବତନ କର୍ମକର୍ତ୍ତାଙ୍କ ତ୍ୟାଗ, ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆଜି ଯାତ୍ରାର ଶତବାର୍ଷିକୀ ଉତ୍ସବ ସମ୍ଭବ ହୋଇଛି। ପୂଜା ମଣ୍ଡପ ସାଜସଜ୍ଜା, ଆଲୋକ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସାଦ ବିତରଣ, ଅତିଥି ସମ୍ମାନ ଓ ପ୍ରଚାରପ୍ରସାର ଆଦି କାର୍ଯ୍ୟ ସମ୍ପାଦନ ପାଇଁ କମିଟି ପକ୍ଷରୁ ପ୍ରାୟ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି।

ପ୍ରଭୁଦତ୍ତ ହୋତା
ସମ୍ପାଦକ, ଦୋଳଯାତ୍ରା ଶତବାର୍ଷିକୀ କମିଟି



ଗ୍ରାମବାସୀ, ପୂର୍ବତନ ସଦସ୍ୟ, ଶୁଭେଚ୍ଛୁ ଓ ଜନସାଧାରଣଙ୍କୁ ନେଇ ଯାତ୍ରାର ଶତବାର୍ଷିକୀ ପାଳନ ହେଉଛି। ଏହି ପବିତ୍ର ଯାତ୍ରାରେ ଭାଇଚାରା ଓ ଶୃଙ୍ଖଳା ମନୋଭାବ ରଖି ସମସ୍ତେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ସଫଳ କରିବାକୁ ଅନୁରୋଧ କରୁଛି।

ଗଜେନ୍ଦ୍ର ବେହେରା
ସଭାପତି, ଦୋଳଯାତ୍ରା ଶତବାର୍ଷିକୀ କମିଟି

### ● ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ


## ବିଜେପି ନେତାଙ୍କ ବିରୋଧରେ କଂଗ୍ରେସର ଏତଲା




ଅନୁଗୋଳ,୨୬ ।୨(ସମିସ): ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ ଅଭିଯୋଗ କରି ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜେପିର ଏକାଧିକ ନେତାଙ୍କ ବିରୋଧରେ ଏତଲା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା ସ୍ଥାନୀୟ ଜିଲ୍ଲା କଂଗ୍ରେସ ଭବନରୁ ବାହାରି ଅନୁଗୋଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଓ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ଏସ୍‌ପିଙ୍କ ଏତଲା ପ୍ରଦାନ କରିଥିଲେ। ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା ଏତଲା ଗ୍ରହଣ କରିଥିଲେ। ବିଜେପି ନେତାମାନେ ରାହୁଲଙ୍କୁ ବିଭିନ୍ନ ଅପଶବ୍ଦ ପ୍ରୟୋଗ କରି ଲୋକସଭା ଭିତରେ ଓ ବାହାରେ ତାଙ୍କୁ ଅସମ୍ମାନ କରିବା ସହ ମିଛ କହି ବଦନାମ କରୁଥିବାରୁ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ସେମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ।

## ପୋକ୍ସୋ ମାମଲାରେ ଦୁଇ ଗିରଫ

ଛେଣ୍ଡିପଦା,୨୬ ।୨(ସମିସ): ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ବାଗଡ଼ିଆ ଥାନା ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଜଣେ ସାମ୍ବାଦିକ ସମେତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କଣଲୋଇ ଗ୍ରାମର ଆଶିଷ ମାଝି ଓ ଏକ ୱେବ ଚାନେଲରେ କାର୍ଯ୍ୟରତ ସାମ୍ବାଦିକ ସୁଧୀର ସାହୁ। ଏନେଇ ଥାନାରେ ପୋକ୍ସୋ ଆଇନ ଅନୁଯାୟୀ ଦୁଇ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଆଶିଷ ବାଗଡିଆ ଥାନା ଅଞ୍ଚଳର ଜଣେ ୧୩ ବର୍ଷର ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିଛାଟିଆ ସ୍ଥାନକୁ ନେଇ ଅଶ୍ଳୀଳ ଫଟୋ ଉଠାଇଥିଲେ। ଉକ୍ତ ଫଟୋକୁ ନାବାଳିକାଙ୍କ ମା'ଙ୍କ ପାଖକୁ ପଠାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ନାବାଳିକାଙ୍କ ଫଟୋ ଭାଇରଲ କରିବା ଅଭିଯୋଗରେ ଆଶିଷଙ୍କୁ ଗିରଫ କରିଛି। ସେହିପରି ସୁଧୀର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ଫଟୋ ଭାଇରାଲ କରି ବିଭିନ୍ନ ଧମକ ଦେଇଥିବା ସମ୍ପୃକ୍ତ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଆଉଏକ ମାମଲା ରୁଜୁ କରି ସୁଧୀରଙ୍କୁ ଗିରଫ କରିଛି। ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।





## ହନୁମାନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା



କୁଇଓ,୨୬ ।୨(ସମିସ): ନତଡା ପଞ୍ଚାୟତ ବଡ଼ଝରଣ ଗ୍ରାମରେ ହନୁମାନ ମନ୍ଦିର ନିର୍ମାଣ ପାଇଁ ଗୁରୁବାର ଭୂମିପୂଜା ଅନୁଷ୍ଠିତ ହୋଇଛି। ପୂଜକ ଶ୍ରୀଚୈତନ୍ୟ ମନ୍ତ୍ରୀ ବାବା ନୀତିନିୟମ ଅନୁଯାୟୀ ପୂଜା କରିଥିଲେ। ବଜରଙ୍ଗ କମିଟି ସଦସ୍ୟ ସରୋଜ କବି, ସତ୍ୟାନନ୍ଦ ଶାଳିମା, ସମୀର ଗଡ଼ନାୟକ, ସମାଜସେବୀ ବିଜୟ ମାଝୀ, ଭୂପେନ ବେହେରା ପ୍ରମୁଖ ସହୋଯାଗ କରିଥିଲେ।

## ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା



କିଶୋରନଗର,୨୬ ।୨(ସମିସ): ଅନୁଗୋଳ ବନଖଣ୍ଡ କଣିହାଁ ବନାଞ୍ଚଳ ଓ ଅନୁଗୋଳ ବିଶ୍ୱ ଯୁବକେନ୍ଦ୍ର ସହଯୋଗରେ ୨୫ ଓ ୨୬ ତାରିଖ ଦୁଇଦିନ ଧରି ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ବୈଠକ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କଣିହାଁ ବନାଞ୍ଚଳର ଦ୍ୱାରବନ୍ଧ କୁଲମା, ସପକଟା, ଦଳକ ଓ ବରିହାପୁର ଗ୍ରାମରେ ଆଠମଲ୍ଲିକ ବ୍ଲକ ହରିଡ଼ାକୋଠା ଗ୍ରାମର ବାବା ଭୁବନେଶ୍ୱର ଦଣ୍ଡନୃତ୍ୟ ସଂଘ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗ୍ରାମ ସଭା ମାଧ୍ୟମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା, ବନାଗ୍ନି ନିରାକରଣ, ଚାରାରୋପଣ ଓ ଜଙ୍ଗଲର ଅଭିବୃଦ୍ଧି ଉପରେ ସଚେତନ କରାଯାଇଥିଲା। ଜଙ୍ଗଲ ଉପରେ ମନୁଷ୍ୟ ଓ ସମଗ୍ର ଜୀବଜଗତର ନିର୍ଭରଶୀଳତା, ଜଙ୍ଗଲ ନଷ୍ଟ ହେଉଥିବାରୁ ବନ୍ୟାପ୍ରାଣୀମାନେ ପାଉଥିବା କଷ୍ଟ, ଧନଜୀବନ ହାନି ଓ ସେଥିପାଇଁ ବ୍ୟବସ୍ଥା ଓ ଲୋକଙ୍କ ଭୂମିକା ଉପରେ ଆଲୋଚନା କରାଯିବା ସହ ସରକାରଙ୍କ କାର୍ଯ୍ୟକ୍ରମ ଓ ଯୋଜନା ସମ୍ବନ୍ଧରେ ସଚେତନ କରାଯାଇଥିଲା। କଣିହାଁ ବନାଞ୍ଚଳ ବନପାଳ ଚନ୍ଦନ ନାୟକ, ହୃଷୀକେଶ ସାହୁ ଓ ବନରକ୍ଷୀ ମନୋଜ କୁମାର ନାୟକ, ମଦନ ମୋହନ ସାହୁ, ଉର୍ମିଳା କିସାନ, ଦଣ୍ଡନୃତ୍ୟ ଦଳପତି ମନ୍ମଥ ଭୁରୁଭୁରୀ, ବିଶ୍ୱ ଯୁବକେନ୍ଦ୍ର କର୍ମୀ ଅଭୟ ଚରଣ ସ୍ୱାଇଁ ଓ ମାନସ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଣିହାଁ ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

## ଲାୟନ୍ସ କ୍ଲବ ଅନୁଗୋଳ ପକ୍ଷରୁ ରକ୍ତଦାନ ଶିବିର



ଅନୁଗୋଳ,୨୬ ।୨(ସମିସ): ସ୍ଥାନୀୟ ଜଗନ୍ନାଥ କଲୋନୀ ଅଫିସର୍ସ କ୍ଲବ ପରିସରରେ ଲାୟନ୍ସ କ୍ଲବ ଅନୁଗୋଳ ତରଫରୁ ରକ୍ତଦାନ ଓ ଚକ୍ଷୁ ଚିକିତ୍ସା ଶିବିର କ୍ଲବ ସଭାପତି ତ୍ରୈଲୋକ୍ୟ ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। କ୍ଲବ ସଦସ୍ୟ ଦୀନବନ୍ଧୁ ପ୍ରଧାନ, ପରମାନନ୍ଦ ମିଶ୍ର, ଅଶୋକ ମୁରାର୍ଜୀ, ପ୍ରଭାତ ପାଲିତ, ବାସୁଦେବ ଚୌଧୁରୀ, ରାଜୁ ଅଗ୍ରୱାଲ, ପବିତ୍ର ବିଶ୍ୱାଳ, କମଳ ଲୋଚନ ମହାରଣା ପ୍ରମୁଖଙ୍କ ଉପସ୍ଥିତିରେ ଶିବିର ହୋଇଥିଲା। ତାଳଚେର ରକ୍ତଭଣ୍ଡାରର ଡାକ୍ତର ବିନୟ କୁମାର ପାଢ଼ୀ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟେକ୍ନିସିଆନ କୁମୁଦ ସାହୁ ଓ ଗୋପାଳ ଚନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୭୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାତାଙ୍କୁ କ୍ଲବ ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଲାୟନ୍ ଚକ୍ଷୁ ଚିକିତ୍ସାଳୟ ଡାକ୍ତର ମନୋଜ କୁମାର ସ୍ୱାଇଁ ଓ କର୍ମଚାରୀଙ୍କ ଦ୍ୱାରା ୧୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।

## ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ଉଦ୍‌ଘାଟିତ

ଅନୁଗୋଳ,୨୬ ।୨(ସମିସ): ଅନୁଗୋଳ ବିଧାନସଭା କ୍ଷେତ୍ର ବଆଁରପାଳ ବ୍ଲକ ତଳମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ୧ କୋଟି ୬ ଲକ୍ଷ ଟଙ୍କାରେ ନିର୍ମିତ ନୂତନ ଗୃହ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ବଉଳିଗଡ଼ ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ, ବିଜେପି ମହୀଧରପୁର ମଣ୍ଡଳ ସଭାପତି ରାଧାକାନ୍ତ ପଟ୍ଟନାୟକ, ତଳମୂଳ ପଞ୍ଚାୟତ ବିଜେପି ସଭାପତି ଅଜିତ୍ ସାହୁ, ତଳମୂଳ ଶାସନ ପଞ୍ଚାୟତ ବିଜେପି ସଭାପତି ସୁଧୀର ତ୍ରିପାଠୀ, ଦଳୀୟ ନେତା ରାହସ ଦାଶ, ଅଜୁ ସାହୁ, ତଳମୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀ, ମହୀଧରପୁର ସମିତି ସଭ୍ୟ ସୁବାସ ଜେନା, ବିଜେପି ନେତା ବ୍ରଜୁ ସାହୁ, ସନ୍ତୋଷ ସାହୁ, ବିଜେପି ଯୁବମୋର୍ଚ୍ଚା ସଭ୍ୟ ନରେନ୍ଦ୍ର ସାହୁ, ସିପୁ ସାହୁ, ରିଙ୍କୁ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



## ପାଲଲହଡ଼ାରେ ପୁଣି ଫଳକ ରାଜନୀତି

ପାଲଲହଡ଼ା,୨୬ ।୨(ସମିସ): ଦେଢ଼ବର୍ଷ ତଳରର ଫଳକ ରାଜନୀତି ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ପାଲଲହଡ଼ାରେ ପୁଣି ଦେଖିବାକୁ ମିଳିଛି ଫଳକମରା ରାଜନୀତି। ପାଲଲହଡ଼ା ଉପଖଣ୍ଡ ଝାରବେଡ଼ା ଓ ନମପସି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭୂମିପୂଜା ତଥା ଉଦଘାଟନ ଗୁରୁବାର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଦ୍ୱାରା କରାଯିବା ପାଇଁ ପଞ୍ଚାୟତ ସମିତି ପକ୍ଷରୁ ସ୍ଥିର ହୋଇଥିଲା। ଏଥିପାଇଁ ପ୍ରକଳ୍ପ ସ୍ଥାନରେ ଫଳକ ମଧ୍ୟ ଲଗାଯାଇଥିଲା। ତେବେ କୌଣସି ଫଳକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ନାଁ ନ ଥିବା ଖବର ପାଇ ଅଧ୍ୟକ୍ଷା ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବା ସହ ଫଳକ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପାଲଲହଡ଼ା ବିଧାୟକ ଉଦଘାଟନ ସ୍ଥଳରେ ପହଞ୍ଚିବାରୁ ଉଭୟ ବିଧାୟକ ଓ ଅଧ୍ୟକ୍ଷାଙ୍କ ମଧ୍ୟରେ ପ୍ରାୟ ୩୦ ମିନିଟ କଥା କଟାକଟି ହୋଇଥିଲା। ଶେଷରେ ବିଧାୟକ ପ୍ରଶାସନକୁ ତାଗିଦ କରିଥିଲେ ଏବଂ ଆଗକୁ ଏପରି ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ଭୂମିପୂଜା ଓ ଉଦଘାଟନ ସ୍ଥଳରେ ନୂତନ ଫଳକ ଲଗାଇବାକୁ ନିର୍ଦ୍ଦେଶ ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ଅଧ୍ୟକ୍ଷା ନାଏକଙ୍କୁ ଯୋଗାଯୋଗ କରିବାରୁ କହିଲେ, ପଞ୍ଚାୟତ ସମିତିର ପ୍ରକଳ୍ପରେ ଅଧ୍ୟକ୍ଷାଙ୍କ ନାଁ ଜାଣିଶୁଣି କଟାଯାଇଥିବାରୁ ମୁଁ ବିରୋଧ କରିଥିଲି। ପରେ ବିଧାୟକଙ୍କ ସହ ଆଲୋଚନା ଓ ଆଗକୁ ଏପରି ନ ହେବାର ପ୍ରତିଶ୍ରୁତି ମିଳିବା ପରେ ବିଧାୟକଙ୍କ ସହ ଉପସ୍ଥିତ ରହି ଭୂମିପୂଜା କରିଥିଲୁ ବୋଲି ପ୍ରକାଶ କରିଛନ୍ତି। ବିଧାୟକ ମହାନ୍ତି କହିଛନ୍ତି ଯେ ବାରମ୍ବାର ଅଧ୍ୟକ୍ଷାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମକୁ ଡକାଯାଉଥିଲେ ମଧ୍ୟ ସେ ଆସୁନାହାନ୍ତି। ତେଣୁ ବ୍ଲକ କର୍ତ୍ତୃପକ୍ଷ ତାଙ୍କ ନାଁ ଫଳକରେ ରଖି ନ ଥାଇ ପାରିଥାନ୍ତି। ସବୁ ଜାଣିବା ପରେ ଆଗକୁ ଯେମିତି ଏପରି ନ ହୁଏ ବୋଲି ମୁଁ ସହକାରୀ ଯନ୍ତ୍ରୀଙ୍କୁ ତାଗିଦ କରିଛି। ଅଧ୍ୟକ୍ଷାଙ୍କ ସହ କୌଣସି କଥା କଟାକଟି ହୋଇନାହିଁ ବୋଲି ବିଧାୟକ ମହାନ୍ତି କହିଛନ୍ତି। ତେବେ ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଡିଓ ନିଶାନ ମିଶ୍ରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

- ବିଧାୟକଙ୍କ ଦ୍ୱାରା ଭୂମିପୂଜା ଓ ଉଦଘାଟନୀ ଫଳକରେ ବ୍ଲକ ଅଧ୍ୟକ୍ଷାଙ୍କ ନାଁ ନାହିଁ
- ଫଳକ ଭାଙ୍ଗିବାକୁ ଉଦ୍ୟମ ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ତୁତୁ ମେମେ

### ଆମ ଜଙ୍ଗଲ ଯୋଜନା

## ଜରାପଡ଼ା ରେଞ୍ଜରେ ଦକ୍ଷତା ବିକାଶ ତାଲିମ ଶିବିର



ଅନୁଗୋଳ,୨୬ ।୨(ସମିସ): ଗ୍ରାମାଞ୍ଚଳର ଲୋକଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ "ଆମ ଜଙ୍ଗଲ ଯୋଜନା' ପକ୍ଷରୁ ଏକ କ୍ଷେତ୍ର ପରିଦର୍ଶନ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବୁଧବାର ଜରାପଡ଼ା ରେଞ୍ଜ ଜରାପଡ଼ା ସେକ୍ସନ ଲକ୍ଷ୍ମୀଧରପୁର ଭିଏସ୍‌ଏସ୍, ଦେହୁରୀସାହି ଭିଏସ୍‌ଏସ୍ ଏବଂ ବୁଢ଼ୀପାହାଡ଼ ଭିଏସ୍‌ଏସ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆମ ଜଙ୍ଗଲ ଯୋଜନା ଟିମ୍ ସଦସ୍ୟ ମାନସ ପ୍ରଧାନ ଏବଂ ରୀନାରାଣୀ ସାମଲଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କୁ ଦୁଇଟି ପ୍ରମୁଖ କ୍ଷେତ୍ରରେ ତାଲିମ ପ୍ରଦାନ କରାଯାଇଥିଲା। କଞ୍ଚାମାଲ ପ୍ରସ୍ତୁତିଠାରୁ ଆରମ୍ଭ କରି ଉନ୍ନତ ମାନର ଅଗରବତି ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଶିଖାଯାଇଥିଲା। ଏଥିସହ ପେପର ପ୍ଲେଟ ମେସିନ ଚାଳନା, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ତାଲିମ ଦିଆଯାଇଥିଲା। ଶିବିରରେ ସ୍ଥାନୀୟ ମହିଳା ଓ ଯୁବକମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ନିଜ ଗାଁରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ଜୀବିକା ନିର୍ବାହ କରିବା ପାଇଁ ଅଂଶଗ୍ରହଣକାରୀମାନେ ଉଚ୍ଚ ଆଶା ଓ ଆତ୍ମବିଶ୍ୱାସ ପ୍ରକଟ କରିଥିଲେ। ସ୍ଥାନୀୟ ସମ୍ବଳର ବ୍ୟବହାର କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ହନୁମାନଙ୍କ ମନ୍ଦିର ପ୍ରତିଷ୍ଠାରେ ରକ୍ତଦାନ ଶିବିର



କିଶୋରନଗର,୨୬ ।୨(ସମିସ): କିଶୋରନଗର ବ୍ଲକ ବଇସିଣା ଗ୍ରାମରେ ହନୁମାନଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ପୂର୍ବତନ ମଣ୍ଡଳ ସଭାପତି ବାନାମ୍ବର ପ୍ରଧାନ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବଇଣ୍ଡା ମଣ୍ଡଳ ପକ୍ଷରୁ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୩୬ ୟୁନିଟ ରକ୍ତ ସଂଗ୍ରହ ହେଉଛି।

### ତାଳଚେର ରାଣୀପାର୍କ ବସ୍‌ଷ୍ଟାଣ୍ଡ

# ଯାତ୍ରୀଙ୍କୁ ମିଳୁନି ମୌଳିକ ସୁବିଧା

ତାଳଚେର,୨୬ ।୨(ସମିସ)



ଶିଳ୍ପାଞ୍ଚଳ ତଥା କଳାହୀରା ସହର ତାଳଚେର ରାଜ୍ୟରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ଏଠାରେ ଖଣିଖାଦାନ ସହ ବହୁ ଶିଳ୍ପ ପ୍ରତିଷ୍ଠା ହୋଇ ଅର୍ଥନୈତିକ ଦୃଷ୍ଟିରୁ ବେଶ୍ ବିକାଶ କରିପାରିଛି। ଦୈନିକ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଯାତ୍ରୀ ନିଜ ପରିବାର ପ୍ରତିପୋଷଣ ପାଇଁ ତାଳଚେର ଆସିଥାନ୍ତି। ଦେଶର ବିଭିନ୍ନ ସ୍ଥାନକୁ ଏଠାରୁ ଖଣିଜ ପଦାର୍ଥ ମଧ୍ୟ ରପ୍ତାନୀ ହୋଇଥାଏ। ହେଲେ ଯୋଗାଯୋଗ ବ୍ୟବସ୍ଥା ପାଇଁ ମୁଖ୍ୟ ଆଧାର ପାଲଟିଥିବା ତାଳଚେର ରାଣୀପାର୍କ ବସଷ୍ଟାଣ୍ଡର ରୂପ ଦେଖିଲେ ଏହା ବିକାଶଠାରୁ ବହୁ ଦୂରରେ ମନେହୁଏ। ରାଜ୍ୟ ଓ କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ଦେଉଥିବା ତାଳଚେର ଆଜି ତା'ର ମୌଳିକ ଅଧିକାରରୁ ବଞ୍ଚିତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦିଗରୁ ଦେଖିବାକୁ ଗଲେ ଆଖପାଖ ଅଞ୍ଚଳରୁ ଏଠାକୁ ଯିବାଆସିବା ପାଇଁ ବିଶେଷ ଗମନାଗମନ ସୁବିଧା ସୁଯୋଗ ନାହିଁ। ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ବିଗତ ସରକାର ସମୟରେ ନିର୍ମାଣ କରାଯାଇଥିବା ବସଷ୍ଟାଣ୍ଡଗୁଡ଼ିକ ଅତି ଚମତ୍କାର ଲାଗୁଥିଲା ବେଳେ ପୁରାତନ ସହର ତାଳଚେରର ରାଣୀପାର୍କ ବସଷ୍ଟାଣ୍ଡ ଦୟନୀୟ ଅବସ୍ଥାରେ ପଡ଼ି ରହିଛି। ଏହି ବସଷ୍ଟାଣ୍ଡରେ ଅନେକ ସମସ୍ୟା ଥିଲେ ମଧ୍ୟ ସମାଧାନ ହୋଇପାରିନି।

ରାଣୀପାର୍କ ବସଷ୍ଟାଣ୍ଡକୁ ଯାତ୍ରୀମାନେ ଆସିବାକୁ ହେଲେ ବହୁ ବାଧାବିଘ୍ନ ଦେଇ ଗତି କରିବାକୁ ପଡୁଛି। ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଜାତୀୟ ରାଜପଥ ଉପରେ ଶହଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକର ଲମ୍ବା ଲାଇନ୍, ଟ୍ରାଫିକ ସମସ୍ୟା, ଧୂଳିଧୂଆଁ, କୋଇଲା ଗୁଣ୍ଡରେ ଲୋକେ ଅତିଷ୍ଠ। ଚତୁର୍ଦ୍ଦିଗରୁ ରାଣୀପାର୍କ ବସଷ୍ଟାଣ୍ଡକୁ ସଂଯୋଗ କରୁଛି ଏକମାତ୍ର ତାଳଚେର ସହରର ଜାତୀୟ ରାଜପଥ। ତାଳଚେରବାସୀ ଓ ତାଳଚେରକୁ ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀ ଯମଯନ୍ତ୍ରଣା ଭୋଗ କରୁଛନ୍ତି। ନିର୍ବାଚିତ ଲୋକପ୍ରତିନିଧି, ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ କେହି ହେଲେ ଲୋକଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଏତେ ପରିମାଣର ରାଜସ୍ୱ ପ୍ରଦାନ କରୁଥିଲେ ମଧ୍ୟ ତାଳଚେର ଏକ ଅଭିଶପ୍ତ ସହରରେ ପରିଣତ ହୋଇଥିବା ଲୋକେ ମତ ରଖିଛନ୍ତି। ରାଣୀପାର୍କ ବସଷ୍ଟାଣ୍ଡକୁ ସମୟରେ ପହଞ୍ଚି ନ ପାରିଲେ କିମ୍ବା କୌଣସି ସମସ୍ୟାରୁ ଗାଡ଼ି ନ ମିଳିଲେ ଯିବା ସମ୍ଭବ ହୋଇ ନ ଥାଏ। ଜାତୀୟ ରାଜପଥ ପ୍ରତ୍ୟେକ ସମୟରେ ଜାମ୍ ରହୁଥିବାରୁ ଲୋକେ ତାଳଚେରରୁ ଢେଙ୍କାନାଳ, କଟକ, ଭୁବନେଶ୍ୱର, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର, ରାଉରକେଲା ଏମିତିକି ଆଖପାଖ ଅଞ୍ଚଳକୁ ଯିବା ଆସିବା ନିମନ୍ତେ ବହୁବାର ହଇରାଣ ହରକତ ହେଉଛନ୍ତି। ତେବେ ସେଠି ତାଳଚେର ବସ ମାଲିକ ସଂଘ ଥାଉ ଥାଉ ଯାତ୍ରୀଙ୍କ ସୁବିଧା ସୁଯୋଗ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଫଳରେ ଯାତ୍ରୀମାନେ ଏଣେତେଣେ ବୁଲି ହଇରାଣ ହରକତ ହେଉଛନ୍ତି। ତାଳଚେର ବସଷ୍ଟାଣ୍ଡକୁ ଯାତ୍ରୀମାନେ ଆସିବାକୁ ଯେଉଁ ଜାତୀୟ ରାଜପଥ ପଡ଼ିଛି ତାହା ସବୁ ସମୟରେ ଭାରୀଯାନ ଚଳାଚଳ, ଟ୍ରାଫିକ ସମସ୍ୟା ଏବଂ ଅନେକ ସମୟରେ ଦୁର୍ଘଟଣା ହେଉଥିବାରୁ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ହେଉନାହିଁ। ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ ଯାତାୟାତ ପାଇଁ ଯଥେଷ୍ଟ ସୁବିଧା ହୋଇନି। ଅପରପକ୍ଷେ ଯାତ୍ରୀମାନେ ବସକୁ ଅପେକ୍ଷା କରି ରହୁଥିବା ବେଳେ ସେମାନଙ୍କ ପାଇଁ ବିଶ୍ରାମ କକ୍ଷ କିମ୍ବା ଚଉକି ନ ଥିବାରୁ ଏଣେତେଣେ ଘୂରି ବୁଲୁଛନ୍ତି। ବସଷ୍ଟାଣ୍ଡରେ ଯେଉଁ କେତୋଟି ପିଣ୍ଡି ନିର୍ମିତ ହୋଇଛି ତାହା ଯାତ୍ରୀ ସଂଖ୍ୟା ତୁଳନାରେ ବହୁତ କମ। ବିଶେଷ କଥା ହେଉଛି ବହୁ ସମୟରେ ଯାତ୍ରୀଙ୍କ ମନିପର୍ସ, ମୋବାଇଲ, ଟଙ୍କା ମଧ୍ୟ ଚୋରି ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇଆସୁଛି। ସେହିପରି ବସ୍ ଟର୍ମିନାଲ ପାର୍କିଂସ୍ଥଳରେ ବସ ରହିବା ଜାଗାରେ ଟ୍ରକ ପାର୍କିଂ କରୁଥିବା ଦେଖିବାକୁ ମିଳେ। ଏଥି ସହିତ ବସ ମାଲିକମାନେ ନିଜ ଖରାପ ବସଗୁଡ଼ିକୁ ବର୍ଷ ବର୍ଷ ଧରି ସେଠାରେ ପକାଇ ରଖି ଆରାମରେ ଘରେ ରହୁଥିବା ବେଳେ ବିଚରା ଯାତ୍ରୀମାନେ ଅଯଥାରେ ହଇରାଣ ହେଉଛନ୍ତି।

ଅନ୍ୟପକ୍ଷରେ ବସ ମାଲିକମାନେ ପୌର ପରିଷଦଠାରୁ ପାର୍କିଂ ଫି' ଆଦାୟ କରୁଥିବା ସହ ଲାଭଖୋର ମନୋବୃତ୍ତି ଆପଣେଇ କାର୍ଯ୍ୟ କରୁଛନ୍ତି। କିନ୍ତୁ ଯାତ୍ରୀଙ୍କୁ କୌଣସି ପ୍ରକାର ସୁବିଧା ବସ ମାଲିକ ସଂଘ ପକ୍ଷରୁ ଦିଆଯାଉ ନାହିଁ। ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ନୂତନ ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଅପରିଷ୍କାର ଅବସ୍ଥାରେ ପଡ଼ି ରହିଛି। ଫଳରେ ମହିଳା ଯାତ୍ରୀମାନେ ବିଶେଷ ହଇରାଣ ହେଉଛନ୍ତି। ଅନୁଗୋଳ ସହରର ନୂତନ ବସଷ୍ଟାଣ୍ଡ ସରସ ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ତାଳଚେର ପ୍ରତି ଏତେ ବୈମାତୃକ ମନୋଭାବ ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି। ତେଣୁ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡର ବିକାଶ ଦିଗରେ ସରକାର ଦୃଷ୍ଟି ଦେଇ ଏସବୁ ସମସ୍ୟାର ସମାଧାନ କରିବା ସହ ଯାତ୍ରୀଙ୍କ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

**ବର୍ଷ ବର୍ଷ ଧରି ପଡ଼ିରହିଛି ଖରାପ ବସ୍**

### ନବରଙ୍ଗପୁରରେ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ

# 'ପ୍ରତ୍ୟେକ ମା'ଙ୍କୁ ସ୍ୱାବଲମ୍ବୀ କରାଇବା ପ୍ରଥମ ଲକ୍ଷ୍ୟ'

ନବରଙ୍ଗପୁର,୨୬।୨(ସମିସ):

ନବରଙ୍ଗପୁରରେ ଆରମ୍ଭ ହେଲା ସୁଭଦ୍ରା ଶକ୍ତି ମେଳା। ସ୍ଥାନୀୟ ପୁଲିସ ପଡିଆରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମେଳା। ଏହି ଅବସରରେ ପ୍ରଥମେ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରିଣୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ପୁଲିସ ପଡିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ସହିତ କଳସ ଯାତ୍ରା ଆରମ୍ଭ ହୋଇଥିଲା। ପୋଲିସ ପଡିଆରେ ଶୋଭାଯାତ୍ରା ପହଞ୍ଚିବା ପରେ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ହେଇ ମହିଳାଙ୍କର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ସମାଜରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଲକ୍ଷ୍ମୀ ରୂପରେ ପାଳନ କର୍ତ୍ତା, ଶକ୍ତିସ୍ୱରୂପିଣୀ ହେଲେ ସଂହାର କର୍ତ୍ତା ବି ହୋଇପାରିବ। ମାଆ ମାନଙ୍କୁ ଆଗକୁ ନେବାର ପ୍ରତିଶୃତି ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନବରଙ୍ଗପୁରରେ ମେଡିକାଲ କଲେଜ ହେଉଛି। ମାଆ ମାନଙ୍କର ଅଧିକ ରୋଜଗାର ପାଇଁ ଗୁରୁତ୍ୱ ଦିଆଯାଉଛି। ବାର୍ଷିକ ଆୟ ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ କଲେ ଆର୍ଥିକ ବୃଦ୍ଧି ପାଇବ। ପ୍ରତ୍ୟେକ ୧୦୦ ଜନସଂଖ୍ୟା ଗାଁକୁ ପିଚୁ ରାସ୍ତା ହେବ। ଡିସେମ୍ବର ସୁଦ୍ଧା ନବରଙ୍ଗପୁର ଜିଲ୍ଲାରେ ପ୍ରତ୍ୟେକ ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଅନ୍ତ୍ୟୋଦୟ ଯୋଜନାରେ ଘର ପ୍ରଦାନ କରାଯିବ ଓ ପ୍ରତ୍ୟେକ ଗାଁକୁ ଉନ୍ନତମାନର କରାଯିବ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସୁଭଦ୍ରା ଶକ୍ତି ମେଳାରେ ୧୨୦ଟି ଷ୍ଟଲ ହୋଇଛି। ଏହି ମେଳାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ବିଭିନ୍ନ ହସ୍ତତନ୍ତ୍ର ଓ କୁଟୀର ଶିଳ୍ପ ସାମଗ୍ରୀ ବିକ୍ରୀ ହେଉଛି। ୧୬ଲକ୍ଷ ୪୧ହଜାର ଲକ୍ଷ ପତି ଦିଦି



ରହିଛନ୍ତି। ୨୯ ସୁଦ୍ଧା ୨୫ ଲକ୍ଷ ଲକ୍ଷ ପତିଦିଦି କରାଯିବ। ମହିଳା ସଶକ୍ତ, ସ୍ୱାବଲମ୍ବନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗ୍ରାମୀଣ ମହିଳାଙ୍କର ଅର୍ଥନୈତିକ ବିକାଶ ହେବ। ଏହି ମେଳା ମହିଳାମାନଙ୍କୁ ଉତ୍ସାହିତ କରିବ। ନବରଙ୍ଗପୁରର ଲାଖକାର୍ଯ୍ୟର ଚାହିଦା ବଢିଛି। ବଜାର ସୃଷ୍ଟି କରାଯିବ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବା ଏହି କାର୍ଯ୍ୟକ୍ରମରେ ଲକ୍ଷ ରହିଛି। କଳା ଶିଳ୍ପକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିଛି। ସ୍ଥାନୀୟ ଉତ୍ପାଦ, ବଜାର ବ୍ୟବସ୍ଥା ଓ ପ୍ରଚାର ପ୍ରସାର ଉପରେ ସହକାର ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ କହିଥିଲେ ଯେ ଓଡ଼ିଶାର ବଜେଟ ଏକ ସୁନ୍ଦର ବଜେଟ ହୋଇଛି। ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ବଜେଟ ଉପସ୍ଥାପନ ହୋଇଛି। ସୁଭଦ୍ରା ଶକ୍ତି ମାଆ ମାନେ ସ୍ୱାବଲମ୍ବୀ ହେବେ। ମାଆ ମାନେ ସ୍ୱାବଲମ୍ବୀ ହୋଇ କିଭଳି ଆର୍ଥି ଉନ୍ନତି କରିବେ ସେନେଇ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି। ଶିଖିବା, ଜାଣିବା, ବାଣିଜ୍ୟ କରିବା ଓ ବ୍ୟବସାୟ କରି ଲକ୍ଷାପତି ଦିଦି ହେବା ବୋଲି କହିଥିଲେ। ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେବା ସହିତ ଲକ୍ଷପତି ଦିଦି ମାନେ ସେମାନଙ୍କ ଅଭିଜ୍ଞତା ଜଣାଇବେ। ଏହା ଏକ ବାଣିଜ୍ୟକର ମେଳା ସମେତ ଅନେକ ମହିଳାଙ୍କୁ ଉତ୍ସାହିତ କରିଥାଏ। ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଉତ୍ପାଦିତ ଦ୍ରବ୍ୟର ବିକ୍ରି ବଟା କରିବାକୁ ସୁଯୋଗ ଓ ଦର ନିର୍ଦ୍ଧାରଣ କରିବାର ସୁଯୋଗ ପାଇଛନ୍ତି ବୋଲି କହିଥିଲେ । ପରେ ଅତିଥି ମାନଙ୍କୁ କାଠରେ ପ୍ରସ୍ତୁତ ମୂର୍ତ୍ତି ଶ୍ରଦ୍ଧାର ଭେଟି ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ଜିଲ୍ଲା ଏବଂ ଜିଲ୍ଲା ବାହାର କଳାକାରଙ୍କୁ ନେଇ ଜଗନ୍ନାଥ କଳକେନ୍ଦ୍ରର ଓଡ଼ିଶୀ , ପୁରୁଷୋତ୍ତମ କଳକେନ୍ଦ୍ରର ମାଢିଆ ଢେମସା, ସାଇରାମ କଳା କେନ୍ଦ୍ରର ଢେମସା ଓ ରମାକାନ୍ତ ବାରିକ ଓ ସାଥିଙ୍କ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ୧୨୦ଟି ଷ୍ଟଲ ରହିଛି। ଯେଉଁଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନୀ କରିବା ସହ ବିକ୍ରି କରିଥିଲେ। କୃଷି, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ଆଇଟିଡିଏ, ସମାଜ କଲ୍ୟାଣ, ଜଙ୍ଗଲ ବିଭାଗ, ପଶୁ ସମ୍ପଦ ଭଳି ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ମଧ୍ୟ ସ୍ଥାନିତ ହୋଇଥିଲା। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ ମଧ୍ୟ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡିଓ ମାନେ ଉପସ୍ଥିତ ଥିଲେ।

## ସୁରେନ୍ଦ୍ର ସାଇ ଦିବ୍ୟଦୃଷ୍ଟି ଯୋଜନାରେ ପିଲାଙ୍କ ଚକ୍ଷୁ ପରୀକ୍ଷା

ଲକ୍ଷ୍ମୀପୁର,୨୬।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହା ସୁରେନ୍ଦ୍ର ସାଇ ଦିବ୍ୟାଦୃଷ୍ଟି ଯୋଜନା ପକ୍ଷରୁ କରାଯାଇଥିଲା। ଏହା କେବଳ ସ୍କୁଲ୍ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ କରାଯାଇଥିଲା। ଲକ୍ଷ୍ମୀପୁର ବ୍ଲକର ୩୨ ଟି ବିଦ୍ୟାଳୟରୁ ୧୯୮ ଜଣ ଛାତ୍ର ଛାତ୍ରୀ ଚକ୍ଷୁ ପରୀକ୍ଷା କରାଇ ଥିଲେ। ୨୦୩ ଜଣ ଛାତ୍ର ଛାତ୍ରୀ ମାନଙ୍କ ଚକ୍ଷୁ ଜନିତ ସମସ୍ୟା ନେଇ ଚିହ୍ନଟ କରାଯାଇ ଥିଲା କୌଣସି କାରଣ ରୁ ୫ ଜଣ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହି ଥିଲେ। ଆଗାମୀ ଦିନରେ ଏହି ଛାତ୍ର ଛାତ୍ରୀ ମାନଙ୍କ ଚଷମା ଦିଆଯିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁତି ଭୁଷଣ ଟାକ୍ରି କହିଛନ୍ତି। ଏହି ଯୋଜନା କେନ୍ଦ୍ର ସରକାରଙ୍କ ଯେଉଁ ଛାତ୍ର ଛାତ୍ରୀ ମାନେ ଆଖି ସମସ୍ୟାରେ



ପୀଡ଼ିତ ସବୁ ବର୍ଗର ପିଲାଙ୍କ ପାଇଁ ଏହା ଉଦ୍ଦିଷ୍ଟ ଅଟେ। ଲକ୍ଷ୍ମୀପୁରର ଚକ୍ଷୁ ଡାକ୍ତର ନାରାୟଣ ମାଝୀ ସବୁ ଛାତ୍ରଛାତ୍ରୀ ମାନଙ୍କୁ ଚକ୍ଷୁ ପରୀକ୍ଷା କରି କାହାକୁ କେତେ ପାୱାରର ଚଷମା ବ୍ୟବହାର କରିବା ଆବଶ୍ୟକ ସେ ନେଇ ରିପୋର୍ଟ ପ୍ରସ୍ତୁତ କରିଥିଲେ। ୧୯୮ ଜଣଙ୍କ ମଧ୍ୟରୁ ୫୧ ଜଣଙ୍କ ଠାରେ ଚକ୍ଷୁ ସମସ୍ୟା ରହି ଥିବା ବେଳେ ୫ ଜଣଙ୍କର ଅଧିକ ସମସ୍ୟା ରହିଥିବା ଡାକ୍ତର କହିଥିଲେ। ଏହା ସରକାରଙ୍କୁ ଅବଗତ କଲା ପରେ ସେହି ଅନୁସାରେ ୫୧ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଚଷମା ବ୍ୟବହାର କରିବା ଆବଶ୍ୟକତା ରହିଥିବା ବେଳେ ୫ ଜଣ ପିଲାଙ୍କ ଚକ୍ଷୁ ସମସ୍ୟା ଅଧିକା ଥିବାରୁ ସେମାନଙ୍କୁ କୋରାପୁଟର ଜୟପୁର ଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକା ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା କହିଛନ୍ତି। ଏହି ଶିବିରରେ ଦାୟିତ୍ୱରେ ଥିବା ଲକ୍ଷ୍ମୀପୁର ମେଡିକାଲ ଅଧିକାରୀ ଦୀନବନ୍ଧୁ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ ଲକ୍ଷ୍ମୀପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସମେତ ବିଜୟ କୁମାର ଆଚାର୍ଯ୍ୟ, ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଯୋଗ ଦେଇଥିଲେ। ସ୍ଥାନୀୟ ବ୍ଲକର ବିଆରପି କୃଷ୍ଣ କୁଲଦୀପ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାଲ୍ୟବିବାହ ରୋକିଲା ପ୍ରଶାସନ

ନନ୍ଦାହାଣ୍ଡି,୨୬।୨(ସମିସ):

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ନିଶିନାହାଣ୍ଡି ଗ୍ରାମପଞ୍ଚାୟତର ବାଣିଆ ଗ୍ରାମରେ ବାଲ୍ୟ ବିବାହ ରୋକିଛି ପ୍ରଶାସନ। ବୟସ ହେବା ପର୍ଯ୍ୟନ୍ତ ଝିଅ ପୁଅକୁ ଅଲଗା ରହିବାକୁ ଗ୍ରାମବାସୀ ଓ ଅଭିବାବକଙ୍କ ସମ୍ମୁଖରେ ପରାମର୍ଶ ଦିଆଯାଇଛି। ସୂଚନା ପ୍ରକାରେ ବାଣିଆ ଗ୍ରାମର ଲକ୍ଷ୍ମୀ ଭତରା (୨୦) ବରିଗୁମ୍ମା ବ୍ଲକ ପଲକା ଆମଗୁଡା ଅଞ୍ଚଳର ଜଣେ ନାବାଳିକା (୧୭ ବର୍ଷ) ପରସ୍ପର ପ୍ରେମ ସମ୍ପର୍କରେ ରହି କାହାକୁ ନ ଜଣାଇ ପ୍ରେମ ବିବାହ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ନନ୍ଦାହାଣ୍ଡି ସିଡିପିଓ ରଶ୍ମିତା ବାଲା ମହାନ୍ତି ଓ ସୁପଭାଇଜର ମନିକା ସରକାର ଓ ଶିଶୁ ହେଲ୍ପ ଲାଇନ ଜିଲ୍ଲା ସଂଯୋଜକ ଚିନ୍ମୟୀ ନାୟକ, ପିଇଓ ଦୀପ୍ତି ଗୌଡ଼ ପ୍ରମୁଖ ପୁଅ ଘରେ ଯାଇ ଏହି ବିବାହକୁ ରୋକି ପାରିଥିଲେ। ବୟସ ହେବା ପୂର୍ବରୁ କୌଣସି ପ୍ରକାର ବାଲ୍ୟ ବିବାହ ନିୟମକୁ ଉଲ୍ଲଂଘନ ନ କରିବାକୁ ପୁଅ ଓ ଝିଅର ବାପାମା ଲିଖିତ ଭାବେ ପ୍ରଶାସନ ନିକଟରେ ଦେଇଛନ୍ତି।



## ଜନଗଣନା ପାଇଁ ତାଲିମ ଶିବିର ଉଦ୍‌ଘାଟିତ



କୋରାପୁଟ,୨୬ ।୨(ସମିସ):

ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜନଗଣନା-୨୦୨୭ ପାଇଁ ଦୁଇ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଦୁଇ ଦିନିଆ ତାଲିମ ଶିବିରରେ ଜିଲ୍ଲାର ଜନଗଣନା ଚାର୍ଜ ଅଫିସର ମାନେ ତାଲିମ ନେଉଛନ୍ତି। ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହ ତାଲିକା ଏବଂ ଦାୟିତ୍ୱ ସଂପର୍କରେ ତାଲିମ ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଚାର୍ଜ ଅଫିସର ମାନେ ଗଣନାକାରୀ ଏବଂ ସୁପରଭାଇଜର ମାନଙ୍କୁ ତାଲିମ ପ୍ରଦାନ କରିବେ। କେ ଗୁଣବର୍ଦ୍ଧନ ଏବଂ ପି କେ ସିଂଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନଗଣନା ଅଧିକାରୀ ତଥା ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ମାଷ୍ଟର ଟ୍ରେନର ସଚ୍ଚିଦାନନ୍ଦ ସାମନ୍ତରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚାମେଲି ମଜୁମଦାରଙ୍କ ସହ ଚାର୍ଜ ଅଫିସର ଏବଂ ସହାୟକ ମାନେ ଉପସ୍ଥିତ ରହିଥିଲେ। ଏପ୍ରିଲ ମାସ ୧ ତାରିଖରୁ ୧୫ ତାରିଖ ମଧ୍ୟରେ ସ୍ୱଗଣନା ସୁବିଧା ଉପଲବ୍ଧ ରହିଛି। ସେନ୍ସସ ୱେବସାଇଟ ଜରିଆରେ ଲୋକମାନେ ନିଜ ତଥ୍ୟ ଇଂରାଜୀ କିମ୍ବା ଓଡିଆ ଭାଷାରେ ପ୍ରଦାନ କରିପାରିବେ। ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ। ଚଳିତ ବର୍ଷ ଏପ୍ରିଲ ମାସ ୧୬ ତାରିଖରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଏବଂ ଗୃହ ଗଣନା କରାଯିବ। ୨୦୨୭ ମସିହା ଫେବୃଆରୀ ମାସରେ ଜନସଂଖ୍ୟା ଗଣନା କରାଯିବ। ମୋବାଇଲ ଆପ ମାଧ୍ୟମରେ ଗଣନାକାରୀ ମାନେ ଘରକୁ ଘର ଯାଇ ଲୋକଙ୍କ ଠାରୁ ତଥ୍ୟ ସଂଗ୍ରହ କରିବେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବୈପାରୀଗୁଡ଼ା,୨୬।୨(ସମିସ): ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ମହାନ୍ତିଙ୍କ ପରଲୋକ ଘଟିଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ଘରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।



ଶିକ୍ଷକତାକୁ ପେସା କରିଥିଲେ ମଧ ବୈପାରୀଗୁଡା ଅଞ୍ଚଳର ଉନ୍ନତି ଦିଗରେ ତାଙ୍କ ମନରେ ଥିଲା ଅହେତୁକ ଦୁର୍ବଳତା। ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ତଥା ସାମ୍ବାଦିକ ମାନସ ମହାନ୍ତି ମୁଖାଗ୍ନି ଦେଇଥିଲେ।

### ଅଧିକାଂଶ ଏଲ୍ଆଇ ପଏଣ୍ଟ ଅଚଳ

# କଲ୍ୟାଣସିଂହପୁର ବ୍ଲକ୍‌ରେ ଉଠାଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ





କଲ୍ୟାଣସିଂହପୁର,୨୬।୨(ସମିସ):

କ୍ଷେତକୁ ପାଣି, ଚାଷୀଙ୍କ ବିଭିନ୍ନ ସୁବିଧା ଯୋଗାଇବା ପାଇଁ ସରକାର ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବାସ୍ତବରେ ସମ୍ପୂର୍ଣ୍ଣ ଭିନ୍ନ । ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ହଜାର ହଜାର ଲୋକ ଚାଷ ଉପରେ ନିର୍ଭର କରନ୍ତି। ଧାନ ଠାରୁ ଆରମ୍ଭ କରି ତୈଳ, ଡାଲିଜାତୀୟ ଶସ୍ୟ ସୁଦ୍ଧା ଏହି ବ୍ଲକ୍‌ରେ ଚାଷ ହେଉଛି। ହେଲେ ଚାଷୀଙ୍କ ସୁବିଧା ପାଇଁ ବିଶେଷ କିଛି ନାହିଁ । ଖାସ କରି ବ୍ଲକରେ ବିଭିନ୍ନ ସ୍ଥାନରେ ଉଠା ଜଳସେଚନ ବ୍ୟବସ୍ଥା କରିଥିଲେ ସେହି ଉଠା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଭୁଶୁଡ଼ି ଗଲାଣି। ଏହି ବ୍ଲକ୍‌ରେ ମାଳମାଳ ଉଠା ଜଳସେଚନ ପ୍ରକଳ୍ପ ଥିବାବେଳେ ସେଥିରୁ ହାତଗଣତି ଗୋଟିଏ କି ଦୁଇଟି ପଏଣ୍ଟ ଚାଲୁଥିବା ବେଳେ ବାକି ସବୁ ଅଚଳ ହୋଇ ହୋଇପଡ଼ିଛି। ବ୍ଲକର ୧୪ଗୋଟି ପଞ୍ଚାୟତ ମଧ୍ୟରୁ ପାର୍ଶାଲିକୁ ଛାଡିଦେଲେ ପ୍ରାୟ ୧୩ ଗୋଟି ପଞ୍ଚାୟତରେ ଏଲ୍ଆଇ ପଏଣ୍ଟ ଥିବାବେଳେ ଅଧିକାଂଶ ଅଚଳ ଅବସ୍ଥାରେ ରହିଛି। ବ୍ଲକ୍‌ର ସମସ୍ତ ୧୪ ଗୋଟି ପଞ୍ଚାୟତରେ ଏଭଳି ସ୍ଥିତି ରହିଥିବାରୁ ଚାଷୀମାନେ ଆବଶ୍ୟକ ବେଳେ ପାଣି ପାଉନାହାନ୍ତି। ଏନେଇ କାହାକୁ ଅଭିଯୋଗ କଲେ କେହି କିଛି କରୁ ନାହାନ୍ତି ଓ ଚାଷୀଙ୍କ ଦୁଃଖ ଜାଣି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। କାଣର ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଦିନେ ହେଲେ ବି କେହି ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଆସିନାହାନ୍ତି। ଏପରିକି ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ କେଉଁଠି ଅଛି ସେ କଥା ବି ଅନେକ ଚାଷୀ ଜାଣି ନାହାନ୍ତି। ୫ ବର୍ଷ ପୂର୍ବେ ନାରାୟଣପୁର ପଞ୍ଚାୟତ, ସୁନାଖଣ୍ଡି, ପୂଜାରୀଗୁଡା, ପଲମା, ମାଝୀଗୁଡା, ବୁଢ଼ାଗୁଡା ଶିକର ପାଇ, କଲ୍ୟାଣସିଂହପୁର ସିଙ୍ଗାରି ରେ ପାଞ୍ଚ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚକରୀ ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ ସରକାର। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଇଛା ଶକ୍ତି ନଥିବାରୁ ଜମିକୁ ପାଣି ମାଡୁନୀ ଓ ମଟରକୁ ବିଜୁଳି ଲାଗିନି ବୋଲି ଚାଷୀ ମାନେ କହିଛନ୍ତି। ବ୍ଲକରେ କାର୍ଯ୍ୟାଳୟ ନଥିବା ବେଳେ ଜିଲ୍ଲାର କେଉଁ ଗଳିକନ୍ଦିରେ କାର୍ଯ୍ୟଳୟ ଅଛି ଖୋଜି ପାଉନାହାନ୍ତି ବୋଲି ଚାଷୀ ସିଧାସଳଖ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ଉଠା ଜଳସେଚନ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନଥିଲେ। ଅଧିକାଂଶ ଏଲ୍ଆଇ ପଏଣ୍ଟ ଅଚଳ ଅଭିଯୋଗ, ଶୁଣିବାକୁ କେହି ନାହାନ୍ତି। ବିଭିନ୍ନ ନାଳ, ନାଗାବିଳି ଓ କଲ୍ୟାଣୀ ନଦୀରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚେକଡ୍ୟାମ୍ କରୁଛନ୍ତି। ପରବର୍ତ୍ତୀ ସମୟରେ ଉଠା ଜଳସେଚନ ମାଧ୍ୟମରେ ପାଣି ଉଠେଇ ଜମିରେ ଚାଷ ହେବ ବୋଲି ଆଶା ରଖିଛନ୍ତି ଚାଷୀ। କିନ୍ତୁ ବାସ୍ତବରେ ସମ୍ପୂର୍ଣ୍ଣ ଭିନ୍ନ। ଟେଣ୍ଡର ମାଧ୍ୟମରେ ଜାଲିଆତି କରି ଠିକାଦାର ଓ ଅଧିକାରୀଙ୍କ ମଧ୍ୟରେ ସାଣ୍ଟ ଗାଣ୍ଟ ହୋଇ ଚେକ୍‌ଡ୍ୟାମର ଟଙ୍କା ଓ ମଟର ବିଜୁଳି ଓ ଅନ୍ୟାନ୍ୟ ମାମଗ୍ରୀ କିଣି ଟଙ୍କା ଲୁଟିବା ଭଳିଆ ପରିସ୍ଥିତି ସୃଷ୍ଟି କରି ସମସ୍ତ ପ୍ରକଳ୍ପକୁ ଅଚଳ କରିଦେଇ ଥିବାରୁ ଜମିକୁ ପାଣି ମାଡୁନି କି ଉଭୟ ଚେକ ଡ୍ୟାମ୍ ଓ ଉଠା ଜଳସେଚନ ପ୍ରକଳ୍ପ କାମରେ ଆସୁନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## 'ଭିବି ଜି ରାମ ଜି'ଯୋଜନା ନେଇ ସଚେତନତା ସଭା



କୋରାପୁଟ,୨୬।୨(ସମିସ): କୋଟପାଡ ଦଶହରା ପଡ଼ିଆଠାରେ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଏବଂ ଜୀବିକା ମିଶନ ଗ୍ରାମୀଣ ନୂତନ ଯୋଜନାକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କୋଟପାଡ ବିଧାୟକ ରୂପୁ ଭତ୍ରା ଯୋଗଦେଇ ନୂତନ ଯୋଜନାରେ ଗ୍ରାମାଞ୍ଚଳର ଲୋକ ମାନଙ୍କ ନିମନ୍ତେ ନିଶ୍ଚିତ ଭାବେ ରୋଜଗାର ଯୋଗାଇ ଦେବାକୁ ଆଇନ ପ୍ରଣୟନ କରାଯାଇଥିବା ଉଲ୍ଲେଖ ରହିଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଟପାଡ ବ୍ଲକ ଅଧକ୍ଷା କମଳା ଭତ୍ରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ପାନୀୟ ଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗିରଳା ଠାରେ ୬୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କଲ୍ୟାଣ ମଣ୍ଡପ ର ମନ୍ତ୍ରୀ ଶ୍ରୀ ନାୟକଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏଥି ସହ ୮୩ ଗୋଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ୪ କୋଟି ୪୩ ଲକ୍ଷ ୫୮ ହଜାର ଟଙ୍କାର ଋଣ ପ୍ରଦାନ ନିମନ୍ତେ ଚେକ୍ ବଣ୍ଟନ କରାଯାଇଥିଲା। କୋଟପାଡ ବିଡିଓ ସନ୍ଧ୍ୟା ସାମର୍ଥ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆତମାଙ୍ଗ ଗ୍ରାମକୁ ବିକାଶ ଅପହଞ୍ଚ; ଲୋକଙ୍କ ଦୁର୍ଦ୍ଦଶା







ତେଲକୋଇ, ୨୬।୨(ସମିସ):

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର ଦୁର୍ଗମ ଇଲାକା ନୂଆ ତମାଙ୍ଗ ଗ୍ରାମକୁ ସରକାରୀ ଯୋଜନା ବାଟବଣା ହୋଇ ପଡ଼ିଛି। ଫଳରେ ନୂଆ ତମାଙ୍ଗବାସୀ ନିଜ ଭାଗ୍ୟକୁ ଆଦରି ମାଳ ମାଳ ସମସ୍ୟା ଭିତରେ କାଳ କାଟୁଛନ୍ତି। ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ଗ୍ରାମର ୧୭ରୁ ଅଧିକ ପରିବାର ଆଜିବି ବଞ୍ଚିତ ଅଛନ୍ତି। ଗୋଡା ପଞ୍ଚାୟତର ଲଡା ଟୁଙ୍ଗୁରୁ ପାହାଡ଼ ଶିଖରରେ ଥିବା ରାଜସ୍ୱ ଗ୍ରାମ ତମାଙ୍ଗରେ ୮୦ରୁ ଊର୍ଦ୍ଧ୍ୱ ପାଉଡ଼ି ଭୂୟାଁ ଜନଜାତିର ପରିବାର ବସବାସ କରୁଥିଲେ। ସେଠାରେ ପଡୁ ଚାଷ ହିଁ ସେମାନଙ୍କର ମୁଖ୍ୟ ଜୀବିକା ଥିଲା। ବର୍ଷକର ଅଧାଦିନ ପାହାଡ଼ରେ ପଡୁଚାଷ କରି ବଞ୍ଚୁଥିବା ବେଳେ ଅଧାଦିନ ଜଙ୍ଗଲଜାତ ଶସ୍ୟ ଓ ଫଳମୂଳ ଖାଇ ଜୀବନ ଜିଉଁଥିଲେ। ଆଜକୁ ୧୦ ବର୍ଷ ପୂର୍ବରୁ ତମାଙ୍ଗ ଗ୍ରାମର ସମସ୍ୟା ଓ ବସବାସ କରୁଥିବା ଲୋକଙ୍କ ଜୀବନ ଜୀବିକା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତେଲକୋଇ ବ୍ଲକର ତତ୍କାଳୀନ ପ୍ରଶାସନିକ ଅଧିକାରୀଗଣ ଦୀର୍ଘ ୪ କିମି ପାହାଡ଼ ଚଢ଼ି ତମାଙ୍ଗ ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ପରଖିଥିଲେ। ପ୍ରଶାସନ ପକ୍ଷରୁ ପାହାଡ଼ ତଳକୁ ଓହ୍ଲାଇବା ବ୍ୟବସ୍ଥା କରାଯାଇ ଆବାସ ଗୃହ ପାଇଁ ଆବଶ୍ୟକ ଜମି ଯୋଗାଇ ଦିଆଯାଇଥିଲା। ଆଉ କେତେକ ପରିବାର ଗୁଣ୍ଡୁରୁ ଓ ଖଣ୍ଡିଆ ନାଳ ଗ୍ରାମରେ ବିସ୍ଥାପିତ ହୋଇଥିଲେ। ସେଥିମଧ୍ୟରୁ ୧୭ରୁ ଉକ୍ତ ସ୍ଥାନରେ ହିତାଧିକାରୀଙ୍କ ଆବାସ ଗୃହ ନିର୍ମାଣ ହେବା ସହିତ ଜନବସତି ଗଢି ଉଠିଲା। ଉକ୍ତ ସ୍ଥାନ "ନୂଆ ତମାଙ୍ଗ' ନାମରେ ନାମିତ ହେଲା। ମାତ୍ର ଲୋକେ ବିସ୍ଥାପିତ ହେବାର ଆଜକୁ ଦୀର୍ଘ ବର୍ଷ ବିତି ଯାଇଥିଲେ

> ➤ ପ୍ରଶାସନର ଲୋକଦେଖାଣିଆ ବ୍ୟବସ୍ଥା
> ➤ ୧୦ ପରେ ବି ସମସ୍ୟା ଯଥା ପୂର୍ବଂ ତଥା ପରଂ

ଊର୍ଦ୍ଧ୍ୱ ପରିବାରକୁ ମାଙ୍କଡ଼ ଖଳିର ପଶ୍ଚିମ ଦିଗକୁ ଥିବା ଏକ ପାହାଡ଼ି ସମତଳ ସ୍ଥାନରେ ସରକାର ଆବାସ ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ଜମି ଯୋଗାଇ ଦେଇଥିଲେ। ସୁଦ୍ଧା ସରକାରଙ୍କ ସର୍ବନିମ୍ନ ମୌଳିକ ସୁବିଧା ସେମାନଙ୍କ ନିକଟରେ ପହଞ୍ଚି ପାରି ନାହିଁ। ମାଙ୍କଡ଼ ଖଳିରୁ ନୂଆ ତମାଙ୍ଗକୁ ୧ କିମି ରାସ୍ତା ଅତିକ୍ରମ କରିବାକୁ ପଡୁଥିବା ବେଳେ ପାହାଡ଼ିଆ ରାସ୍ତା ହୋଇଥିବାରୁ ଗମନାଗମନରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବା ପାଇ ପାରୁ ନାହାଁନ୍ତି। ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ବୋହି ମାଙ୍କଡ ଖଳି ପର୍ଯ୍ୟନ୍ତ ଆଣିଲେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ମିଳୁଛି।

ପାନୀୟ ଜଳ ପାଇଁ ସରକାରଙ୍କ ପକ୍ଷରୁ ଏକ ନଳକୂପ ଖୋଳା ଯାଇଥିବା ବେଳେ ତାହା ସଠିକ୍ ଭାବରେ କାର୍ଯ୍ୟକ୍ଷମ ହେଉ ନଥିବା ଅଭିଯୋଗ ହୋଇଛି। ଦିନସାରା ଗରାଏ କିମ୍ବା ବାଲଟିଏ ପାଣି ଦେଲା ବେଳକୁ ନଳକୂପରୁ ଜଳ ବାହାରୁ ନାହିଁ। ସେହିପରି ବର୍ଷକ ପୂର୍ବରୁ ଗୋଟିଏ ପକା କୂଅ ଖୋଳାଯାଇଥିବା ବେଳେ ତାହା ମଧ୍ୟ ନିମ୍ନମାନର ହୋଇଥିବାରୁ ବିଶୁଦ୍ଧ ଜଳ ବାହାରୁନାହିଁ। ଫଳରେ ନୂଆ ତମାଙ୍ଗବାସୀ ବାଧ ହୋଇ ବୋହି ଯାଇଥିବା ନାଳକୁ ବନ୍ଧ ବାନ୍ଧି ପାନୀୟଜଳ ସଂଗ୍ରହ କରୁଛନ୍ତି। ଶିକ୍ଷା ବ୍ୟବସ୍ଥା କହିଲେ କେବଳ ଅଙ୍ଗନବାଡ଼ି। ତାହା ପୁଣି ଗୁଣ୍ଡୁରୁ ଗ୍ରାମରେ। ଦୀର୍ଘ ୪ କିମି ଜଙ୍ଗଲୀ ରାସ୍ତା ଅତିକ୍ରମ କରିବାକୁ ପଡୁଥିବାରୁ କୋମଳମତି ଶିଶୁମାନେ ଅଙ୍ଗନବାଡି ଶିକ୍ଷାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। କେବଳ ମାସକୁ ଥରେ ଅଭିଭାବକମାନେ ସରକାରଙ୍କ ଅଣ୍ଡା ଛତୁଆ ଆଣି ଅଙ୍ଗନବାଡ଼ି ସେବା ପାଉଛନ୍ତି। ଅନେକ ନାବାଳକ ଓ ନାବାଳିକା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଉଚ୍ଚଶିକ୍ଷାରୁ ବଞ୍ଚିତ ଅଛନ୍ତି। କିଏ ପରିବାରକୁ କାମରେ ସାହଯ୍ୟ କରୁଛି ତ ଆଉ କିଏ ବାହାରକୁ ଯାଇ ଶିଶୁ ଶ୍ରମିକ ସାଜିଛି। ନିକଟସ୍ଥ ମାଙ୍କଡ ଖଳି, ଖଣ୍ଡିଆ ନାଳ ଓ ଗୁଣ୍ଡୁରୁକୁ ବିଦ୍ୟୁତ୍ ସେବା ପହଞ୍ଚିଥିଲେ ସୁଦ୍ଧା ନୂଆ ତମାଙ୍ଗକୁ ବିଦ୍ୟୁତ୍ ସେବା ଅପହଞ୍ଚ ହୋଇଛି। ଘନ ଅନ୍ଧାରରୁ ରକ୍ଷା ପାଇବା ପାଇଁ ନିଆଁ ଖୁଣ୍ଟା ଏକମାତ୍ର ସାହା ଭରସା ସାଜିଛି। ସଞ୍ଜ ନଇଁଲେ ସମସ୍ତଙ୍କ ଘରେ ତାଟି କବାଟ ପଡ଼ିଯାଏ। ଗ୍ରାମର ଏକମାତ୍ର ଶିକ୍ଷିତ ଯୁବକ ସିନ୍ଧୁ ପଧାନ ବହୁ ଘାତ ପ୍ରତିଘାତ ଓ ବାଧାବିଘ୍ନକୁ ସମ୍ମୁଖୀନ କରି ପୁଅ ଓ ଝିଅଙ୍କୁ କଲେଜରେ ପାଠ ପଢ଼ାଇ ଶିକ୍ଷିତ କରିବାକୁ ଅଣ୍ଟା ଭିଡିଛନ୍ତି।ପାହାଡ଼ ଉପରେ ଯେଉଁ ସମସ୍ୟାରେ ଘାଣ୍ଟି ହୋଇ ଯନ୍ତ୍ରଣା ଭୋଗୁଥିଲେ ତଳକୁ ବିସ୍ଥାପିତ ହୋଇ ମଧ୍ୟ ସେହି ସମସ୍ୟାରେ ଥିବା ନୂଆ ତମାଙ୍ଗବାସୀ ଅଭିଯୋଗ କରିଛନ୍ତି। ସରକାର ଓ ପ୍ରଶାସନ ସେମାନଙ୍କୁ ପ୍ରତିଶ୍ରୁତି ଦେଇ କେବଳ ପ୍ରତାରଣା କରି ଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି। ନୂଆ ତମାଙ୍ଗ ଗ୍ରାମକୁ ତୁରନ୍ତ ସରକାରଙ୍କ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ସିନ୍ଧୁ ପଧାନ, ମୁକୁନ୍ଦ ପଧାନ, ମାଳୀ ପଧାନ, ଚରଣ ଦେହୁରୀ, ଅରକ୍ଷିତ ପଧାନ, ବିରଞ୍ଚି ପଧାନ, ଭକ୍ତ ପଧାନ, ପବିତ୍ର ଦେହୁରୀ, ଜଗ ଦେହୁରୀ, ହାଡ଼ି ଦେହୁରୀ ଦାବି କରିଛନ୍ତି।

## ଜୁଆଙ୍ଗ ଶିକ୍ଷା ସ୍ୱେଚ୍ଛାସେବୀ ଶିକ୍ଷକ ପଦ ସୃଷ୍ଟି ପାଇଁ ଦାବିପତ୍ର

କେନ୍ଦୁଝର, ୨୬।୨(ସମିସ): କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ମଧ୍ୟରେ ଜୁଆଙ୍ଗ ଜନଜାତି ଅନ୍ୟତମ। ଜିଲ୍ଲାରେ ଜୁଆଙ୍ଗ ଜନଜାତିଙ୍କ ସଂଖ୍ୟା ଅନ୍ୟ ଜନଜାତିଙ୍କ ଅନୁପାତରେ ହ୍ରାସ ପାଇ ଚାଲିଛି। ଜୁଆଙ୍ଗମାନଙ୍କର ଶିକ୍ଷାର ଅନୁପାତ ମଧ୍ୟ କମ ରହିଛି। ବିଭିନ୍ନ କ୍ଷେତ୍ରରେ ସରକାରୀ ଚାକିରିରେ ମଧ୍ୟ ଜୁଆଙ୍ଗ ଜନଜାତି ମାନଙ୍କର ଅନୁପସ୍ଥିତି ସେଭଳି ନାହିଁ। ଏଭଳି ପରିସ୍ଥିତିରେ ଜିଲ୍ଲା ସ୍ତରରେ ଆଗାମୀ ଦିନରେ ହେବାକୁ ଥିବା ନୂତନ ବହୁଭାଷୀ ଶିକ୍ଷକ ପଦ କ୍ଷେତ୍ରରେ ଜୁଆଙ୍ଗ ମାନଙ୍କୁ ଅଣଦେଖା କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। କେନ୍ଦୁଝରରେ ୪୩ ଜୁଆଙ୍ଗ ବହୁଳ ଗ୍ରାମ ରହିଥିବାବେଳେ ମାତ୍ର ୬ଟି ଜୁଆଙ୍ଗ ବହୁଳ ଗ୍ରାମର ଯୁବକ ଯୁବତୀଙ୍କ ନିମନ୍ତେ ଉପରୋକ୍ତ ପଦ ସୃଷ୍ଟି କରୁଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଏଭଳି ସ୍ଥିତିର ଜିଲ୍ଲାର ସମସ୍ତ ଜୁଆଙ୍ଗ ବହୁଳ ଗ୍ରାମର ଶିକ୍ଷିତ ଯୁବକ ଯୁବତୀଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଶିକ୍ଷା ସ୍ୱେଚ୍ଛାସେବୀ



ଶିକ୍ଷକ ପଦ ସୃଷ୍ଟି କରିବାକୁ ଲୋକେ ଲିଖିତ ଦାବି ଜଣାଇଛନ୍ତି।

ସେମାନଙ୍କ କହିବାନୁସାରେ, ପ୍ରାୟ ୧୩ ବର୍ଷ ପୂର୍ବରୁ ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ବିଜ୍ଞପ୍ତି ପତ୍ରସଂଖ୍ୟା ୭୨୦୪-୧୯/୯/୨୦୧୩ ଅନୁଯାୟୀ, ମୋଟ ୩୬୭ଟି ଶିକ୍ଷା ସହାୟକ ପଦ ସୃଷ୍ଟି କରାଯାଇଥିଲା. ତାହା ବର୍ତ୍ତମାନ ହ୍ରାସ କରାଯାଇ ମାତ୍ର ୮୧ଟି ପଦରେ ସୀମିତ ହୋଇଥିବା ଅଭିଯୋଗ ହୋଇଛି। ଯାହାକି ଯୁଆଙ୍ଗ ଜନଜାତି ଯୁବକ ଯୁବତୀଙ୍କ ସ୍ୱାର୍ଥର ପରିପନ୍ଥୀ ବୋଲି କୁହାଯାଇଛି। ଜିଲ୍ଲା ପ୍ରଶାସନ ଜିଲ୍ଲାରେ ଥିବା ଜୁଆଙ୍ଗ ବହୁଭାଷୀ ବିଦ୍ୟାଳୟରେ ୨ ଜଣ ଲେଖାଏଁ ଯୁଆଙ୍ଗ ଶିକ୍ଷା ସ୍ୱେଚ୍ଛାସେବୀ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଥିବାବେଳେ ଜିଲ୍ଲାରେ ବିଲୁପ୍ତ ପ୍ରାୟ ଜୁଆଙ୍ଗ ଜନଜାତି ଯୁବକ ଯୁବତୀ ବୃତ୍ତିଗତ ଶିକ୍ଷାଗତ ଯୋଗ୍ୟତା ବଦଳରେ ସେମାନଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ରଖି ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀ ନିୟୋଜନ କରିବା, ଡିଇଆଇଇଡି ଏବଂ ଓଟିଇଟି ତାଲିମ ନିମନ୍ତେ ନୂତନ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ୬ବର୍ଷ ମଧ୍ୟରେ ତାଲିମ ବ୍ୟବସ୍ଥା କରିବା, ଜିଲ୍ଲାର ୬ଟି ଗ୍ରାମର ଜୁଆଙ୍ଗ ଗ୍ରାମ ବଦଳରେ ୪୩ଟି ଜୁଆଙ୍ଗ ବହୁଳ ଗ୍ରାମର ଯୁବକ ଯୁବତୀଙ୍କୁ ଜୁଆଙ୍ଗ ଶିକ୍ଷା ସ୍ୱେଚ୍ଛାସେବୀ ପଦରେ ନିଯୁକ୍ତି ଦେବା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏନେଇ ରମାକାନ୍ତ ଜୁଆଙ୍ଗ, ପ୍ରଭାକର ଜୁଆଙ୍ଗ, ସୁନେଶ ଜୁଆଙ୍ଗ, ସୋମନାଥ ଜୁଆଙ୍ଗ, ସାରଦା ଜୁଆଙ୍ଗ, ସୁବାଷ ଜୁଆଙ୍ଗ, ମଞ୍ଜୁଳା

### ହ୍ରାସ ପାଉଛି ଶିକ୍ଷାର ମାନ

ଜୁଆଙ୍ଗ, ଉମାକାନ୍ତ ପ୍ରଧାନ, ରଞ୍ଜନ କୁମାର ଜୁଆଙ୍ଗ, ପ୍ରମୋଦ ଜୁଆଙ୍ଗ, ନରେନ୍ଦ୍ର ଜୁଆଙ୍ଗ, ଧନେଶ୍ୱର ଜୁଆଙ୍ଗ, ତରଣୀ ଜୁଆଙ୍ଗ, ବୁଦ୍ଧଦେବ ଜୁଆଙ୍ଗ, ରମେଶ ଜୁଆଙ୍ଗ, ନେଦା ଜୁଆଙ୍ଗ, ସୁନାରୀ ଜୁଆଙ୍ଗ, ଆମରନାଥ ଜୁଆଙ୍ଗ, ଅଭିଷେକ ଜୁଆଙ୍ଗ, ପୂଜା ଜୁଆଙ୍ଗ, ଚୈତନ୍ୟ ଜୁଆଙ୍ଗ, ରଥିଆ ଜୁଆଙ୍ଗ,ଘାସିରାମ ଜୁଆଙ୍ଗ, ଚନ୍ଦ୍ରମଣି ଜୁଆଙ୍ଗ, ବେଣୁଧର ଜୁଆଙ୍ଗ, ରମେଶ ଜୁଆଙ୍ଗ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଗୁରୁବାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ପ୍ରଦାନ କରାଯାଇଛି।

## ଜେଏସ୍‌ଡବ୍ଲୁ ମଲ୍ଟିସ୍ପେସାଲିଟି ହସ୍ପିଟାଲ ପାଇଁ ଭୂମିପୂଜା

ଯୋଡ଼ା, ୨୬।୨(ସମିସ): ଜେଏସଡବ୍ଲୁ ଫାଉଣ୍ଡେସନ ପକ୍ଷରୁ କୋଇଡାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେସାଲିଟି ହସ୍ପିଟାଲ ନିର୍ମାଣ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଜେଏସଡବ୍ଲୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ ଅଧ୍ୟକ୍ଷା ସଂଗୀତା ଜିନ୍ଦଲଙ୍କ ଏହା ସ୍ୱପ୍ନର ପ୍ରକଳ୍ପ ବୋଲି କୁହାଯାଉଛି। ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳରେ ବାସ କରୁଥିବା ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ ନେଇ ଏହାର କଳ୍ପନା କରାଯାଇଛି। କାର୍ଯ୍ୟକ୍ରମରେ ଜେଏସଡବ୍ଲୁ ଷ୍ଟିଲ୍ ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ଜେଏସଡବ୍ଲୁ ଫାଉଣ୍ଡେସନର ପୂର୍ବ ଜୋନ୍ ମୁଖ୍ୟ ପ୍ରସନ୍ନ ବିଶ୍ୱାଳ, ଚିତ୍ତରଞ୍ଜନ ବାହାନୀପତି, ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଡାକ୍ତରଖାନା ୪.୫ ଏକର ଜମିରେ ବିସ୍ତାରିତ ଏବଂ



୧୦୦ ଶଯ୍ୟା ବିଶିଷ୍ଟ ସୁବିଧା ସହ ଆରମ୍ଭ ହେବ। ଏହି ଅଞ୍ଚଳର ଲୋକଙ୍କୁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ୍ୟରେ ଅନେକ ବିଭାଗ ରହିବ। ହସ୍ପିଟାଲ ଅସ୍ଥିଶଲ୍ୟ, ସ୍ତ୍ରୀ ରୋଗ, ଶିଶୁ ରୋଗ, ଚକ୍ଷୁ ରୋଗ, ଇଏନଟି, ସାଧାରଣ ଔଷଧ ସମେତ ବିଶେଷ ସେବା ପ୍ରଦାନ କରିବ। ଉନ୍ନତ ନିଦାନ ପରୀକ୍ଷାଗାର ମଧ୍ୟ ରହିବ, ଯାହା ରୋଗୀମାନଙ୍କୁ ଚିକିତ୍ସା ପରୀକ୍ଷା ପାଇଁ ଦୂର ଯାତ୍ରା କରିବାକୁ ପଡିବ ନାହିଁ। ଏହି ପ୍ରକଳ୍ପରେ ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀଙ୍କ ପାଇଁ ଆବାସିକ ଏବଂ ମନୋରଞ୍ଜନ ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ ହେବ। ପ୍ରତ୍ୟେକ ସୁବିଧା ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ। ନୂତନ ହସ୍ପିଟାଲ ସ୍ଥାନୀୟଭାବରେ ପୂର୍ବରୁ ଉପଲବ୍ଧ ନ ଥିବା ସେବା ଏବଂ ଭିତ୍ତିଭୂମି ପ୍ରଦାନ କରି ସେହି ବ୍ୟବଧାନକୁ ପୂରଣ କରିବ ବୋଲି ଆଶା କରାଯାଉଛି।

## କଳାକାର ବିକାଶ ମଞ୍ଚର ବୈଠକ

ଆନନ୍ଦପୁର, ୨୬।୨ (ସମିସ):

ଶ୍ରୀ ଝାଡ଼େଶ୍ୱର ମନ୍ଦିର ପରିସରରେ ଆନନ୍ଦପୁର କଳାକାର ବିକାଶ ମଞ୍ଚର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଦନ ମୋହନ ପାଣିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ସଂଗୀତ ଗୁରୁ ମନରଞ୍ଜନ ମହାପାତ୍ର, ଶମ୍ଭୁନାଥ ରଣା, ହରିହର ଜେନା, ସନ୍ତୋଷ ପରିଡା, ମଦନ କୁଣ୍ଡ, ଶୁଭାଶିଷ ଶତପଥୀ, ଜ୍ୟୋତିପ୍ରକାଶ ସାହୁ, ପ୍ରଦୋଷ ଜେନା, ପଞ୍ଚାନନ ବୋଇତି, ଗାୟତ୍ରୀ ସାହୁ, କିଶୋରଚନ୍ଦ୍ର ନାଥ, ରଞ୍ଜନ ଜେନା, ଦିପୁନ ସାହା, ଚନ୍ଦନ ନାଥ, ଦେବେନ୍ଦ୍ର ନାଥ, ମାନସ ସାଉ, ଚନ୍ଦ୍ରଶେଖର ଜେନା, ବିଜ୍ଞାନ ରଞ୍ଜନ ଦାଶ, ଦାଶରଥୀ ପାତ୍ର, ଶାନ୍ତନୁ ରାଉତ ଯୋଗ



ଦେଇଥିଲେ। ରାଜ୍ୟ ସରକାରଙ୍କ ପ୍ରଦତ୍ତ କଳାକାର ଭତ୍ତା ୫ ହଜାରକୁ ବୃଦ୍ଧି, ମଞ୍ଚ କାର୍ଯ୍ୟକ୍ରମ ସମୟରେ ଦୁର୍ଘଟଣାଜନିତ କ୍ଷୟକ୍ଷତି, କଳାକାର ସଂଘର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଜମି ପ୍ରଦାନ, ସାମାଜିକ ସୁରକ୍ଷା ସମସ୍ୟା ଉପରେ ଆଲୋଚନା କରାଯାଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଯୋଡ଼ା, ୨୬।୨(ସମିସ): ଯୋଡ଼ା ପୌରପାଳିକା ୧ ନମ୍ବର ୱାର୍ଡ ନିକଟରେ ଥିବା ସନ୍ତୋଷ କୁମାର ସାମଲଙ୍କ ମା' ସାବିତ୍ରୀ ସାମଲ ୮୬ ବର୍ଷ ବୟସରେ



ଦେହତ୍ୟାଗ କରିଛନ୍ତି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଅତ୍ୟନ୍ତ ଧର୍ମପରାୟଣ ମହିଳା ଥିଲେ। ମୃତ୍ୟୁ ଖବର ପାଇବା ପରେ ଆଖପାଖ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ପହଞ୍ଚିଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ବଡ଼ ପୁଅ ସନ୍ତୋଷଙ୍କ ସହ ମଝିଆ ପୁଅ ସରୋଜ ସାନ ପୁଅ ସମୀରଙ୍କ ସହ ନାତି ବବୁଲ ଓ ସମୁଦୀ ସମୁଦୁଣୀ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ଯୋଡ଼ା ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପଣ୍ଡୁଆରେ ମୁକ୍ତେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ଆନନ୍ଦପୁର, ୨୬।୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପଣ୍ଡୁଆ ଗ୍ରାମରେ ଶ୍ରୀ ମୁକ୍ତେଶ୍ୱର ମହାଦେବ ଓ ଶ୍ରୀ ରାମଚନ୍ଦ୍ର ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଶହଶହ ପୁରୁଷ ମହିଳା ଶ୍ରଦ୍ଧାଳୁ ଶୋଭାଯାତ୍ରାରେ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ତିନିଦିନ ଧରି ଚାଲିଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ପଣ୍ଡିତ ସାରଙ୍ଗଧର ନନ୍ଦ ବେଦପାଠ କରି ଶୁଭଅଧିବାସ କରିଥିଲେ। ଗୀତାପାଠ ପରେ ଅଙ୍କୁରାରୋପଣ ଘଟସ୍ଥାପନ ଏବଂ ଯଜ୍ଞକର୍ମ କରାଯାଇଥିଲା। ହରିବୋଲ ହୁଳହୁଳି ସଂକୀର୍ତ୍ତନରେ ଗ୍ରାମବାସୀ ରତ୍ନମୁଦରେ ଦାନ କରି ପୁଣ୍ୟ ଭିକ୍ଷା କରିଥିଲେ। କର୍ତ୍ତା ଭାବେ ପ୍ରବୀଣ ଚକ୍ର ଓ ଗୀତାରାଣୀ ଚକ୍ର ସଙ୍କଳ୍ପରେ ଦେବକର୍ମ କରିଥିବା ବେଳେ ପ୍ରଦୀପ ଚକ୍ର ମଧୁସୂଦନ ଚକ୍ର, ଦୀପକ ଚକ୍ର, ଅନିଲ ଚକ୍ର, ପୁପୁଲୁ ଚକ୍ର, ବାବି ଚକ୍ର ଜଗବନ୍ଧୁ ଚକ୍ର ଭାଗବତ ଚକ୍ର ଦିପୁ ଚକ୍ର ଗୁଲୁ ଚକ୍ର ଟୁକୁନା ଚକ୍ର କାହ୍ନ ଚକ୍ର ବୁବୁ ଚକ୍ର ଗୁଡୁ ଚକ୍ର ମେସି ଚକ୍ର ପିନାକୀ ଚକ୍ର ସ୍ୱମ ଚକ୍ର କୁନି ଚକ୍ର ସୁନୀଲ ଚକ୍ର ଟୁକୁ ଚକ୍ର ସହଯୋଗ କରିଥିଲେ।

## ପଞ୍ଚାୟତରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ବୈଠକ



କେନ୍ଦୁଝର, ୨୬।୨(ସମିସ): ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଗୃହ ଓ ନଗରଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ଚାରିଟି ବ୍ଲକର ମୋଟ ୮୪ଟି ଗ୍ରାମପଞ୍ଚାୟତରୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ କାର୍ଯ୍ୟକ୍ରମ ଅଧୀନରେ ସଂଗ୍ରହ କରାଯାଉଥିବା ଶୁଖିଲା ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସିଧାସଳଖ ଭାବରେ ଗୃହ ଓ ନଗରଉ ନ୍ନୟନ ବିଭାଗ ଅଧୀନରେ ଥିବା ଏହି ପାଞ୍ଚଟି ନଗରପାଳିକା ଓ ବିଜ୍ଞାପିତ ଅଞ୍ଚ୍ଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ଜିଲ୍ଲାର ଆନନ୍ଦପୁର ପୌରପରିଷଦ, କେନ୍ଦୁଝରଗଡ଼ ପୌରପରିଷଦ, ଯୋଡ଼ା ପୌରପରିଷଦ, ବଡ଼ବିଲ ପୌରପରିଷଦ ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ଗୁଡ଼ିକରେ ନିର୍ମାଣ ହୋଇଥିବା ଏମଆରଏଫ ଗୁଡ଼ିକୁ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବା ସହିତ ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ରୁଟ ଚାର୍ଟ ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିସହ ଜିଲ୍ଲାର ମୋଟ ୨୨ଟି ପର୍ଯ୍ୟଟନସ୍ଥଳୀ ଓ ଏହା ସଂଲଗ୍ନ ମୁଖ୍ୟରାସ୍ତା ପାର୍ଶ୍ୱ ପର୍ଯ୍ୟଟକ ପ୍ରଭାବିତ ଗ୍ରାମ ଓ ଏହା ଅନ୍ତର୍ଗତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସହାରାଞ୍ଚଳ ଗୁଡିକରେ ନିତିଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରାଯାଇ ଏହି ପର୍ଯ୍ୟଟନ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବା ସହ ଏହି ଅଞ୍ଚଳର ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗରଉନ୍ନୟନ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସରେ ଏକ କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଥିଲା। ଜିଲ୍ଲାସ୍ତରୀୟ ସଂଚାଳନ ସମିତି ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କେନ୍ଦୁଝର ଅଧକ୍ଷତା କରିଥିଲେ। ପରାପମର୍ଶଦାତା ଯୋଗେନ୍ଦ୍ର ସିଂଙ୍କ ସହ ଜିଲ୍ଲା ପଞ୍ଚାୟତ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପୌରପରିଷଦ ଓ କରଞ୍ଜିଆ ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପରିମଳ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ଜଳ ଓ ପରିମଳ ମିଶନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ହଜିଗଲେଣି ଡାମରା ଓ ପାତି କାଉ, ଘରଚଟିଆ

ଆନନ୍ଦପୁର, ୨୬।୨ (ସମିସ):





ପ୍ରାକୃତିକ ପରିବେଶ ଓ ଜଙ୍ଗଲର ଅବକ୍ଷୟ ଯୋଗୁଁ ବନ୍ୟପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସେହି ଅନୁପାତରେ କାଉ ଏବଂ ଅନ୍ୟାନ୍ୟ ପକ୍ଷୀଙ୍କ ସଂଖ୍ୟା ମଧ୍ୟ କମୁଛି। ମାନବ ସମାଜ ପାଇଁ କାଉର ଭୂମିକା ଗୁରୁତ୍ୱ ରଖେ। ପୁରାଣରେ ମଧ୍ୟ କାଉକୁ ନେଇ ଅନେକ ରୋଚକ କାହାଣୀ ରହିଛି। କାଉ ରାବିଲେ ରାତି ପାହେ, ଚାଳ ଅବା ଛାତ ଉପରେ କାଉ ବାରମ୍ବାର ରାବିଲେ ଘରକୁ କୁଣିଆ ଆସନ୍ତି ବୋଲି ଲୋକବିଶ୍ୱାସ ରହିଛି। ଏପରିସ୍ଥଳେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରୁ କାଉ ଏକପ୍ରକାର ଉଭାନ୍ ହୋଇଯାଇଛି। ଖାଲି କାଉ ନୁହେଁ ଘରଚଟିଆ, ବଣି, ଶାଗୁଣା ଓ ପେଚା ଭଳି ପକ୍ଷୀଙ୍କୁ ଅଞ୍ଚଳରେ ଆଉ ଦେଖିବାକୁ ମିଳୁନି। ମହାମାରୀ କୋଭିଡ୍ ପରଠାରୁ ଆନନ୍ଦପୁର ଅଞ୍ଚଳରେ କାଁ ଭାଁ ଏହିସବୁ ପକ୍ଷୀ ଦେଖିବାକୁ ମିଳୁଛନ୍ତି। କୁହାଯାଏ, ପୃଥିବୀରେ ୪୦ ପ୍ରଜାତିର କାଉ ବାସ କରନ୍ତି। ଆନନ୍ଦପୁର ଅଞ୍ଚଳରେ ଡାମରା ଓ ପାତି, ଦୁଇ ପ୍ରକାରର କାଉ ଦେଖାଯାଉଥିଲେ। ଆଗରୁ ଗୋଟିଏ ଗୋଟିଏ ଗଛରେ ୨୦/୩୦ କାଉ ବସାବାନ୍ଧି ରହୁଥିଲେ। ଖାଦ୍ୟ ଅନ୍ୱେଷଣରେ କାଉମାନେ ୩୦ କିମି ପର୍ଯ୍ୟନ୍ତ ଯାଇପାରନ୍ତି। କାଉ ପରିବେଶକୁ ସ୍ୱଚ୍ଛ ରଖିବାରେ ମଧ୍ୟ ସାହାଯ୍ୟ କରେ। ତେବେ ଗତ ଚାରିବର୍ଷ ହେଲା, ଅଞ୍ଚଳରେ କାଉ ସଂଖ୍ୟା ଆଶାତୀତ ଭାବେ କମିବାରେ ଲାଗିଛି। ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ଗାଡ଼ିମୋଟର ସଂଖ୍ୟା ବୃଦ୍ଧିର ପ୍ରଭାବ କାଉ ଓ ଅନ୍ୟ ପକ୍ଷୀଙ୍କ ଉପରେ ପଡୁଛି। ୨୦୨୧ ଫେବୃଆରୀରେ ଆନନ୍ଦପୁର ଅଞ୍ଚଳରେ କାଉ ମଡ଼କ ଦେଖିବାକୁ ମିଳିଥିଲା। ବାର୍ଡ଼-ଫ୍ଲୁ ଏହାର କାରଣ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଏହା ପରଠାରୁ କାଉଙ୍କ ସଂଖ୍ୟା ଆଉ ପୂର୍ବଭଳି ଦେଖାଯାଇ ନଥିଲା। ସେହିପରି, ଗତ ୩/୪ ବର୍ଷ ହେଲା ଘରଚଟିଆ ପୂର୍ବଭଳି ବହୁ ସଂଖ୍ୟାରେ ଦେଖିବାକୁ ମିଳୁନି ଶାଗୁଣା, ବଣି, ପେଚା ମଧ୍ୟ ଏଠାରେ ବିରଳ ହେବାରେ ଲାଗିଛି। ଆଗକୁ ଏହି ପକ୍ଷୀ ଦେଖିବାକୁ ଆମକୁ ଚିଡ଼ିଆଖାନା ଯିବାକୁ ପଡ଼ିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଆନନ୍ଦପୁର ବ୍ଲକ୍ ଚିକିତ୍ସାଧିକାରୀ ଡାକ୍ତର ଚିତ୍ତରଞ୍ଜନ ଦାଶ କହିଛନ୍ତି, ମୃତ ଗୋରୁଗାଈଙ୍କୁ ଏଣେତେଣେ ଫୋପାଡ଼ି ଦିଆଯାଉଛି। ଏମାନଙ୍କୁ ଦିଆଯାଉଥିବା ଔଷଧର ପ୍ରତିକ୍ରିୟା କାଉ ଓ ଶାଗୁଣା ବଂଶ ଉପରେ ପଡୁଛି। ଏ ଦିଗରେ କୌଣସି ପ୍ରକାର ପରୀକ୍ଷାନିରୀକ୍ଷା କରାଯାଉ ନଥିବାରୁ ଔଷଧର ପ୍ରତିକ୍ରିୟା ମୃତଦେହ ଖାଉଥିବା ପକ୍ଷୀଙ୍କ ଉପରେ ପଡୁଥିବା ଅନୁମାନ କରାଯାଉଛି। ପକ୍ଷୀଙ୍କ ପାଇଁ ଖାଦ୍ୟ କମିଯିବା ଏବଂ ପ୍ରତିକୂଳ ପରିବେଶ ପାଇଁ ସେମାନଙ୍କ ସଂଖ୍ୟା କମୁଛି ବୋଲି ଶ୍ରୀ ଦାଶ କହିଛନ୍ତି। ପରିବେଶରେ ସନ୍ତୁଳନ ରକ୍ଷା କରିବାକୁ କାଉ ଏବଂ ଅନ୍ୟ ପକ୍ଷୀଙ୍କ ବଂଶବୃଦ୍ଧି ନେଇ ସରକାରୀ ସ୍ତରରେ ଉଦ୍ୟମ ହେବା ଦରକାର ବୋଲି ଘସିପୁରାର ଯୁବ ପରିବେଶବିତ୍ ଇଂ ମୃତ୍ୟୁଞ୍ଜୟ ସାହୁ କହିଛନ୍ତି।

● କଣ୍ଟାବାଞ୍ଜିରେ ସାଇବର ଠକ ସକ୍ରିୟ

# ଯୁବକଙ୍କ ଆକାଉଣ୍ଟରେ ଜମା ହୋଇଛି ୨୮ ଲକ୍ଷ ଟଙ୍କା

କଣ୍ଟାବାଞ୍ଜି, ୨୬ ।୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ସାଇବର ଠକ ସକ୍ରିୟ ହୋଇଛନ୍ତି। ଗରିବ ନିରିହ ଯୁବକମାନଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ଆଧାର ଓ ପାନ୍ କାର୍ଡ ନେଇ ବ୍ୟାଙ୍କରେ ସେମାନଙ୍କ ନାଁରେ ଆକାଉଣ୍ଟ ଖୋଲିଛନ୍ତି। ପାସବୁକ୍, ଚେକ୍‌ବୁକ୍ ନେଇ ଏହି ସାଇବର ଠକମାନେ ସେମାନଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା କାରବାର କରୁଛନ୍ତି। ବାସ୍ତବରେ ଆକାଉଣ୍ଟଧାରୀଙ୍କୁ କିନ୍ତୁ କିଛି ଜଣାନାହିଁ। କଣ୍ଟାବାଞ୍ଜି ଥାନା



**କିଛି ଜାଣିନାହାନ୍ତି ଆକାଉଣ୍ଟଧାରୀ**

କାଦୋଭସା ଗାଁରୁ ଏହିଭଳି ଏକ ଅଭିଯୋଗ ଆସିଛି। ଏହି ଗାଁର ରାଜକିଶୋର ମହତ ପେଷାରେ ଜଣେ ଡ୍ରାଇଭର। ତାଙ୍କର ମାସିକ ରୋଜଗାରଚହିଲେ ୬ ହଜାର ଟଙ୍କା। ତାଙ୍କ ଆକାଉଣ୍ଟରେ କିନ୍ତୁ ଲକ୍ଷ ଲକ୍ଷ ଟଙ୍କା କାରବାର ହୋଇଛି। ଏ ନେଇ ତାଙ୍କୁ କିନ୍ତୁ କିଛି ଜଣା ନାହିଁ। ତାଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା କାରବାର ହେଉଥିବା ଜାଣିବା ପରେ କଣ୍ଟାବାଞ୍ଜି ପୁଲିସ ତାଙ୍କ ଘରକୁ ଯାଇଥିଲା। ରାଜକିଶୋରଙ୍କୁ କିନ୍ତୁ ପୁଲିସ ପାଇ ନ ଥିଲା। ପରେ ରାଜକିଶୋର ଏବଂ ତାଙ୍କ ବାପା ସିଲଖମ ମହତ କଣ୍ଟାବାଞ୍ଜି ଥାନାରେ ପହଞ୍ଚିଥିଲେ। ରାଜକିଶୋରଙ୍କ ନାଁରେ ଫେଡେରାଲ ବ୍ୟାଙ୍କରେ ଥିବା ଖାତାକୁ କେଉଁଠୁ ୨୮ ଲକ୍ଷ ଟଙ୍କା ଆସିଲା ବୋଲି ପୁଲିସ ପଚାରିଥିଲା। ଏଥିରେ ରାଜକିଶୋର ଆଶ୍ଚର୍ଯ୍ୟ ହୋଇଥିଲେ। ଗାଁର ଧନମତ ମହତ ନାମକ ଜଣେ ଯୁବକ ସ୍ଥାନୀୟ ଅନେକ ଯୁବକମାନଙ୍କୁ ଖୋଜିଭାତ ଦେବା ସହ ଟଙ୍କା ପ୍ରଲୋଭନ ଦେଖାଇ ତାଙ୍କ କାଗଜ ପତ୍ର ନେଇଥିବା ରାଜକିଶୋର ପୁଲିସକୁ କହିଥିଲେ। ଏହା ଶୁଣି ପୁଲିସ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲା। ହେଲେ ଏହି ଟଙ୍କା ସମ୍ପର୍କରେ ଧନମତ ମଧ୍ୟ ସ୍ପଷ୍ଟ କହିପାରୁନାହାନ୍ତି। ଅନ୍ୟପକ୍ଷେ ଏହି ଘଟଣାରେ କିଛି ବ୍ୟାଙ୍କ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି।

ବଲାଙ୍ଗିରରେ ବିଡ଼ି କାରଖାନା ସ୍ଥାପନ ପ୍ରସଙ୍ଗ

# ସରକାର, ସ୍ଥାନୀୟ ନେତାଙ୍କୁ ମନ୍ତ୍ରୀଙ୍କ ତେରଛା ବାଣ



● ପୂର୍ବରୁ ନିଜେ ପ୍ରତିଶ୍ରୁତି ଦେଇଥିଲେ

● ଏବେ ଅନ୍ୟ ଉପରେ ଦୋଷ ଲଦିବାକୁ ଉଦ୍ୟମ

ବଲାଙ୍ଗିର, ୨୬ ।୨(ସମିସ)

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାଏକ ଗୁରୁବାର ବଲାଙ୍ଗିରରେ ରାଜ୍ୟ ବଜେଟ ଉପରେ ଏକ ସାମ୍ବାଦିକ ସମ୍ମିଳନୀରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ବଲାଙ୍ଗିରରେ ଏକ ବିଡି କାରଖାନା ସ୍ଥାପନ କରିବା ପାଇଁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ତାହା କେତେ ଦୂର ଗଲା ବୋଲି ପ୍ରଶ୍ନ କରିବାକରୁ ସେ ହଡ଼ବଡ଼େଇ ଯାଇଥିଲେ। ଖସି ଯିବାକୁ ଅତି ଚତୁରତାର ସହ ସେ ସରକାର ଏବଂ ସ୍ଥାନୀୟ ନେତାଙ୍କୁ ତେରଛା ବାଣ ମାରିଛନ୍ତି। ଉତ୍ତରରେ କହିଥିଲେ ଏ ସରକାରରେ ସବୁ ସମ୍ଭବ। ଦେଢ ଶହ କି ଦୁଇ ଶହ କୋଟି ଟଙ୍କା କିଛି ବଡ ନୁହଁ; କିନ୍ତୁ ଏଥିଲାଗି ଇଚ୍ଛାଶକ୍ତି ଦରକାର। ତାଙ୍କର ଏହି କଥା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ମନ୍ତ୍ରୀ ଶ୍ରୀ ନାୟକ ପ୍ରାୟ ଦେଢ ବର୍ଷ ପୂର୍ବେ ବଲାଙ୍ଗିର ଜିଲ୍ଲା ନୋଡାଲ ଦାୟିତ୍ୱ ପାଇଥିଲେ। ସେତେବେଳେ ସେ ବଲାଙ୍ଗିର ଗସ୍ତରେ ଆସି ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ସମୟରେ ଦାଦନ ସମସ୍ୟାକୁ ନେଇ ତାଙ୍କର କ'ଣ ରୋଡ୍‌ମ୍ୟାପ୍ ରହିଛି ଏବଂ ଏହାର ସମାଧାନ ପାଇଁ ସେ କି ପ୍ରସ୍ତାବ ଦେବେ ସେନେଇ ପ୍ରଶ୍ନ ହୋଇଥିଲେ। ଉତ୍ତରରେ ବଲାଙ୍ଗିରରେ ବହୁ ପରିମାଣର ଉନ୍ନତମାନର କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ତେଣୁ ଜିଲ୍ଲାରେ ଏକ ବିଡି କାରଖାନା ପ୍ରତିଷ୍ଠା କରିବାକୁ ଉଦ୍ୟମ କରିବେ ବୋଲି ସେତେବେଳେ ସେ କହିଥିଲେ। ଏହାଦ୍ୱାରା ଲୋକେ କାମ ପାଇବେ। ଏହା ଜିଲ୍ଲା ଅର୍ଥନୀତିକୁ ବି ସୁଦୃଢ କରିବ ବୋଲି ସେ କହିଥିଲେ; କିନ୍ତୁ ଦେଢ ବର୍ଷ ହେଲା ଏନେଇ ନା ସେ ସରକାରୀସ୍ତରରେ ଆଲୋଚନା କରିଛନ୍ତି ନା ସେଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ତ୍ତମାନ ପୁଣି ସେହି ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାଏକ ଏହି ସରକାରରେ ଇଚ୍ଛା ଥିଲେ ସବୁ ହେବ ବୋଲି କହିଛନ୍ତି। ତେବେ ଏଠି ପ୍ରଶ୍ନ ଯେ, ଏଥିପାଇଁ କାହାର ଇଚ୍ଛା ଦରାକର? ତାଙ୍କର, ସରକାରଙ୍କ ନା ସ୍ଥାନୀୟ ନେତାଙ୍କ ଇଚ୍ଛା ରହିବା କଥା ତାହା ପ୍ରଶ୍ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଆର୍ୟୁର୍ବେଦିକ କଲେଜ ବାର୍ଷିକ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ଜିଲ୍ଲାର ବିଭିନ୍ନ ବିକାଶ ପ୍ରସଙ୍ଗରେ ସ୍ଥାନୀୟ ନେତାଙ୍କୁ ତେରଛା ବାଣ ମାରିଥିଲେ। ଏବେ ସେହି ସମ୍ବଲପୁର ଜିଲ୍ଲାର ବିଧାୟକ ତଥା ମନ୍ତ୍ରୀ ରବି ନାୟକ ଏହିଭଳି ଏକ ହାଲୁକା ପ୍ରତିକ୍ରିୟା ରଖି ସ୍ଥାନୀୟ ନେତାଙ୍କୁ ତେରଛା ବାଣ ମାରିଛନ୍ତି। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ସାମ୍ବାଦିକ ସମ୍ମିଳନୀରେ ଖନେଇଲେ ମନ୍ତ୍ରୀ

● କୌଣସି ଗୋଟିଏ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରିଲେନି ରବିନାରାୟଣ ନାୟକ

ବଲାଙ୍ଗିର, ୨୬ ।୨(ସମିସ): କିଛି ଦିନ ପୂର୍ବରୁ ରାଜ୍ୟ ସରକାରଙ୍କ ବଜେଟ ଉପସ୍ଥାପନ କରାଯାଇଛି। ତେବେ ଏହି ବଜେଟକୁ ନେଇ ବଲାଙ୍ଗିର ସାମ୍ବାଦିକ ଭବନରେ ଗୁରୁବାର ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ବଜେଟ ରାଜ୍ୟବାସୀଙ୍କ ପାଇଁ ଏକ ଲୋକାଭିମୁଖୀ ବଜେଟ ବୋଲି ସେ କହିଛନ୍ତି। ଏଥିରେ ସାଧାରଣ ବର୍ଗ ଲୋକଙ୍କଠାରୁ ଆରମ୍ଭ କରି ଛାତ୍ର, ଚାଷୀ, ମହିଳାମାନଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ବଜେଟରେ ବଲାଙ୍ଗିର ଜିଲ୍ଲାରେ ଦାଦନ ସମସ୍ୟାର ସମାଧାନ କରିବା ପାଇଁ 'ଡାଲଖାଇ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା କହିଥିଲେ। ସେହିପରି ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏକ ଇଞ୍ଜିନିୟରିଂ କଲେଜ ମଧ୍ୟ ଆରମ୍ଭ କରିବା ପାଇଁ ଘୋଷଣା କରାଯାଇଛି। ଏହା ଜିଲ୍ଲାର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ। ସେହିପରି ଭିବିଜିରାମ ଜି ଯୋଜନାକୁ ସୁଦୃଢ କରିବା ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟକାରୀ କରିବା ଦିଗରେ ମଧ୍ୟ ତତ୍ପରତା ପ୍ରକାଶ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଦୃଢ କରିବା ଦିଗରେ ଏହି ବଜେଟରେ ବ୍ୟବସ୍ଥା କରାଯାଇଛି। ଏହା ଏକ ଲୋକାଭିମୁଖୀ ବଜେଟ ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତ। ତେବେ ରାଜ୍ୟ ବଜେଟକୁ ନେଇ ଦିଆଯାଇଥିବା ପ୍ରେସ ବିବୃତ୍ତିକୁ ମନ୍ତ୍ରୀ ପଢ଼ିଦେଇ ସାମ୍ବାଦିକ ସମ୍ମିଳନୀ ସାରିଦେଇଥିଲେ। ଜିଲ୍ଲାର ବିଭିନ୍ନ ସମସ୍ୟା, ପ୍ରସଙ୍ଗ ଉପରେ ମନ୍ତ୍ରୀଙ୍କୁ ପ୍ରଶ୍ନ କରିବାରୁ ସେ କୌଣସି ବି ଗୋଟିଏ ସନ୍ତୋଷଜନକ ଉତ୍ତର ରଖି ନ ଥିଲେ। ପ୍ରସଙ୍ଗ ଏଡାଇବା ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା, ଯୋଜନାର କଥା କହି ଏଡାଇ ଯାଉଥିବା ଦେଖିବାକୁ ମିଳିଥିଲା। ଏପରିକି ଜିଲ୍ଲାର ନୋଡାଲ ମନ୍ତ୍ରୀ ଭାବେ ମଧ୍ୟ ଜିଲ୍ଲା ବିକାଶ ପାଇଁ ତାଙ୍କର ରୋଡ୍ ମ୍ୟାପ କ'ଣ ରହିଛି ସେ ନେଇ ପଚାରିବାରୁ ମଧ୍ୟ ସନ୍ତୋଷଜନକ ଉତ୍ତର ରଖିପାରି ନ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ସହ ଜିଲ୍ଲା ବିଜେପି ସଭାପତି ଶ୍ରୀବସ୍ତ ବେହେରା, ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ନବଜାତ ଶିଶୁର ଶବ ସତ୍କାର କଲା ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ

ବଲାଙ୍ଗିର, ୨୬ ।୨(ସମିସ) : ବଲାଙ୍ଗିର ପୁଡାପାଲି ନିବୃତ୍ତି ଯୋର ପୋଲ ତଳୁ ଦୁଇ ଦିନ ତଳେ ଉଦ୍ଧାର ହୋଇଥିବା ଏକ ମୃତ ନବଜାତ ଶିଶୁ କନ୍ୟାର ସତ୍କାର କରାଯାଇଛି। ୭୨ ଘଣ୍ଟା ପରେ କେହିଁ ଆତ୍ମୀୟ ନ ଆସିବାରୁ ପୁଇଁତଳା ପୁଲିସ ଶେଷକୃତ୍ୟ ପାଇଁ ବିଙ୍ଗ ହ୍ୟୁମ୍ୟାନକୁ ହସ୍ତାନ୍ତର କରିଥିଲା। ଅନୁଷ୍ଠାନ ତରଫରୁ ଗାତ ଖୋଲି ମୃତ ନବଜାତ ଶିଶୁର ଶବକୁ ସସମ୍ମାନେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅନୁଷ୍ଠାନର ଅରୁଣ ନାଏକ, ଖଗେଶ୍ୱର ପଧାନ, ମୁକେଶ ପ୍ରଧାନ, ବୁଲୁ ମହାକୁର, ବିଶ୍ୱଜିତ ପଟେଲ ପ୍ରମୁଖ ସାମିଲ ଥିଲେ।

## ଡାକ୍ତରଖାନା ଡ୍ରେନ୍‌ରୁ ଅଜଣା ମୃତଦେହ ଉଦ୍ଧାର

ବଲାଙ୍ଗିର, ୨୬ ।୨(ସମିସ): ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରିସରରେ ଥିବା ଏକ ଡ୍ରେନରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଗୁରୁବାର ସକାଳୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁ ସମ୍ମୁଖରେ ଥିବା ଡ୍ରେନ୍‌ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ପୁଲିସ ଛାନଭିନ ଚଳାଇଛି। ଡ୍ରେନରେ ମୃତଦେହ ପଡ଼ିଥିବା ନେଇ ଚିକିତ୍ସାଳୟ ପକ୍ଷରୁ ଖବର ଦେବା ପରେ ପୁଲିସ ପହଞ୍ଚି ଶବ ଉଦ୍ଧାର କରିବା ସହ ଭୀମଭୋଇ ମେଡିକାଲ କଲେଜ ବ୍ୟବଚ୍ଛେଦ ଗୃହକୁ ପଠାଇଥିଲା।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

ବଲାଙ୍ଗିର, ୨୬ ।୨(ସମିସ): ସାହାଜବାହାଲ ଜଗନ୍ନାଥ କଲେଜରେ ଗତ ୧୦ ତାରିଖରୁ ଚାଲିଥିବା ଆତ୍ମ ସୁରକ୍ଷା କୌଶଳ ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଶାନ୍ତନୁ ପାତ୍ର, ମାଷ୍ଟର ଟ୍ରେନର ପୂଜା ମହାନନ୍ଦ ଓ ସଙ୍ଗୀତା ଘିଭେଲାଙ୍କ ସହ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ପ୍ରମୋଦ ବରାଡ ଧନ୍ୟବାଦ ଜ୍ଞାପନ କରିଥିଲେ।

## ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ଦେଓଗାଁ, ୨୬।୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ହାତୀସରା ପଞ୍ଚାୟତ ମୁଖ୍ୟାଳୟରେ ୨୪ ପ୍ରହର ନାମଯଜ୍ଞ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ବନ୍ଧରୁ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ମଣ୍ଡପଠାରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଶୁକ୍ରବାର ସକାଳ ୯ଟାରେ ନାମ ଆରମ୍ଭ କରାଯିବ। ଅମିତାଭ ପୁଟେଲ ଓ ତାଙ୍କ ପତ୍ନୀ କୁନ୍ତୀ ପୁଟେଲ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜକ ଭାବେ ସୁଦର୍ଶନ କର ଦାୟିତ୍ୱ ତୁଲାଉଛନ୍ତି।

● ଅଧାପନ୍ତରିଆ କାମ ପାଇଁ ପାଠପଢ଼ା ବନ୍ଦ

## ପଞ୍ଚାୟତ ଅଫିସରେ ପ୍ରତିବାଦ

ବେଲପଡ଼ା, ୨୬ ।୨(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର କପାଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଠିକାଦାରଙ୍କ ଅଧାପନ୍ତରିଆ କାମ ଏବଂ ଆବଶ୍ୟକ ଗୃହ ନ ଥିବା ଯୋଗୁଁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାଫଳରେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ବସି ଅଭିନବ ପ୍ରତିବାଦ କରିଛନ୍ତି। ତେବେ ଏନେଇ ପୂର୍ବରୁ ଠିକାଦାରଙ୍କୁ ବାରମ୍ବାର କହିଲା ପରେ ମଧ୍ୟ ମରାମତି କରାଯାଉ ନ ଥିବାରୁ ଶେଷରେ ପିଲାମାନେ ପଞ୍ଚାୟତ କାର୍ଯ୍ୟାଳୟରେ ପାଠ



ପଢୁଥିବା ଅଭିଯୋଗ କରିଛନ୍ତି। ଆଉ କିଛି ଦିନ ପରେ ପରୀକ୍ଷା ଥିବାରୁ ତୁରନ୍ତ ମରାମତି କରିବାକୁ ଅଭିଭାବକମାନେ କହିଛନ୍ତି।

## ମାଲପଡ଼ା ନାଗରିକ କମିଟିର ବୈଠକ

ବଲାଙ୍ଗିର, ୨୬ ।୨(ସମିସ): ମାଲପଡ଼ା ନାଗରିକ କମିଟିର ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଗୋପବନ୍ଧୁ



ପୁରୋହିତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ପଡ଼ାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ସଭାପତି ପ୍ରଭାକର ମିଶ୍ର, ଉପ-ସଭାପତି ଭାବେ ନିତ୍ୟାନନ୍ଦ ମିଶ୍ର, କୋଷାଧ୍ୟକ୍ଷ ଭାବେ ତ୍ରିନାଥ ସାହୁ, କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଫେସର ତରୁଣ ମିଶ୍ର, ପ୍ରଦୀପ ସାହୁ, ପ୍ରକାଶ ନେପାକ, ଚନ୍ଦ୍ରମଣି ଭାଟି, ମୋତିଲାଲ ସାହୁଙ୍କୁ ପ୍ରଭାକର ମିଶ୍ର ଓ ପଡ଼ାର କାଉନସିଲର ମହେନ୍ଦ୍ର ବାଗ ସମ୍ବର୍ଦ୍ଧିତ କରିଥିଲେ। କମିଟି ସମ୍ପାଦକ ପଞ୍ଚାନନ ସେଠ, କୋଷାଧ୍ୟକ୍ଷ ଦିବାକର ହୋତା, ବରିଷ୍ଠ ସଭ୍ୟ ଆକୁଳ ବେହେରା, ବିମଳ ଚକ୍ରବର୍ତ୍ତି, ଦେବଜିତ ଯୋଷୀ, ଅମୀୟ ମିଶ୍ର, ଗଣେଶ ବେହେରା, ସୂର୍ଯ୍ୟଭାନୁ ମିଶ୍ର, ପ୍ରଦୀପ ନେପାକ, ସନ୍ତୋଷ ଅଗ୍ରୱାଲା, ସୁରେଶ ଚନ୍ଦ୍ର ପାତ୍ର, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଶୋକ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ କେନ୍ଦ୍ର ମନ୍ତ୍ରୀ ଏବଂ ସାଂସଦଙ୍କ ବିରୋଧରେ ମାମଲା ଦାୟର ପାଇଁ ଦାବି

ପାଟଣାଗଡ଼, ୨୬ ।୨(ସମିସ): ରାହୁଲ ଗାନ୍ଧୀଙ୍କ ବିରୋଧରେ କେନ୍ଦ୍ର ମନ୍ତ୍ରୀ କିରନ ରିଜିଜୁ, ହରଦୀପ ସିଂ ପୁରୀ ଏବଂ ଜଣେ ସାଂସଦଙ୍କ କଟୁ ମନ୍ତବ୍ୟକୁ ନେଇ ସାରା ଦେଶରେ କଂଗ୍ରେସ ଦଳ ତରଫରୁ ବିଭିନ୍ନ ଥାନା ଗୁଡିକରେ ମାମଲା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବଲାଙ୍ଗୀର ଜିଲ୍ଲା କଂଗ୍ରେସ ସଭାପତି ଅନୀଲ ମେହେରଙ୍କ ନେତୃତ୍ୱରେ କର୍ମୀମାନଙ୍କ ଉପସ୍ଥିତିରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ମାଧ୍ୟମରେ ବଲାଙ୍ଗୀର ଏସପିଙ୍କ ଉଦ୍ଦେଶ୍ୟରେ ଦୁଇ କେନ୍ଦ୍ରମନ୍ତ୍ରୀ ଓ ଜଣେ ସାଂସଦଙ୍କ ନାମରେ ମାମଲା ଦାୟର କରିବା ପାଇଁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଦାଖଲ ସମୟରେ ଜିଲ୍ଲା କଂଗ୍ରେସ ଉପ ସଭାପତି ଅଜିତ ପୁରୋହିତ, ଜନ୍ମେଜୟ ସାହୁ, ପାଟଣାଗଡ଼ ବ୍ଲକ ସଭାପତି ସାଧୁଚରଣ



ମେହେର, ନଗର ସଭାପତି ବିଦ୍ୟାଧର ମେହେର, ଖପ୍ରାଖୋଲ ବ୍ଲକ ସଭାପତି ଦେବରାଜ ପଧାନ, ବରିଷ୍ଠ ସଦସ୍ୟ ବନମାଳି ମେହେର, ବସୁଦେବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ

ସମ୍ବଲପୁର, ୨୬।୨ (ସମିସ): ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ମଲ୍ଲିକା ହରିପାଲଙ୍କ ଗୁରୁବାର ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଗତକାଲି ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ଣରେ ତାଙ୍କ ମୃତ୍ୟୁ ଘଟିଥିଲା।



## ମନ୍ଦିର ପାଇଁ ସର୍ବସ୍ୱ ଦେଇଦେଲେ ଗଙ୍ଗାବାଲି

ତରଭା, ୨୬ ।୨(ସମିସ): ତରଭା ୨ ନମ୍ବର ୱାର୍ଡ ଅବିବାହିତା ମହିଳା ଗଙ୍ଗାବାଲି ଏବେ ଚର୍ଚ୍ଚାରେ। କେବଳ ଚର୍ଚ୍ଚାରେ ନୁହେଁ; ବରଂ ସ୍ଥାନୀୟ ଅଞ୍ଚଳରେ ସେ ଏବେ ପ୍ରଶଂସାର ପାତ୍ର ହୋଇଛନ୍ତି। ତରଭା କୁମ୍ଭାରପଡ଼ାରେ ଏକ ଶନିଶ୍ଚର ମନ୍ଦିର ନିର୍ମାଣ ହୋଇଛି। ଏଥିପାଇଁ ସେ ନିଜର ୫ ଡିସିମିଲ ଜମି ଦାନ କରିଛନ୍ତି। ଏହା ସହ ସେ ନିଜର ସୁନା ଗହଣା ବିକ୍ରି କରିଦେଇଛନ୍ତି। ୩ ବର୍ଷ ତଳେ ଗଙ୍ଗାବାଲି ୫ ଡିସିମିଲ ଜମି କିଣିଥିଲେ। ଏଥିରେ ସେ ଶନିଶ୍ଚର ମନ୍ଦିର ନିର୍ମାଣ କରାଇବାକୁ ନିଷ୍ପତ୍ତି ନେଇଥିଲେ। ସେ ତାଙ୍କର ନିଷ୍ପତ୍ତି ସମ୍ବନ୍ଧରେ କୁମ୍ଭାରପଡ଼ା ବାସିନ୍ଦାଙ୍କୁ ଜଣାଇଥିଲେ। ଏହାପରେ ସମସ୍ତେ ତାଙ୍କ ପ୍ରଶଂସା କରିବା ସହ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିର ନିର୍ମାଣ ପାଇଁ ପଡ଼ାବାସିନ୍ଦାଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଗଙ୍ଗାବାଲି ତାଙ୍କ ନିକଟରେ ଥିବା ସମସ୍ତ ସୁନା ଅଳଙ୍କାର ବିକ୍ରି କରିଦେଇଥିଲେ। ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ



ଏହି ମନ୍ଦିର ନିର୍ମାଣ ହୋଇଛି। ଅନ୍ୟପକ୍ଷେ ସେ ତାଙ୍କ ଘରକୁ ମଧ୍ୟ ମନ୍ଦିରକୁ ଦାନ କରିଦେବେ। ଏହି ଘରର ଭଡା ଟଙ୍କାରେ ମନ୍ଦିରର ଅନ୍ନଭୋଗ ଲାଗିହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଗୁରୁବାର ମନ୍ଦିରର ରତ୍ନମୁଦ ଉତ୍ସବ ସମ୍ପନ୍ନ ହୋଇଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ରବିବାର ସମାପନ ହେବ। ବୁଧବାର ଦୀକ୍ଷା ଗ୍ରହଣ, ଅଙ୍କୁର ରୋପଣ, ଅଧିବାସ ଓ କଳସ ଶୋଭାଯାତ୍ରା ସମ୍ପନ୍ନ ହୋଇଥିଲା। ଶହ ଶହ ମହିଳା ଏକ ଶୋଭାଯାତ୍ରାରେ ନିକଟସ୍ଥ ବଡବନ୍ଧରୁ ପୂର୍ଣ୍ଣ କଳସ ଆଣି ପୂଜାସ୍ଥଳିରେ ସ୍ଥାପନ କରିଥିଲେ। ଗୁରୁବାର ରତ୍ନମୁଦ ଉତ୍ସବରେ ଶଙ୍କର ନାଏକ ଓ ଲିଲି ନାଏକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବ୍ରହ୍ମପୁରରୁ ଆସିଥିବା ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ସୀତାରାମ ଦାସ, ରଜନୀକାନ୍ତ ଦାସ, ବିଥଲ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ମହାସ୍ନାନ, ଶୟନ, ପିଣ୍ଡିକା ନ୍ୟାସ, ନାମାରମ୍ଭ ଆଦି କାର୍ଯ୍ୟକ୍ରମ ରହିଛି। ଶନିବାର ନାମଯଜ୍ଞ, ଦେବତା ଉତ୍ଥାପନ, ମହାନ୍ୟାସ ହେବ। ରବିବାର ନାମଯଜ୍ଞ ସମାପନ, ଦଧିଭାଣ୍ଡ ଭଞ୍ଜନ, ନଗର ପରିକ୍ରମା ଓ ବିଗ୍ରହଙ୍କ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ସମ୍ପନ୍ନ ହେବ। ଏଥିରେ ପୂଜକ ଭାବେ ପ୍ରମୋଦ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି।

ବଲାଙ୍ଗିର ଜିଲ୍ଲା ପରିଷଦ ବୈଠକ

# ପରସ୍ପର ଭିତରେ ସମନ୍ୱୟ ରଖି କାମ କରିବାକୁ ପରାମର୍ଶ

ବଲାଙ୍ଗିର, ୨୬ ।୨(ସମିସ)

ବଲାଙ୍ଗିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଏକାଦଶ ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଦେବକୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର, ଉପାଧକ୍ଷ୍ୟା ମିଥିଳା ମାଝି, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କ ସମେତ ଜିଲ୍ଲାପରିଷଦର ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷ୍ୟା, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ସାହୁ ବୈଠକରେ ସମସ୍ତଙ୍କୁ ସ୍ୱାଗତ କରି ଉନ୍ନୟନ ଓ ଲୋକାଭିମୁଖୀ ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ସମନ୍ୱୟରେ କାମ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଅଞ୍ଚଳର ଜନସାଧାରଣଙ୍କ




ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରାଥମିକ ଓ ଗଣଶିକ୍ଷା ବିଭାଗ ସମ୍ପର୍କରେ ଖାଲି ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ପୂରଣ, ଶିକ୍ଷକ ସ୍ଥିତି ଓ ବିଦ୍ୟାଳୟର ଭିତ୍ତିଭୂମି ଉପରେ ଆଲୋଚନା ହୋଇଥିଲା। ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ଓ ସହାୟତା ପ୍ରଦାନ ସହିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ମନୋନିବେଶ କରାଯାଇଥିଲା। କୃଷି ବିଭାଗ ଦ୍ୱାରା ଚଳିତ ରବି ଚାଷ ସମ୍ପର୍କିତ ବ୍ୟବସ୍ଥା ଓ ସମସ୍ୟା, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ପାଇପ ଜଳ ପ୍ରକଳ୍ପର ଅଗ୍ରଗତି, ଅଚଳ ନଳକୂପ ମରାମତି ଓ ନୂତନ ନଳକୂପ ଖୋଳନ ଉପରେ ବିଶେଷ ଆଲୋଚନା ହୋଇଥିଲା। ଅଙ୍ଗନବାଡି ଗୃହ ନିର୍ମାଣ ସମ୍ପର୍କରେ ସମ୍ପୂର୍ଣ୍ଣ ହୋଇଥିବା ଗୃହକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଓ ଅସମ୍ପୂର୍ଣ୍ଣ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଶିକ୍ଷକ ସ୍ଥିତି, ଛାତ୍ରାବାସ ପରିଚାଳନା ଓ ନୂତନ ଛାତ୍ରାବାସ ଅଗ୍ରଗତି ଉପରେ ମନୋନିବେଶ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କରେ ସିଏଚସି ଓ ପିଏଚସିରେ ନୂତନ କୋଠା ନିର୍ମାଣ, ଡାକ୍ତରଙ୍କ ସ୍ଥିତି ଓ ଚିକିତ୍ସା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏହା ସହ ଉଠା ଜଳ ସେଚନ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ନିର୍ମିତ ରାସ୍ତା ଓ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦ ବୈଠକ ଉପଯୁକ୍ତ ସମୟରେ ଅନୁଷ୍ଠିତ ହେବା, ଜିଲ୍ଲା ପରିଷଦର ବିଭିନ୍ନ ସବ୍‌କମିଟି ଗୁଡିକର ବୈଠକ ନିୟମିତ ବ୍ୟବଧାନରେ ଆୟୋଜନ କରିବା ସହ ଜିଲ୍ଲା ପରିଷଦର ସଭ୍ୟ, ସଭ୍ୟା, ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥାପନ କରିଥିଲେ।

## ଦୁର୍ଘଟଣାରେ ଶଳା, ଭିଣୋଇଙ୍କ ମୃତ୍ୟୁ

● ଭଣଜା ଗୁରୁତର

କଣ୍ଟାବାଞ୍ଜି/ତୁରେକେଲା, ୨୬ ।୨(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ବୁଡିବାହାଳ ବୁଲାଣୀରେ ଦୁର୍ଘଟଣା ଘଟି ୨ ଜଣଙ୍କ ଜୀବନ ଯାଇଛି। ଦୁଇ ମୃତକ ହେଲେ ହରେଶ ମାଝି ଏବଂ ତାଙ୍କ ଭିଣୋଇ ବେଦ ପୂଝାରୀ। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଡୁମେରଟୁଆଁରେ ଉଭୟଙ୍କ ଘର। ଅନ୍ୟପକ୍ଷେ ଭଣଜା କୃଷ୍ଣ ପୂଝାରୀ (୧୨) ମଧ୍ୟ ଗୁରୁତର ହୋଇଛି। ତିନିହେଁ ଜଣ ବାଇକ୍ ଯୋଗେ ଲାଠୋର ଥାନା ବାଗଡ଼ିଆର ବେଦ ପୂଝାରୀଙ୍କ କାକାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବାକୁ ଯାଇଥିଲେ। ବୁଧବାର ରାତିରେ ଫେରୁଥିଲେ; ହେଲେ ରାତିରେ ଘର ପହଞ୍ଚି ନ ଥିଲେ। ଏନେଇ ପରିବାର ଲୋକେ ଫୋନ୍ କଲେ ମଧ୍ୟ ଫୋନ୍ ଲାଗି ନ ଥିଲା। ଅନେକ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ୩ ଜଣ ଯାକ ରାସ୍ତାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତୁରେକେଲା ପୁଲିସକୁ ଖବର ଦେଇଥିଲେ। ହରେଶ ଓ ବେଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ନାବାଳକଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେତୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁଇ ମୃତଦେହ ଉଦ୍ଧାର କରି ପୁଲିସ କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଥିଲା। ପରେ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

● ରାସ୍ତା ଉପରେ ଗୃହ ନିର୍ମାଣକୁ ବିରୋଧ

# କାର୍ଯ୍ୟ ବନ୍ଦନେଇ ରାଜସ୍ୱ ନିରୀକ୍ଷକଙ୍କ ପ୍ରତିଶ୍ରୁତି

ବଣାଇଁ, ୨୬।୨(ସମିସ): ବଣାଇଁ ସହର ଏସ୍‌ଡିଜେଏମଙ୍କ ଆବାସିକ ଘର ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରାଯାଇ ନୂତନ ଗୃହ ନିର୍ମାଣ ପାଇଁ ଗାର ଦିଆଯାଇଛି। ଏଭଳି କାର୍ଯ୍ୟ ଦେଖି ଅଞ୍ଚଳର ବୁଦ୍ଧିଜୀବୀ ସ୍ଥାନରେ ଗୃହ ନିର୍ମାଣ କରିପାରନ୍ତି, କିନ୍ତୁ ସାଧାରଣ ଜନତାଙ୍କ ବ୍ୟବହୃତ ରାସ୍ତାକୁ ଅବରୋଧ କରି ଗୃହନିର୍ମାଣକୁ ତୁରନ୍ତ ବନ୍ଦ କରିବା ଦରକାର ବୋଲି ମତ ଦେଇଛନ୍ତି। ଏ ସଂକ୍ରାନ୍ତରେ ବଣାଇଁ ରାଜସ୍ୱ ନିରୀକ୍ଷକ ମଙ୍ଗଳ ଯୋଯୋଙ୍କୁ



ଓ ଜନସାଧାରଣ ଘୋର ନିନ୍ଦା କରିବା ସହ ବିରୋଧ କରିଛନ୍ତି। ଏହି ରାସ୍ତାଦେଇ ଅଧିକାଂଶ ଛାତ୍ରଛାତ୍ରୀ ବଣାଇଁଗଡ଼ ମହାବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଆଜିକୁ ଶହେ ବର୍ଷ ପୂର୍ବରୁ ଲୋକେ ଏହି ରାସ୍ତା ଦେଇ ଚଳପ୍ରଚଳ କରୁଥିବା ବେଳେ ଏହାକୁ ବନ୍ଦ କରିବା ଜନବିରୋଧୀ କାର୍ଯ୍ୟ ବୋଲି ବଣାଇଁର ଜନସାଧାରଣ କହିଛନ୍ତି। ସରକାର ଚାହିଁଲେ ଯେ କୌଣସି ସରକାରୀ ପଚାରିବାରୁ ସେ ରାସ୍ତା ଥିବା କଥା ସ୍ୱୀକାର କରି ପୂର୍ତ୍ତ ବିଭାଗର ଗୃହ ନିର୍ମାଣ ପାଇଁ ଚିହ୍ନଟ କରିଥିବା କହିଛନ୍ତି। ବିରୋଧକୁ ସେ ସମ୍ମାନ ଜଣାଇ କାମ ବନ୍ଦ କରିବା ସହ ତହସିଲଦାରଙ୍କ ସହ ଆଲୋଚନା ପରେ ପ୍ରତିକାର ଜନିତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଜନସାଧାରଣଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ତହସିଲଦାର ପଦକ୍ଷେପ ନେବାକୁ ଲୋକେ ଦାବି କରିଛନ୍ତି।

ଆରଏସ୍‌ପି ଦ୍ୱାରା ନାଟକ ସନ୍ଧ୍ୟା

# ହିନ୍ଦୀ ନାଟକ ଓ ଓଡ଼ିଆ ଗୀତିନାଟ୍ୟ ମଞ୍ଚସ୍ଥ





ରାଉରକେଲା, ୨୬।୨(ସମିସ)

ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀମାନଙ୍କ ଦ୍ୱାରା ଏକ ବ୍ୟଙ୍ଗାତ୍ମକ ହିନ୍ଦୀ ନାଟକ ଏବଂ ଏକ ଭାବପ୍ରବଣତା ସମ୍ପନ୍ନ ଓଡ଼ିଆ ଗୀତି ନାଟ୍ୟ ମଞ୍ଚସ୍ଥ କରାଯାଇଥିଲା। ଏହି ସମାରୋହରେ ଏଚ୍‌ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ ଏହି ଅବସରରେ ଉପସ୍ଥିତ ଥିଲେ। ନାଟକଟି ଏକ ଉତ୍ସାହଜନକ ସାମାଜିକ ପ୍ରାସଙ୍ଗିକ ଓଡ଼ିଆ ଗୀତି ନାଟ୍ୟ 'ପେଟେଣ୍ଟ ମେଡିସିନ୍' ସହିତ ଆରମ୍ଭ ହୋଇଥିଲା ଯାହାର ମୂଳରଚନା ବ୍ୟାସକବି ଫକିରମୋହନ ସେନାପତିଙ୍କ ରହିଥିବାବେଳେ ଏହାର ନାଟ୍ୟକାର ଗୋପାଳ ଛୋଟରାୟ ଏବଂ ଏହାକୁ ସଙ୍ଗୀତ ରୂପରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ସଜାଇଥିଲେ। ଏସ୍‌ଏମ୍‌ଏସ୍ - ୨ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଭାକର ପାତ୍ର, ଏବଂ ସିପି - ୨ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଏହାର ନିର୍ଦ୍ଦେଶନା ଦେଇଥିଲା। ମଦ ନିଶା ଏବଂ ପାରିବାରିକ ଜୀବନ ଉପରେ ଏହାର ପ୍ରଭାବକୁ ଏହି ନାଟକରେ ହାସ୍ୟରସ ଏବଂ ସଙ୍ଗୀତରେ ଉପସ୍ଥାପିତ ହୋଇଥିଲା। ପରେ ପରେ 'ଦେଢ ଟାଙ୍ଗ କି ମୁର୍ଗି' ନାମକ ଏକ ହିନ୍ଦୀ ବ୍ୟଙ୍ଗ ନାଟକ ପରିବେଷିତ ହୋଇଥିଲା ଯେଉଁଠାରେ ଦେଢ଼ ଗୋଡ ବିଶିଷ୍ଟ କୁକୁଡ଼ା ପ୍ରତୀକାତ୍ମକ ଭାବରେ ଏକ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାରେ ଫସି ରହିଥିବା ଅସହାୟ ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରିଥିଲା। ଉଭୟ ନାଟକ କାହାଣୀ, ଇତିହାସ, ସଂଳାପ ଏବଂ ନିର୍ଦ୍ଦେଶନା ଦୃଷ୍ଟିରୁ ଉତ୍କୃଷ୍ଟ ଥିଲା ଏବଂ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ସେମାନଙ୍କ ଆସନରେ ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମରେ ଲୋକସମ୍ପର୍କ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଜୟଦେବ ମଜୁମଦାର ପରିଚାଳନା କରିଥିଲେ। ଲୋକସମ୍ପର୍କ ବିଭାଗର ଡେପୁଟି ମ୍ୟାନେଜର ସୁଜିତ ବେହେରା ଏବଂ ରାଜଭାଷା ବିଭାଗର ସେକ୍ସନ ଅଫିସର ଶିବାଶିଷ ପଟ୍ଟନାୟକ ଉପହାର ବିତରଣରେ ସହାୟତା କରିଥିଲେ। ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାରମୁଖ୍ୟ ଅର୍ଚ୍ଚନା ଶତପଥୀ ଏବଂ ପିଆର୍ ରାଜ ଭାଷା ବିଭାଗର ଏଜିଏମ ଲୋଲାଟି ଟପ୍ପୋଙ୍କ ମାର୍ଗଦର୍ଶନ ତଥା ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଥିଲା। ଓଡିଆ ନାଟକରେ ଅଭିନୟ କରିଥିବା କଳାକାର ମାନେ ହେଲେ ଏସଏମଏସ-୨ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଭାକର ପାତ୍ର (ନିର୍ଦ୍ଦେଶକ), ସିପି-୨ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ (ନିର୍ଦ୍ଦେଶକ), ପିଏମ ବିଭାଗର କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ଚନ୍ଦ୍ର ପରିଜା, ଏସଏମଏସ-୨ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାରା ମହାନ୍ତି, ପିଏମ ବିଭାଗର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ରାଉତ, ସିପି ୨ ବିଭାଗର କନିଷ୍ଠ ଯନ୍ତ୍ରୀ ଶୁଶାନ୍ତ କୁମାର ଦଳାଇ, ଏସ୍‌ଏମଏସ୍ ୨ ବିଭାଗର କନିଷ୍ଠଯନ୍ତ୍ରୀ ଅମୂଲ୍ୟ କୁମାର ବିସୋଇ, ଚିନ୍ମୟ କୁମାର ବେହେରା ଏବଂ ପିଙ୍କି ପ୍ରିୟଦର୍ଶିନୀ ସ୍ୱାଇଁ।

ସେହିଭଳି ହିନ୍ଦୀ ନାଟକର କଳାକାରମାନେ ହେଲେ ଏଫଏମଏମ ବିଭାଗର କନିଷ୍ଠ ଯନ୍ତ୍ରୀ ସରୋଜ ଚନ୍ଦ୍ର କବି, କ୍ଷୀରୋଦ କୁମାର ବାଡତ୍ୟା, ଏସ୍‌ପିପି ବିଭାଗର କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, କୋକ ଓଭେନ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ଦେ, ଏଚଆର ସିଏଲସି ବିଭାଗର ସେକ୍ସନ୍ ଅଫିସର ଲକ୍ଷ୍ମଣ ଚନ୍ଦ୍ର ମହନ୍ତ, ଏଫଏମ୍‌ଏମ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଗଜେନ୍ଦ୍ର ମୁର୍ମୁ, ଆରଏମଏଚପି ବିଭାଗର କନିଷ୍ଠ ଯନ୍ତ୍ରୀ ଅମିତ ରଣା, ଆରଏମଏଚପି ବିଭାଗର କନିଷ୍ଠ ଯନ୍ତ୍ରୀ ସନ୍ତୋଷ ସୋରେନ, ଏସ୍‌ଏମ୍‌ଏସ୍ ୨ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାସ ବସୁ, ଆରଏଣ୍ଡସି ଲ୍ୟାବ ବିଭାଗର ଜେଇଏ ବିଶ୍ୱପ୍ରିୟ ପଟ୍ଟାନାୟକ, ଆର ଆଣ୍ଡ ସି ବିଭାଗର ଜେଇଏ ସୁସ୍ମିତା ସୁନା, ଏଚଏସଏମ ୨ ବିଭାଗର ଜେଇଏ ଶ୍ୱେତା ଝା ଏବଂ ରୁବି କୁମାରୀ।

# 'ନିର୍ମଳ' ମାଧ୍ୟମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଉଛି ବେଦାନ୍ତ ଆଲୁମିନିୟମ

ରାଉରକେଲା, ୨୬।୨(ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ଜଳ, ପରିମଳ ଏବଂ ସ୍ୱଚ୍ଛତା ପଦକ୍ଷେପ ଭାବେ ପ୍ରକଳ୍ପ 'ନିର୍ମଳ' ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ପାନୀୟ ଜଳ ଯୋଗାଣ କରି ଆସୁଛି। ଗତ ଏପ୍ରିଲ ୨୦୨୫ରେ କାର୍ଯ୍ୟକ୍ଷମ ହୋଇଥିବା ୧୨ଟି ସୌର-ଚାଳିତ ନଳକୂପ ଏବଂ ୨୦ଟି ଜଳ ବିଶୋଧନ ବ୍ୟବସ୍ଥାକୁ ନେଇ ଗଠିତ ଭିତ୍ତିଭୂମି ଜାମଖାନୀ, ଘୋଘରପାଲ୍ଲୀ, କୁରାଲୋଇ, ମୁଣ୍ଡେଲଖେତ, ଗିରିସିମା, ବିଲିମୁଣ୍ଡା, ଛତାବର, ଗର୍ଜନଜୋର, ଗ୍ରିଣ୍ଡୋଲା, ପିପିଲିମାଳ, ବେଲପାହାଡରେ ଦୈନିକ ପ୍ରାୟ ୨.୪୬ ଲକ୍ଷ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛି। ଏହି ପ୍ରକଳ୍ପ ଦ୍ୱାରା ୨୩ ହଜାରରୁ ଅଧିକ ବାସିନ୍ଦା ଉପକୃତ ହେଉଛନ୍ତି। ଏହାସହ ଏହାର ୱାଶ ଆଭିମୁଖ୍ୟକୁ ସୁଦୃଢ଼ କରି, କମ୍ପାନୀ ୫୦ଟି ବିଦ୍ୟାଳୟରେ ଶୌଚାଳୟ ସ୍ଥାପନ କରିଛି ଏବଂ ୨୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ସ୍ୱଚ୍ଛତାରେ ଉନ୍ନତି ଆଣିଛି।



ଗ୍ରୀଷ୍ମ ଋତୁରେ ଅଞ୍ଚଳରେ ଜଳାଭାବ ଏକ ସାଧାରଣ ସମସ୍ୟା। ସାଧାରଣତଃ ଜଳର ମାନ ୧ ରୁ କମ୍ ଏନଟିୟୁ (ନେଫେଲୋମେଟ୍ରିକ୍ ଟର୍ବିଡିଟି ୟୁନିଟ୍) ଥିଲେ ତାହାକୁ ପାନୀୟ ଜଳ ଯୋଗ୍ୟ ବୋଲି ବିବେଚନା କରାଯାଏ। ମାତ୍ର 'ନିର୍ମଳ' ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଅନେକ ଜନବସତି ବ୍ୟବହାର କରୁଥିବା ଜଳ ଉତ୍ସର ମାନ ୬ରୁ ୧୨ ଏନଟିୟୁ ରହିଥିଲା। ଏବେ ନଳକୂପ ଶୁଦ୍ଧିକରଣ ସହିତ ଅନୁମତିପ୍ରାପ୍ତ ସୀମା ମଧ୍ୟରେ ଜଳର ମାନକୁ ବଜାୟ ରଖାଯାଇଛି। ଏହା ଘରୋଇ ଜଳ ସୁରକ୍ଷା ବୃଦ୍ଧି ଏବଂ ନିରାପଦ ବ୍ୟବହାରକୁ ସମର୍ଥନ କରୁଛି। ପ୍ରକଳ୍ପ 'ନିର୍ମଳ' ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ, ବିଶେଷ କରି ସ୍ୱଚ୍ଛ ଜଳ ଏବଂ ପରିମଳ ଉପରେ ଏସଡିଜି ୬, ସୁଲଭ ଏବଂ ସ୍ୱଚ୍ଛ ଶକ୍ତି ଉପରେ ଏସଡିଜି ୭ ଏବଂ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଉପରେ ଏସଡିଜି ୧୩ ସହିତ ସଂଶ୍ଳିଷ୍ଟ ପ୍ରାଥମିକତାକୁ ଆଗକୁ ବଢ଼ାଇବା ସହିତ ସହନଶୀଳ ଗ୍ରାମୀଣ ଭିତ୍ତିଭୂମିକୁ ମଜବୁତ କରିଥାଏ। ସ୍ଥିରତା ନୀତି ଉପରେ ପରିକଳ୍ପିତ ଏହି ପ୍ରକଳ୍ପ ସ୍ୱଚ୍ଛ ଶକ୍ତି ଏବଂ ପରିବେଶ ପରିଚାଳନା କ୍ଷେତ୍ରରେ ମଧ୍ୟ ଯୋଗଦାନ କରିଥାଏ। ସୌରଶକ୍ତି ଚାଳିତ ପମ୍ପିଂ ବ୍ୟବସ୍ଥା ସାମୂହିକ ଭାବେ ବାର୍ଷିକ ଆନୁମାନିକ ୩୯, ୪୨୦ କିଲୋୱାଟ୍ ଶକ୍ତି ସଞ୍ଚୟ କରିଥାଏ। ଯାହା ପାରମ୍ପରିକ ବିଦ୍ୟୁତ ଉପରେ ନିର୍ଭରଶୀଳତାକୁ ହ୍ରାସ କରିଥାଏ ଏବଂ ଫଳସ୍ୱରୂପ ପ୍ରତିବର୍ଷ ପାଖାପାଖି ୩୩.୫୦୭ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଥାଏ। ଏହି ପଦକ୍ଷେପ ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କହିଛନ୍ତି, ନିରାପଦ ପାନୀୟ ଜଳ ଏବଂ ପରିମଳ ସୁବିଧା ଜନସାଧାରଣଙ୍କ କଲ୍ୟାଣ ପାଇଁ ମୌଳିକ ଅଟେ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତି ଏବଂ ସାମାଜିକ ପ୍ରଭାବ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ।

# ଆରଏସ୍‌ପିର ୨୫ କର୍ମଚାରୀ 'ସେଲ୍ ସାବାସ୍' ଯୋଜନାରେ ପୁରସ୍କୃତ



ରାଉରକେଲା, ୨୬।୨(ସମିସ): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ ବିଭାଗର ସମ୍ମିଳନୀ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ଉତ୍ସବରେ ବିଭାଗର ୨୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ 'ସେଲ ସାବାସ୍' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଉତ୍ପାଦନ, ଗୁଣବତ୍ତା, ଯୋଜନା ଏବଂ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ ଏମ୍.ଜି. ଶ୍ରୀକାନ୍ତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଜେତାଙ୍କୁ ଯୋଜନାର ବର୍ଗ-୨ ଅଧୀନରେ ପ୍ରଶଂସା ପତ୍ର ଓ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ସେକ୍ସନ ମୁଖ୍ୟ ଏବଂ ମାନବ ସମ୍ବଳ ବିଭାଗର ପ୍ରତିନିଧିଙ୍କ ସମେତ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀକାନ୍ତ ସେମାନଙ୍କର ପ୍ରୟାସ, ନିଷ୍ଠା ଏବଂ ପ୍ରତିବଦ୍ଧତାର ଉଚ୍ଚ ପ୍ରଶଂସା କରିଥିଲେ। ସେ ସମସ୍ତ କର୍ମଚାରୀଙ୍କୁ ଅନୁରୂପ ଉତ୍ସାହ ଏବଂ ଦାୟିତ୍ୱବୋଧ ପ୍ରଦର୍ଶନ କରିବାକୁ ଏବଂ ବିଭାଗର ଉତ୍ପାଦନ, ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବାରେ ନେତୃତ୍ୱ ନେବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସଏମଏସ-୨ ର ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ନାୟକ ସଂଯୋଜନା କରିଥିଲେ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

କୁଆ, ୨୬।୨(ସମିସ): କୁଆ ବ୍ଲକ ଅଧୀନ ବୁଡାକଟା ଠାରେ ଥିବା ସ୍କାନଷ୍ଟିଲ କାରଖାନା ଠାରେ କୁଆ ସରକାରୀ ଡାକ୍ତରଖାନା ଆନୁକୂଲ୍ୟରେ ନିଶାଦ୍ରବ୍ୟ ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କାରଖାନା ନିର୍ଦ୍ଦେଶକ ଅଙ୍କୁର ମଦନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆ ସରକାରୀ ଡାକ୍ତରଖାନାର ଡ.ତପସ୍ୱିନି ସାହୁ, ପ୍ରମୋଦ ସ୍ୱାଇଁ ଓ ଭାଦୁଆ ଓରାମ ଯୋଗ ଦେଇଥିଲେ। କର୍ମଚାରୀମାନଙ୍କୁ ଗୁଟଖା, ସିଗାରେଟ୍, ମଦ ଓ ବିଭିନ୍ନ ପ୍ରକାର ତମାଖୁ ସାମଗ୍ରୀ ବ୍ୟବହାର ନ କରିବା ପାଇଁ ବୁଝାଇଥିଲେ। ଏସ୍କାନଷ୍ଟିଲ ଜେନେରାଲ ମ୍ୟାନେଜର ସୌରଭ ସେନ ଗୁପ୍ତା, ଦିପକ ଶର୍ମା, ଏଚଆର ମ୍ୟାନେଜର ପ୍ରଭୁରାମ ଦେ, ସେଫଟି ଅଫିସର ସରୋଜ ମହାକୁଲ, ଅଭୟ ସିଂ, ସୁବାସ ମଲ୍ଲିକ ଓ ସନ୍ତୋଷ ପାସୱାନ ପ୍ରମୁଖ ଉପସ୍ଥିତ ଥିଲେ।




# ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

ଲହୁଣିପଡ଼ା, ୨୬।୨(ସମିସ): ଜଣେ ନାବାଳିକା ଦୁଷ୍କର୍ମ ମାମଲାରେ ଫେରାର ଅଭିଯୁକ୍ତକୁ କେବଲାଙ୍ଗ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ରକ୍ସି ଗ୍ରାମର ଯୁବକ ବିଜୁ କିରେଇ (୨୩) ୨୦୨୧ ମସିହାରୁ ଫେରାର ହୋଇଥିଲା। ପୁଲିସ କୌଣସି ସୂତ୍ରରୁ ଖବର ପାଇ ରକ୍ସି ସ୍ଥିତ ଘରେ ଚଢ଼ଉ କରି କାବୁ କରିବାରେ ସଫଳ ହୋଇଥିଲା। ଏହାପରେ କେର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ସେକ୍ଟର-୬ ରାଧାକୃଷ୍ଣ ମନ୍ଦିରରେ ଫଗୁ ଦଶମୀ

ରାଉରକେଲା, ୨୬।୨(ସମିସ): ଗୁରୁବାର ସେକ୍ଟର-୬ 'ସି' ବ୍ଲକସ୍ଥିତ ଶ୍ରୀରାଧା କୃଷ୍ଣ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ୨୦୨୬ ର ଫଗୁଦଶମୀ ଠାରୁ ଦୋଳ ଯାତ୍ରା ନିମନ୍ତେ ଦଶମୀ ତିଥିରୁ ରାଧାକୃଷ୍ଣ ସୁସଜ୍ଜିତ ବିମାନରେ ବସି ରାଉରକେଲାର ବିଭିନ୍ନ ସେକ୍ଟର, କୋଇଲନଗର, ଛେଣ୍ଡ, ବାସନ୍ତୀକଲୋନୀ ଏରିଆରେ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ବିଜେ କରିବେ ବୋଲି ସୂଚନା ମିଳିଛି। ଏହି ଉତ୍ସବରେ ପରିଚାଳନା କମିଟିର ଦିଲ୍ଲୀପ କୁମାର ଦାସ, ପ୍ରଶାନ୍ତ ବାରିକ, ଉତ୍ତମ ସାହୁ, ଲୋକେସ ରାଉତ, ମନୋରଜନ ସାମଲ, ସରୋଜ ନାୟକ, ସୋମ୍ୟ ରାଉତ, ବିଭୁତିଭୂଷଣ ଜେନା, ପ୍ରସନ୍ନ ରଥ, ସୁବାସ ପତ୍ର, ତ୍ରିନାଥ ପ୍ରଧାନ, ଅଶୋକ ସ୍ୱାଇଁ, ରାମମୋହନ ନାୟକ, ରବିନାରାୟଣ ରାଉତ, ସୁବାସ ବେହେରା, ଦେବଦତ୍ତ ଜେନା, ମନୋଜ ମିରକପ, ଶୁଭେନ୍ଦୁ ଦାସ, ସଞ୍ଜୟ ନାୟକ, ସଞ୍ଜୟ ପରିଡ଼ା, ସତ୍ୟଜିତ ସ୍ୱାଇଁ, ତାପସ ବାରିକ, ଅନହଳି ନାୟକ ପ୍ରମୁଖ ନେତୃତ୍ୱ ନେବା ସହିତ ପଣ୍ଡିତ ଭାସ୍କର ଚଇନି ଠାକୁରଙ୍କର ପୂଜା ଅର୍ଚ୍ଚନା କରିବେ ବୋଲି ପରିଚାଳନା କମିଟି ତରଫରୁ ଦିଲ୍ଲୀପ କୁମାର ଦାସ ଜଣାଇଛନ୍ତି।



# ନରେନ୍ଦ୍ର ପୁରୁଣା ବାଲୁଘାଟ ଛକ-ଉପରପଡ଼ା ରାସ୍ତା ଅଧପନ୍ତରିଆ





ବଣାଇଁ, ୨୬।୨(ସମିସ)

ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ର ପୁରୁଣା ବାଲୁଘାଟ ଛକରୁ ଉପରପଡ଼ା ପର୍ଯ୍ୟନ୍ତ ହେବାକୁ ଥିବା ଗ୍ରେଡ ୨ ମେଟାଲ ରାସ୍ତା କାମ ଅଧପନ୍ତରିଆ ହୋଇ ପଡ଼ିରହିଛି। ମାତ୍ର ୧୦୦ ମିଟର ପାଖାପାଖି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବାକି ରାସ୍ତା କାମ ଆରମ୍ଭ ହୋଇ ନାହିଁ। ଏହି ରାସ୍ତା ନିର୍ମାଣ ନିମନ୍ତେ ୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗରୁ ମୋଟ ୪, ୨୩, ୭୯୨ ଟଙ୍କା ଅନୁମୋଦନ ହୋଇଥିଲା। ଏହା ମଧ୍ୟରେ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ବିଗତ ମାସକ ତଳେ କାର୍ଯ୍ୟ ଆରମ୍ଭ କରାଯାଇ ମାତ୍ର ୧୦୦ ମିଟର ରାସ୍ତା ନିର୍ମାଣ କରାଯାଇଛି। ମନ୍ଥର ଗତି ଓ ଅଧାରେ କାର୍ଯ୍ୟ ବନ୍ଦ ଯୋଗୁଁ ଜନ ସାଧାରଣ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକଦା ବଣାଇରୁ ଉପରପଡ଼ା ଦେଇ

## ୧୦୦ ମିଟର ପରେ ଅଟକିଛି ନିର୍ମାଣ କାର୍ଯ୍ୟ

ଏହି ପୁରୁଣା ରାସ୍ତାଟି ନରେନ୍ଦ୍ରକୁ ସଂଯୋଗ କରୁଥିଲା। ବର୍ତ୍ତମାନ ଉତ୍ତାଳି ନାଳରେ ପାଣି ଶୁଖି ଯିବା ପରେ ଅଧିକାଂଶ ବାଇକ୍ ଆରୋହୀ, ସାଇକେଲ ଆରୋହୀ ଓ ପଥଚାରୀମାନେ ଏହି ରାସ୍ତା ଦେଇ ନରେନ୍ଦ୍ର ଯିବାକୁ ପସନ୍ଦ କରିଥାନ୍ତି। ପୂର୍ବରୁ ରାସ୍ତାଟି ମାଟି ମୋରମ ରହିଥିଲେ ମଧ୍ୟ ଯାତାୟାତ ପାଇଁ ସୁଗମ ରହିଥିଲା। ଦୀର୍ଘ ଦିନ ହେବ ମରାମତି ଅଭାବରୁ ଏବେ ବୁଦୁ ବୁଦିଆ, ଅନାବନା ଲଟା ବୁଦା ହୋଇ ରାସ୍ତାକୁ ଅଧାରୁ ଅଧିକ ଢାଙ୍କି ଦେଇଛି। ମେଟାଲ ରାସ୍ତା ହେଲେ ଲୋକେ ସୁବିଧାରେ ଯିବା ଆସିବା କରିବାକୁ ଆଶା ରଖିଥିବାବେଳେ ରାସ୍ତା କାମ କେବେ ସମ୍ପୂର୍ଣ୍ଣ ହେବ ଲୋକେ ଚାହିଁଛନ୍ତି। ଅନ୍ୟପଟରେ ସୂଚନାଫଳକ ରହିଥିଲେ ମଧ୍ୟ କାର୍ଯ୍ୟ କେବେ ଆରମ୍ଭ ହୋଇଛି ଏବଂ କେବେ ସମ୍ପୂର୍ଣ୍ଣ ହେବ ଲେଖା ଯାଇନାହିଁ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଦାୟିତ୍ୱରେ ଥିବା ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର



ରାଉରକେଲା, ୨୬।୨(ସମିସ): ରାଜ୍ୟ ମହିଳା ଆୟୋଗଙ୍କ ସହାୟତା ଏବଂ ସୁନ୍ଦରଗଡ଼ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନଠାରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଆୟୋଗ ସଦସ୍ୟା ମୁକ୍ତା ସାହୁ, ପୂର୍ବତନ ସଦର ବିଧାୟିକା କୁସୁମ ଟେଟେ, ଲୋକସଭା ସାଂସଦଙ୍କ ପ୍ରତିନିଧି ସୁଦାମ ହୋତା, ସଦର ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଉପଆରକ୍ଷୀ ଅଧିକ୍ଷକ କାଦମ୍ବିନୀ ସାମଲ ଯୋଗ ଦେଇ ମହିଳାଙ୍କ ସୁରକ୍ଷା, ଅଧିକାର ଉପରେ ଆଲୋଚନା କରିବା ସହିତ କନ୍ୟା ଭ୍ରୁଣ ହତ୍ୟା ନିଷେଧ ଆଇନ, ବାଲ୍ୟବିବାହ ନିଷେଧ ଆଇନ, ଘରୋଇ ହିଂସା ନିଷେଧ ଆଇନ, ଯୌତୁକ ନିରୋଧ ଆଇନ ଆଦି ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଏହା ସହିତ ତୃଣମୂଳସ୍ତରରେ ଏହି ଆଇନଗୁଡ଼ିକ ଉପରେ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ସେହିଭଳି ନାରୀ ନିଜକୁ ଦୁର୍ବଳା ମନେ ନ କରି ସାହସର ସହ ନିଜ ଅଧିକାରକୁ ସାବ୍ୟସ୍ତ କରିବାକୁ ଆହ୍ୱାନ ମଧ୍ୟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଦର ବ୍ଲକର ସମସ୍ତ ପଞ୍ଚାୟତି ରାଜ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ସିଆରପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର, କଲେଜ ଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଦର ବ୍ଲକ ସୁରକ୍ଷା ଅଧିକାରୀ ସୁଶିଳା ରଥ ମଞ୍ଚ ପରିଚାଳନା କରିଥିଲେ। ସଦର ବ୍ଲକ ସିଡିପିଓ ସୁବାସୀ ମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଟକ ସିଟି



# ବେଆଇନ ହୋର୍ଡିଂ ଉପରେ ଚଢ଼ଉ

■ ସ୍ଥିତି ସମୀକ୍ଷା କଲେ ମେୟର ଓ କମିସନର



କଟକ,୨୬।୨(ସମିସ): କଟକ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ଲଗାଯାଇଥିବା ବଡ଼ ବଡ଼ ହୋର୍ଡିଂଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି କଟକ ମହାନଗର ନିଗମର ମାନ୍ୟବର ସୁବାସଚନ୍ଦ୍ର ସିଂହ ଏବଂ କମିସନର ସୁଶ୍ରୀ କିରଣଦୀପ କୌର ସହୋତା। ବାଦାମବାଡ଼ି, ଦୋଳମୁଣ୍ଡାଇ, ରାଣୀହାଟ, କଲେଜ ଛକ ଏବଂ ଲିଙ୍କ ରୋଡ୍ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳ ପରିଦର୍ଶନ କରି ଛାତ ଉପରେ ଏବଂ ରାସ୍ତା ପାର୍ଶ୍ୱରେ ଥିବା ଅସୁରକ୍ଷିତ ହୋର୍ଡିଂଗୁଡ଼ିକୁ ତୁରନ୍ତ ହଟାଇବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଆଗକୁ କାଳବୈଶାଖୀ ସମୟ ଆସୁଥିବାରୁ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି କଠୋର ପଦକ୍ଷେପ ନିଆଯାଇଛି। ସହରରେ ବର୍ତ୍ତମାନ ପାଖାପାଖି ୧୧୦୦ଟି ହୋର୍ଡିଂ ରହିଥିବା ବେଳେ ସେଥିମଧ୍ୟରୁ ଅନେକ ବିନା ଅନୁମତିରେ ଲଗାଯାଇଛି। ମେୟର ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି ଯେ, ନିଗମର ରାଜସ୍ୱ ବୃଦ୍ଧି ଅପେକ୍ଷା ଜନସାଧାରଣଙ୍କ ନିରାପତ୍ତା ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଗାମୀ କାଉନସିଲ୍ ବୈଠକରେ ଏକ ନୂତନ ନୀତିଗତ ପ୍ରସ୍ତାବ ଆଗତ କରାଯିବ। ଏହି ପରିଦର୍ଶନ ସମୟରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଲାଇସେନ୍ସ ବିଭାଗର ଉପଆୟୁକ୍ତ ସରୋଜ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ କର୍ପୋରେଟର ବେଆଇନ ହୋର୍ଡିଂଧାରୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି।

କଟକରେ ଅନଲାଇନ୍ ସାମଗ୍ରୀ କାରବାର ଠପ୍

# ସଙ୍କଟରେ ଦେଢ଼ ହଜାର ଡେଲିଭରି ବଏଙ୍କ ରୋଜଗାର

- କାମ କରୁନି ବ୍ଲିଙ୍କିଟ୍, ସ୍ୱିଗି, ଇନ୍‌ଷ୍ଟାମାର୍ଟ, ଜିପ୍‌ଟୋ, ଜିଓମାର୍ଟ ଓ ବିଗ୍ ବାସ୍କେଟ୍ ସେବା
- ଅର୍ଡର ପରେ ଠକୁଛନ୍ତି କମ୍ପାନୀ; ସାଧାରଣ କ୍ରେତା ହନ୍ତସନ୍ତ
- ଥାନାରେ ଉଭୟ ପକ୍ଷଙ୍କ ଏତଲା; ପୁଲିସ ସାଜିଛି ନିରବଦ୍ରଷ୍ଟା

କଟକ,୨୬।୨(ସମିସ):

କଟକ ସହରରେ ଗତ ୪ଦିନ ହେବ ଅନଲାଇନ୍ ଗ୍ରୋସରି ଓ ଡେଲିଭରି ସେବା ବନ୍ଦ ହୋଇଯାଇଛି। ଯାହାଫଳରେ ଏକ ବଡ଼ ଧରଣ ଆର୍ଥିକ କାରବାର ହୋଇ ପାରୁନାହିଁ। ଏହାଦ୍ୱାରା ସାଧାରଣ ଗ୍ରାହକ ଏବଂ ଡେଲିଭରି ବଏ କ୍ଷତିଗ୍ରସ୍ତ ହେଉଛନ୍ତି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବାରୁ ଏହି ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିବାକୁ ବସିଛି। ରାତି ପାହିଲା ଠାରୁ ରାତି ହେବା ପର୍ଯ୍ୟନ୍ତ ସହରୀ ଲୋକମାନେ ଅନଲାଇନ୍ ଡେଲିଭରି ଉପରେ ନିର୍ଭର କରନ୍ତି। ମୁଖ୍ୟତଃ ଖାଦ୍ୟ ପଦାର୍ଥ, ଗ୍ରୋସରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ଅନଲାଇନ୍ ମାଧ୍ୟମରେ ଅର୍ଡର କରି ଘର ସମ୍ମୁଖରେ ବିଭିନ୍ନ ସାମଗ୍ରୀ ପାଇପାରନ୍ତି। ଡେଲିଭରୀ ବଏ ଓ ଫ୍ରାଞ୍ଚାଇଜ୍ ସଂସ୍ଥା ମଧ୍ୟରେ ସମସ୍ୟା ଦେଖାଦେବାରୁ ଘଟଣା ଥାନାରେ ପହଞ୍ଚିଛି। ସହରରେ ବ୍ଲିଙ୍କିଟ୍, ସ୍ୱିଗି, ଇନ୍‌ଷ୍ଟାମାର୍ଟ, ଜିପ୍‌ଟୋ, ଜିଓମାର୍ଟ ଓ ବିଗ୍ ବାସ୍କେଟ୍ ସଂସ୍ଥା ଗୁଡ଼ିକ ଅନଲାଇନ୍ ଖାଦ୍ୟ ସାମଗ୍ରୀ, ଗ୍ରୋସରୀ ଓ ପରିବା ଅଳ୍ପ ସମୟ ମଧ୍ୟରେ ଯୋଗାଇ ଦିଅନ୍ତି। ଏହି ସେବା ଗୁଡ଼ିକ କଟକ ସହରରେ ସହଜରେ ଉପଲବ୍ଧ ହୋଇଥାଏ। ସଂସ୍ଥା ଗୁଡ଼ିକର ସୂଚନା ଅନୁସାରେ, ଏଠାରେ ଦେଢ଼ ହଜାରରୁ ଅଧିକ ଡେଲିଭରି ବଏ ଖାଦ୍ୟ ପଦାର୍ଥ, ଗ୍ରୋସରୀ, ପରିବା ଏବଂ ଫଳମୂଳ ଯୋଗାଣ କରନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କ ମନମାନୀ ଯୋଗୁଁ ଏହି ଦେଢ଼ ହଜାର ଡେଲିଭରି ବଏ ଜୀବିକା ହରାଇବା ଭଳି ସମ୍ଭାବନା ସୃଷ୍ଟି ହୋଇଛି। ଏଭଳି କ୍ଷେତ୍ରରେ ସାଧାରଣ ଗ୍ରାହକ କୌଣସି ସୂଚନା ପାଇନଥିବା ବେଳେ ଅନଲାଇନ୍ ଅର୍ଡର କରି ହଇରାଣ ହେଉଥିବା ନଜରକୁ ଆସୁଛି। ପ୍ରଥମେ ଅନଲାଇନ୍‌ରେ ଅର୍ଡର ପଞ୍ଜିକରଣ ହୋଇଯାଉଛି। ମାତ୍ର ଡେଲିଭରି ଆଦୌ ହେଉ ନାହିଁ। ଯାହାକୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସୂଚନା ଅନୁସାରେ, ବ୍ଲିଙ୍କିଟ୍ ଭଳି ସଂସ୍ଥା ଗୁଡ଼ିକ ମାତ୍ର ୧୦ରୁ ୨୦ମିନିଟ୍ ଭିତରେ ଫଳ, ପନିପରିବା, ଦୁଗ୍ଧ, ସ୍ନାକ୍ସ ଏବଂ ଦୈନନ୍ଦୀନ ଜୀବନରେ ବ୍ୟବହୃତ ଖାଦ୍ୟ ସାମଗ୍ରୀ ପହଞ୍ଚାଇ ଦିଅନ୍ତି। ସେହିଭଳି ସହରରେ ପ୍ରାୟ ୧୦ରୁ ଅଧିକ ଅନଲାଇନ୍ ଡେଲିଭରି ସେବା କାର୍ଯ୍ୟକ୍ଷମ ହେଉଥିଲା। ଏସବୁ ବନ୍ଦ ହୋଇଯିବା ପରେ ସମସ୍ୟା ସୃଷ୍ଟି ହୋଇଛି। ପ୍ରଥମେ ବ୍ଲିଙ୍କିଟ୍ ଡେଲିଭରି ସଂସ୍ଥାର ଡେଲିଭରି ବଏମାନେ ଆନ୍ଦୋଳନ ଆରମ୍ଭ କରିଥିଲେ। ସେମାନେ ଅଭିଯୋଗ କରଥିଲେ ଯେ,ଦିନକୁ ପ୍ରାୟ ୧୮ ଘଣ୍ଟା ଅନ୍‌ଲାଇନ ଡେଲିଭରି ଦେବା ପରେ ପ୍ରାୟ ୧ ହଜାର ଟଙ୍କା ଆୟ ହେଉଛି। ସେହି ଆୟରେ ଦୈନିକ ତେଲ, ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ସଂପୃକ୍ତ ରହିଛି। ଏହାପରେ ଦିନକୁ ଅତିବେଶୀରେ ୪ଶହ ଟଙ୍କା ବଳକା ରହୁଛି। ଏତିକି ଟଙ୍କାରେ ଚଳିବା କଷ୍ଟକର ହୋଇପଡୁଛି। ଏଣୁ ଡେଲିଭରି ବାବଦ ପ୍ରାପ୍ୟ/କମିଶନ ବୃଦ୍ଧି, ଜନିଷ ଚୋରି ଅଭିଯୋଗ, ବିଳମ୍ବିତ ଅର୍ଡର ଗ୍ରହଣ ଭଳି ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇପାରିନାହିଁ। ଏନେଇ ଗତ ରବିବାର ଷ୍ଟୋର୍ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ ଜଣାଇଥିଲେ। ଏହାପରେ ସଂସ୍ଥା କର୍ତ୍ତୃପକ୍ଷ ଆସି ସେମାନଙ୍କୁ ବିଭିନ୍ନ ଧମକଚମକ ଦେବା ସହ ଆଇଡି ବ୍ଲକ କରିଦେବାର ଚେତାବନୀ ଦେଇଥିଲେ। ଧାରଣାରେ ବସିଥିବା ସମସ୍ତ ଡେଲିଭରୀ ବଏଙ୍କ ବିରୋଧରେ ବିଡାନାସୀ ଥାନାରେ ଷ୍ଟୋର୍ କର୍ତ୍ତୃପକ୍ଷ ମିଥ୍ୟା ଏତଲା ଦେଇଥିଲେ। ଏହାର ବିଧିବଦ୍ଧ ତଦନ୍ତ କରି ଉପରୋକ୍ତ ଦାବି ତଥା ସମସ୍ୟାର ସମାଧାନ ଦୃଷ୍ଟି ଦେବାକୁ ୫୦ ଜଣ ଯୁବକ ଲିଖିତ ଆକାରରେ ଆଜି ବିଡାନାସୀ ଥାନାରେ ଅଭିଯୋଗ କରିଥିଲେ। ହେଲେ କମିଶନରେଟ୍ ପୁଲିସ ଏହି ଘଟଣା ଆଦୌ ହସ୍ତକ୍ଷେପ ନକରି ନିରବଦ୍ରଷ୍ଟା ସାଜିଛି। ଉଭୟ ସାଧାରଣ ଲୋକ ଓ ଡେଲିଭରି ବଏ ହଇରାଣ ହେଉଛନ୍ତି।

## ବ୍ଲିଙ୍କିଟ ଡେଲିଭରି ବୟଙ୍କ ଆନ୍ଦୋଳନ ପଞ୍ଚମ ଦିନରେ




କଟକ,୨୬।୨(ସମିସ): କଟକର ପ୍ରଫେସର ପଡ଼ାସ୍ଥିତ "ବ୍ଲିଙ୍କିଟ" ଅନଲାଇନ୍ ଗୁଡ୍‌ସ ସେବା ସଂସ୍ଥାର ଶତାଧିକ ଡେଲିଭରି ବୟ ନିଜର ନ୍ୟାଯ୍ୟ ଦାବି ପୂରଣ ନିମନ୍ତେ ଗତ ୫ ଦିନ ହେବ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଶ୍ରମ ଆଇନ ଅନୁଯାୟୀ ସର୍ବନିମ୍ନ ୮ ଘଣ୍ଟା ମଜୁରୀ ସହ ଅତିରିକ୍ତ ସମୟ (ଓଭରଟାଇମ୍) ପାଇଁ ଦେଢ଼ଗୁଣା ପାରିଶ୍ରମିକ ଦେବାକୁ ସେମାନେ ଦାବି କରିଛନ୍ତି। ଦୈନିକ ପ୍ରାୟ ୧୪ ଘଣ୍ଟା କାର୍ଯ୍ୟ କରିବାକୁ ପଡୁଥିବାରୁ ଏବଂ ସବୁବେଳେ ରାସ୍ତାରେ ବାଇକ୍ ଚଳାଇବାକୁ ହେଉଥିବାରୁ କମ୍ପାନୀ ପକ୍ଷରୁ ଦୁର୍ଘଟଣା ବୀମା ବ୍ୟବସ୍ଥା ଲାଗୁ କରିବାକୁ ସେମାନେ ନିବେଦନ କରିଛନ୍ତି। ଏହା ବ୍ୟତୀତ, ଗଚ୍ଛିତ ନ ଥିବା ସାମଗ୍ରୀର ଅର୍ଡର ନ ନେବା, ୧୫ ମିନିଟ୍ ମଧ୍ୟରେ ଗ୍ରାହକ ଅର୍ଡର ଗ୍ରହଣ ନ କଲେ ତାହାକୁ କ୍ୟାନସେଲ୍ କରିବାର କ୍ଷମତା ପ୍ରଦାନ କରିବା ଏବଂ ରାଇଡରମାନଙ୍କ ପାଇଁ ବିଶ୍ରାମ କକ୍ଷ ଓ ପଙ୍ଖାର ବ୍ୟବସ୍ଥା କରିବା ଭଳି ପ୍ରମୁଖ ଦାବି ସେମାନେ ରଖିଛନ୍ତି। ବ୍ରାଞ୍ଚ ମ୍ୟାନେଜରଙ୍କ ଦୁର୍ବ୍ୟବହାର ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଅଧିକ ଦୂରତା ପାଇଁ ତେଲ ଖର୍ଚ୍ଚ ଭରଣା କରିବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଯଦି କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ସମାଧାନ ନ କରନ୍ତି, ତେବେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଜରାଶ୍ରମରେ ଡ୍ରିମ୍‌ସ ପଲିଟେକ୍‌ନିକ ଛାତ୍ରଛାତ୍ରୀଙ୍କ ସେବା କାର୍ଯ୍ୟ



କଟକ,୨୬।୨(ସମିସ): ରାଜ୍ୟର ପ୍ରଥମ ସ୍ୱୟଂଶାସିତ ମାନ୍ୟତା ପାଇଥିବା 'ଡ୍ରିମ୍‌ସ ପଲିଟେକ୍‌ନିକ୍' ଛାତ୍ରଛାତ୍ରୀ ଛତିଆସ୍ଥିତ 'ସେବକ' ଜରାଶ୍ରମ ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କ ସହ ଭାବବିନିମୟ ସହ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ। ପାରିବାରିକ ସମସ୍ୟା, ସାମାଜିକ ଅବହେଳାର ଶୀକାର ହୋଇଥିବା ବୟୋବୃଦ୍ଧମାନଙ୍କ ଜୀବନ ସଂଗ୍ରାମର ବ୍ୟଥା ଛାତ୍ରଛାତ୍ରୀଙ୍କୁ ଭାବପ୍ରବଣ କରିଥିଲା। ଭବିଷ୍ୟତରେ ଏଭଳି ସେବା କରିବାର ସୁଯୋଗକୁ କେବେ ହାତ ଛଡା କରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଅନୀଲ ପଣ୍ଡା, ଦେବାଶିଷ ଦାସ, ଅଧ୍ୟାପିକା ଦେବସ୍ମିତା ସାହୁ, ଏସଏମ୍ ନଜରୁଲ, ରଣଜିତ୍ ସାହୁ, ବିଭୁପଦ ଜେନା ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀଙ୍କ ସେବାମୂଳକ କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବ ବୋଲି ଆଶା ପ୍ରକାଶ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ରାହୁଲ ଗାନ୍ଧୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟକୁ ବିରୋଧ

କଟକ,୨୬।୨(ସମିସ): ଦେଶର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିବା ବିଜେପିର ଏକ ଅଭ୍ୟାସଗତ ପରିଣତି ହେବାକୁ ଲାଗୁଛି ବୋଲି କଟକ




ନଗର କଂଗ୍ରେସ କମିଟି ସଭାନେତ୍ରୀ ଗିରିବାଳା ବେହେରା ଅଭିଯୋଗ କରିଛନ୍ତି। ଆଜି ସଭାନେତ୍ରୀଙ୍କ ନେତୃତ୍ୱରେ କଟକ ଡିସିପିଙ୍କୁ ଏକ ଏଫ୍‌ଆଇଆର୍ ପ୍ରଦାନ କରାଯିବା ସହ ବିଜେପି ନେତାଙ୍କ ଏଭଳି ଆଚରଣକୁ ତୀବ୍ର ନିନ୍ଦା କରାଯାଇଛି। ଶ୍ରୀମତୀ ବେହେରା କହିଛନ୍ତି ଯେ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ତୁରନ୍ତ ଗିରଫ କରାଯାଉ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ମନ୍ତ୍ରୀ କିରେନ୍ ରିଜିଜୁ ଓ ସାଂସଦ ନିଶିକାନ୍ତ ଦୁବେ ତୁରନ୍ତ ନିଜ ପଦରୁ ଇସ୍ତଫା ଦିଅନ୍ତୁ। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନଗର କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି। କର୍ପୋରେଟର ଲିଜାରାଣୀ ରାଉତ, ଭାନୁ ସେନାପତି, ଜେ କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡା, ବଟକୃଷ୍ଣ ସାହୁ, ବରିଷ୍ଠ ନେତା କେଦାର ପୃଷ୍ଟି, ଇସରତ ଜାହାନ, ସୁରଜିତ ସାହୁ, ଦିଲ୍ଲୀପ ନାୟକ, ଅଜୟ ଗୋଛାୟତ, ମହେଶ ରାୟ, ପ୍ରଭାତୀ ପଟ୍ଟନାୟକ, ଅନୀତା ବେହେରା, ଭାରତୀ ଦାସ, ସେଖ ଇରଫାନ, ପଲ୍ଲବୀ ଘୋଷ, ସତ୍ୟଶ୍ରୀ ବେହେରା, ନେତ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**କଟକ ନଗର କଂଗ୍ରେସ ପକ୍ଷରୁ ଥାନାରେ ଏତଲା**

କଟକ ପାଇଁ ନୂଆ ଯୁଗର ଆରମ୍ଭ

# ପୁରାତନ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ନିର୍ମାଣ ନିୟମାବଳୀ ଅନୁମୋଦିତ

- ଐତିହ୍ୟ ସୁରକ୍ଷା ସହ ଆଧୁନିକ ବିକାଶକୁ ଗୁରୁତ୍ୱ
- ୪୩ଟି ୱାର୍ଡର ବାସିନ୍ଦା ହେବେ ଉପକୃତ

କଟକ,୨୬।୨(ସମିସ): ଐତିହାସିକ ରୌପ୍ୟ ନଗରୀ କଟକର କୋର୍ ଅଞ୍ଚଳ ବା ପୁରାତନ ବସ୍ତିଗୁଡ଼ିକର ସାମଗ୍ରିକ ବିକାଶ ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜିଠାରୁ ସହରରେ 'ପ୍ଲାନିଂ ଆଣ୍ଡ ବିଲଡିଂ ଷ୍ଟାଣ୍ଡାର୍ଡ ରେଗୁଲେସନ ଫର୍ ଓଲ୍ଡ ଏରିଆଜ୍, ୨୦୨୬' ଆନୁଷ୍ଠାନିକ ଭାବେ କାର୍ଯ୍ୟକାରୀ ହୋଇଛି। ଏହି ସ୍ୱତନ୍ତ୍ର ନିୟମାବଳୀ କଟକର ୪୩ଟି ପୁରାତନ ୱାର୍ଡରେ ଲାଗୁ ହେବ। ପୁରୁଣା ସହରର ସଂକୀର୍ଣ୍ଣ ରାସ୍ତା, ଛୋଟ ଜମି ଏବଂ ଜନଗହଳିପୂର୍ଣ୍ଣ ପରିବେଶକୁ ଦୃଷ୍ଟିରେ ରଖି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ନିୟମ-୨୦୨୦କୁ କୋହଳ କରାଯାଇଛି, ଯାହାଫଳରେ ବାସିନ୍ଦାମାନେ ସହଜରେ ଗୃହ ନିର୍ମାଣ ନକ୍ସା ଅନୁମୋଦନ କରାଇପାରିବେ।

ଏହି ନୂତନ ନିୟମାବଳୀର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ରାସ୍ତାର ଓସାର ସମ୍ବନ୍ଧୀୟ କୋହଳ ନୀତି। କ୍ଷୁଦ୍ର ଆବାସିକ ପ୍ଲଟ୍‌ଗୁଡ଼ିକ ପାଇଁ ସର୍ବନିମ୍ନ ରାସ୍ତାର ପ୍ରଶସ୍ତତାକୁ ୪.୫ ମିଟରକୁ ହ୍ରାସ କରାଯାଇଛି। ଏହା ସହିତ ଅଣ-ଉଚ୍ଚବହୁଳ (ନନ-ହାଇ-ରାଇଜ) କୋଠା ନିର୍ମାଣ କ୍ଷେତ୍ରରେ ସେଟବ୍ୟାକ୍ ବା ଛଡ଼ାଯାଉଥିବା ଜାଗା ଏବଂ 'ଫ୍ଲୋର୍ ଏରିଆ ରେସିଓ' (ଏଫଏଆର) ନିୟମକୁ ଅଧିକ ଯୁକ୍ତିଯୁକ୍ତ ଓ ବାସ୍ତବବାଦୀ କରାଯାଇଛି। ଏହି ପରିବର୍ତ୍ତନ ଦ୍ୱାରା ପୁରୁଣା କଟକର ସଂକୀର୍ଣ୍ଣ ଗଳିକନ୍ଦିରେ ଘର ତିଆରି କରୁଥିବା ମଧ୍ୟବିତ୍ତ ପରିବାରମାନେ ବିଶେଷ ଭାବେ ଉପକୃତ ହେବେ ଏବଂ ବେଆଇନ ନିର୍ମାଣ ସଂଖ୍ୟା ମଧ୍ୟ ହ୍ରାସ ପାଇବ। ସିଡିଏ ପକ୍ଷରୁ ପ୍ରକାଶିତ ଏହି ଗେଜେଟ୍ ବିଜ୍ଞପ୍ତିର ମୂଳ ଲକ୍ଷ୍ୟ ହେଉଛି କଟକର ସାଂସ୍କୃତିକ ଓ ଐତିହାସିକ ପରିଚୟକୁ ଅକ୍ଷୁଣ୍ଣ ରଖିବା ସହିତ ବାସିନ୍ଦାଙ୍କୁ ଏକ ଉନ୍ନତ ଓ ବ୍ୟବସ୍ଥିତ ଜୀବନଶୈଳୀ ଯୋଗାଇଦେବା। ଏହି ନିୟମାବଳୀ ସହରର ପାର୍କିଂ ସମସ୍ୟାର ସମାଧାନ କରିବା ସହ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ। ବିଶେଷଜ୍ଞଙ୍କ ମତରେ, ଏହି ପଦକ୍ଷେପ କଟକକୁ ଏକ ଆଧୁନିକ ଐତିହ୍ୟ ସହର ଭାବେ ଗଢ଼ିତୋଳିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ଏବଂ ପୁରୁଣା ଅଞ୍ଚଳର ଲୋକଙ୍କୁ ନିଜ ଜମିର ସଠିକ୍ ଉପଯୋଗ କରିବାରେ ସାହାଯ୍ୟ କରିବ।

## ନିର୍ମାଣାଧୀନ ଘରୁ ଚୋରି: ଜଣେ ଗିରଫ

କଟକ,୨୬।୨(ସମିସ): ଏକ ନିର୍ମାଣାଧୀନ ଘରୁ ନିର୍ମାଣ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୁରୀଘାଟ ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ରାଜାବଗିଚା ବାରିକ ସାହିର ମେଢ ଓରଫ ରାଜେଶ ଦାସ। ଅଭିଯୁକ୍ତଠାରୁ ଚୋରି ଜିନିଷ ଜବତ ହୋଇଛି। ପୁଲିସ ସୂଚନା ଅନୁସାରେ, ରାଜାବଗିଚା ବାରିକ ସାହିର ପ୍ରମୋଦ ମହାନ୍ତିଙ୍କ ନୂଆ ଘର ନିର୍ମାଣ ଚାଲିଛି। କିଛି ଦିନ ତଳେ କୌଣସି କାରଣକୁ ନେଇ ପ୍ରମୋଦ ସହିତ ରାଜେଶଙ୍କର ପାଟିତୁଣ୍ଡ ହୋଇଥିଲା। ଏହି ଘଟଣା ପରେ ସୁଯୋଗ ଦେଖି ରାଜେଶ ଶ୍ରୀ ମହାନ୍ତିଙ୍କ ନିର୍ମାଣାଧୀନ ଘରେ ପଶି ଏକ ପାଣିମୋଟର, ଘର ନିର୍ମାଣରେ ବ୍ୟବହାର ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇଯାଇଥିଲେ। ଏନେଇ ଶ୍ରୀ ମହାନ୍ତି ପୁରୀଘାଟ ଥାନାରେ ଏତଲା ଦେବା ପରେ ଗୁରୁବାର ଅଭିଯୁକ୍ତ ରାଜେଶକୁ ପୁଲିସ ଗିରଫ କରିବା ସହିତ ଚୋରି ଜିନିଷ ଜବତ କରିଛି। ଅପରାହ୍ନରେ ରାଜେଶକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

ହାଇକୋର୍ଟରେ କଟକ ସହର ସମସ୍ୟା

# ମାର୍ଚ୍ଚ ଶେଷ ସୁଦ୍ଧା ଶୈଳବାଳା କଲେଜରେ ଭିନ୍ନକ୍ଷମଙ୍କ ପାଇଁ ସୁବିଧା

କଟକ,୨୬।୨(ସମିସ):

ଓଡ଼ିଶା ହାଇକୋର୍ଟ ସହରର ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରି ରାଜ୍ୟ ସରକାର ଓ କଟକ ମହାନଗର ନିଗମକୁ ବିଭିନ୍ନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ କେ.ଆର. ମହାପାତ୍ର ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ ଭିନ୍ନକ୍ଷମ ଛାତ୍ରୀଙ୍କ ପାଇଁ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଉପରେ ହାଇକୋର୍ଟ ସମୀକ୍ଷା କରିଛନ୍ତି। ଏଠାରେ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସମସ୍ତ କାର୍ଯ୍ୟ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ ବୋଲି କୁହାଯାଇଛି।

### ଏସ୍‌ସିବି ମେଡିକାଲ ଲିଭର ଟ୍ରାନ୍ସପ୍ଲାଣ୍ଟ ପ୍ରସଙ୍ଗରେ ମାର୍ଚ୍ଚ ୧୫ ସୁଦ୍ଧା ନିଷ୍ପତ୍ତି ନିଅ

ଏସସିବି ମେଡିକାଲରେ ଲିଭର ଟ୍ରାନ୍ସପ୍ଲାଣ୍ଟ ଓ ଅନ୍ୟାନ୍ୟ ସୁବିଧା ପାଇଁ କୋର୍ଟ କେତେକ ସମୟସୀମା ଧାର୍ଯ୍ୟ କରିଛନ୍ତି। ଲିଭର ଟ୍ରାନ୍ସପ୍ଲାଣ୍ଟ ନେଇ ଚେନ୍ନାଇର ଏମଜିଏମ ହସ୍ପିଟାଲ ସହ ବୈଷୟିକ ସହାୟତା ପାଇଁ ସରକାରୀସ୍ତରରେ ପ୍ରକ୍ରିୟା ଜାରି ରହିଛି। ଏ ସମ୍ପର୍କରେ ୧୫ ମାର୍ଚ୍ଚ, ୨୦୨୬ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ କହିଛନ୍ତି। ସେହିଭଳି ଓପନ ହାର୍ଟ ସର୍ଜରୀ କ୍ଷେତ୍ରରେ ଏସସିବିର ଏକ ଟିମ୍ କେରଳର କୋଟାୟାମ ଗସ୍ତ କରି ଫେରିଛନ୍ତି। ଏହାର ଅନୁପାଳନ ରିପୋର୍ଟ ୩୧ ମାର୍ଚ୍ଚ ସୁଦ୍ଧା ଦେବାକୁ କୁହାଯାଇଛି। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଅଧୀନରେ ନିରାମୟ କେନ୍ଦ୍ରଗୁଡ଼ିକରେ ରିଅଲ-ଟାଇମ ଔଷଧ ଉପଲବ୍ଧତା ଜଣାଇବା ପାଇଁ ଡିଜିଟାଲ ବୋର୍ଡ ଲଗାଯିବ ବୋଲି କୁହାଯାଇଛି।

### କୃଷକ ବଜାରକୁ ଜବରଦଖଲ ମୁକ୍ତ କର

କଟକ କୃଷକ ବଜାରର ଅବସ୍ଥାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାସ୍ତାକଡ଼ରେ କୌଣସି ବେପାରୀ ଯେପରି ନ ବସନ୍ତି, ତାହା ନିଶ୍ଚିତ କରିବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଏମସି କମିସନରଙ୍କୁ ବଜାର ଅଞ୍ଚଳରେ ଥିବା ନାଳ ଓ ଜବରଦଖଲ ସମ୍ପର୍କରେ ୯ ମାର୍ଚ୍ଚ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

### ଆଇଆଇଟି ପକ୍ଷରୁ ଡ୍ରେନେଜ କାର୍ଯ୍ୟର ସଂଶୋଧିତ ଡିଜାଇନ

ଆଇଆଇଟି ଭୁବନେଶ୍ୱର ଡ୍ରେନେଜ ଡିଜାଇନରେ କେତେକ ତ୍ରୁଟି ଦର୍ଶାଇଥିବାରୁ ଏହାର ପୁନଃ ସର୍ବେକ୍ଷଣ କରାଯାଇଛି। ମାର୍ଚ୍ଚ ୬ ସୁଦ୍ଧା ସଂଶୋଧିତ ଡିଜାଇନ ପ୍ରସ୍ତୁତ ହେବ। ସେହିଭଳି ରେଳବାଇ କର୍ତ୍ତୃପକ୍ଷ ମାତୃଭବନ ନିକଟରେ ଚାଲିଥିବା ବକ୍ସ ଡ୍ରେନ କାର୍ଯ୍ୟକୁ ୩୧ ମେ, ୨୦୨୬ ସୁଦ୍ଧା ଶେଷ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଛି।

# ତପନ ଶତପଥୀ ପାଇବେ ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର

କଟକ,୨୬।୨(ସମିସ): ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଏକନିଷ୍ଠ ଗବେଷକ ତପନ କୁମାର ଶତପଥୀଙ୍କୁ ଚଳିତ ବର୍ଷର "ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାର ବାବଦରେ ଶ୍ରୀ ଶତପଥୀଙ୍କୁ ଉପଢୌକନ, ମାନପତ୍ର, ଫଳକ ଓ ପାଞ୍ଚ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ଶ୍ରୀ ଶତପଥୀ "ଗୀତଗୋବିନ୍ଦ ବିମର୍ଶ', "ଶ୍ରୀ ସନତ୍ ସୁଜାତୀୟମ୍', "ରାସୋତ୍ସବର ବୈଷ୍ଣବ ବିମର୍ଶ', "ଓଡିଶାରେ ଜୈନଧର୍ମ ଓ ଜୈନତୀର୍ଥ' ଆଦି ପୁସ୍ତକର ପ୍ରଣେତା। ୨୮ ଫେବୃଆରୀ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେବାକୁ ଥିବା "ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟା' କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସଂପାଦକ ରାଜୀବ ଷଡଙ୍ଗୀ ଓ ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଜଣାଇଛନ୍ତି।



# ଏକେ ୪୭ ବନ୍ଧୁକ ସହ ଆତ୍ମସମର୍ପଣ କଲେ ମହିଳା ମାଓବାଦୀ



ମାଲକାନଗିରି, ୨୬ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କାଙ୍କେରରେ ଏକେ ୪୭ ବନ୍ଧୁକ ସହ ମହିଳା ମାଓନେତ୍ରୀ ଆତ୍ମସମର୍ପଣ କରିଛି । ସୂଚନା ଅନୁଯାୟୀ ମାସେ ବର୍ସା ମାଓ ସଙ୍ଗଠନରେ ଡିଭିଜନାଲ କମିଟି ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ୨୦୦୩ ମସିହାରୁ ସେ ଦଣ୍ଡକାରଣ୍ୟ, ଆବୁଝମାଡ ଏବଂ ଉତ୍ତର ବସ୍ତର ଅଞ୍ଚଳରେ ସକ୍ରିୟ ଥିଲେ । ସଙ୍ଗଠନ ସହିତ ଦୀର୍ଘ ସମୟ ଧରି ଜଡିତ ରହିବା ପରେ ସଙ୍ଗଠନ ନିଜର ସ୍ଥିତି ହରାଇବା ସହ ପଥଭ୍ରଷ୍ଟ ହେଉଥିବା ଅନୁମାନ କରି ସେ ମୁଖ୍ୟଧାରାକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ । ମାସେ ବର୍ସା ଜଙ୍ଗଲ ଅଞ୍ଚଳରୁ ବାହାରି ସିଧାସଳଖ କାଙ୍କେର ପୁଲିସ ଅଧିକ୍ଷକ ନିଖିଳ ରାଖେଚାଙ୍କ ପାଖକୁ ଯାଇ ଆତ୍ମସମର୍ପଣ କରିଥିଲେ । ଆତ୍ମସମର୍ପଣ ସମୟରେ ସେ ତାଙ୍କ ସହିତ ଥିବା ଏକ ଏକେ ୪୭ ରାଇଫଲକୁ ମଧ୍ୟ ପୁଲିସକୁ ହସ୍ତାନ୍ତର କରିଥିଲେ । ନାରାୟଣପୁର ସାମ୍ବାଦିକ ରୋଶନ ଠାକୁର ଏହି ପ୍ରକ୍ରିୟାରେ ମଧ୍ୟସ୍ଥିର ଭୂମିକା ଗ୍ରହଣ କରି ମାସେ ବର୍ସାଙ୍କୁ ସୁରକ୍ଷିତ ଭାବରେ ଜଙ୍ଗଲରୁ ବାହାର କରି ପୁଲିସ କାର୍ଯ୍ୟାଳୟରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ । ଆତ୍ମ ସମର୍ପଣ ନୀତି ଅନୁଯାୟୀ ମାସେଙ୍କୁ ଥଇଥାନ କରାଯିବା ସହ ତୁରନ୍ତ ୫୦ ହଜାରର ସହାୟତା ରାଶି ପ୍ରଦାନ କରଯାଇଥିଲା ।

# ପୁଲିସ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି, ୨୬ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ, କରଯାଇଥିଲା । ଅପରେସନ ସମୟରେ, ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏକ ଗୁଳି ବିନିମୟ ହୋଇଥିଲା । ଏଥିରେ ପୁଲିସକୁ

## ବନ୍ଧୁକ ଓ ବହୁ ମାଓ ସମଗ୍ରୀ ଜବତ

୨ ମାଓବାଦୀ ନିହତ ସହ ବନ୍ଧୁକ ଓ ମାଓ ସାମଗ୍ରୀ ଜବତ ହୋଇଛି । ସୂଚନା ଅନୁଯାୟୀ ଛତିଶଗଡର ବୀଜାପୁର ଜିଲ୍ଲା ଗଙ୍ଗଲା ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ଖବର ପାଇ ପୁଲିସ ପକ୍ଷରୁ ମାଓ ବିରୋଧୀ ଅଭିଯାନ ଆରମ୍ଭ ଏକ ବଡ ସଫଳତା ମିଳିଛି । ଏନେଇ ବିଜାପୁରର ଏସପି ଡକ୍ଟର ଜିତେନ୍ଦ୍ର ଯାଦବ ସୂଚନା ଦେଇ ପ୍ରକାଶ କରିଛନ୍ତି ଯେ, ଅଞ୍ଚଳରେ ତଲାସି ଅଭିଯାନ ବେଳେ ଲୁଚି ରହିଥିବା ମାଓବାଦୀ ଗୁଳି ଚାଳନା କରିଥିଲେ । ଏହାର ପାଲଟା ଜବାବ ଦେଇ ପୋଲିସ ମଧ୍ୟ ଗୁଳି ଚଳାଇଥିବା ବେଳେ ମାଓବାଦୀ ମାନେ ପୋଲିସର ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ । ପରେ ଅଞ୍ଚଳରେ ପୁନଃ ତଲାସୀ ସମୟରେ ଦୁଇ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏଥି ସହ ଗୋଟିଏ ଏସଏଲଆର ରାଇଫଲ୍, ଏକ ଇନ୍ସାସ ରାଇଫଲ୍ ଏବଂ ଏକ ୧୨ ବୋର ରାଇଫଲ୍, ବିସ୍ଫୋରକ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି । ପୋଲିସ ପକ୍ଷରୁ ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି । ମୃତ ମାଓବାଦୀଙ୍କ ପରିଚୟ ମିଳି ନଥିବା ବେଳେ ପୁଲିସ ଟିମ ଫେରିବା ପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି ।


# ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ



ବିଷମ କଟକ,୨୬।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ପଦର୍ଶନି ମେଳା ଉଦ୍‌ଘାଟିତ ହୋଇଯାଇଛି । ବିଷମ କଟକ ସାରାକର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପ୍ ଙ୍କ ଅଧ୍ୟକ୍ଷତାରେ ପଦର୍ଶନି ମେଳାଟି ଅନୁଷ୍ଠିତ ହୋଇଛି । ସାରାକରୀ ଉଚ୍ଚବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ୫୫ଟି ପ୍ରକଳ୍ପ ପଦର୍ଶିତ କରିଥିଲେ । ଏହି ପ୍ରତିଯୋଗିତାରେ ମୋଟ ୧୬ଟି ସର୍କଲ ତିଆରି କରାଯାଇଥିଲା । ଗୋଟିଏ ସର୍କଲରେ ମୋଟ ୩୦ ଜଣ ଛାତ୍ର ଛାତ୍ରୀ ରହିଥିଲେ ।ପଦର୍ଶନି ଉତ୍ସବରେ ମୋଟ ୫୦୦ ଜଣ ଛାତ୍ରୀ ଛାତ୍ରୀ ଏଥିରେ ଭାଗ ନେଇଥିଲେ । ବିଷମ କଟକ ସିଆରସିସି ପ୍ରଶାନ୍ତ କୁମାର ପତି,କେଦାର ରଣ୍ଣାଲୁ, ବିଜ୍ଞାନ ଶିକ୍ଷକ ସୁନ୍ଦର ସିଂ ମାଝି, ଶିକ୍ଷକ ଗଦାଧର ଶବର,ନରେଶ ଚନ୍ଦ୍ର ଶବର, ସସ୍ମିତା ସାନ୍ତା, କୈଳାସ ଚନ୍ଦ୍ର ପ୍ରଧାନ, ଭୁଜରାଜ ରଣା, ଈଶ୍ୱରୀ କୁମାର ପ୍ରଧାନ,ଅଳକା କୁମାରୀ ଦାଶ ଓ ଝୁନି ଗୌଡ଼ ପ୍ରମୁଖ ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ । ୫୫ଟି ପ୍ରକଳ୍ପ ମଧ୍ୟରୁ ୫ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲ୍ଲା ସ୍ତରୀୟ ବିଜ୍ଞାନ ଓ ଗଣିତ ପଦର୍ଶନି ମେଳା ନିମନ୍ତେ ମନୋନୀତ ହୋଇଛନ୍ତି ।

## ଧାନ ବିକ୍ରି ପରେ ସରୁନି ମଣ୍ଡି ସମସ୍ୟା

# ଧାନ ଦେଇ ମାସେ ପୂରିଲା, ମିଳୁନି ପ୍ରାପ୍ୟ



କାଲିମେଳା,୨୬।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକରେ ମଣ୍ଡି ଅବ୍ୟବସ୍ଥା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି । ମଣ୍ଡିରେ ଧାନ ଉଠାଣରେ ବିଳମ୍ବ, ଟୋକନ୍ ସମସ୍ୟା ଏବଂ ଖୋଲା ଆକାଶ ତଳେ ହଜାର ହଜାର କ୍ୱିଣ୍ଟାଲ୍ ଧାନ ପଡ଼ିରହିବା ଯୋଗୁଁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପରେ ମଧ୍ୟ ଚାଷୀମାନେ ପଇସା ପାଇବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଷ୍ଟ କରି ଫସଲ ଅମଳ କରିବା ପରେ ମଧ୍ୟ ମଣ୍ଡିର ଅବ୍ୟବସ୍ଥା ଯୋଗୁଁ ଚାଷୀ କେବେ ନିଜ ଧାନ ବିକ୍ରି କରିପାରୁନାହାନ୍ତି ତ କେବେ ବିକ୍ରି ପରେ ମଧ୍ୟ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି । ଧାନ ବିକ୍ରି କରିବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପଇସା ମିଳିବାର ନିୟମ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ । ସୂଚନା ମୁତାବକ କାଲିମେଳା ବ୍ଲକ ଭୁବନପଲ୍ଲି ପଞ୍ଚାୟତର ଚାଷୀ ପ୍ରତାପ ବରାଲ ସମେତ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ଚାଷୀ ମାନଙ୍କ ଧାନ ବିକ୍ରି କରି ମାସେ ପୁରିଗଲା ପରେ ମଧ୍ୟ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି । ମଣ୍ଡିରେ ଧାନ ବିକ୍ରି କରିବାର ଅନେକ ଦିନ ପରେ ମଧ୍ୟ ଚାଷୀମାନେ ତାଙ୍କ ପ୍ରାପ୍ୟ ଟଙ୍କା ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି । ଯାହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ସେପଟେ ବହୁ ଚାଷୀଙ୍କ ଧାନ ଉଠାଣ ନହେବାରୁ ଶତାଧିକ କୁଇଣ୍ଟାଲ ଧାନ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି । ଯାହା ବର୍ଷା ଆଶଙ୍କାରେ ନଷ୍ଟ ହେବାର ଭୟ ରହିଛି । ମଣ୍ଡିରେ ଧାନ ବିକି ଦୁଇ ପଇସା ରୋଜଗାର ଅପେକ୍ଷାରେ ଥିବା ଚାଷୀର ନିଦ ହଜାଇଛି ଟୋକନ ଅବ୍ୟବସ୍ଥା ।ଚାଷୀଙ୍କ ଜମିର ପରିମାଣ ଓ ମୌଜା ସଠିକ ରହିଥିଲେ ସୁଦ୍ଧା ଅନେକ ଚାଷୀଙ୍କୁ ଟୋକନ୍ ମିଳିନଥିବା ମଧ୍ୟ ଅଭିଯୋଗ ଆସିଛି । ସରକାର ଉତ୍ପାଦିତ ଧାନ ନ କିଣିଲେ ଆମେ କାହାକୁ ଧାନ ବିକ୍ରି କରିବୁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି । ପ୍ରଶାସନ ତୁରନ୍ତ ଚାଷୀଙ୍କ ସମସ୍ୟା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି ।

# ଦୁର୍ଗା ମନ୍ଦିରରୁ ସୁନା ଅଳଙ୍କାର ଚୋରି ଅଭିଯୋଗ

ମାଲକାନଗିରି, ୨୬ ।୨(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାର ଦୁର୍ଗାଗୁଡି ସାହି ସ୍ଥିତ ଦୁର୍ଗା ମନ୍ଦିରରୁ ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି । ମନ୍ଦିର ମୁଖ୍ୟ ଫାଟକ ଓ ଗର୍ଭ ଗୃହ ଫାଟକ ତାଲା ଭାଙ୍ଗି ମନ୍ଦିରରେ ଥିବା ଅଳଙ୍କାର ସାମଗ୍ରୀ ଚୋରି



ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ଆଜି ଦୁର୍ଗା ମନ୍ଦିରର ନୀତିକାନ୍ତି ପାଇଁ ସକାଳୁ ପୂଜକ ମନ୍ଦିରର ମୁଖ୍ୟ ଫାଟକ ଖୋଲିବା ବେଳେ ପୂର୍ବରୁ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ସେହିପରି ମନ୍ଦିର ଗର୍ଭ ଗୃହର ଫାଟକ ତାଲା ମଧ୍ୟ ଭଙ୍ଗା ଯାଇଥିବା ଦେଖି ତୁରନ୍ତ ଏନେଇ ମନ୍ଦିର ପରିଚାଳନା କମିଟିର ସଦସ୍ୟଙ୍କୁ ଅବଗତ କରାଇଥିଲେ । ତେବେ କମିଟିର ସଦସ୍ୟ ମାନେ ମନ୍ଦିରରେ ପହଞ୍ଚି ଯାଞ୍ଚ କରିବା ବେଳେ ଦୁର୍ଗାଙ୍କ ପ୍ରତିମୂର୍ତ୍ତିରେ ପିନ୍ଧା ଯାଇଥିବା ସମସ୍ତ ଆଭୂଷଣ ଓ ଗହଣା ଠିକ୍ ଠାକ୍ ଥିବା ଦେଖିବାକୁ ପାଇଥିଲେ । କିନ୍ତୁ ମୂର୍ତ୍ତି ପାଶ୍ୱର୍ରେ ଥିବା ବାକ୍ସ ମଧ୍ୟରେ ରହିଥିବା ଅନ୍ୟ ଲକ୍ଷାଧିକ ଟଙ୍କାର ଅଳଙ୍କାର, ମଙ୍ଗଳ ସୂତ୍ର ଆଦିକୁ ଚୋର ଚୋରି କରିନେଇଥିବା ଜାଣିବାକୁ ପାଇ ତୁରନ୍ତ ଏନେଇ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଏହି ମନ୍ଦିର ଅଞ୍ଚଳର ଏକ ପ୍ରସିଦ୍ଧ ଓ ପୁରାତନ । ଆଜି ଯାଏଁ ଏଠାରେ ସେପରି କୌଣସି ଚୋରି ଘଟଣା ଘଟି ନଥିଲା । ଏହି ଚୋରି ହେବା ପରେ ଲୋକଙ୍କ ମନକୁ ଆଘାତ ହେବା ସହ ଖୁବ ଶୀଘ୍ର ଦୋଷୀକୁ ଗିରଫ କରିବା ପାଇଁ ଦାବି ହୋଇଛି ।

# ଦୁଇ ଆଇଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି,୨୬ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦକ୍ଷିଣ ବସ୍ତର ଦାନ୍ତେୱାଡା ଜିଲ୍ଲାରେ ସୁରକ୍ଷା ବାହିନୀ ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରି ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି । ସୂଚନା ଅନୁଯାୟୀ ଦାନ୍ତେୱାଡା ଜିଲ୍ଲାର ବାରସୁର ପୋଲିସ ଷ୍ଟେସନ ଅଞ୍ଚଳ ଅନ୍ତର୍ଗତ ତୋଡମା ଗ୍ରାମ ଏବଂ ତୁଲାର ଗୁମ୍ଫା ନିକଟସ୍ଥ ଘନ ଜଙ୍ଗଲ ପାହାଡ଼ରେ ମାଓବାଦୀମାନେ ଲୁଚାଇ ରଖିଥିବା ଦୁଇଟି ପ୍ରେସର କୁକର ଆଇଇଡି ବୋମାକୁ ତଲାସି ଅଭିଯାନ ସମୟରେ ଠାବ କରିଥିଲେ । ପ୍ରତ୍ୟେକ ଆଇଇଡି ବୋମାର ଓଜନ ପ୍ରାୟ ପାଞ୍ଚ କିଲୋଗ୍ରାମ ଲେଖାଏଁ ଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରି ମାଓବାଦୀ ମାନେ ଏହି ବୋମା ଖଞ୍ଜିଥିଲେ । ଡିଆରଜି ଯବାନ ଏବଂ ବାରସୁର ପୋଲିସର ଏକ ମିଳିତ ଦଳ ଓ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ଏହି ବୋମା ଗୁଡିକୁ ଜବତ କରି ସୁରକ୍ଷିତ ଭାବରେ ନିଷ୍କ୍ରିୟ କରିଥିଲେ । ଫଳରେ ମାଓବାଦୀଙ୍କ ଦ୍ୱାରା ରଚା ଯାଇଥିବା ଯୋଜନା ପଣ୍ଡ ହୋଇଛି । ଅଧିକାରୀଙ୍କ କହିବା ଅନୁଯାୟୀ ସମୟୋଚିତ କାର୍ଯ୍ୟାନୁଷ୍ଠାନ ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ସମ୍ଭାବ୍ୟ ବଡ଼ କ୍ଷତିକୁ ଏଡାଇ ଦେଇଛି । ଏହାପରେ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଆହୁରି ବଢ଼ାଇ ଦିଆଯାଇଛି ।

# ଗଞ୍ଜେଇ ଜବତ, ଜଣେ ଗିରଫ



ରାୟଗଡ଼ା,୨୬।୨(ସମିସ): ବେଆଇନ ଭାବେ ଟ୍ରେନ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ରାୟଗଡ଼ା ରେଳ ଷ୍ଟେସନରୁ ଗିରଫ କରି କୋର୍ଟଚାଲାଣ କରିଛି ରାୟଗଡ଼ା ସରକାରୀ ରେଳବାଇ ପୋଲିସ (ଜିଆରପିଏସ) । ଗିରଫ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗ୍ରାମର କାହ୍ନୁଚରଣ ବାଗଙ୍କ ୩୫ ବର୍ଷିୟ ପୁଅ ଲୁନା ବାଗ । ସେ ରାୟଗଡ଼ାରୁ ଆନ୍ଧ୍ର ପ୍ରଦେଶର ବିଜୟନଗରମକୁ ଟ୍ରେନ୍ ଯୋଗେ ଉକ୍ତ ୭କେଜି ୭୬୦ଗ୍ରାମ ଓଜନର ଗଞ୍ଜେଇ ଚୋରା ଚାଲାଣ ପାଇଁ ଟ୍ରେନ୍‌କୁ ଅପେକ୍ଷା କରୁଥିବା ବେଳେ ନିୟମିତ ଯାଞ୍ଚ ବେଳେ ଜିଆରପି ପୁଲିସ ହାତରେ ଧରାପଡିଥିଲେ । ଯାଞ୍ଚ ବେଳେ ପୁଲିସ ଅଭିଯୁକ୍ତ ଲୁନାର ବ୍ୟାଗକୁ ତନଖି ଥିବା ବେଳେ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ । ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୭୭୬୦୦ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଥିବା ବେଳେ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଯାଞ୍ଚ ବେଳେ ଜିଆରପି ଥାନା ଅଧିକାରୀ ବିଜୟ ପ୍ରକାଶ ମିଞ୍ଜ ଏସଆଇ ସନ୍ତୋଷ କୁମାର ପରିଡା, ଏଏସଆଇ ମଳୟ ମାଝି, ମାଣିକ ଚନ୍ଦ୍ର ଗୌଡ, କନଷ୍ଟେବଳ ଧନୁଜ ବୈଦଭୂଷଣ ପ୍ରମୁଖ ସାମିଲ ଥିଲେ ।

# ପିଏମ୍‌ଶ୍ରୀ ବିଦ୍ୟାଳୟରେ ଗଣିତ ବିଜ୍ଞାନ ସର୍କଲ



ଚନ୍ଦ୍ରପୁର,୨୬।୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍‌ର ପିଏମ୍‌ଶ୍ରୀ ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ବିଦ୍ୟାଳୟ ଠାରେ ଗଣିତ ଓ ବିଜ୍ଞାନ ସର୍କଲ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଷଷ୍ଠରୁ ନବମ ଶ୍ରେଣୀର ୩୦୦ ଛାତ୍ର ମୋଟ ୨୦ଟି ଗ୍ରୁପ୍ ରେ ଅଂଶ ଗ୍ରହଣ କରିଥିଲେ । ଏଥରେ ଗଣିତ, ବିଜ୍ଞାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକ ସହୋଯୋଗ କରି ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ପ୍ରଶିକ୍ଷଣ ଚାର୍ଟ ପିଲା ମାନଙ୍କ ଦ୍ଵରା ପ୍ରସ୍ତୁତ କରାଯାଇଥିଲା । ଛାତ୍ର ମନଙ୍କୁ ବିଭିନ୍ନ ଗ୍ରୁପ୍‌ରେ କରାଯାଇ ଗୋଟେ ଶ୍ରେଣୀ ଗୃହରେ ଶିକ୍ଷକ ମାନଙ୍କ ତତ୍ତ୍ୱାବଧାନରେ ଛାତ୍ର ମାନେ ତିଆରି କରିଥିବା ପ୍ରକଳ୍ପକୁ ଅନ୍ୟ ଶିକ୍ଷକ ମାନେ ପ୍ରଶ୍ନ ଉତ୍ତର କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ, କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ବିଜ୍ଞାନ ଶିକ୍ଷକ ମକର ତୁଇକା, ସାରଙ୍ଗ ଧର ବାଗ, କୁନା ମାଝୀ, ବଳଭଦ୍ର କୁଟ୍ରୁକା, ସୁନିଲ ମହାନ୍ତି, ଆନନ୍ଦ ତୁବ୍ରୁକା, ଶ୍ରୀକାନ୍ତ ହୋତାଙ୍କ କରକମଳରେ ସୁରୁଖୁରୁରେ ସମ୍ପାଦନ ହୋଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ ।

## ରାୟଗଡ଼ା ଜିଲ୍ଲା

# ଦୁଇ ବର୍ଷରେ ୭୮୧ ମହିଳା ବିରୋଧୀ ଅପରାଧ ମାମଲା

ରାୟଗଡ଼ା,୨୬।୨(ସମିସ): ରାୟଗଡ଼ା ଜିଲ୍ଲାର ୧୭ ଥାନାରେ ଗତ ଦୁଇ ବର୍ଷ ମଧ୍ୟରେ ମହିଳା ବିରୋଧୀ ହିଂସା ବଢିଛି । ୨୦୨୪ ମସିହାରେ ୩୩୬ଟି ଏବଂ ୨୦୨୫ ବର୍ଷରେ ୪୪୫ଟି ମୋଟ ୭୮୧ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ ମସିହାରେ ୧୯ ଏବଂ ୨୦୨୫ ମସିହାରେ ୨୧ଗୋଟି ମୋଟ ୪୦ ସାଇବର ଅପରାଧ ମାମଲା ରୁଜୁ ହୋଇଥିବା ନେଇ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଚଳିତ ମାସ ଗତ ୨୩ ତାରିଖର ଅଣତାରକା ପ୍ରଶ୍ନ ସଂଖ୍ୟା ୧୪୫୫ର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତଥ୍ୟ ଉପସ୍ଥାପନା କରିଛନ୍ତି । ବିଧାୟକ ଶ୍ରୀ କାଡ୍ରକା ରାୟଗଡ଼ା ଜିଲ୍ଲାର ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସଠିକ୍ ଭାବେ କାର୍ଯ୍ୟ କରୁଛି କି ଓ ସେଠାରେ ସ୍ୱତନ୍ତ୍ର ମହିଳା ପୁଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି କି ଏବଂ ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାରେ ମହିଳା ବିରୋଧୀ ଅପରାଧ ମାମଲା କେତୋଟି ରୁଜୁ ହୋଇଛି ଏବଂ ସେଥିରୁ କେତେ ପ୍ରତିଶତ ମାମଲାର ଚାର୍ଜସିଟ୍ ଦାଖଲ ହୋଇଛି ବୋଲି ପ୍ରଶ୍ନ କରିଥିବା ବେଳେ ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ରାୟଗଡା ଜିଲ୍ଲାର ୧୭ ଥାନାରେ

## ୪୦ ସାଇବର ଅପରାଧ ମାମଲା

ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସଠିକ୍ ଭାବେ କାର୍ଯ୍ୟ କରୁଛି । ଏହା ମହିଳା ପୁଲିସ ଅଧିକାରୀ/କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଗତ ୨୦୨୪ ମସିହାରେ ୩୩୬ଟି ମହିଳା ବିରୋଧୀ ଅପରାଧ ମାମଲା ମଧ୍ୟରୁ ୨୭୧ଟି ଗୋଟି ମାମଲାରେ ୮୦ପ୍ରତିଶତ ଏବଂ ୨୦୨୫ ମସିହାର ୪୪୫ଟି ମାମଲା ମଧ୍ୟରୁ ୨୮୨ଗୋଟି ମାମଲାରେ ୬୩ପ୍ରତିଶତ ଚାର୍ଜ ସିଟ୍ ଦାଖଲ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ତଥ୍ୟ ପ୍ରକାଶ କରିଛନ୍ତି । ସେହିପରି ବିଧାୟକ ଶ୍ରୀ କାଡ୍ରକା ଜିଲ୍ଲାରେ ବର୍ତମାନ କେତୋଟି ସାଇବର ଥାନା କାର୍ଯ୍ୟ କରୁଛି, ଏହି ଥାନା ଗୁଡିକରେ ସାଇବର ଅପରାଧ ଯାଞ୍ଚ ପାଇଁ ଆବଶ୍ୟକୀୟ ଆଧୁନିକ ବୈଷୟିକ ଯନ୍ତ୍ରପାତୀ ଏବଂ ଦକ୍ଷ ଆଇଟି ବିଶେଷଜ୍ଞ ରହିଛନ୍ତି କି ବୋଲି ପ୍ରଶ୍ନ କରିଥିବା ବେଳେ ଗତ ୨ବର୍ଷ ମଧ୍ୟରେ ଜିଲ୍ଲାର କେଉଁ ଥାନାରେ କେତୋଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି । ରୁଜୁ ହୋଇଥିବା ମୋଟ ମାମଲା ମଧ୍ୟରୁ କେତୋଟି ମାମଲାର ଚୁଡାନ୍ତ ତଦନ୍ତ ସରିଛି ଏବଂ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ସାଇବର ଠକେଇର ଶୀକାର ହୋଇଥିବା ଲୋକଙ୍କର କେତେ ପରିମାଣର ଅର୍ଥ ପୋଲିସ ପକ୍ଷରୁ ଫେରସ୍ତ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ । ଯାହାର ଉତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ରାୟଗଡ଼ା ଜିଲ୍ଲାରେ ୨୦୨୫ ମସିହାରେ ନୂତନ ଭାବେ ସୃଷ୍ଟି ହୋଇଥିବା ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନାର ସ୍ଥାପନା ପାଇଁ ରାୟଗଡ଼ା ଜିଲ୍ଲା ଇଂଟିଲିଜେନ୍ସ ବ୍ୟୁରୋର ପୁରୁଣା ଭବନକୁ ପୁନଃନିର୍ମାଣ କରାଯାଇ ଉକ୍ତ ଥାନାର କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ଭିତିଭୂମି ଯଥା କମ୍ପ୍ୟୁଟର ଓ ଅନ୍ୟାନ୍ୟ ଉପକରଣଗୁଡିକ ପୂର୍ବରୁ ପ୍ରସ୍ତୁତ କରାଯାଇଛି । ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଜିଲ୍ଲାର ୧୭ଗୋଟି ଥାନାରେ ଗତ ଦୁଇ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪ ମସିହାରେ ୧୯ଟି ଏବଂ ୨୦୨୫ମସିହାରେ ୨୧ଗୋଟି ମୋଟ ୪୦ଗୋଟି ସାଇବର ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ଏହି ମାମଲା ମଧ୍ୟରୁ ୧୪ଗୋଟି ମାମଲାରେ ଚୁଡାନ୍ତ ଚାର୍ଜସିଟ୍ ଦାଖଲ ହୋଇଥିବା ମୁଖ୍ୟମନ୍ତ୍ରୀ ତଥ୍ୟ ଉପସ୍ଥାପନା କରିଛନ୍ତି । ସେହିପରି ସର୍ବମୋଟ ୬ଗୋଟି ମାମଲାରେ ୧୦ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ସାଇବର ଠକେଇର ଶୀକାର ହୋଇଥିବା ଲୋକଙ୍କର ୧ଲକ୍ଷ ୮୦ହଜାର ଟଙ୍କା ପୋଲିସ ଦ୍ୱାରା ଫ୍ରୀଜ କରାଯାଇଛି ଏବଂ ଫେରସ୍ତ ଅର୍ଥରାଶି ସଂପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଉତ୍ତର ରଖିଛନ୍ତି ।

# ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତିଙ୍କ ମାଲକାନଗିରି ଗସ୍ତ



ମାଲକାନଗିରି,୨୬ ।୨(ସମିସ): ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଅଦ୍ୱୈତ କୁମାର ପାତ୍ର ଏବଂ ଉପ ସଭାପତି ଡ. ସୁବ୍ରତ କୁମାର ସାହୁଙ୍କ ସମେତ ଅନ୍ୟ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ଆଜି ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିଲେ । ଜିଲ୍ଲା ଗସ୍ତରେ ଆସି ପ୍ରଥମେ ମାଲକାନଗିରି ସଦର ସ୍ଥିତ ସର୍କିଟ ହାଉସରେ ପହଞ୍ଚି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେହି ସମୟରେ ଉତ୍କଳ ସମ୍ମିଳନୀ ରାଜ୍ୟ ଶାଖାର ସମସ୍ତ ନେତୃବୃନ୍ଦଙ୍କ ସମେତ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗ ଦେଇଥିଲେ । ପରେ ସମସ୍ତ ଅତିଥି ମାନଙ୍କୁ ଜିଲ୍ଲା ଶାଖା ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା । ଏହାପରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ପକ୍ଷରୁ ମାଲକାନଗିରି ସଦର ସ୍ଥିତ ଉତ୍କଳ ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ରାଜ୍ୟ ସଭାପତି ଶ୍ରୀ ପାତ୍ରଙ୍କ ସଭାପତିତ୍ୱରେ ଏହି ସଭାଟି ଅନୁଷ୍ଠିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାର ପୋଲାଭରମ ପ୍ରକଳ୍ପ ଜନିତ ସମସ୍ୟାର ସମାଧାନ, ଜିଲ୍ଲା କୁ ରେଳ ସଂଯୋଗୀକରଣ, ଆଦିବାସୀ ଭାଷାର ସଂରକ୍ଷଣ ଏବଂ ବହୁଳ ପ୍ରଚାର, ସ୍ୱାଭିମାନ ଅଞ୍ଚଳର ବିକାଶ, କୃଷିଜାତ ଦ୍ରବ୍ୟର ସଠିକ କ୍ରିୟାନ୍ୱୟନ ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ପଦ୍ମନାଭ ସାମଲ, ଉପ ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଅକ୍ଷୟ କୁମାର ଦାସ, କେନ୍ଦ୍ରୀୟ ସଦସ୍ୟ ରବୀନ୍ଦ୍ର ବେଉରିଆ, ଜିଲ୍ଲା ଶାଖା ସଭାପତି ଦୁଷ୍ମନ୍ତ କୁମାର ଜେନା, ଉପ ସଭାପତି ଲମ୍ବୋଦର ତୁରୁକ, ସମ୍ପାଦକ ଅଶୋକ ମିଶ୍ର, ଜିଲ୍ଲା ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଡଃ. ସରୋଜ କୁମାର ଦାଶ, ରବୀନ୍ଦ୍ର କୁମାର ମହାରଣା, ସୁରେନ୍ଦ୍ର ମଲ୍ଲିକ, ନିରଞ୍ଜନ ପଣ୍ଡା, କାଳୁ ମହାରଣା, ବିଚିତ୍ରନନ୍ଦ ରାଉତ, ନୃସିଂହ ଚରଣ ମହାନ୍ତି, ଗୋପୀକୃଷ୍ଣ ପଟ୍ଟନାୟକ, ଜୟଦେବ ରାଉଳ, ଅଲେଖ ପ୍ରସାଦ ପାତ୍ର ଙ୍କ ସମେତ ରାଜ୍ୟ ଏବଂ ଜିଲ୍ଲା ଶାଖାର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ । ଉତ୍କଳ ସମ୍ମିଳନୀକୁ ଆଗାମୀ ଦିନରେ ଆହୁରି ସୁଦୃଢ଼ କରିବାକୁ ସମସ୍ତେ ଏକ ସ୍ୱରରେ ମତ ପ୍ରକାଶ କରିଥିଲେ ।

# ମହାପ୍ରଭୁଙ୍କ ଫଗୁ ମେଳଣ ଯାତ୍ରା ଆରମ୍ଭ

ବାରିପଦା, ୨୬ ।୨(ସମିସ)



ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ଦୋଳ ପୂର୍ଣ୍ଣିମା ପାଇଁ ରୀତିନୀତି ଆରମ୍ଭ ହୋଇଛି। ଫାଲଗୁନ ଶୁକ୍ଳପକ୍ଷ ଦଶମୀ ଅର୍ଥାତ ଗୁରୁବାର ଫଗୁ ମେଳଣ ଯାତ୍ରା ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ଫାଲଗୁନ ଶୁକ୍ଳପକ୍ଷ ଦଶମୀଠାରୁ ଚୈତ୍ର କୃଷ୍ଣପକ୍ଷ ପ୍ରତିପଦ ପର୍ଯ୍ୟନ୍ତ ଅର୍ଥାତ୍ ସପ୍ତାହ ଧରି ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଫଗୁ ମେଳଣ ଅନୁଷ୍ଠିତ ହେବ।

ମହାପ୍ରଭୁଙ୍କ ଚଳନ୍ତି ପ୍ରତୀମା ଶ୍ରୀମୋଦନ ମୋହନ, ଶ୍ରୀଦେବୀ ଓ ଶ୍ରୀଭୂଦେବୀ ବିମାନରେ ବିଜେ କରିବେ। ସନ୍ଧ୍ୟାରେ ମନ୍ଦିରରେ ରାତ୍ର ଠା ନୀତି ସମ୍ପୂର୍ଣ୍ଣ ହେବା ପରେ ୩ ପୂଜାରୀ ୩ ଦିଅଁଙ୍କୁ ଶୁକ୍ରବାର ରାତିରେ ବିମାନରେ ବିଜେ କରି ନଗର ପରିକ୍ରମା କରି ଫଗୁ ଖେଳିବେ। ଶେଷ ଦିବସ ଦ୍ୱିପ୍ରହର ଧୂପ ପରେ ଯମୁନା ସ୍ନାନ ହୋଇ ଦୋଳଯାତ୍ରା ପର୍ବ ସମାପନ ହେବ। ରୀତିନୀତି ତଥା ପରମ୍ପରା ଅନୁଯାୟୀ ସନ୍ଧ୍ୟା ଧୂପ ହୋଇ ପୂଜାପଣ୍ଡାଙ୍କ ଦ୍ୱାରା ଫଗୁ ଶୋଧନ ପରେ ପରିଚ୍ଛାଙ୍କ ଦ୍ୱାରା ରତ୍ନ ସିଂହାସନରେ ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା, ସୁଦର୍ଶନ, ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କଠାରେ ଫଗୁ ଓ ବକୁମ ପାଣି (ଅଭିର, ଚୁଆ ତେଲ ଓ ଅଗୁର ମିଶ୍ରିତ) ଲାଗି ହେବା ପରେ ବେଢ଼ାରେ ଥିବା ଦେବଦେବୀଙ୍କଠାରେ ଫଗୁ ଲାଗି କରାଯିବ। ସନ୍ଧ୍ୟାଧୂପ ପରେ ପର୍ଯ୍ୟାୟ କ୍ରମେ କାଳିକା ଠାକୁରାଣୀ, ଶ୍ରୀସତ୍ୟନାରାୟଣ ମନ୍ଦିର ଓ ଶୀତଳା ଠାକୁରାଣୀଙ୍କ ସମ୍ମୁଖରେ ମହାପ୍ରଭୁଙ୍କ ଦୋଳ ମେଳଣର କାର୍ଯ୍ୟକ୍ରମ ରହିଛି। ଏଥର ଦୋଳ ପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ପାଇଁ ରୀତିନୀତିରେ ପରିବର୍ତ୍ତନ କରାଯାଇଛି। ଠା ନୀତି ପରେ ମହାପ୍ରଭୁଙ୍କ ମଧୁବନଠାରେ ଅଭିରା ଅଗ୍ନି ଉତ୍ସବ ପୂଜାନୀତି ସହ ବିମାନରେ ତିନି ଠାକୁର ପୂଜା ପାଇବା ପରେ ବଡ଼ବଜାର ପୁରୁଣା ରାଜବାଟୀ ସମ୍ମୁଖରେ ମହାପ୍ରଭୁ ମାନଙ୍କ ଦୋଳ ମେଳଣ ହେବ। ଶେଷ ଦିନ ରାତି ଠା' ପରେ ପହଣ୍ଡିରେ ମହାପ୍ରଭୁ ମଦନମୋହନ, ଭୂଦେବୀ, ଶ୍ରୀଦେବୀ ମନ୍ଦିର ବେଢ଼ା ପରିକ୍ରମା କରିବା ପରେ ଦୋଳ ମଣ୍ଡପକୁ ଯାଇ ସେଠାରେ ତିନି ଥର ପରିକ୍ରମା ସାରି ଝୁଲଣ ଦୋଳ ମଣ୍ଡପ ଠାରେ ବିରାଜମାନ ହେବେ। ସେଠାରେ ପାଣି ହୋଲି ଖେଳ ଓ ପୂଜାନୀତି ସଂକୀର୍ତ୍ତନ ମଣ୍ଡଳୀ ସହ ହୋଇ ଠାକୁର ବିମାନରେ ଶ୍ରୀରାଧାମୋହନ ମନ୍ଦିରର ନାଟ ମନ୍ଦିରରେ ପହଞ୍ଚିବେ। ସେଠାରେ ଶ୍ରୀରାଧାମୋହନ, ସାନ ଶ୍ରୀଜଗନ୍ନାଥ ଓ ବଡ଼ ଶ୍ରୀଜଗନ୍ନାଥ ତିନିଙ୍କ ମିଳନ ହୋଇ ପାଣି ଖେଳ ଅନୁଷ୍ଠିତ ହେବ ଏବଂ ପରେ ପାଟ ଜ୍ୟୋତିଷଙ୍କ ଦ୍ୱାରା ପଞ୍ଜିକା ପଠନ ହେବ। ମଧ୍ୟାହ୍ନ ପଣା ଠା' ନୀତି ପରେ ମହାପ୍ରଭୁ ବିମାନରେ ରଥ ପଡ଼ିଆରେ ରାଧାମୋହନ ଠାକୁରଙ୍କ ସହ ମିଳିତ ହୋଇ ପାଣିହୋଲି ଖେଳି ଯମୁନା ଘାଟରେ ସ୍ନାନ କରିବା ପରେ ପୂଜାପାଠ ନୀତି ସମ୍ପନ୍ନ ହେବା ସହ ଦୋଳଯାତ୍ରା ନୀତି ସମ୍ପନ୍ନ ହେବ।

# ଶହେ ବର୍ଷରେ ତାଳପଦା ମେଳଣ





ବଡ଼ସାହି, ୨୬।୨(ସମିସ): ବଡ଼ସାହି ବ୍ଲକ ଅଧୀନ ତାଳପଦା ପଞ୍ଚାୟତର ତାଳପଦା ଏକ ନିଆରା ଗ୍ରାମ। ବାର ମାସରେ ତେର ପର୍ବ ସହିତ ଓଡ଼ିଶାର ସମସ୍ତ ସଂସ୍କୃତି ଓ ପରମ୍ପରା ଏଠାରେ ପାଳନ ହେଉଥିବା ଦେଖିବାକୁ ମିଳେ। ତାଳପଦା ଗ୍ରାମ ଉନ୍ନୟନ କମିଟି ଗ୍ରାମ ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖି ପାରିଥିବାରୁ ଏହା ସମ୍ଭବ ହୋଇପାରିଛି। ଏହି କମିଟି ଚଳିତ ବର୍ଷ ଶହେତମ ଦୋଳ ମେଳଣ ପାଳନ କରିବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଏହି ମହୋତ୍ସବର ଶତବାର୍ଷିକ ସମାରୋହ ୨୬ରୁ ଆରମ୍ଭ ହୋଇ ମାର୍ଚ୍ଚ ୪ରେ ସରିବ ବୋଲି ଜଣାଯାଇଛି। ଦୋଳ ଉତ୍ସବ ପାଳନ କରିବା ଓ ଭଗବାନ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର କୃପାଲାଭ କରିବା ପାଇଁ ତତ୍କାଳୀନ ସମୟରେ ଗ୍ରାମର ବୟସ୍କ ବ୍ୟକ୍ତି ଏହି ପର୍ବକୁ ଆରମ୍ଭ କରିଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ଚାଲୁ ରହିଛି।

ତାଳପଦା ଗ୍ରାମରେ ଠାକୁରଙ୍କ ସ୍ୱପ୍ନାଦେଶ ପାଇ ତେନ୍ତୁଳିମୁଣ୍ଡା ଗ୍ରାମର ଅଜୟ ଆଚାର୍ଯ୍ୟ ତାଳପଦାଠାରେ ରାଧାକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରି ପୂଜା କରିଆସୁଥିଲେ। ଏଥିପାଇଁ ଗ୍ରାମବାସୀଙ୍କ ପକ୍ଷରୁ ମଧ ଦେଢମାଣ ଜମିର ବ୍ୟବସ୍ଥା କରାଯାଇଥିଲା। ଚମକ ନ ଥିଲେ ମଧ ସେହି ଦିନଠାରୁ ଦୋଳ ମେଳଣ ଆରମ୍ଭ ହୋଇଥିଲା। ସେହି ଜମିରୁ ନିଜେ ଚଳି, ଠାକୁରଙ୍କ ନୀତି ଚଳାଇବା ସମ୍ଭବ ନ ହେବାରୁ ଗ୍ରାମବାସୀଙ୍କ ଅନୁମତିରେ ଶ୍ରୀ ଆଚାର୍ଯ୍ୟ ତତ୍କାଳୀନ ସମୟରେ ଠାକରଙ୍କୁ ତେନ୍ତୁଳିମୁଣ୍ଡା ନେଇ ସ୍ଥାପନ କରିଥିଲେ। ଅଦ୍ୟାବଧି ଶ୍ରୀ ଆଚାର୍ଯ୍ୟଙ୍କ ପରିବାର ପକ୍ଷରୁ ଠାକୁର ସେଠାରେ ପୂଜା ପାଇ ଆସୁଥିବାବେଳେ ମେଳଣରେ ନିଜ ଗ୍ରାମକୁ ଫେରିବାର ପରମ୍ପରା ରହିଛି। ଏହାକୁ ମଧ ଗ୍ରାମବାସୀ ଉତ୍କଣ୍ଠାର ସହିତ ଅପେକ୍ଷା କରିଥା'ନ୍ତି ରାଧାକୃଷ୍ଣ ସାନିଧ ଲାଭ କରିବା ପାଇଁ। ଏହି ଉତ୍ସବ ମଧ ବେଶ ଚିତ୍ତାକର୍ଷକ, ମନଭୁଲାଣିଆ, ମନମତାଣିଆ ହୋଇଥାଏ। ଏହି ଉତ୍ସବ ଗ୍ରାମବାସୀଙ୍କୁ ଏକତ୍ରିତ କରିବା, ପରସ୍ପର ମଧ୍ୟରେ ଭେଦଭାବ ଭୁଲି ଭଗବତ ଚିନ୍ତାଧାରାରେ ଅନୁପ୍ରାଣିତ ହେବ। ଆଧ୍ୟାତ୍ମିକ ଭାବେ ଉଦ୍‌ବୁଦ୍ଧ ହେବ। ଜୀବନଧାରାରେ ନିର୍ଦ୍ଦିଷ୍ଟ ନୀତି ନିୟମ ପାଳନ କରି ଶୃଙ୍ଖଳିତ ହେବା, ସର୍ବୋପରି ଜଞ୍ଜାଳପୂର୍ଣ୍ଣ କର୍ମମୟ ଜୀବନରେ ମିଳିମିଶି ଅବସର ବିନୋଦନ କରିବାରେ ସହାୟକ ହୋଇଥାଏ ବୋଲି ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ଏହି ଉତ୍ସବ ପାଇଁ ଚଳିତ ବର୍ଷ ୪ ଲକ୍ଷ ୫୦ ହଜାର ଟଙ୍କାର ବଜେଟ ଥିବାର ଜଣାଯାଇଛି।

ସାଧାରଣ ଦୋଳଯାତ୍ରାଠାରୁ ଭିନ୍ନ ଢଙ୍ଗରେ ଏହି ଗ୍ରାମରେ ଦୋଳ ପୂର୍ଣ୍ଣିମା ପାଳନ କରାଯାଇଥାଏ। ରାଧାକୃଷ୍ଣଙ୍କ ମୂର୍ତ୍ତି ମେଳଣ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଦୋଳ ମେଳଣ ଅନୁଷ୍ଠିତ ହୁଏ। ଏହାପରେ ଠାକୁରଙ୍କୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହାୟତାରେ ପ୍ରାପ୍ୟ ପ୍ରଦାନ କରାଯାଇ ପୁଣି ତେନ୍ତୁଳିମୁଣ୍ଡାରେ ନେଇ ଛଡା ଯାଇଥାଏ। ଇଷ୍ଟ ଦେବ 'ରାଧାମାଧବ' ଗ୍ରାମକୁ ଆଗମନ କରିବା ପରେ ସନ୍ଧ୍ୟାରେ ମେଳଣା ଉଦଘାଟନ ଓ ଭଜନ ସମାରୋହ ଅନୁଷ୍ଠିତ ହେବ। ଶ୍ରୀକୃଷ୍ଣରାଧାଙ୍କ ମୂର୍ତ୍ତିକୁ ଦୁର୍ଗାମାଧବ ପଡ଼ିଆରେ ୭ଦିନ ଧରି ରଖାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ପଡ଼ିଆରେ ତିଆରି ହୋଇଥିବା ରାଧାକୃଷ୍ଣଙ୍କର ଝୁଲଣ ପ୍ରତୀମା ଓ କୃଷ୍ଣଲୀଳାର ଆକର୍ଷଣୀୟ କୁଞ୍ଜ ମୂର୍ତ୍ତି ଆକାର୍ଷଣର କେନ୍ଦ୍ର ବିନ୍ଦୁ ସାଜିବ। ଏହି ସମୟରେ କୃଷ୍ଣଙ୍କ ରେକର୍ଡ଼ ସଙ୍ଗୀତର ତାଳେ ତାଳେ ଗ୍ରାମବାସୀ ନାଚି ନାଚି ଗ୍ରାମରେ ବୁଲିବୁଲି ହୋଲି ଖେଳିଥାନ୍ତି। ପରେ ଅନୁଷ୍ଠିତ ହେଉଥିବା ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ବେଶ ମନମୁଗ୍ଧକର ହୋଇଥିବାବେଳେ ସମସ୍ତଙ୍କ ମନ ମୋହିବ ବୋଲି କମିଟିର ସଭାପତି ଜଗନ୍ନାଥ ପାତ୍ର, ସମ୍ପାଦକ ରଞ୍ଜନ ବେହେରା ଓ କୋଷାଧ୍ୟକ୍ଷ ଦୀପକ ପାତ୍ର ପ୍ରକାଶ କରିଛନ୍ତି।

**୨ରୁ ପାଞ୍ଚପିଢ଼ ଦୋଳ ମହୋତ୍ସବ**

# ପ୍ରସ୍ତୁତି ବୈଠକରେ ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ

କରଞ୍ଜିଆ, ୨୬।୨ (ସମିସ): କରଞ୍ଜିଆର ପ୍ରସିଦ୍ଧ ଓ ଐତିହାସିକ ପାଞ୍ଚପିଢ଼ ଦୋଳ ମହୋତ୍ସବ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହୋଇ ୪ ତାରିଖରେ ଶେଷ ହେବ। ଏହି ଉତ୍ସବକୁ ସୁଚାରୁରୂପେ ଆୟୋଜନ ପାଇଁ ଅସ୍ଥାୟୀ ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପାଞ୍ଚପିଢ଼ ଉପଜିଲ୍ଲାପାଳ ଓ ଅସ୍ଥାୟୀ ପରିଚାଳନା କମିଟି ସଭାପତି କସ୍ତୁରୀ ପଣ୍ଡାଙ୍କ ସଭାପତିତ୍ୱରେ ତାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଦାସ, ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ, କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ ନାୟକ, ସେକ୍ସନ ଅଫିସର ଧିରେନ ଭୋଇ ଓ କମିଟିର ତତ୍କାଳୀନ ସଦସ୍ୟ ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସ, ବିବେକାନନ୍ଦ ଦାସ, ଦୀପକ ଦାସ ଅଧିକାରୀ, ବିଶ୍ୱଜିତ ଚୌଧୁରୀ, ଓକିଲ ସଂଘ ସମ୍ପାଦକ ସରୋଜ ରାଉଳ ଉପସ୍ଥିତ ଥିଲେ। ବୈଠକରେ ଚଳିତ ବର୍ଷ ମେଳାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ସହ ସଫଳତାର ସହିତ ସମାପନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଭିଡ଼ ନିୟନ୍ତ୍ରଣ, ପୁଲିସ ବ୍ୟବସ୍ଥା, ପରିଷ୍କାରତା ଓ ଆଲୋକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ସମ୍ବନ୍ଧିତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମାର୍ଚ୍ଚ ୩ ତାରିଖରେ ଚନ୍ଦ୍ରଗ୍ରହଣ ଥିବାରୁ ସେଦିନ ଶ୍ରୀଜୀଉଙ୍କ ସାହି ଭ୍ରମଣ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରଶାସନ ଓ ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥାକୁ ସୁଚାରୁ ଭାବେ କରିବା ପାଇଁ ପ୍ରୟାସ ଜାରି ରହିଛି।

# ୫ରେ ସାଇଁକୁଳା ଦୋଳ ମେଳଣ

କୁଆଁମରା, ୨୬ ।୨(ସମିସ): ଆସନ୍ତା ମାର୍ଚ୍ଚ ୫ ତାରିଖରେ ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପ୍ରସିଦ୍ଧ ଦୋଳ ମେଳଣ ଆରମ୍ଭ ହେବ। ଏ ନେଇ ଆଜି ଦୋଳ ମଣ୍ଡପରେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ବିଡିଓ ପୃଥ୍ୱିରାଜ ପରିଡ଼ା, ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ଅତିରିକ୍ତ ତହସିଲଦାର ଶୁଭନ ନାୟକ, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, ରାଜସ୍ୱ ନିରୀକ୍ଷକ ସୁବ୍ରତ ପ୍ରଧାନ, ସରପଞ୍ଚ ରବୀନ୍ଦ୍ର ନାଥ ସିଂ, କୁଆଁମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଣଜିତ ଗିରି, ବ୍ଲକ ସାମାଜିକ ସୁରକ୍ଷା ଅଧିକାର ଦେବାଶିଷ ବେହେରା, ଦୋଳ କମିଟି ସଭାପତି ବୈଦ୍ୟନାଥ ମିଶ୍ର, ସମ୍ପାଦକ ଚନ୍ଦ୍ର ଶେଖର ଦାସଙ୍କ ସମେତ ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ, ଜଳ ପରିମଳ, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତି ବର୍ଷ ଭଳି ଉକ୍ତ ମେଳା ଦୁଇ ସପ୍ତାହ ଧରି ବସୁଥିବାରୁ ଏଠାରେ ଏକ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା ହେବ। ବିଭାଗୀୟ ଅଧିକାରୀ ନିଜ ନିଜ ଦାୟିତ୍ୱ ସମ୍ପନ୍ନ କରିବେ। ଚଳିତ ବର୍ଷ ମେଳା ୧୨୨ ବର୍ଷରେ ପଦାର୍ପଣ କରିବ। ୧୨ ତାରିଖରେ ଯାତ୍ରା ପରିବେଷଣ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ତିରିଂ ବ୍ଲକ୍‌ରେ ମାଗଣା କୋଚିଂ ସେଣ୍ଟର ଉଦ୍‌ଘାଟିତ



ରାଇରଙ୍ଗପୁର, ୨୬ ।୨(ସମିସ): ଭଏସ ଅଫ୍ ଶ୍ରମିକ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ଶିଶୁ ଶିକ୍ଷା, ଋଣ, ସିଲାଇ, ଜରୁରୀ ସ୍ୱାସ୍ଥ୍ୟ, ବିବାହ, ମୃତ୍ୟୁକାଳୀନ ଓ ଚାକିରି ସହାୟତା ଦିଆଯାଉଥିବାବେଳେ ରିହାତି ଖାଉଟି କାର୍ଡ ଓ କୁଶଳୀ ଦକ୍ଷତା ପ୍ରଶିକ୍ଷଣ ଯୋଗାଇ ଦିଆଯାଏ। ଉକ୍ତ ଅନୁଷ୍ଠାନର ରାଜ୍ୟ କୋଡିନେଟର ବିଷ୍ଣୁ ଦାସଙ୍କ ପରିଚାଳନାରେ ଜିଲ୍ଲା ଏରିଆ କୋଡିନେଟର ରୂପକ କୁମାର ମହାନ୍ତି, ଜିଲ୍ଲା କୋଡିନେଟର ଅମର ସିଂ ମହାନ୍ତ, ତିରିଂ ବ୍ଲକ କୋଡିନେଟର ଶୁକଦେବ ବାରିକ, ପଞ୍ଚାୟତ କୋଡିନେଟର ଗୀତା ସାହୁ ଓ ରୀତା ମୁଦିସୋଙ୍କ ଉପସ୍ଥିତିରେ ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ତିରିଂ ବ୍ଲକରେ ମାଗଣା କୋଚିଂ ସେଣ୍ଟର ଉଦଘାଟିତ ହୋଇଛି। ଏଥିରେ ତିରିଂ ପଞ୍ଚାୟତ ଅନ୍ତର୍ଗତ ଆମ୍ବଡିହା ଗ୍ରାମର ରାଣୀସାହି ଓ ତିରିଂଠାରେ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ, ସ୍ୱାତୀ ସାହୁ, ୱାର୍ଡ ମେମ୍ବର ମାନିମଣୀ ମାଝୀ ଓ ବରିଷ୍ଠ ନେତା ଭାଗୀରଥି ପାତ୍ର ଯୋଗଦେଇ ଉଦଘାଟନ କରିଥିଲେ। ନାରାନପୁର ପଞ୍ଚାୟତର ଜାମବଣୀ ଓ ଦେବ୍ରାଡିହି ଗ୍ରାମରେ ଶିକ୍ଷୟିତ୍ରୀ ରେଖା ଦେଓଗାମ ଓ ସୋମବାରୀ ବାରିକ ପ୍ରମୁଖ ଉପସ୍ଥିତ ଥିବାବେଳେ ରେଙ୍ଗାଲାବେଡା ପଞ୍ଚାୟତର ରେଙ୍ଗାଲାବେଡା ଓ ଗୋବ୍ରାସଲ ଗ୍ରାମରେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଟିପିରିଆ, ରାଉନଡେ ମାର୍ଣ୍ଡି ଓ ସମାଜସେବୀ ଲଦୁରା ବାଙ୍ଗିରା ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଗ୍ରାମବାସୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିରେ ଅନୁଷ୍ଠାନ ପକ୍ଷରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା କୋଚିଂ ଦେବା ସହ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ।

# ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପୁଣ୍ୟତିଥି ପାଳିତ

ବାରିପଦା, ୨୬ ।୨(ସମିସ): ଓଡ଼ିଶାର ପ୍ରତ୍ନତତ୍ତ୍ୱ ଗବେଷଣାର ଜନକ ତଥା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଐତିହାସିକ ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପୁଣ୍ୟତିଥି ଅବସରରେ ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀଙ୍କ ଆହ୍ୱାନକ୍ରମେ ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମରେ ଆମେ ମୟୂରଭଞ୍ଜିଆ ପକ୍ଷରୁ ଛଉ ପଡ଼ିଆ ନିକଟସ୍ଥ ସଂସ୍କୃତି ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଅଭିଯାନର ସଭାପତି ଦୁର୍ଗାପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଶ୍ୟାମସୁନ୍ଦର ଦାସ,



ସମ୍ମାନିତ ଅତିଥି ଭାବେ ସୁଲେଖିକା ଡ. ପୁଷ୍ପା ପାତ୍ର ପ୍ରମୁଖ ଯୋଗଦେଇ ପ୍ରଜ୍ଞା ପୁରୁଷ ଡ. ପାଣିଗ୍ରାହୀଙ୍କ କୃତୀ ଓ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ତାଙ୍କ ଅମଳିନ ପ୍ରତିଭାର ସ୍ମୃତି ଚାରଣ କଲାବେଳେ ସେ କିଭଳି ଗ୍ରାମ୍ୟ ପରିବେଶ ଭିତରେ ବଢ଼ି ନୀତି ନୈତିକତା ଓ ଆଦର୍ଶକୁ ପୁଞ୍ଜି କରି ଜଣେ ବିଚକ୍ଷଣ ତଥା ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଥିଲେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଡ. ଗଣେଶ୍ୱର ଭୋଇ, ବିବେକାନନ୍ଦ ପଟ୍ଟନାୟକ, କମଳଲୋଚନ ମହାକୁଡ଼, ନରୋତ୍ତମ ପାଣିଗ୍ରାହୀ, ଡ. ରାଜେଶ ଷଡ଼ଙ୍ଗୀ, ଇଂ ସୁନୀଲ ପ୍ରଧାନ, ସାଇପ୍ରକାଶ ମହାନ୍ତି, ସତ୍ୟାନନ୍ଦ ସେଜପଡ଼ା, ନିରୋଜ ପଣ୍ଡା, ଅଶୋକ ମଣ୍ଡଳ, ଫରେନ ନାରାୟଣ ଧଡ଼ା, ଅଭିଷେକ ଯାଦଭ, ପ୍ରଦୀପ ଦାସ, ସୁଧାମୟୀ ଦାସ, ପ୍ରମୁଖ ଯୋଗ ଦେଇଥିଲେ। ଆଡଭୋକେଟ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୮୩୦୦ କେଜି ପୋଚ ଓ ୪୯୦ ଲିଟର ମହୁଲ ଜବତ



କରଞ୍ଜିଆ, ୨୬।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ଅଞ୍ଚଳରେ ଅବୈଧ ଦେଶୀ ମହୁଲି ମଦ ପ୍ରସ୍ତୁତି ଓ ବ୍ୟବସାୟ ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଳ ପୋଚ ଓ ପ୍ରସ୍ତୁତ ମଦ ଜବତ କରାଯାଇଛି। ଯଶିପୁର ଅଞ୍ଚଳର ମାଛ କାନ୍ଦଣା ଓ ଦୂରଦୁରା ଗ୍ରାମ ପାଖରେ ପାହାଡିଆ ଓ ନଦୀନାଳ ଅଞ୍ଚଳ ଦେଖି ଅବୈଧ ଭାବେ ମଦ ପ୍ରସ୍ତୁତି ଚାଲିଥିଲା। ଖବର ପାଇ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ବିଶେଷ ଅଭିଯାନ ମଧ ଆରମ୍ଭ ହୋଇଛି। କରଞ୍ଜିଆ ଅବକାରୀ ଥାନା ଅଧିକାରିଣୀ ଶ୍ରୀମତୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଯଶିପୁର ଓଆଇସି ଶ୍ରୀମତୀ ଭାରତୀ ନାୟକ, ଠାକୁରମୁଣ୍ଡା ଓଆଇସି, କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ, ଶୁକୃଳି ଓଆଇସି ମୋନାଲିସା ସାମଲ, ଏଏସଆଇ ଫୁଲମଣି ନାୟକ ସହ କରଞ୍ଜିଆ ଓ ଶୁକୃଳି ଅବକାରୀ ବିଭାଗର କର୍ମଚାରୀଙ୍କ ମିଳିତ ସହଯୋଗରେ ଯଶିପୁର ଅଞ୍ଚଳର ଦୁଇଟି ସ୍ଥାନ ଚଢ଼ଉ କରାଯାଇଥିଲା। ପ୍ରାୟ ୮୩୦୦ କେଜି ମହୁଲ ପୋଚ ଓ ୪୯୦ ଲିଟର ପ୍ରସ୍ତୁତ ଦେଶୀ ମହୁଲ ମଦ ଜବତ କରାଯାଇଥିଲା। ମଦ ପ୍ରସ୍ତୁତିରେ ବ୍ୟବହୃତ ଡ୍ରମ୍, ହୋଣ୍ଡା, ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଛି। ଏ ନେଇ ଦୁଇଟି ମାମଲା ରୁଜୁ ହୋଇଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



କୁଳିଅଣା, ୨୬।୨(ସମିସ): କୁଳିଅଣା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମାରୋହ ସଭାପତି ବନବିହାରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ସଂଘର ଦିବଂଗତ ସଦସ୍ୟଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। କୁଳିଅଣା ଥାନା ଭାରପ୍ରାପ୍ତ ଅଧିକାରୀ ସୁଦୀପ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ସମସ୍ତ ସଦସ୍ୟଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହାପରେ ନିର୍ବାଚନ କରାଯାଇ ଆଗାମୀ ତିନିବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ଉପଦେଷ୍ଟା ଭାବେ ବନବିହାରୀ ବେହେରା ଓ ପ୍ରଦୀପ କୁମାର ବକ୍ସି, ସଭାପତି ଭାବେ ବୀରେନ୍ଦ୍ର ଦାସ, ଉପସଭାପତି ଭାବେ ନିରାକାର ନାଏକ, ସାଧାରଣ ସମ୍ପାଦକ ଭାବେ ସହଦେବ ବେହେରା, ସହସମ୍ପାଦକ ଭାବେ ସୀତାରାମ ସାହୁ, କୋଷାଧ୍ୟକ୍ଷ ଭାବେ ଦାମୋଦର ପାତ୍ର ଓ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ଜଗେନ ମାଝୀ, ବ୍ରଜମୋହନ ସାହୁ, ଅନାଦି ବାରିକ, କାଳୀପଦ ବିନ୍ଧାଣି, ସ୍ୱରୂପ ବେହେରା, ସର୍ବେଶ୍ୱର ସିଂ, ରାମଚନ୍ଦ୍ର ନାଏକ, ରବୀନ୍ଦ୍ର ତରାଇ, କୋମଳ ଲୋଚନ ନାଏକ ନିର୍ବାଚିତ ହୋଇଛନ୍ତି। ଶେଷରେ ସଂଘର ବରିଷ୍ଠ ସଦସ୍ୟ ବୀରେନ୍ଦ୍ର ଦାସ ୨୦୨୪-୨୫ ବର୍ଷର ଅଡିଟ ରିପୋର୍ଟ ଓ ଉକ୍ତ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ।

# କୁଳିଅଣା ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କୁଳିଅଣା, ୨୬।୨(ସମିସ): କୁଳିଅଣାସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଳିଅଣା ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ରଶ୍ମିରଞ୍ଜନ କର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ତଥା ବିଆରସିସି ସରସ୍ୱତୀ ସିଂ, ଏବିଇଓ ଗୌରୀମଣି ସେଠୀ, ଏସଏମସି ଅଧ୍ୟକ୍ଷ ଜୟଦେବ ବସା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସେବତୀଲତା ଗିରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ହାଡିବନ୍ଧୁ ଜେନା ପରିଚାଳନା କରିଥିବାବେଳେ ଏଥିରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କ୍ରିଷ୍ଣା କର, ଇପ୍‌ସିତା ମାଇତି, ସୁଚିସ୍ମିତା ପୃଷ୍ଟି, ରଞ୍ଜିତା ହେମ୍ବ୍ରମ, ଗୌରୀଶଙ୍କର ବେହେରା, ଜଗତବଲ୍ଲଭ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଏ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୫ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ



ଅଧିକାର କରିଥିବା ୭୫ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଯୋଗ, ପିରାମିଡ୍, ନାଟକ, କମେଡି, ସଙ୍ଗୀତ ଓ ଆଞ୍ଚଳିକ ଦଳଗତ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିବା ସହ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା।

# ପିଲାଚୋରି ଗୁଜବକୁ ନେଇ କୁଳିଅଣା ଥାନାରେ ସଚେତନତା ଶିବିର

କୁଳିଅଣା, ୨୬।୨(ସମିସ): କୁଳିଅଣା ଥାନା ଅଭ୍ୟର୍ଥନା କକ୍ଷରେ ଥାନା ଅଧିକାରୀ ସୁଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପିଲା ଚୋରି ଗୁଜବକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ତହସିଲଦାର ମାନସ ମଲ୍ଲିକ ଓ ଅତିରିକ୍ତ ତହସିଲଦାର ପ୍ୟାରୀମୋହନ ହେମ୍ବ୍ରମ ଯୋଗଦେଇ ପିଲା ଚୋରି ଗୁଜବକୁ ନେଇ ସଚେତନ କରିଥିଲେ। ଯଦି ସେପରି କୌଣସି ଘଟଣା ଆସେ, ତେବେ ସଙ୍ଗେ ସଙ୍ଗେ ଥାନା କିମ୍ବା ୧୧୨ ନମ୍ବରରେ ଜଣାଇବାକୁ କହିଥିଲେ। ମାଡ଼ ମାରିବା ଦ୍ୱାରା ନିରୀହ ଲୋକଙ୍କ ଜୀବନ ଯାଇପାରେ। ଉପସ୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ସାମ୍ବାଦିକ ଓ ଜନସାଧାରଣଙ୍କୁ ଅବଗତ କରିବା ସହିତ ଲୋକଙ୍କୁ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ। ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଥାନା ଅଧିକାରୀ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା**

# ୧୯୬୧ ଜଣଙ୍କ ପଞ୍ଜୀକରଣ, ୧୦୨୩ ମନୋନୀତ

ରାଇରଙ୍ଗପୁର, ୨୬।୨ (ସମିସ)

ରାଇରଙ୍ଗପୁର କଲେଜ ପଡ଼ିଆରେ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ମେଳାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ, ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, କଟକ ଆର୍ମି ରିକ୍ରୁଟମେଣ୍ଟ କାର୍ଯ୍ୟାଳୟ ନିର୍ଦ୍ଦେଶକ କର୍ଣ୍ଣେଲ ପିସି ପ୍ରସନ୍ନା, ବରିଷ୍ଠ ନେତା ନବୀନ କୁମାର ରାମ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲା ନିଯୋଜନ ଅଧିକାରୀ ଶ୍ରୀ ବସନ୍ତିଆ ନିଯୁକ୍ତି ମେଳାର ଆଭିମୁଖ୍ୟ ବିଷୟରେ ପ୍ରତିପାଦନ କରିବା ସହ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ନିଯୁକ୍ତି ମେଳା ଜରିଆରେ ଶିକ୍ଷିତ ବେକାର ଯୁବକ/




ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏ ଅବସରରେ ଅତିଥି ବୃନ୍ଦ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅନୁବନ୍ଧିତ ଅଭିଷେକ ଏଜ୍ୟୁକେସନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରୁ ବିଭିନ୍ନ ପ୍ରକାର ତାଲିମ ସମ୍ପୂର୍ଣ୍ଣ ପରେ ୩୪ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଟାଟା ଇଲେକ୍ଟ୍ରନିକ୍ସ କମ୍ପାନୀରୁ ଆସିଥିବା ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ।

ଉକ୍ତ ନିଯୁକ୍ତି ମେଳାରେ ପଞ୍ଚମରୁ ଦଶମ ଶ୍ରେଣୀ, +୨, +୩, ଆଇଟିଆଇ, ଡିପ୍ଲୋମା ପାସ ଯୋଗ୍ୟତା ଥିବା ଓ ବୟସ ସୀମା ୧୮ ବର୍ଷରୁ ଅଧିକ ହୋଇଥିବା ବହୁ ବେକାର ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୬୧ଟି ଅନୁଷ୍ଠାନ ଯୋଗ ଦେଇଥିଲେ। ସମୁଦାୟ ୧୯୬୧ ଜଣ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ପ୍ରାୟ ୩୫ଟି ବିଭିନ୍ନ ନିଯୁକ୍ତିଦାତା ୧୦୨୩ ଜଣଙ୍କୁ ବିଭିନ୍ନ ବର୍ଗରେ ପ୍ଲେସମେଣ୍ଟ ପାଇଁ ଚୟନ କରିଥିବାବେଳେ ୧୯ଟି ସରକାରୀ ଅନୁବନ୍ଧିତ ଟ୍ରେନିଂ ତଥା ନିଯୁକ୍ତି ଦେଉଥିବା ଅନୁଷ୍ଠାନ ୭୭୪ଜଣ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ ଓ ତାଲିମ ପ୍ରାପ୍ତ ସମ୍ପୂର୍ଣ୍ଣ ପରେ ପରବର୍ତ୍ତୀ ନିଯୁକ୍ତି ପାଇଁ ଚୟନ କରିଛନ୍ତି। ସେହିପରି ୭ଟି ସରକାରୀ ଅନୁଷ୍ଠାନ ୧୪୩ ଜଣଙ୍କୁ ଆତ୍ମନିଯୁକ୍ତି ତାଲିମ ଓ ଅନ୍ୟାନ୍ୟ ବୃତ୍ତିଭିତ୍ତିକ ପରାମର୍ଶ ଓ ଭାରତୀୟ ସୈନ୍ୟବାହିନୀରେ ଅଗ୍ନିବୀର ପଦବୀରେ ପଞ୍ଜିକରଣ ପାଇଁ ପରାମର୍ଶ ଦେଇଥିଲେ ବୋଲି ଜିଲ୍ଲା ନିଯୋଜନ ଅଧିକାରୀ ସୂତ୍ରରୁ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅଧ୍ୟାପକ ବିଜୟ କୁମାର ରାମ ମଞ୍ଚ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ନିଯୋଜନ କାର୍ଯ୍ୟାଳୟର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଅଧାରେ ଅଟକିଛି କେନ୍ଦୁପାଟଣା ଓମ୍‌ଫେଡ୍ ଡାଏରୀ ପ୍ଲାଣ୍ଟ

## କାର୍ଯ୍ୟକ୍ଷମ ନ ହେବାରୁ ଗୋପାଳକଙ୍କ ମହଲରେ ତୀବ୍ର ଅସନ୍ତୋଷ

ନିଶ୍ଚିନ୍ତକୋଇଲି, ୨୬।୨(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣା ଗ୍ରାମରେ ଗୋପାଳକମାନଙ୍କର ଆର୍ଥିକ ବିକାଶ ପାଇଁ ଏକ ଓମ୍‌ଫେଡ୍ ଡାଏରୀ ପ୍ଲାଣ୍ଟ ନିର୍ମାଣ କରାଯିବା ପାଇଁ ତତ୍କାଳୀନ ବିଜେଡି ସରକାର ବ୍ୟବସ୍ଥା କରିଥିଲେ। ଏହି ପ୍ଲାଣ୍ଟ ନିର୍ମାଣ ନିମନ୍ତେ ୧୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଟେଣ୍ଡର ପ୍ରକ୍ରିୟାରେ ଠିକାଦାର ମଧ୍ୟ ଚୟନ କରାଯାଇଥିଲା। ୨୦୧୯ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟ ହେବା ପାଇଁ ଆଭାସୀ ମାଧ୍ୟମରେ ଏହାକୁ ଶୁଭ ଶିଳାନ୍ୟାସ କରିଥିଲା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ସାଂସଦ, ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ରହିଥିଲେ। ଏହାପରେ ଠିକାଦାର କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଗତ ୫ ବର୍ଷ ହେବ ଏହାର ନିର୍ମାଣ କାର୍ଯ୍ୟ ବନ୍ଦ୍ ହୋଇ ପଡ଼ିଛି। ସରକାର ପରିବର୍ତ୍ତନ ହେବାର ପାଖା ପାଖି ୨ ବର୍ଷ ହୋଇଯାଇଥିଲେ ମଧ୍ୟ ନୂତନ ବିଜେପି ସରକାର ଏହି କାର୍ଯ୍ୟକ୍ରମ କିପରି ଶେଷ ହୋଇ ଓମ୍‌ଫେଡ୍ ଡାଏରୀ ପ୍ଲାଣ୍ଟଟି କାର୍ଯ୍ୟକ୍ଷମ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏ ଅଞ୍ଚଳର ଗୋପାଳକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଗତ ସରକାର ସମୟରେ ଗୋପାଳକମାନଙ୍କର ଆର୍ଥିକ ମାନଦଣ୍ଡର ବିକାଶ ପାଇଁ ୧୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ୨୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ଓମ୍‌ଫେଡ୍ ଡାଏରୀ ପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ଲାଣ୍ଟଟି ହେବା ପରେ ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର, କଟକ ସଦର ଓ କିଶୋରନଗର ଅଞ୍ଚଳର ଗୋପାଳକମାନେ ସେମାନଙ୍କର ଉତ୍ପାଦିତ ଦୁଗ୍ଧକୁ ଏଠାରେ ସହଜରେ ବିକ୍ରୟ କରି ଦି ପଇସା ପାଇ ଲାଭବାନ ହେବା ଲକ୍ଷ୍ୟ ରଖାଯାଇଥିଲା। ଏହାଛଡା ଏହି ପ୍ଲାଣ୍ଟରେ ଆଇସ୍‌କ୍ରିମ୍ ସମେତ ଓମ୍‌ଫେଡ୍‌ର ଦୁଗ୍ଧ ଜାତୀୟ ସମସ୍ତ ଦ୍ରବ୍ୟ ପ୍ରସ୍ତୁତି କରାଯାଇ ଏ ଅଞ୍ଚଳର ବିଭିନ୍ନ ବଜାରରେ ବିକ୍ରୟ କରାଯାଇଥାଆନ୍ତା। ଯାହାଦ୍ୱାରା ବହୁ ବେକାରୀ ଯୁବକ ଯୁବତୀମାନେ ବ୍ୟବସାୟ କରି ଲାଭବାନ୍ ହୋଇଥାଆନ୍ତେ। ପ୍ଲାଣ୍ଟ ଖୋଲାଯାଇଥିଲେ ସ୍ଥାନୀୟ ବହୁ ବେକାରୀ ଯୁବକ ଯୁବତୀମାନେ ମଧ୍ୟ କର୍ମସଂସ୍ଥାନ ପାଇବା ନେଇ ଆଶା ରଖିଥିଲେ। ହେଲେ ପ୍ଲାଣ୍ଟଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଯାଇଥିବାରୁ ସରକାରଙ୍କ ଲକ୍ଷ୍ୟ, ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କ ଆଶା ଏବଂ ଗୋପାଳକମାନଙ୍କର ଆର୍ଥିକ ବିକାଶ ପାଣି ଫୋଟକା ପରି ମିଳେଇଯାଇଛି। ଠିକାଦାର ଜଣକ ଏହି ପ୍ଲାଣ୍ଟ କାମ ଅଧାପାନ୍ତରିଆ କରିଦେଇ ପଳାଇଯାଇଥିଲା ବେଳେ ଏହା ଦାୟିତ୍ୱରେ ଥିବା ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନାହାଁନ୍ତି। ପ୍ଲାଣ୍ଟ କାର୍ଯ୍ୟ କିପରି ଶେଷ କରାଯାଇ କାର୍ଯ୍ୟକ୍ଷମ ହେବ ସେ ନେଇ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ମଧ୍ୟ ଗ୍ରହଣ କରୁନାହାଁନ୍ତି। ଫଳରେ ଦୀର୍ଘ ୫ ବର୍ଷ ତଳେ ଆରମ୍ଭ ହୋଇ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ଏହି ପ୍ଲାଣ୍ଟର ଗୃହ ଗୁଡିକ ଭୂତକୋଠି ପାଲଟିଥିଲା ବେଳେ ଏହା ପରିସର ବଣସଦୃଶ ପାଲଟିଲାଣି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ଗୋପାଳକମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଥିଲା ବେଳେ ଏଭଳି ଏକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କିଭଳି ଶେଷ ପର୍ଯ୍ୟାୟରେ ପହଞ୍ଚିବ ସେଥିପାଇଁ ଦୃଷ୍ଟି ନ ଦେବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଏହି ଓମଫେଡ୍ ଡାଏରୀ ପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଶେଷ କରି ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଗୋପାଳକମାନେ ଦାବି କରିଛନ୍ତି।

## ମାମୁଙ୍କୁ ଆକ୍ରମଣ ଘଟଣାରେ ଦୁଇ ଭଣଜା ଗିରଫ



ତ୍ରିଶୂଳିଆ, ୨୬।୨(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ନରଣପୁର ନିକଟରେ ଏକ ବିବାହ ଉତ୍ସବ ଚାଲିଥିବା ବେଳେ ପାରିବାରିକ କଳହରୁ ରକ୍ତାକ୍ତ ସଂଘର୍ଷ ଘଟିଛି। ପୂର୍ବ ଶତ୍ରୁତା ଓ କଥା କଟାକଟିକୁ କେନ୍ଦ୍ର କରି ଦୁଇ ଭଣଜା କୁଳମଣି ଓ ନୀଳମଣି ନିଜ ସମ୍ପର୍କୀୟ ମାମୁ ମନୋରଞ୍ଜନ ଦାସଙ୍କୁ କଟୁରିରେ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ବାରଙ୍ଗ ପୁଲିସ ଦୁଇ ଅଭିଯୁକ୍ତ ଭାଇଙ୍କୁ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ନୟାଗଡ଼ ଭାପୁର ଅଞ୍ଚଳର ରାଧା ହାତୀଙ୍କ ପୁଅଙ୍କ ବାହାଘର ଉତ୍ସବରେ ଯୋଗ ଦେବା ପାଇଁ ଭଣଜା ନୀଳମଣି ରାଉତ (୪୫) ଓ କୁଳମଣି ରାଉତ (୪୩) ଆସିଥିଲେ। ସେହିପରି ରାଧାଙ୍କ ସମ୍ପର୍କୀୟ ଭାଇ ମନୋରଞ୍ଜନ ଦାସ ମଧ୍ୟ ଉତ୍ସବରେ ସାମିଲ ଥିଲେ। ବରଯାତ୍ରୀ ଯିବା ସମୟରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ନରଣପୁର ଫେରିବା ପରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା ଏବଂ ଦୁଇ ଭାଇ ଉତ୍‌କ୍ଷିପ୍ତ ହୋଇ ମନୋରଞ୍ଜନଙ୍କ ଛାତିକୁ କଟୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ମନୋରଞ୍ଜନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରିବାର ସଦସ୍ୟ ତ୍ରିନାଥ ଦାସଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଅଦାଲତକୁ ପଠାଇଛି।

## ଦୁର୍ଘଟଣାରେ ଜଣେ ମୃତ; ଦୁଇ ଗୁରୁତର

ନରସିଂହପୁର, ୨୬।୨(ସମିସ): ଯୋଡୁମୁଁ ଥାନା ଅନ୍ତର୍ଗତ ମର୍ଦ୍ଦମେଖ ଗ୍ରାମ ନିକଟରେ ବୁଧବାର ବିଳମ୍ବିତ ରାତି ଏକ ଦୁର୍ଘଟଣାରେ ଜିଲିଣ୍ଡା ଗ୍ରାମର ସୋନୁ ବେହେରା (୨୦)ଙ୍କ ମୃତ୍ୟୁ ଘଟିଛି। ରାତି ପ୍ରାୟ ୩ଟା ସମୟରେ ସୋନୁ ଓ ତାଙ୍କର ଅନ୍ୟ ଦୁଇଜଣ ସାଥୀ (ଜଣେ ଯୁବକ ଓ ଜଣେ ବାଳିକା) ଏକ ବାଇକରେ ଜିଲିଣ୍ଡାରୁ ନରସିଂହପୁର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ନରସିଂହପୁର ଡାକ୍ତରଖାନାକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ସୋନୁଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯୋଡୁମୁଁ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ଆହତ ବୃଦ୍ଧଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୨୬।୨(ସମିସ): ନିଶ୍ଚିନ୍ତକୋଇଲି ଗ୍ରାମର ଆହତ ହୋଇଥିବା ବୃଦ୍ଧ ଭରତଚନ୍ଦ୍ର ରାଉତ (୬୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଗତ ଫେବୃୟାରୀ ୧୩ ତାରିଖରେ ନିଜ ଘରୁ ନିଶ୍ଚିନ୍ତକୋଇଲି ହାଟକୁ ଯାଉଥିବା ବେଳେ ତାଙ୍କୁ ଏକ ସ୍କୁଟି ଧକ୍କା ଦେଇଥିଲା। ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର କନ୍ୟା ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସମ୍ପୃକ୍ତ ବୃଦ୍ଧ ଜଣକ ଗରିବ ଶ୍ରେଣୀର ହୋଇଥିବାରୁ ସରପଞ୍ଚଙ୍କ ସମେତ କେତେକଙ୍କ ସହାୟତାରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଭଣଜା ଉମେଶ ଚନ୍ଦ୍ର ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଶତାୟୁ ବୃଦ୍ଧାଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, ୨୬।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସରପଡ଼ା ଗ୍ରାମର ସ୍ୱର୍ଗତ ବୈଷ୍ଣବ ଚରଣ ପୃଷ୍ଟିଙ୍କ ପତ୍ନୀ ଶତାୟୁ ବୃଦ୍ଧା ଶଶି ପୃଷ୍ଟି (୧୦୨) ତାଙ୍କ ବାସଭବନରେ ପରଲୋକ ହୋଇଛି। କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ କନ୍ୟା ଯାମାତା, ପୁତ୍ରବଧୂଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଗ୍ରାମ୍ୟଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ମହେନ୍ଦ୍ର ପୃଷ୍ଟି ମୁଖାଗ୍ନି ଦେଇଥିଲେ।

## ଧାନ ମଣ୍ଡିରେ ବଟି ନ ଦେବାରୁ ଆକ୍ରମଣ

ସାଲେପୁର, ୨୬।୨(ସମିସ): ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର କୃଷି ସମବାୟ ସମିତିରେ ଚାଲିଥିବା ସରକାରୀ ଧାନ ମଣ୍ଡିରେ ଦାଦାବଟି ନ ଦେବାରୁ ମିଲର ସୁପରଭାଇଜର ଓ ଜଣେ ଶ୍ରମିକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଜପକୁଦ ଫାଣ୍ଡିରେ ଏକ ଲିଖିତ ଏତଲା ଦିଆଯାଇଛି। ମଣ୍ଡିରେ ଧାନ କ୍ରୟ ଦାୟିତ୍ୱରେ ଥିବା ମୁରଲୀଧର କମ୍ପାନୀର ସୁପରଭାଇଜର ବିଜୟ ବାରିକ ଓ ଶ୍ରମିକ ହେମନ୍ତ ଭୋଇ କାର୍ଯ୍ୟ କରୁଥିବା ସମୟରେ ଏଲେମାପୁର ଗ୍ରାମର ସୁବାସ ଦାସ ଓ ମହନାପୁର ଗ୍ରାମର ଦେବେନ୍ଦ୍ର ବିଶ୍ୱାଳ ମୋଟର ସାଇକଲରେ ପହଞ୍ଚି ବଟି ମାଗିଥିଲେ। ସୁପରଭାଇଜର ବଟି ଦେବାକୁ ମନା କରିବାରୁ ଉଭୟ ଯୁବକ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଥିରେ ବାଧା ଦେବାକୁ ଚେଷ୍ଟା କରିଥିବା ଲୁଣହାର ଗ୍ରାମର ଶ୍ରମିକ ହେମନ୍ତ ଭୋଇଙ୍କୁ ମଧ୍ୟ ଆକ୍ରମଣକାରୀ ଜାତିଆଣ ଆକ୍ଷେପ କରିବା ସହ ମାରଧର କରିଥିବା ଅଭିଯୋଗ ହୋଇଛି। ହେମନ୍ତଙ୍କ ଅଭିଯୋଗକ୍ରମେ ଜପକୁଦ ଫାଣ୍ଡି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଓଲଟପୁରରେ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ

● କୋଠା ତଳୁ କ୍ଷତବିକ୍ଷତ ଶବ ଉଦ୍ଧାର

କଣ୍ଟାପଡ଼ା, ୨୬।୨(ସମିସ): କଟକ ଜିଲ୍ଲା ଓଲଟପୁର ଥାନା ଅନ୍ତର୍ଗତ ନୂଆ କଲୋନୀ ଅଞ୍ଚଳରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତ ଯୁବକ ଜଣକ ଆସାମ ରାଜ୍ୟର ରୋହନ କାକତି ବୋଲି ଚିହ୍ନଟ କରାଯାଇଛି। ସେ ଓଲଟପୁରସ୍ଥିତ ନିରତାର୍ ଅନୁଷ୍ଠାନରୁ ଫିଜିଓଥେରାପି ପାଠ ଶେଷ କରିବା ପରେ ସ୍ଥାନୀୟ 'କବିତା କମ୍ପ୍ଲେକ୍ସ'ର ଦ୍ୱିତୀୟ ମହଲାରେ ରହି ଘରୋଇ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ସୂଚନା ଅନୁସାରେ, ରୋହନ ନିଜ ଘରୁ ଫେରିବା ପରେ ଗୁରୁବାର ଭୋର ସମୟରେ ତାଙ୍କର କ୍ଷତବିକ୍ଷତ ଶବ କୋଠା ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘର ମାଲିକଙ୍କଠାରୁ ଖବର ପାଇ ଓଲଟପୁର ପୁଲିସ ଓ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ ମଲ୍ଲିକ ତଦନ୍ତ ଆରମ୍ଭ କରିଛନ୍ତି। ରୋହନ ଦ୍ୱିତୀୟ ମହଲାରୁ ପଡ଼ି ପ୍ରାଣ ହରାଇଛନ୍ତି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ପୁଲିସ ସନ୍ଦେହ କରୁଛି। ମୃତକଙ୍କ ପରିବାର ଲୋକ ଆସାମରୁ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଉର୍ଦ୍ଦୁରେ ବିଜ୍ଞାନ ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ର

କଟକ, ୨୬।୨(ସମିସ): କଟକ ସଦର ଥାନା ଫୁଲନଖରାସ୍ଥିତ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଏକ ଅଭାବନୀୟ ଘଟଣା ଘଟିଛି। ପରୀକ୍ଷା ପରିଚାଳନାଗତ ତ୍ରୁଟି ଯୋଗୁଁ ଜଣେ ପରୀକ୍ଷାର୍ଥୀ ଉର୍ଦ୍ଦୁ ଭାଷାରେ ବିଜ୍ଞାନ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବ୍ରାହ୍ମଣଝରିଲୋ ନୋଡାଲ ହାଇସ୍କୁଲର ଛାତ୍ର ମହମ୍ମଦ ସର୍ଫରାଜ ବିଜ୍ଞାନ ପରୀକ୍ଷାରେ ଉର୍ଦ୍ଦୁ ଭାଷାରେ ଉତ୍ତର ଲେଖୁଥିବା ବେଳେ ପରୀକ୍ଷା ହଲ୍‌ରେ ଥିବା ନିରୀକ୍ଷକମାନେ ତାଙ୍କୁ ଓଡ଼ିଆରେ ଲେଖିବାକୁ ବାଧ୍ୟ କରିଥିଲେ। ଛାତ୍ର ଜଣକ ଓଡ଼ିଆ ଭାଷା ଭଲ ଭାବରେ ଜାଣି ନ ଥିବାରୁ ଏବଂ ପୂର୍ବରୁ ଉର୍ଦ୍ଦୁରେ ଲେଖିଥିବା ଉତ୍ତରକୁ କାଟିବାକୁ ପଡ଼ିଥିବାରୁ ସେ ପରୀକ୍ଷାରେ ଠିକ୍ ଭାବେ ଉତ୍ତର ଲେଖିପାରି ନାହାନ୍ତି। ଏହି ଘଟଣାକୁ ନେଇ ଅଭିଭାବକ ମହମ୍ମଦ ସମିମ୍ ସଦର ଥାନାରେ ଲିଖିତ ଅଭିଯୋଗ କରିବା ସହ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ରାଧାକାନ୍ତଜୀଉ ମହୋତ୍ସବ ଉଦ୍‌ଯାପିତ



ସାଲେପୁର, ୨୬।୨(ସମିସ): ସାଲେପୁର ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମରେ ଶ୍ରୀ ରାଧାକାନ୍ତଜଉ ମନ୍ଦିର ପରିସରରେ ତିନିଦିନ ବ୍ୟାପୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ-୨୦୨୬ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱରର ମେଲୋଡି ଅନୁଷ୍ଠାନ ସୁରତାଲ କ୍ରିଏଟିଭର କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ରାଜ୍ୟର ବହୁ କଳାକାର, କଣ୍ଠଶିଳ୍ପୀ ମନ୍ମଥ ମିଶ୍ରଙ୍କ ସୁମଧୁର ଭଜନ ଦର୍ଶକଙ୍କୁ ବିମୋହିତ କରିଥିଲା।

ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ସାଲେପୁରର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଦିଲ୍ଲୀପ ଦାଶଙ୍କ ତତ୍ତ୍ୱାବଧାନରେ ବିଶ୍ୱରଞ୍ଜନ ସାହୁ, ଜୟନ୍ତ ଦାଶ, ଶରତ ପ୍ରଧାନ, ହିମାଂଶୁ ଦାଶ, ବିଜୟ ଦାଶ, ପୂର୍ବତନ ସରପଞ୍ଚ ସୁବାସଚନ୍ଦ୍ର ଦଶ, ଜଗମୋହନ ଦାଶ, ହେମନ୍ତ ନନ୍ଦ, ବଜ୍ରବାହନ ପ୍ରଧାନ, ଗୋପବନ୍ଧୁ ମହାନ୍ତି, ସଞ୍ଜିତ ଦାଶ, ସମ୍ବିତ ପଟ୍ଟନାୟକ, ଦୁର୍ଯ୍ୟୋଧନ ବେହେରା, ଅଲୋକ ସାମଲଙ୍କ ସମେତ ପାଟପୁର ଓ ଆଖପାଖ ଗ୍ରାମବାସୀ ସହଯୋଗ କରିଥିଲେ।

## ବେଲେଶ୍ୱରୀ ଦୋଳ ବିମାନ ବାହାରିଲା

ନିଶ୍ଚିନ୍ତକୋଇଲି, ୨୬।୨(ସମିସ): ନିଶ୍ଚିନ୍ତକୋଇଲିର ଆରାଧ୍ୟ ଦେବୀ ମା' ବେଲେଶ୍ୱରୀଙ୍କର ଦୋଳ ବିମାନ ପବିତ୍ର ଦୋଳ ଦଶମୀ ଅବସରରେ ପୂଜକ ସରୋଜ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ମେଲଣ ଅଭିମୁଖେ ବାହାରିଛନ୍ତି। ଦୋଳପର୍ବ ପରିଚାଳନା କମିଟିର ସଭାପତି କ୍ଷୀରୋଦ ପଣ୍ଡା ଓ ଅଶୋକ ମହାପାତ୍ରଙ୍କ



ସଂଯୋଜନାରେ ପ୍ରଥମେ ଦୋଳ ବିମାନ ଏହି ଗ୍ରାମର ସ୍ୱର୍ଗତ ଚୈତନ୍ୟ ମହାପାତ୍ରଙ୍କ ବାସଭବନରେ ପହଞ୍ଚି ଭୋଗ ଖାଇଥିଲେ। ଏହାପରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ବିମାନ ପହଞ୍ଚି ବିଇଓ ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରସ୍ପର ମଧ୍ୟରେ ଅବିର ଖେଳ କରି ପ୍ରଭୁଙ୍କ କୃପା ଲାଭ କରିଥିଲେ। ପରେ ବିମାନ ନିଶ୍ଚିନ୍ତକୋଇଲି ଓ ବାରମାଣିଆ ଗ୍ରାମର ବିଭିନ୍ନ ଭକ୍ତଙ୍କ ଘରେ ଭୋଗ ଖାଇ ପ୍ରଥମ ଦିନରେ ବେଲେଶ୍ୱରୀ ବିମାନ ବୁହାଳସ୍ଥିତ ହଇଡାପରିଡ଼ା ମଠ ମେଲଣରେ ଅଧିଷ୍ଠିତ ହୋଇଥିଲେ। ଗୁରୁବାରଠାରୁ ନିଶ୍ଚିନ୍ତକୋଇଲି ଅଞ୍ଚଳ ଦୋଳ ପର୍ବ ପାଇଁ ଉତ୍ସବମୁଖର ହୋଇଛି। ବିଭିନ୍ନ ଦେବାଦେବୀଙ୍କ ଦୋଳବିମାନ ଗୁଡିକ ଗାଁରେ ବୁଲି ଭୋଗ ଖାଉଛନ୍ତି।

## 'ପଦ୍ମଶ୍ରୀ' ଉତ୍ସବ ଚରଣ ଥିଲେ ଓଡ଼ିଶାର ଗର୍ବ: ଡ୍ରିମ୍‌ସ ଅଧ୍ୟକ୍ଷ

କଟକ, ୨୬।୨(ସମିସ): ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଘୋଡ଼ା ନାଚ କଳାକାର 'ପଦ୍ମଶ୍ରୀ' ଉତ୍ସବ ଚରଣ ଦାସଙ୍କ ବିୟୋଗରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ବାର୍ତ୍ତାରେ ସେ କହିଛନ୍ତି ଯେ ଟାଙ୍ଗୀ ମାଟିରେ ଜନ୍ମିତ ଉତ୍ସବ ବାବୁ ଚୌଦ୍ୱାରରେ ନିଜର ସାଧନା ଜାରି ରଖିଥିଲେ। ସେ ଥିଲେ ଓଡ଼ିଶାର ଗର୍ବ ଓ ଗୌରବ। ପିଲାବେଳୁ ଅଭାବ ଅନଟନ ଓ ନାନା ପ୍ରତିକୂଳ ପରିସ୍ଥିତି ଭିତରେ ସେ ଆଗକୁ ବଢ଼ିଥିଲେ। ନିଜର କୌଳିକ ଲୋକ କଳା 'ଘୋଡା ନାଚ'କୁ ଦେଶବିଦେଶରେ ପ୍ରଚାରପ୍ରସାର, ଲୋକପ୍ରିୟ କରିବାରେ ତାଙ୍କର ପ୍ରଚେଷ୍ଟା ଥିଲା ଅତୁଳନୀୟ। ତାଙ୍କର ବ୍ୟକ୍ତିତ୍ୱ ଓ ଜୀବନ କାହାଣୀ ଉତ୍ତରପିଢି ପାଇଁ ପ୍ରେରଣାର ଉତ୍ସ। ନିଜର କାବ୍ୟିକ ପ୍ରତିଭାକୁ ସେ ଘୋଡା ନାଚ ମାଧ୍ୟମରେ ପରିପ୍ରକାଶ କରିବା ସହ ମନୋରଞ୍ଜନର ନୂଆ ଧାରା ସୃଷ୍ଟି କରିଥିଲେ। ସଫଳତାର ଶିଖରରେ ପହଞ୍ଚି ଥିଲେ ବି ସେ ଥିଲେ ଅତ୍ୟନ୍ତ ଅମାୟିକ, ବନ୍ଧୁବତ୍ସଳ ସର୍ବୋପରି ଜଣେ ଭଲ ମଣିଷ। ତାଙ୍କର ଜୀବନ ବ୍ୟାପୀ ସାଧନାକୁ ସମ୍ମାନ ଜଣାଇ ଡ୍ରିମ୍‌ସ ପରିବାର ପକ୍ଷରୁ ତାଙ୍କୁ 'କର୍ମଯୋଗୀ ଧନେଶ୍ୱର ରଥ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତାଙ୍କ ବିୟୋଗରେ ରାଜ୍ୟ ଜଣେ ପ୍ରଥିତଯଶା କଳାକାରଙ୍କୁ ହରାଇଲା। ତାଙ୍କର ଅମର ଆତ୍ମାର ସଦଗତି କାମନା ସହିତ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ଡ. ରଥ ସମବେଦନା ଜଣାଇଛନ୍ତି।

## ଚୋରା କାଠ ଜବତ

ଆଠଗଡ଼, ୨୬।୨(ସମିସ): ଆଠଗଡ଼ ବନ ବିଭାଗ ପକ୍ଷରୁ ଅପରାହ୍ନରେ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ଚୋରା କାଠ ଜବତ କରାଯାଇଛି। ମେଘା ପଞ୍ଚାୟତ ଧୁରୁକୁଡ଼ିଆ ଗ୍ରାମର ପ୍ରଭାକର ଦାଶଙ୍କ ଘରେ ଚୋରା ଶାଳ, ପିଆଶାଳ, କସି, ପଣସ, ଶିରିଶ ଓ ଚାକୁଣ୍ଡା ଗଛ କଟାଯାଇ ବହୁ ପରିମାଣର ଚୋରା କାଠ ଗଚ୍ଛିତ ଥିବା ବନ ବିଭାଗ ପାଖରେ ଖବର ରହିଥିଲା। ସଦର ରେଞ୍ଜର ସୁଷମା ସାହୁଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଅତର୍କିତ ଚଢଉ କରି ପ୍ରାୟ ୨୫୦ ସିଫ୍ଟ କାଠ ଜବତ କରିଛନ୍ତି।

## ଦୋଳ ବିମାନରେ ଦିଅଁଙ୍କୁ ଭୋଗ ଲାଗି



ଆଠଗଡ଼, ୨୬।୨(ସମିସ): ପବିତ୍ର ଫଗୁ ଦଶମୀରେ ଆଠଗଡ଼ର ଆରାଧ୍ୟ ଅଟ୍ଟାଳୀ ଦେବ, ରାଧାକୃଷ୍ଣ ଓ ରଘୁନାଥଙ୍କ ବିମାନଙ୍କୁ ଯଜ୍ଞ ନାରାୟଣ ମନ୍ଦିରଠାରେ ପରମ୍ପରା ଅନୁଯାୟୀ ରାଜ ପରିବାରର ପହିଲି ଭୋଗ ଲାଗି କରାଯାଇଛି। ପରେ ଆଠଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ମୁଖ୍ୟଙ୍କ ଆବାସିକ ଗୃହରେ ଭୋଗ ଲାଗି କରାଯାଇଛି। ଫଗୁ ଦଶମୀଠାରୁ ବାରୁଣୀ ସ୍ନାନ ପର୍ଯ୍ୟନ୍ତ ଗଡ଼ଜାତ ଅଞ୍ଚଳ ଆଠଗଡ଼ର ବିଭିନ୍ନ ଗ୍ରାମ ଓ ପଡ଼ାରେ ଦୋଳ ଉତ୍ସବ ଓ ହୋଲି ପର୍ବ ଅନୁଷ୍ଠିତ ହେବ।

## ହାତୀ ଆକ୍ରମଣରେ ତିନି ବିଦ୍ୟାର୍ଥୀ ଆହତ

ନରସିଂହପୁର, ୨୬।୨(ସମିସ): ଅନୁଗୋଳ ଡିଭିଜନ ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟର କଇଁତରା ଗ୍ରାମ ନିକଟରେ ଏକ ହାତୀ ଆକ୍ରମଣରେ ଗ୍ରାମର ତିନିଜଣ ବିଦ୍ୟାର୍ଥୀ ରୋଜାଲିନ ନାୟକ (୧୪), ପୂଜା ନାୟକ (୧୪) ଓ ସୋନୁ ନାୟକ (୧୪) ଆହତ ହୋଇଛନ୍ତି। ସନ୍ଧ୍ୟା ସମୟରେ ଟିୟୁସନ ସାରି ସାଇକଲରେ ଫେରୁଥିବା ବେଳେ ଏକ ଦନ୍ତାହାତୀ ସେମାନଙ୍କ ସମ୍ମୁଖକୁ ଆସିଯାଇଥିଲା। ହାତୀଟି ଗୋଡ଼ାଇବାରୁ ସେମାନେଦୌଡ଼ିବା ସମୟରେ ପଡ଼ିଯାଇ ଆହତ ହୋଇଛନ୍ତି। ଦୁଇଟି ସାଇକଲ ଏବଂ ସାଙ୍ଗରେ ଥିବା ଅଭିଭାବକଙ୍କ ଏକ ମୋଟର ସାଇକଲକୁ ହାତୀ ଦଳିଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ରୋଜାଲିନଙ୍କ ଅଧିକ ଚିକିତ୍ସା ପାଇଁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ଆର୍ଥିକ ସହାୟତା ମିଳି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିବା ବେଳେ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ପରିବେଶବିତମାନେ ଦାବି କରିଛନ୍ତି।

## 'ଆବାସ'କୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ

# ଶାସକ-ବିରୋଧୀ ମୁହାଁମୁହିଁ, ବିଡିଓଙ୍କୁ ଭେଟିଲେ ହିତାଧିକାରୀ

ଆଠଗଡ଼, ୨୬।୨(ସମିସ)




ଆଠଗଡ଼ ବ୍ଲକ କୁମାରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଓ ହିତାଧିକାରୀଙ୍କ ଟଙ୍କା ହଡ଼ପକୁ ନେଇ ବର୍ତ୍ତମାନ ସ୍ଥାନୀୟ ରାଜନୀତି ସରଗରମ ହୋଇଛି। ଶାସକ ବିଜେପି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୂର୍ବତନ ବ୍ଲକ

**ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ; ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ**

ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟଙ୍କ ବିରୋଧରେ ଗରିବ ହିତାଧିକାରୀଙ୍କ ଟଙ୍କା ଆତ୍ମସାତ କରିଥିବା ନେଇ ସାଂଘାତିକ ଅଭିଯୋଗ ଅଣାଯିବା ସହ ବ୍ଲକ ପ୍ରଶାସନକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଘଟଣାକୁ ନେଇ କୁମାରପୁରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ ନିଜର ପକ୍ଷ ରଖିବା ସହ ବିରୋଧୀ ଦଳ ଶସ୍ତା ରାଜନୀତି କରି ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିବା କଟାକ୍ଷ କରିଛନ୍ତି। ଏହି ବିବାଦ ଏକ ନୂଆ ମୋଡ଼ ନେଇଥିଲା ଯେତେବେଳେ ରଞ୍ଜନ ଆଚାର୍ଯ୍ୟ ସମ୍ପୃକ୍ତ ଛଅ ଜଣ ହିତାଧିକାରୀଙ୍କୁ ସାଙ୍ଗରେ ଧରି ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡିଓ) ଆକାଶ କୁମାର ପଣ୍ଡାଙ୍କୁ ଭେଟିଥିଲେ। ହିତାଧିକାରୀ ଜେମା ବଦରା, ଜୁନୁ ଦିଗି, ମାଣିକ ଦିଗି, ବୁଦୁନି ଦିଗି, ଗୀତା ଚାତରା ଓ କୁନୁ ଦିଗି ଲିଖିତ ଭାବେ ପ୍ରଶାସନକୁ ଜଣାଇଛନ୍ତି ଯେ ସେମାନଙ୍କର କୌଣସି ଟଙ୍କା ହଡ଼ପ ହୋଇନାହିଁ। ସବୁଠାରୁ ଚଞ୍ଚଲ୍ୟକର ଅଭିଯୋଗ ହେଉଛି, ଏହି ଅନୁସୂଚିତ ଜନଜାତିର ସରଳ ଲୋକମାନଙ୍କୁ ଶାସକ ଦଳର ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଓ ତାଙ୍କ ସମର୍ଥକମାନେ ଭୟଭୀତ କରିଥିଲେ। ଯଦି ସେମାନେ ଟଙ୍କା ହଡ଼ପର ମିଛ ଅଭିଯୋଗ ନ କରିବେ, ତେବେ ସେମାନଙ୍କ ଆବାସ ଘର କାଟିଦେବା ସହ ସରକାରୀ ଜମିରୁ ଉଠାଇ ଦେବାକୁ ଧମକ ଦିଆଯାଇଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଆଜି ଅପରାହ୍ନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ ନିଜର ଶତାଧିକ ସମର୍ଥକଙ୍କ ସହ ବିଡ଼ିଓଙ୍କୁ ଭେଟି ଏହି ଷଡ଼ଯନ୍ତ୍ରର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ଦାବି କରିଛନ୍ତି। ଆଠଗଡ଼ ବିଡ଼ିଓ ଶ୍ରୀ ପଣ୍ଡା କହିଛନ୍ତି ଯେ, ଏହି ଘଟଣାଟି ପ୍ରାୟ ଦୁଇ-ତିନି ବର୍ଷ ତଳର ଅଟେ ଏବଂ ଏ ନେଇ ବିଧିବଦ୍ଧ ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ତଥ୍ୟ ଆଧାରରେ ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣା ଏବେ ସମଗ୍ର ଆଠଗଡ଼ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### କାମରେ ଆସୁନି ଜଳ ଯୋଗାଣ ପ୍ରକଳ୍ପ

# ଫେଲ୍ ମାରିଛି 'ବସୁଧା' ଯୋଜନା

**ଅସୁରାଳି, ୨୬।୨(ସମିସ)**

'ବସୁଧା' ଯୋଜନା ଆଜି ଧାମନଗର ଅଞ୍ଚଳରେ ଫେଲ୍ ମାରିଛି। ସମସ୍ତଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଜଳ ସମସ୍ୟାର ଦୂରୀକରଣ ପାଇଁ ସରକାର ଯେଉଁ ଲକ୍ଷ୍ୟ ନେଇ ଏହି ଯୋଜନାକୁ ଯୁଦ୍ଧକାଳୀନ ଭିତ୍ତିରେ କୋଟି କୋଟି ଟଙ୍କା ବ୍ୟୟ କରି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶନାମାକୁ ବିଭାଗୀୟ କର୍ତ୍ତୃପକ୍ଷ, ଠିକାଦାର ବେଖାତିର୍ କରି ନିଜ ମନମାନୀରେ କାର୍ଯ୍ୟ କରି ସରକାରୀ ଅର୍ଥକୁ ଆତ୍ମସାତ୍ କରୁଥିବା ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଅଭିଯୋଗ ହୋଇଛି। ବାସ୍ତବରେ ଏହି ଯୋଜନା ଧାମନଗର ବ୍ଲକରେ ବିଫଳ ହୋଇଥିବା କୁହାଯାଇପାରେ। ଗୋଟିଏ ଗୋଟିଏ ପଞ୍ଚାୟତରେ ଦୀର୍ଘଦିନ ଧରି କାର୍ଯ୍ୟ ଆରମ୍ଭ ହୋଇ ଏତେ କଚ୍ଛପ ଗତିରେ କାର୍ଯ୍ୟ ହେଉଛି ଯେ, ତାହା ସରିବାର ନାଁ ନେଉନି। ସେଥିରେ ପୁଣି ଏତେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି ତାହା କାମ ନ ସରୁଣୁ ଅଚଳ ହୋଇ ପଡୁଛି। ଟ୍ୟାପ୍ ଷ୍ଟାଣ୍ଡଗୁଡ଼ିକ ତିଆରି ହେବାର ପରଦିନ ଭାଙ୍ଗିଯାଉଛି। ଆଉ କେଉଁଠି ଦୀର୍ଘ ଦିନ ଧରି ପାଇପ୍ ଲାଇନ୍ ପାଇଁ ଖୋଳା ଯାଇଥିଲେ ମଧ୍ୟ ପାଇପ୍ ବିଛା ଯାଇପାରୁନି। କେତେକ ସ୍ଥାନରେ ଏହି ପ୍ରକଳ୍ପ କାମ ସରିଛି, ହେଲେ ପାଇପ୍‌ରେ ଜଳ ଯୋଗାଣ ସମ୍ଭବ ହେଉନି।

ଅନ୍ୟପକ୍ଷରେ ଲୋକଙ୍କ ପାଖରେ ଜଳ ପହଞ୍ଚି ପାରୁନି, କିନ୍ତୁ ସେଥିପାଇଁ ବିଜୁଳି ବିଲ୍ ପୈଠ କରାଯାଉଛି। ଏମିତି ବି ଅନେକ ସ୍ଥାନରେ ଦୁଇ ଦୁଇଟି ପ୍ରକଳ୍ପ କରାଯାଇଥିଲେ ବି ଲୋକଙ୍କୁ ଜଳ ଯୋଗାଣ ହୋଇପାରୁନି। ବର୍ଷା ଗଲା, ଶୀତ ଯାଇ ଗ୍ରୀଷ୍ମ ଆସିଲା, କିନ୍ତୁ 'ବସୁଧା' ଯୋଜନାରେ ସ୍ୱଚ୍ଛ ପାନୀୟ



ଜଳ ମିଳିବା ସମ୍ଭବ ହୋଇପାରୁନି। ଏହି ବ୍ଲକର ଅସୁରାଳି, କଲ୍ୟାଣୀ, ଗୋବିନ୍ଦପୁର, ଚୁଡ଼ାକୁଟୀ, ଦଇପୁର, ଗଡ଼ିଆଳି, କୋଠାର, ବୟାଙ୍ଗଡ଼ିହ, ଖପରପଦା, କଟସାହି, ସାହସପୁର, ପାଳସାହି ଆଦି ପଞ୍ଚାୟତଗୁଡ଼ିକ ତଲୁଆ ତଥା ଲୁଣା ଅଞ୍ଚଳ। ଏଠାରେ ମଧୁର ପାନୀୟ ଜଳ ମିଳିପାରେନା। ଫେବୃଆରୀ, ମାର୍ଚ୍ଚ ମାସରୁ ଜଳସ୍ତର ହ୍ରାସ ପାଇ ନଳକୂଅଗୁଡ଼ିକ ଅଚଳ ହୋଇପଡ଼େ। ବାଧ୍ୟ ହୋଇ ଲୋକେ ନଦୀରେ ଚୁଆ ଖୋଳି ଜଳ ସଂଗ୍ରହ କରନ୍ତି। ଆଉ ଦୂଷିତ ଜଳ ବ୍ୟବହାର କରି ସଂକ୍ରାମକ ରୋଗର ଶିକାର ହୋଇଥା'ନ୍ତି। ସେଇ ତଳିଆ ଅଞ୍ଚଳର ଲୋକେ ଏବେଠାରୁ ଜଳ ସମସ୍ୟା ନେଇ ଚିନ୍ତିତ। ପଞ୍ଚାୟତିରାଜ୍ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ ଠିକାଦାର ଓ ଯନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ଲଗାମଛଡ଼ା କରି ଦେଇଥିବାରୁ ଏହି ଯୋଜନାରେ ବ୍ୟାପକ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। କେଉଁଠାରେ କାର୍ଯ୍ୟ ସମ୍ପର୍କିତ ଫଳକ ଦେଖିବାକୁ ମିଳୁନାହିଁ ତ କେଉଁଠି ପ୍ରକଳ୍ପକୁ ଚଳାଇବାକୁ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି। କେତେକ ସ୍ଥାନରେ କର୍ମଚାରୀ ନିଯୁକ୍ତି ହୋଇଥିଲେ ବି କାର୍ଯ୍ୟ ନ କରି ବେତନ ନେବାର ଖବର ମିଳୁଛି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଚନ୍ଦନପୁରରେ ଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ବାସୁଦେବପୁର, ୨୬।୨(ସମିସ):** ବାସୁଦେବପୁର ବ୍ଲକର ବରଣୁଆ ପଞ୍ଚାୟତର ଚନ୍ଦନପୁର ଗ୍ରାମର ଭକ୍ତିମୟ ପରିବେଶରେ ଶ୍ରୀଶ୍ରୀ ମହାଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ସମାପନ ହୋଇଯାଇଛି। ଚନ୍ଦନପୁର ମା' ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ କମିଟି ପକ୍ଷରୁ ୩ ଦିନ ଧରି ଚାଲିଥିବା ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଏକ କଳସ ଶୋଭାଯାତ୍ରା ପରିକ୍ରମା କରିଥିଲେ।



ଘଟ ଉତ୍ତୋଳନ, ମନ୍ଦିର ସ୍ନାନ, ଯଜ୍ଞ, ନ୍ୟାସ, ଉପଚାର ପୂଜା, ମହାସ୍ନାନ, ସୁଦଶା ବ୍ରତ ପାଳନ, ପ୍ରତିଷ୍ଠା, ଗୃହ ପ୍ରବେଶ ଓ ଭକ୍ତମାନଙ୍କ ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି, ହରିବୋଲ ଧ୍ୱନୀ ଓ ପଣ୍ଡିତମାନଙ୍କ ବେଦମନ୍ତ୍ରରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଗୁରୁବାର ସୁଦଶା ବ୍ରତ ଥିବାରୁ ଲକ୍ଷ୍ମୀଙ୍କ ମନ୍ଦିରରେ ମହିଳାମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପଣ୍ଡିତ ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଗୟାଧର ଶତପଥୀ, ତାପସ ତ୍ରିପାଠୀ, ଭକ୍ତ ରଞ୍ଜନ ଦାଶ, ରଞ୍ଜନ ତ୍ରିପାଠୀ ପ୍ରମୁଖ ପଣ୍ଡିତ ଯୋଗଦେଇ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କରିଥିଲେ।

## ଚୋରି ଘଟଣାରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ବାରିକପୁର, ୨୬।୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରାଢୋ ଶନି ମନ୍ଦିରରୁ ଗତ ବୁଧବାର ଦିନ ଚୋରି ହୋଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ଦିନ ଦ୍ୱିପହରେ ଚୋରମାନେ ମନ୍ଦିର କବାଟ ଭାଙ୍ଗି ପ୍ରାୟ ୧ ଲକ୍ଷରୁ ଅଧିକ ଟଙ୍କାର ରୁପା ଅଳଙ୍କାର ଚୋରି କରିଛନ୍ତି। ଅଭିଯୋଗ ହେବା ପରେ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳକୁ ଆସି ପ୍ରାଥମିକ ତଦନ୍ତ




କରିଥିବାବେଳେ ନିକଟରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ସେହିଭଳି ଗୁରୁବାର ମଧ୍ୟ ସାଇଣ୍ଟିଫିକ୍ ଟିମ୍ ମନ୍ଦିର ପରିସରରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ଯଥାଶୀଘ୍ର ଚୋରମାନଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

## କୁମ୍ଭ କରାଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା, ୨୬।୨(ସମିସ):** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ କୁମ୍ଭ କରାଳ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗଜେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଡ. ସୁକୀର୍ତ୍ତି କର, ମୁଖ୍ୟବକ୍ତା ଭାବେ ବିଆରସିସି ହରେକୃଷ୍ଣ ଆପଟ, ସମ୍ମାନିତ ଅତିଥି ଭାବେ ଏବିଇଓ ଭାଗିରଥି ପାତ୍ର, ନୃସିଂହ ପରିଡ଼ା, ନିରଞ୍ଜନ ନାୟକ, ରବୀନ୍ଦ୍ର ରାଉତ, ଶୁଭେନ୍ଦୁ ବିଶ୍ୱାଳ, ମଳୟ ନାୟକ, ପ୍ରଦୀପ ପଲାଇ, ଲକ୍ଷ୍ମୀଧର କାଣ୍ଡି, ସୁବାସ ବେହେରା, ସିଆର୍‌ସିସି ଅଶୋକ ଦାସ, ସୁଧିର ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ବାରିକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶିକ୍ଷକ/ଶିକ୍ଷୟିତ୍ରୀ ସଞ୍ଜୟ ଦାସ, ଜୟନ୍ତୀ ମହାନ୍ତି, ରୋଜାଲିନ୍ ନାୟକଙ୍କ ସହ ପରିଚାଳନା କମିଟି ସଦସ୍ୟ ସୁକାନ୍ତ ମୁଦୁଲି, ଶ୍ରୀକାନ୍ତ ଦାସ, ସନ୍ତୋଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



**ଧାମନଗର, ୨୬।୨(ସମିସ):** ଧାମନଗର ବ୍ଲକ ବୟାଙ୍ଗଡ଼ିହି ପଞ୍ଚାୟତ ବିଜେଡିର ସକ୍ରିୟ କର୍ମୀ ଇମ୍ରାନ୍ ପ୍ରସାଦଙ୍କ ବାପା ଗଣେଶ ପ୍ରସାଦ ଦାସଙ୍କ ୮୪ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଜଣେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ, ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁ ସମୟରେ ପୁଅ, ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଖବର ପାଇ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଟୁନିବାଳା ବିଶ୍ୱାଳ, ଧୃଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଡ. ସଞ୍ଜୟ ଦାସ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟା, ରାଧାବଲ୍ଲଭପୁର ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କାରାଯାଇଛି।

## ଭଦ୍ରକ ମୁସ୍‌ଲିମ ଜମାତ ସମ୍ପାଦକଙ୍କ ପରଲୋକ



**ଭଦ୍ରକ, ୨୬।୨(ସମିସ):** ଭଦ୍ରକ ମୁସ୍‌ଲିମ ଜମାତର ସମ୍ପାଦକ ସେଖ୍ ସିରାଜୁଦ୍ଦିନ(ସରୋ)ଙ୍କ ଗୁରୁବାର ରାତି ୮ଟା ବେଳେ ସାନଶଙ୍କରପୁରସ୍ଥିତ ମଜାହିଦ ନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସେ ଗତ କିଛି ବର୍ଷ ହେଲା କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଭଦ୍ରକ ମୁସ୍‌ଲିମ ଜମାତର ଦୀର୍ଘ ବର୍ଷ ହେବ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହି ସେ ଦକ୍ଷତାର ସହ କାର୍ଯ୍ୟ କରି ସମସ୍ତଙ୍କ ଆସ୍ଥାଭାଜନ ହୋଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ଜଗନ୍ନାଥ ସୋସାଇଟି ନାମରେ ଅଢ଼େଇ କୋଟି ଠକେଇ ଅଭିଯୋଗ



**ଦୋବଲ, ୨୬।୨(ସମିସ):** ଧାମନଗର ବ୍ଲକ ଅଧୀନ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ବେସରକାରୀ ଜଗନ୍ନାଥ ସୋସାଇଟି ମାଧ୍ୟମରେ ଅଢ଼େଇ କୋଟି ଟଙ୍କାର ଠକେଇ ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ସଦସ୍ୟମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମାଞ୍ଚଳର ଲୋକମାନଙ୍କ ଛୋଟ ଛୋଟ ସଞ୍ଚୟକୁ ସୁରକ୍ଷିତ ରଖିବା ଓ ଆପାତ୍‌କାଳୀନ ସମୟରେ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ପ୍ରାୟ ୧୦ ବର୍ଷ ପୂର୍ବେ ଏହି ସୋସାଇଟି ଗଠନ କରାଯାଇଥିଲା। ଏହି ଆଶାରେ ୩ଟି ପଞ୍ଚାୟତର ପ୍ରାୟ ୧୨୦୦ ସଦସ୍ୟ ସୋସାଇଟି ସହ ଯୋଡ଼ି ହୋଇଥିଲେ। ପ୍ରତ୍ୟେକ ସଦସ୍ୟ ଆରମ୍ଭରେ ୧ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଡିପୋଜିଟ୍ କରିଥିବା ସହ ପରେ ପ୍ରତି ମାସ ୧୦୦ ଟଙ୍କା ହିସାବରେ ଜମା ରଖୁଥିଲେ। ସଦସ୍ୟମାନଙ୍କ ଦାବି ଅନୁଯାୟୀ, ସୋସାଇଟି ମାଧ୍ୟମରେ ମୋଟ୍ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କାର ନେଣଦେଣ ହୋଇଥିଲା। ସୋସାଇଟିର ସମ୍ପାଦକ ଭାବେ କାର୍ଯ୍ୟରତ ଥିବା ଦିଲ୍ଲୀପ ମାଝୀ ଗତ ୨ ବର୍ଷ ହେବ ଏହି ୨ କୋଟି ୪୦ ଲକ୍ଷ ଟଙ୍କାର କୌଣସି ହିସାବ ଦେଉନାହାନ୍ତି କି ସଦସ୍ୟଙ୍କ ଜମା ଟଙ୍କା ଫେରାଉ ନାହାନ୍ତି। ଯେଉଁଥିପାଇଁ ସୋସାଇଟି ବନ୍ଦ ହୋଇ ରହିଛି। ଏହାକୁ ନେଇ ସଦସ୍ୟ ରମେଶ ପରିଡ଼ା, ବାବାଜୀ ଚରଣ ନାଥ, ଅଶୋକ ରଣା, ଅରୁଣ ପରିଡ଼ା, ପର୍ଶୁରାମ ସାହୁ, କାଳନ୍ଦୀ ସାହୁ, ଚକ୍ରଧର ସାହୁ ପ୍ରମୁଖ ସଦସ୍ୟ ଏକତ୍ରିତ ହୋଇ ଗୁରୁବାର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାକୁ ଗୁରୁତ୍ୱର ସହିତ ନେଇ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ସରକାରୀ ରାସ୍ତା ଜବରଦଖଲ ଉଚ୍ଛେଦ ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ

**ଧାମନଗର, ୨୬।୨(ସମିସ):** ଧାମନଗର ଏନ୍‌ଏସି ହବିବ୍‌ନଗର ଗ୍ରାମ ନିକଟରେ ବସ୍ତି ଓ କଲୋନୀକୁ ଯିବା ରାସ୍ତାକୁ ଗୋଟିଏ ଗୋଷ୍ଠୀ ବିଭିନ୍ନ ବାହାନାରେ ସରକାରୀ ରାସ୍ତାକୁ ଜବରଦଖଲ କରିଥିଲେ। ଉକ୍ତ ଗ୍ରାମବାସୀ ଆଇନର ସାହାରା ନେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ତହସିଲ୍‌ଦାର ଗତ ଜାନୁଆରୀ ୨୦ ତାରିଖରେ ଉପସ୍ଥିତ ରହି ଉକ୍ତ ଗ୍ରାମର ରାସ୍ତାକୁ ଉଚ୍ଛେଦ କରିଥିଲେ। ରାସ୍ତାରେ ପଡ଼ିଥିବା ସାମଗ୍ରୀକୁ ଉଠାଇ ନେବାକୁ କୁହାଯାଇଥିଲା। ବାରମ୍ବାର କହିବା ସତ୍ତ୍ୱେ ନ ଶୁଣିବାରୁ ଗ୍ରାମର ଲୋକମାନଙ୍କୁ ସଫାସୁତରା କରିବା ପାଇଁ ରାଜସ୍ୱ ଅଧିକାରୀ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ୨୫ ତାରିଖରେ ଉକ୍ତ ରାସ୍ତାରେ ପଡ଼ିଥିବା ସାମଗ୍ରୀକୁ ଉଠାଇ ସଫାସୁତରା କରୁଥିବାବେଳେ ଅପରପକ୍ଷରୁ ଗାଳିଗୁଲଜ କରିବା ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଧାମନଗର ପୁଲିସ ଖବର ପାଇ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ଆଇଆଇସି ସୁଭ୍ରଜିତ୍ ଦାସ, ଏସ୍‌ଆଇ ମହେଶ୍ୱର ପ୍ରଧାନ ଓ ପୁଲିସ ଫୋର୍ସ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଥାନାରେ ଉଭୟଙ୍କ ତରଫରୁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଉଭୟଙ୍କ ନାମରେ ୨ଟି ମାମଲା ରୁଜୁ କରାଯାଇଛି। ଯିଏ ଆଇନକୁ ହାତକୁ ନେବେ କାହାରିକୁ ଛାଡ଼ିବି ନାହିଁ ବୋଲି ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।

### ଯେନାସାହି ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି

## ରାସ୍ତାରେ ଭାସୁଛି ପାଇଖାନା ଓ ଡ୍ରେନ୍ ପାଣି

**ଭଦ୍ରକ, ୨୬।୨(ସମିସ):** ସର୍ବସାଧାରଣ ରାସ୍ତାକୁ ଜବରଦଖଲ କରାଯିବା, ପାଇଖାନା ଓ ଡ୍ରେନ୍ ପାଣି ରାସ୍ତାକୁ ଛଡ଼ାଯିବା ଭଳି ସଙ୍ଗିନ ସମସ୍ୟା ଦୀର୍ଘ ବର୍ଷ ହେଲା ଲାଗି ରହିଛି ଭଦ୍ରକ ସହର ୧୫ ନମ୍ବର ୱାର୍ଡ ଅଧୀନ କୁଆଁସ ଯେନା ସାହି ରାସ୍ତାରେ।

ସୂଚନାଯୋଗ୍ୟ, ସରୋଜ ସାହୁଙ୍କ ମିଠା ଦୋକାନ ସାମ୍ନାରୁ ବିଷ୍ଣୁବାବୁ କଲୋନୀ ପର୍ଯ୍ୟନ୍ତ ଲମ୍ବିଛି ଏହି ରାସ୍ତା। ତେବେ ଏହି ସରକାରୀ ରାସ୍ତାଟି ଏବେ ଅଧିବାସୀମାନେ ଜନସାଧାରଣ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ବ୍ୟକ୍ତିଙ୍କ ଦ୍ୱାରା ବେଆଇନ ଅବରୋଧ ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ଲୋକମାନେ ଦୀର୍ଘଦିନ ଧରି ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏହି ରାସ୍ତାର ଚଉଡ଼ା ପ୍ରାୟ ୪୦/୫୦ ଫୁଟ୍ ଥିଲା। ବର୍ତ୍ତମାନ ଜବରଦଖଲ ଯୋଗୁଁ ଏହି ରାସ୍ତା କମି ୧୦ ଫୁଟ୍‌ରେ ସୀମିତି ରହିଛି। ଫଳରେ ଗାଡ଼ି ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହେଉଛି। ସଙ୍କୀର୍ଣ୍ଣ ରାସ୍ତା ମଧ୍ୟରେ ମୋଟର ସାଇକଲ ଓ ଅଟୋ ରିକ୍ସା ପାର୍କିଂ ହେଉଥିବାରୁ ଆପାତ୍‌କାଳୀନ





ବେଳେ ଯାତାୟାତ ପ୍ରାୟ ଅସମ୍ଭବ ହୋଇଯାଉଛି। ବିଶେଷ କରି ରାତିବେଳେ ଗୁରୁତର ରୋଗୀଙ୍କୁ ହସ୍ପିଟାଲକୁ ନେବାରେ ଲୋକମାନେ ଅତ୍ୟଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ବର୍ଷା ଋତୁରେ ବର୍ଷା ପାଣି ଓ ପାଇଖାନା ପାଣି ରାସ୍ତା ଉପରେ ଜମା ହୋଇ ଚଳାଚଳକୁ ଅସୁବିଧାଜନକ କରୁଛି ଏବଂ ସ୍ୱାସ୍ଥ୍ୟଜନିତ ଆଶଙ୍କା ବଢ଼ାଇ ଦେଉଛି। ଡ୍ରେନ୍ ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିଥିଲେ ମଧ୍ୟ ବେଆଇନ ଅବରୋଧ ଯୋଗୁଁ କାମ ଆରମ୍ଭ କରାଯାଇପାରୁ ନାହିଁ। ଏହା ଫଳରେ ପାଣି ନିଷ୍କାସନ ବ୍ୟବସ୍ଥା ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ମୌଳିକ ସମସ୍ୟାରୁ ବଞ୍ଚିତ ହୋଇ ଅଧିବାସୀମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ନୂତନ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସରକାରୀ ଜମିରୁ ବେଆଇନ ଅବରୋଧ ହଟାଇବାକୁ କୁହାଯାଇଥିଲେ ମଧ୍ୟ ଏହି ମାମଲାରେ ତାହା ପ୍ରୟୋଗ ହେଉନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳବାସୀମାନେ ଯଥାଶୀଘ୍ର ବେଆଇନ ଅବରୋଧ ହଟାଇ ରାସ୍ତାକୁ ପୂର୍ବବତ୍ ଚଳାଚଳଯୋଗ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଦୃଢ଼ ଦାବି ଜଣାଇଛନ୍ତି।

## ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ଓ ହିସାବ ଖାତା ଉପରେ କର୍ମଶାଳା

**ଭଦ୍ରକ, ୨୬।୨(ସମିସ):** ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ବୁଧବାର ପୁରାତନ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ କାର୍ଯ୍ୟାଳୟଠାରେ ଜିଲ୍ଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ନେଇ ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ହିସାବ ଖାତା ସମ୍ବନ୍ଧୀୟ ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ ଯୋଗଦେଇ କହିଥିଲେ ଯେ, ଚାପମୁକ୍ତ ଓ ସୁସ୍ଥ ମାନସିକ ପରିବେଶ ଶିଶୁମାନଙ୍କ ଶିକ୍ଷାଗତ ଉନ୍ନତି ସହ ତାଙ୍କର ସମଗ୍ର ବ୍ୟକ୍ତିତ୍ୱ ବିକାଶରେ ମୂଳ ଭୂମିକା ନିର୍ବାହ କରେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀ ଯୋଗଦେଇ ଉପଯୁକ୍ତ ପୋଷଣ ଓ ଚାପମୁକ୍ତ ଜୀବନ ଶିଶୁମାନଙ୍କ ବୌଦ୍ଧିକ ବିକାଶରେ ସାହାଯ୍ୟକାରୀ ବୋଲି ଉଲ୍ଲେଖ କରିଥିଲେ। ବୈଷୟିକ ଅଧିବେଶନରେ ଡ. ପାଣିଗ୍ରାହୀ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରି କହିଥିଲେ ଯେ ସୁସ୍ଥ ମନୋବଳ ଥିଲେ ଶିଶୁମାନେ ଜୀବନର ପ୍ରତିକୂଳ ପରିସ୍ଥିତିକୁ ସହଜରେ ମୁକାବିଲା କରିପାରିବେ। କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ହିସାବ ଖାତା ସମ୍ବନ୍ଧୀୟ ଅଧିବେଶନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ହିସାବ ରକ୍ଷକ ଧୀରଜ ବାରିକ ସରକାରୀ ଅନୁଦାନର ସଠିକ୍ ହିସାବ ପ୍ରସ୍ତୁତି, ରେକର୍ଡ ସଂରକ୍ଷଣ ଓ ବ୍ୟୟ ପ୍ରଣାଳୀ ବିଷୟରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ବିଷୟରେ ବିସ୍ତୃତ ମତପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ୭ଟି ଶିଶୁ ଯତ୍ନ ଅନୁଷ୍ଠାନର ସମ୍ପାଦକ, ଅଧୀକ୍ଷକ, ପରାମର୍ଶଦାତା, ଶିଶୁ ମଙ୍ଗଳ ଅଧିକାରୀ ଓ ହିସାବ ରକ୍ଷକମାନେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର



ସୁବ୍ରତ କୁମାର ଦାସ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଧୀରଜ ବାରିକ, ଦମୟନ୍ତୀ ଦାଶ, ନବୀନ ଚନ୍ଦ୍ର ବେହେରା, କୁଳଦୀପ ଜେନା ଓ ଚାଇଲ୍ଡ ଲାଇନ୍‌ର ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହେଶ ଚନ୍ଦ୍ର ଦାଶ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

## କୁଣ୍ଡଳା ବିଦ୍ୟାଳୟ ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା, ୨୬।୨(ସମିସ):** ବନ୍ତ ବ୍ଲକ ବାଲୁଙ୍କେଶ୍ୱର କ୍ଲଷ୍ଟର ଅଧୀନସ୍ଥ ରାମପୁର ପଞ୍ଚାୟତ ଅନ୍ତର୍ଗତ କୁଣ୍ଡଳାସ୍ଥିତ ଶଶିଭୂଷଣ ନବ କିଶୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗିରିଧାରୀ ସାହୁ, ମୁଖ୍ୟବକ୍ତା ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ସମ୍ମାନିତ ଅତିଥି ବାଲୁଙ୍କେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ମଲ୍ଲିକ, ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ପିତାମ୍ବର ବେହୁରିଆ, ଶ୍ରୀଧର କୁମାର ପୃଷ୍ଟି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର କୁମାର ରାଉତ୍, ପ୍ରାକ୍ତନ ବିଆର୍‌ସିସି ସୋମନାଥ ସୁତାର, ରାମଚନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଦାସ, ଚାରିଡିରା କାଜିପୋଖରୀ ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ପହି, ବାଲୁଙ୍କେଶ୍ୱର ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିରୁଦ୍ଧ ମଙ୍ଗଳ, ଶିକ୍ଷକ ନେତା ନରେନ୍ଦ୍ର କୁମାର ସାହୁ, ପ୍ରାକ୍ତନ ସିଆର୍‌ସିସି କରୁଣାକର ନାୟକ, ସମାଜସେବୀ ଦାଶରଥି ମୁଦୁଲି, ପ୍ରତାପ ଚନ୍ଦ୍ର ବେହୁରିଆ, ବିଦ୍ୟାଳୟ କମିଟି ସଭାପତି ମାଧବାନନ୍ଦ ସାହୁ, ଶିକ୍ଷକ ପ୍ରକାଶ କୁମାର ଜେନା, ଗୀତିକାର ବିଷ୍ଣୁମୋହନ ପରିଡ଼ା, ନୀଳାମ୍ବର ଦାସ, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦେଇ କୃତୀ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଗଦାଧର ମହାପାତ୍ର ବାର୍ଷିକ ବିବରଣୀ ପଠନ, ବଳରାମ ଭୂୟାଁ ଅତିଥି ପରିଚୟ, ମୁକୁନ୍ଦ ପ୍ରସାଦ ଯେନା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଓ ଶିକ୍ଷୟିତ୍ରୀ ମମତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଏବଂ ଏକକ ଅଭିନୟ ପ୍ରଦର୍ଶନ କରାଯାଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ଅଭିଭାବକ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

### ସଡ଼କ ସୁରକ୍ଷା କମିଟିର ୪୮ତମ ବୈଠକ

## ଆଲୋକୀକରଣ, ବେଆଇନ ପାର୍କିଂ ଓ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ

**ଭଦ୍ରକ, ୨୬।୨(ସମିସ)**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ୪୮ତମ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ସହ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ, ସଭ୍ୟ ରୋ. ଅତିସ୍ ବେହେରା, ସାମ୍ବାଦିକ ରବିନାରାୟଣ ଖିଲାର, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ବିଭାଗୀୟ ଅଧିକାରୀ ସେକ୍ ରହିମ୍ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ନେଇ ମତ ରଖିଥିଲେ। ଅଧିକାରୀ ଶ୍ରୀକାନ୍ତ ଦାସ, ସଭ୍ୟ ରୋ. ଅତିସ୍ ବେହେରା, ବସ୍ ସିଣ୍ଡିକେଟ୍



ସଭାପତି ଶ୍ରୀନିବାସ ପତି, ସଭ୍ୟ ସାମ୍ବାଦିକ ରବିନାରାୟଣ ଖିଲାର, ରାସ୍ତା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗଣେଶ ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଦୁର୍ଘଟଣାର କାରଣ ଓ ଏହାର ନିରାକରଣ ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ, ସେନେଇ ଆଲୋଚନା ହୋଇଥିଲା। ଜାତୀୟ ରାଜପଥରେ ଭାରୀଯାନ ଚଳାଚଳ, ରାସ୍ତାର ଦୁରବସ୍ଥା ଓ ଦୁର୍ଘଟଣାର ଅନ୍ୟତମ କାରଣ ବୋଲି ସଭ୍ୟ ଶ୍ରୀ ବେହେରା କହିଥିଲେ। ଏହି କ୍ରମରେ ୧୬ ନଂ ଜାତୀୟ ରାଜପଥର ଭଦ୍ରକରୁ ବିଷ୍ଣୁପୁର ଭଣ୍ଡାରିପୋଖରୀ ରାସ୍ତାର ଜବରଦଖଲ ଉଚ୍ଛେଦ ନ ହେବାର କାରଣ ସମ୍ପର୍କରେ ଜିଲ୍ଲାପାଳ ତୁରନ୍ତ ତଦନ୍ତ କରିବାକୁ ତହସିଲ୍‌ଦାରଙ୍କ ସହିତ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜାତୀୟ ରାଜପଥ ବିଭାଗକୁ ଦାୟିତ୍ୱ ଦେଇଥିଲେ। ଏଥିସହିତ ଆର୍‌ଟିଓ ଅଫିସକୁ ରାସ୍ତା ନିର୍ମାଣ, ଡାହାଣିଗଡ଼ିଆରୁ ନୂଆ ବସ୍‌ଷ୍ଟାଣ୍ଡ, ଜିଲ୍ଲାର ଜାତୀୟ ରାଜପଥରେ ଆଲୋକୀକରଣ, ଫଳକ ଲଗାଇବା, ବେଆଇନ ଭାବେ ବିନା ହେଲ୍‌ମେଟ୍, କାଗଜପତ୍ର ନ ଥାଇ ଚାଲୁଥିବା ଗାଡ଼ିରୁ ଜରିମାନା ଆଦାୟ କଡ଼ାକଡ଼ି କରିବାକୁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ୭ ଦିନ ଭିତରେ ଜାତୀୟ ରାଜପଥରେ ଆଲୋକୀକରଣ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ। ଆଗକୁ ବର୍ଷା ଦିନ ଆସୁଥିବାରୁ ମହତାବ ଛକରୁ ଆରଡ଼ି ଛକ ପର୍ଯ୍ୟନ୍ତ ବର୍ଷା ଜଳ ନିଷ୍କାସନ ନ ହେବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସଭ୍ୟମାନେ କହିଥିଲେ। ସ୍କୁଲ ଗାଡ଼ି, ଅଟୋଗୁଡ଼ିକ ଯାଞ୍ଚ କରାଯିବ ବୋଲି ମଧ୍ୟ ବୈଠକରେ ସ୍ଥିର ହୋଇଥିଲା। ପିଏମ୍ ରାହତ ଯୋଜନାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ୧.୫ ଲକ୍ଷ ଟଙ୍କା ୭ଦିନ ଭିତରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଥିବା ଓ ହ୍ୱାଟ୍ସଆପ୍ ଜରିଆରେ ଆମ ରାସ୍ତା ଯୋଜନାର ସମସ୍ତ ତଥ୍ୟ ଆସିବ ଓ ଗତବର୍ଷ ତୁଳନାରେ ଚଳିତ ବର୍ଷ ଦୁର୍ଘଟଣା ହ୍ରାସ ପାଇଛି ବୋଲି ପରିବହନ ଅଧିକାରୀ ଶ୍ରୀ ରାୟ କହିଥିଲେ।

## ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହିଁ ମହାପ୍ରୟାଣ ଗାଡ଼ି

**ଦୋଳସାହି, ୨୬।୨(ସମିସ):** ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଚାନ୍ଦବାଲି, ଧାମନଗର ଓ ବାସୁଦେବପୁର ନିର୍ବାଚନମଣ୍ଡଳୀର ଜନସାଧାରଣ ନିର୍ଭର କରୁଥିବା ବେଳେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ନିମନ୍ତେ ଆବଶ୍ୟକ ମହାପ୍ରୟାଣ ଗାଡ଼ି ନ ଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ବିଭାଗର ପଦ ଖାଲି ପଡ଼ିଥିବା ଜଣାଯାଇଥିଲା ବେଳେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିର୍ଦ୍ଦିଷ୍ଟ ଜଣେ ଡାକ୍ତରଙ୍କ ନାମରେ ସାଧାରଣରେ ଅଭିଯୋଗ ହୋଇଆସୁଛି। ପ୍ରଶାସନ ନିରବଦ୍ରଷ୍ଟା ସାଜିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବେସରକାରୀ ଆମ୍ବୁଲାନ୍ସ ମାଧ୍ୟମରେ ଶବ ବୁହା ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାରଙ୍କ ପକ୍ଷରୁ ଏକ ମହାପ୍ରୟାଣ ଗାଡ଼ି ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

## ପ୍ରଫେସର ନବକିଶୋର ମହାନ୍ତିଙ୍କ ପରଲୋକ

ଖୋର୍ଦ୍ଧା,୨୬।୨(ସମିସ): ଛାତ୍ରବତ୍ସଳ ତଥା ଜନପ୍ରିୟ ଅଧ୍ୟାପକ ପ୍ରଫେସର ନବକିଶୋର ମହାନ୍ତିଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ଗୁରୁଜଙ୍ଗସ୍ଥିତ ବାସଭବନରେ ଅବସରକାଳୀନ ଜୀବନ ବିତାଉଥିଲେ। ଜଣେ ଇଂରାଜୀ ଅଧ୍ୟାପକ ଭାବେ ତାଙ୍କର ବେଶ ସୁନାମ ରହିଥିଲା। ଜଳେଶ୍ୱର ଡି.କେ ଜଲେଜ, ନୟାଗଡ କଲେଜ, ଖୋର୍ଦ୍ଧାର ବେଗୁନିଆ ଓ ବାଲୁଗାଁ କଲେଜରେ କାର୍ଯ୍ୟ କରିଥିଲେ। ସେ ଜଣେ ଛାତ୍ରବତ୍ସଳ ଓ ବନ୍ଧୁ ବତ୍ସଳ ଅଧ୍ୟାପକଭାବେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ। ଆଜି ଅପରାହ୍ନରେ ତାଙ୍କ ମୃତ୍ୟୁରେ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରେ ସ୍ମୃତିଚାରଣ ସଭା କରାଯାଇଥିଲା। ଏଥିରେ ଅଧକ୍ଷ, ପରିଚାଳନା ସମିତି ସଭ୍ୟ, ଅଧ୍ୟାପକ/ଅଧ୍ୟାପିକା, ସହଯୋଗୀ କର୍ମଚାରୀମାନେ ସମ୍ମିଳିତହୋଇଶ୍ରଦ୍ଧାଞ୍ଜଳିଅର୍ପଣକରିଥିଲେ।

## ଯୁବ ସମାଜସେବୀଙ୍କ ମୃତ୍ୟୁରେ ଶୋକ

ବେଗୁନିଆ,୨୬।୨ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ସ୍ୱର୍ଗତ ବ୍ରଜବନ୍ଧୁ ମାଣିକଙ୍କ ପୁତ୍ର ଅନିଲ (୪୧) ମୃତ୍ୟୁବରଣ କରିଛନ୍ତି। ସେ ବିଗତ ଦିନରେ ସ୍ଥାନୀୟ ପଞ୍ଚାୟତରେୱାର୍ଡମେମ୍ବରରହିବାସହସାମାଜିକ କାର୍ଯ୍ୟ କରି ଜନ ସାଧାରଣଙ୍କ ନିକଟରେ ପ୍ରିୟ ଭାଜନ ହୋଇ ପାରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟଅଞ୍ଚଳରେଶୋକରଛାୟାଖେଳିଯାଇଛି।

### ଅଂଶୁଘାତ ମୁକାବିଲା ପାଇଁ ଜିଲ୍ଲାପ୍ରଶାସନ ପ୍ରସ୍ତୁତି ବୈଠକ

# ଶୂନ୍ୟ ମୃତ୍ୟୁହାର ବଜାୟ ରଖିବାକୁ ଗୁରୁତ୍ୱ



> ଆପାତକାଳୀନ ସେବା ପାଇଁ ପ୍ରସ୍ତୁତ ରହିବ ସ୍ୱାସ୍ଥ୍ୟ ୟୁନିଟ
> ଗାଈଗୋରୁ, ଜୀବଜନ୍ତୁଙ୍କ ପାଇଁ ଖୋଲାସ୍ଥାନରେ ହେବ ଚହଲା

ଖୋର୍ଦ୍ଧା,୨୬।୨(ସମିସ): ଗୁରୁବାର ଜିଲ୍ଲାପାଳଙ୍କ ଓସ୍ୱାନ କକ୍ଷରେ ଅଂଶୁଘାତ ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଅତିରିକ୍ତଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ପିଏଚସି, ସିଏଚସିମାନଙ୍କରେ ସ୍ୱତନ୍ତ୍ର ଶଯ୍ୟା, ଥଣ୍ଡା ପାନୀୟ ଜଳ, ଜରୁରୀ ଜୀବନରକ୍ଷାକାରୀ ଔଷଧ, ଓଆରଏସ ପାଉଡର, ସାଲାଇନ, ମହଜୁଦ ରଖିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପାରା ମେଡିକାଲ, ଷ୍ଟାଫ ନର୍ସ, ଅଙ୍ଗନାବାଡି କର୍ମୀ, ଆଶା ଦିଦିମାନଙ୍କୁ, ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯିବ। ମେଡିକାଲମାନଙ୍କରେ ସ୍ୱତନ୍ତ୍ର କ୍ୟାବିନ, ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା ହେବା ସହ ଏକ କଂଟ୍ରୋଲ ରୁମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟା ଖୋଲା ରହିବ। ଆପଦକାଳୀନ ସେବା ପାଇଁ ମୋବାଇଲ ସ୍ୱାସ୍ଥ୍ୟୟୁନିଟ ପ୍ରସ୍ତୁତ ହୋଇରହିବ।ଏହାଛଡା ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ଲୋକଙ୍କୁ ସଚେତନତା କରାଯିବ। ଜିଲ୍ଲାର ଗ୍ରାମାଞ୍ଚଳରେ ଅଚଳ ନଳକୂପକୁ ମରାମତି କରାଯିବ। ଜଳକ୍ଲିଷ୍ଟ ଗ୍ରାମରେ ଟ୍ୟାଙ୍କର ବ୍ୟସ୍ଥା କରାଯିବ। ନିୟମିତ ସ୍ୱଚ୍ଛ ତଥା ବିଶୁଦ୍ଧ ପାଣି ଜଳକ୍ଲିଷ୍ଟ ଅଂଚଳରେ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।ଗାଈଗୋରୁ, ଜୀବଜନ୍ତୁଙ୍କ ପାଇଁ ଗାଁର ପଡିଆ, ପୋଖରୀ ସ୍ଥାନରେ ଚହଲା ଖୋଲାଯିବ। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମୋବାଇଲ ଟିମ ଗଠନ କରାଯାଇ ଅଂଶୁଘାତର ମୁକାବିଲା ପାଇଁ ଗୃହପାଳିତ ପଶୁମାନଙ୍କ ଚିକିତ୍ସା କରାଯିବ।

ସେହିପରି ଶ୍ରମିକ ଓ ଦିନ ମଜୁରିଆଙ୍କ ସଚେତନତା ପାଇଁ ଶ୍ରମ ବିଭାଗ ନିଜର ଆକ୍ସନ ପ୍ଲାନ ପ୍ରସ୍ତୁତ କରିବେ। ତାପମାତ୍ରା ବୃଦ୍ଧି ହେଲେ ସାଧାରଣ ନାଗରିକଙ୍କ ପରି ଶ୍ରମିକମାନେ ମଧ ଘରୁ ବାହାରିବେ ନାହିଁ। ଅନ୍ୟାନ୍ୟ ଦିନରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମସ୍ତ ଶ୍ରମିକ କାମରୁ ବିରତ ରହିବେ। ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବା ସହିତ ପିଲାମାନେ ପାଣି ବୋତଲ ଓ ଛତା ନେଇ ସ୍କୁଲକୁ ଆସିବାପାଇଁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବସ, ଟ୍ରକ ରହଣି ସ୍ଥାନରେ ଡ୍ରାଇଭର ଓ କର୍ମଚାରୀମାନଙ୍କ ପାଇଁ ଜଳଛତ୍ର ଖୋଲାଯିବ, ବରଫ ପ୍ୟାକ, ଓଆରଏସ, ପ୍ରତ୍ୟେକ ବସରେ ଯୋଗାଇଦେବା ସହ କୁଲିଂ ସ୍ପେସ ନିରୂପଣ କରାଯିବ। ଜାତୀୟ ରାଜପଥ ଓ ଜଳ କିଓସ୍କ ନିର୍ମାଣ କରାଯିବ। ବେସରକାରୀ ଅନୁଷ୍ଠାନମାନେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିପାରିବେ। ବ୍ଲକ ଓ ତହସିଲଗୁଡିକରେ ସମ୍ପୃକ୍ତ ଅଧିକାରୀମାନେ ପାନୀୟ ଜଳସେବା କେନ୍ଦ୍ର ପ୍ରତିଷ୍ଠା କରିବେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୂନ୍ୟ ମୃତ୍ୟୁ ହାର ବଜାୟ ରଖିବା ପାଇଁ ଅଧକ୍ଷ ବୈଠକରେ ଗୁରୁତ୍ୱାରୋପ କରିଥିଲେ।

ଏଥିସହିତ ସହରରେ ଜଳ ଯୋଗାଣ କେନ୍ଦ୍ରଠାରେ ନିରବଛିନ୍ନ ବିଦ୍ୟୁତ ଯୋଗାଣ ଜାରୀ ରହିବ। ବିଦ୍ୟୁତ କାଟିବାର ଗୋଟିଏ ଦିନ ପୂର୍ବରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯିବ। ବିଦ୍ୟୁତ ସଂରକ୍ଷଣ ପାଇଁ ଲୋକଙ୍କୁ ସଚେତନତା କରାଯିବ। ବିଭିନ୍ନ ଲାଇନ ବିଭାଗ ଓ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ବ୍ଲକ, ଗ୍ରାମାଂଚଳରେ ନିଜ ନିଜ ଯୋଜନା ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକାରୀ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ଅଂଶୁ ଘାତ ଜନିତ ମୃତ୍ୟୁର ଯୁଗ୍ମ ତଦନ୍ତ ରିପୋର୍ଟ ସମ୍ପୃକ୍ତ ମେଡିକାଲ ଅଫିସର, ପୁଲିସ୍ ଓ ତହସିଲଦାର ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ୪୮ ଘଂଟା ମଧରେ ସାରି ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ଚରଣ ସେଠୀ, ଖୋର୍ଦ୍ଧା ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଶ୍ରୀୟା ଶତପଥୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ, ଆପାଦକାଳୀନ ଅଧିକାରୀ ତଥା ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ସମସ୍ତ ତହସିଲଦାର, ବିଡିଓ ଏବଂ ସମସ୍ତ ଲାଇନ ବିଭାଗର ମୁଖ୍ୟମାନେ ଯୋଗଦେଇଥିଲେ।

# ୯୪ ଲିଟର ଦେଶୀ ମଦ ଜବତ, ୩ ଗିରଫ

ବାଲୁଗାଁ,୨୬।୨(ସମିସ) : ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳରେ ବେଆଇନ ଭାବେ ବିପୁଳ ପରିମାଣରେ ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଚଳିତ ମାସ ଗୁରୁବାର ସୁଧା ଅଞ୍ଚଳର ବିଭିନ୍ନ ସ୍ଥାନରେ ୫ ଥର ଚଢାଉ କରି ବର୍ତ୍ତମାନର ଚଢାଉକୁ ମିଶାଇ ବିପୁଳ ପରିମାଣର ବେଆଇନ ମଦ ଜବତ କରିବା ସହ ମୋଟ ୧୧ଟି ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ୧୧ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ତେବେ ଅଞ୍ଚଳରେ ବିଭାଗ ପକ୍ଷରୁ ବାରମ୍ବାର ଚଢାଉ କରି ମଦ ସହ ମଦ ବେପାରୀଙ୍କୁ ଧରା ଯାଉଥିବା ସ୍ଥଳେ ଅଞ୍ଚଳରୁ ବେଆଇନ ମଦ ବ୍ୟବସାୟ ବନ୍ଦ ହେବାରେ ନା ଧାରୁନି, ବରଂ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ





ଗୁରୁବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ଶାଳିଆ କେନାଲ ରାସ୍ତାର ବିଭିନ୍ନ ଗ୍ରାମ ଛକରେ ଚଢ଼ାଉ କରି ୯୪ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ଏଥିôରେ ସଂପୃକ୍ତ ୩ ଜଣ ମଦ ବେପାରୀକୁ ଗିରଫ କରିଛି ଅବକାରୀ ବିଭାଗ। ଅବକାରୀ ଟିମ ବାଣପୁର ଥାନା ଅଧିନ ଶାଳିଆ କେନାଲ ରାସ୍ତାର ଦଣ୍ଡିଗାଡ଼ିଆ ଗ୍ରାମ ଛକରେ ଚଢାଉ କରି ସେହି ଗ୍ରାମର କୈଳାଶ ଦଳାଇ(୪୯)କୁ ଗିରଫ କରି ତାଙ୍କ ନିକଟରୁ ୧୪ ଲିଟର ଦେଶୀ ମହୁଲି ମଦ ଜବତ କରିଥିବା ବେଳେ ଉକ୍ତ କେନାଲ ରାସ୍ତାର ଝିଣ୍ଟିକାପଲ୍ଲୀ ଗ୍ରାମରେ ଚଢାଉ କରି ସେହି ଗ୍ରାମର ସୁବ୍ରତ ପରିଡା (୨୫)କୁ ଗିରଫ କରି ତା ନିକଟରୁ ୫୦ ଲିଟର ମହୁଲି ମଦ ଜବତ କରାଯାଇଛି। ସେହିପରି ନାଚୁଣୀ ଥାନା ଅଧିନ ଆୟତପୁର ପଞ୍ଚାୟତ କାର୍ଯ୍ୟାଳୟର ପଛ ପାଖର୍ରେ ବେଆଇନ ଭାବେ ମଦ ବିକ୍ରୀ କରୁଥିବା ଉକ୍ତ ଗ୍ରାମର ଜିତେନ୍ଦ୍ର ପ୍ରଧାନ(୫୦) ଙ୍କୁ ଗିରଫ କରି ତାଙ୍କ ନିକଟରୁ ୩୦ଲିଟର ଦେଶୀ ମହୁଲି ମଦ ଜବତ କରିଛି ଅବକାରୀ ବିଭାଗ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୨୯୬, ୨୯୭ ଓ ୨୯୮/୨୫-୨୬ରେ ୩ଟି ପୃଥକ ମାମଲା ରୁଜୁ କରି ସମସ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଉକ୍ତ ଚଢାଉରେ ବାଲୁଗାଁ ଅବକାରୀ ଏସ୍ଆଇ ମୀନକେତନ ମାହାଲିକ, ସିପାହୀ ଅଶେଷ କୁମାର ପ୍ରଧାନ, ମନୋଜ ଜୟସିଂ, ରଂଜିତ ପଟେଲ ଓ ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।

## ଗଡମାଣତୀର ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

ବେଗୁନିଆ, ୨୬।୨(ସମିସ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆବ୍ଲକର ଗଡମାଣତୀର ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହଯୋଗ ଓ ଉଦ୍ୟମରେ ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ନୂତନମନ୍ଦିର ଓ ବିଗ୍ରହପ୍ରତିଷ୍ଠା ମହୋତ୍ସବ ଗତ ୨୩ ତାରିଖଠାରୁ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଛି।



ପ୍ରକାଶ ଥାଉକି, କିମ୍ବଦନ୍ତୀ ଅନୁସାରେ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଓଡିଶାକୁ ଓ ପୁରୀ ଶ୍ରୀଜଗନ୍ନାଥମନ୍ଦିରକୁ ବିଧର୍ମୀମାନେ ବାରମ୍ବାର ଆକ୍ରମଣ କଲେ।ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରୁ ୧୮ ଥର ସ୍ଥାନାନ୍ତରିତ ହୋଇ ବାଇଶିଟି ସ୍ଥାନରେ ଲୀଳା କରିଥିଲେ। ସେହି ପବିତ୍ର ସ୍ଥାନ ମାନଙ୍କ ମଧ୍ୟରେ ଗଡମାଣତୀର ଅନ୍ୟତମ। ତେଣୁ ଦଳମତ ନିର୍ବିଶେଷରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଗଡମାଣତୀର ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ଓ ବିଗ୍ରହପ୍ରତିଷ୍ଠା ମହୋତ୍ସବ ହୋମ ଯଜ୍ଞାଦିଦ୍ୱାରା କରାଯାଇଥିଲା। ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ରେ ୩୦୦ରୁ ଉଦ୍ଧ୍ୱର୍ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାର ସାମିଲ ହୋଇଥିଲେ। ଗ୍ରାମର ମହାଦେବଙ୍କ ପୋଖରୀରୁ ଆରମ୍ଭ ହୋଇ ନୂତନ ମନ୍ଦିର ନିକଟରେ କଳସ ଶୋଭାଯାତ୍ରା ପହଁଚି ସ୍ଥାପନା ହେବା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ନୂତନ ଶ୍ରୀଜଗନ୍ନାଥ ମନ୍ଦିର ଭିତରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ପୂଜା ପାଉଥିବାବେଳେ ମନ୍ଦିରର ବାହାର ପାର୍ଶ୍ୱରେ ବିଭିନ୍ନ ଦେବାଦେବୀ ପୂଜା ପାଉଛନ୍ତି। ପୂର୍ଣ୍ଣାହୁତୀ ବେଳେ ଏଠାରେ ବହୁ ଶ୍ରଦ୍ଧାଳୁଙ୍କ ଭିଡଜମି ଏକ ଆଧ୍ୟାତ୍ମିକ ପରିବେଶ ଗ୍ରାମର ପରିବେଶକୁ ଆକୃଷ୍ଟ କରୁଥିଲା। ଗଠନ କରାଯାଇଥିବା ଅଭ୍ୟର୍ଥନା କମିଟିରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଦଳମତ ନିର୍ବିଶେଷରେ ସମସ୍ତ ନେତା, ସ୍ଥାନୀୟ ଅଂଚଳର ବୁଦ୍ଧିଜିବୀ, ଶିକ୍ଷାବିତ୍, ସାମ୍ବାଦିକ ପ୍ରମୁଖ ପହଁଚି ଠାକୁରଙ୍କ ଅପୂର୍ବ ବେଶର ଦର୍ଶନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ କରାଯାଇଥିଲା। ଆଜି ଉଦଯାପନୀ ଦିବସରେ ସ୍ୱାମୀ ଶ୍ରୀଆତ୍ମାନନ୍ଦଜୀ ମହାରାଜା ଆରତୀ, ପୁଷ୍ପାଞ୍ଜଳି ଓ ପୂର୍ଣ୍ଣହୁତୀ ପ୍ରଦାନ କରିଥିଲେ।ସଂଧ୍ୟାରେ ଓଡିଶା ସରକାରଙ୍କ ସଂସ୍କୃତିବିଭାଗ ତରଫରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ରତାମାଟି-ସରପାରୀ ରାସ୍ତା ଫାଟି ଆଁ

ନିରାକାରପୁର,୨୬।୨ (ସମିସ): ୧୬ ନଂ ଜାତୀୟ ରାଜପଥ ରତାମାଟି - ସରପାରୀ ପ୍ରଧାନମନ୍ତ୍ରୀ ସଡ଼କ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ନିର୍ମାଣର ଅଳ୍ପ କିଛି ମାସ ପରେ କଂକ୍ରିଟ ରାସ୍ତା ଫାଟି ଆଁ



କରିଥିବାବେଳେ ପିଚୁ ଉଠି ରାସ୍ତା ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡିଛି। ଏହି କାର୍ଯ୍ୟ ସେତେବେଳେ ଅତି ନିମ୍ନମାନର ହୋଇଥିବା ଯୋଗୁ ଏହା ଭିଜିଲାନ୍ସ ତଦନ୍ତ ପରିସରକୁ ଆସିବାରୁ ଦୀର୍ଘ ଦିନ ଧରି ଏହାର ଉନ୍ନତିକରଣ ଉପରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ପୂର୍ବରୁ ହୋଇଥିବା ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ଦାୟିତ୍ୱ ଜଣେ କ ଶ୍ରେଣୀର ଠିକାଦାର ନେଇ ୨୦୧୬ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ୬.୪୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୨ କୋଟି ୯୪ ହଜାର ୯୦ ଲକ୍ଷ ଥିବାବେଳେ ୫ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୮.୫୭ ଲକ୍ଷ ଟଙ୍କା ରଖାଯାଇଥିଲା। କାର୍ଯ୍ୟ ଶେଷ ହେବାର ତାରିଖ ୨୦୧୭ ମସିହା ନଭେମ୍ବର ୩୦ ତାରିଖ ଥିଲା। ଏହାର ତଦାରଖ ଦାୟିତ୍ୱ ଥିଲା ନିରାକାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗର। କିନ୍ତୁ ସେତେବେଳେ କିଛି ଅସୁବିଧା ଲାଗି କାର୍ଯ୍ୟ ତଦାରଖ ଦାୟିତ୍ୱ ଜଣେ ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ଦିଆଯାଇଥିଲା ବୋଲି ଶୁଣିବାକୁ ମିଳିଥିଲା। ଏବେ ଏହି ରାସ୍ତା ମରଣଯନ୍ତା ଯନ୍ତା ପାଲଟିଛି। ରାସ୍ତାର ପିଚୁ ଉଠି ଯାଇଥିବାବେଳେ ଯେଉଁ ଅଂଶ ସିମେଣ୍ଟ କଂକ୍ରିଟ ହୋଇଛି ସେ ସବୁ ଫାଟି ଆଁ କରି ରହିଛି। ଯାତାୟାତ କରିବା ଏହି ରାସ୍ତାଟି ବର୍ତ୍ତମାନ ଅନୁପଯୋଗୀ ହୋଇପଡିଛି। ଗ୍ୟାରେଣ୍ଟି ପିରିୟଡ଼ ମଧ୍ୟରେ ସଂପୃକ୍ତ ଠିକାଦାର ତାଳିପକା କାର୍ଯ୍ୟ କରୁଥିବା ବେଳେ ନିମ୍ନମାନର ହେବା ଯୋଗୁ ଲୋକେ କରିବାକୁ ବାରଣ କରିଥିଲେ। ଏ ବିଷୟରେ ନିରାକାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତା ୧୬ନଂ ଜାତୀୟ ରାଜପଥ ବଘେଇପୁଟ ଛକ ଠାରୁ ସରପାରୀ ପର୍ଯ୍ୟନ୍ତ ମରାମତି ପାଇଁ ପ୍ରାୟେ ଦେଢ଼ କୋଟି ଟଙ୍କାର ଟେଣ୍ଡର ହୋଇଥିଲା। ସଂପୃକ୍ତ ଠିକାଦାରଜଣକ ଏଗ୍ରିମେଣ୍ଟ ଶେଷ କରିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଇଛନ୍ତି। ପ୍ରଥମେ କେବଳ ପିଚୁ କାର୍ଯ୍ୟ ହେବା ସହିତ ସରପାରୀ ରାସ୍ତାର କିଛି ଅଂଶ ସିମେଣ୍ଟ ୱାଲ ନିର୍ମାଣ କରାଯିବାର ରହିଛି। ଯେଉଁ ଅଂଶ ସିମେଣ୍ଟ କଂକ୍ରିଟ ରାସ୍ତା ଫାଟି ଆଁ କରିଛି ତାହାର ବର୍ତ୍ତମାନ କୌଣସି ଉନ୍ନତି କରଣ ହୋଇ ପାରିବ ନାହିଁ ବୋଲି ଜଣାପଡିଛି।

# ଟାଙ୍ଗୀ ବନାଞ୍ଚଳ ଛାଡୁ ନାହାଁନ୍ତି ହାତୀପଲ

ନିରାକାରପୁର,୨୬।୨ (ସମିସ): ଖୋର୍ଦ୍ଧା ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଟାଙ୍ଗୀ ରେଞ୍ଜ ବର୍ତ୍ତମାନ ହାତୀ ଅଭୟାରଣ୍ୟ ଭାବେ ପରିଚିତ। ବର୍ଷ ବର୍ଷ ଧରି ଏହି ଅଞ୍ଚଳରୁ ଆଉ ହାତୀ ପଲ ଅନ୍ୟତ୍ର ଯାଉ ନାହାଁନ୍ତି। ଖାଦ୍ୟ, ଜଳ ଓ ରହିବାକୁ ଜଙ୍ଗଲ ମିଳିଯିବ। ପରେ ହାତୀ ମାନେ ଏହି ବନାଞ୍ଚଳରେ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବା ସହିତ ଏତେ ଘଞ୍ଚ ଜଙ୍ଗଲ ନଥିବାରୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏହି ଅଞ୍ଚଳରେ ରହୁ ଥିବା ହାତୀଙ୍କୁ ଜଗିବା ଓ ଘଉଡାଇବା ପାଇଁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛି ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ। ପ୍ରତି ବର୍ଷ ପରିବେଶ ସନ୍ତୁଳନ ଓ ସୁରକ୍ଷା ପାଇଁ ବିଭାଗ ତରଫରୁ ହେକ୍ଟର ହେକ୍ଟର ଜଙ୍ଗଲ ଜମିରେ ହେଉଛି ନୂତନ ବୃକ୍ଷ ରୋପଣ। ଏହି ବୃକ୍ଷରୋପଣ ହେବା ପରେ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭାଗର ହୋଇଥିବାବେଳେ ଅସାଧୁ କର୍ମଚାରୀମାନେ ଏହାର କେତେ ଯତ୍ନ ନେଉଛନ୍ତି ତାହା ତଦନ୍ତ ସାପେକ୍ଷ। ସମୁଦାୟ ଟାଙ୍ଗୀ ରେଞ୍ଜ ଅଧୀନରେ ୪ ଟି ଫରେଷ୍ଟ ସେକ୍ସନ ଭୂଷଣ୍ଡପୁର, ଟାଙ୍ଗୀ, ପଟିଆ ଓ ନାଚୁଣୀ ଥିବାବେଳେ ଭୂଷଣ୍ଡପୁର ଅଧୀନରେ ରାମେଶ୍ୱର, ମୁଲିଝରଗଡ, ସିକୋ ଓ ନାଳସିଂହ, ଟାଙ୍ଗୀ ଅଧୀନରେ ଦୀକ୍ଷିତପଡ଼ା, ଟାଙ୍ଗୀ, ବଡପାରୀ, ପଟିଆ ଅଧୀନରେ ପଟିଆ, ବରପଲି, ଗଛପତ୍ର , ରଣ୍ଡା ୧ , ରଣ୍ଡା ୨ ଓ ନାଚୁଣୀ ଅଧୀନରେ



ନାଚୁଣୀ, ସଲଡିହ, ହରିପୁର ରେ ବିଟ ହାଉସ ୱାଚ ଟାୱାର ମାନ ରହିଛି। ସମୁଦାୟ ଟାଙ୍ଗୀ ରେଞ୍ଜ ଅଧୀନରେ ପ୍ରାୟ ୫୦ ଜଣ ରୁ ଅଧିକ ଅଧିକାରୀ, କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସ୍ଥାନରେ ଥିବା ବିଟ ହାଉସ ୱାଚ ଟାୱାର ନିର୍ମାଣ କରାଯାଇ ଥିଲେ ବି ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ଏହା ବ୍ୟବହାର ଉପଯୋଗ ହୋଇ ପାରିନାହିଁ। ୧୫ ବର୍ଷ ତଳୁ ଆସିଥିବା ହାତୀ ସେମାନଙ୍କ ବଂଶବୃଦ୍ଧି କରି ଆଉ ଏହି ଅଞ୍ଚଳ ଛାଡ଼ିବାକୁ ଚାହୁଁ ନାହାଁନ୍ତି। ଫଳରେ ଏହି ଫରେଷ୍ଟ ରେଞ୍ଜ ବର୍ତ୍ତମାନ ହାତୀ ଅଭୟାରଣ୍ୟ ପାଲଟିଯାଇଛି। କେବଳ ଅକ୍ଟୋବରରୁ ଫେବୃଆରୀ ୫ ମାସ ଗୋଟିଏ ଗୋଟିଏ କ୍ଲଷ୍ଟର ରେ ୫ ଜଣ ଲେଖାଏଁ ଗଜ ସାଥୀ ରହୁ ଥିବାବେଳେ ଅନ୍ୟ ବେଳେ ଏମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବାର ଆବଶ୍ୟକତା ରହିଛି। ବିଭିନ୍ନ ଜଙ୍ଗଲ ଚାରିପଟେ ପୂର୍ବରୁ ହାତୀଙ୍କୁ ଅଟକାଇବା ପାଇଁ ଖୋଳାଯାଇଥିବା ଷ୍ଟେଞ୍ଜ କାଳକ୍ରମେ ମାଟିରେ ମିଶିଗଲାଣି। ହାତୀ କରିଡ଼ର ଗୁଡ଼ିକର ଅଧିକ ସୂଚନା ପାଇଁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏବେ ବନ କର୍ମଚାରୀ ମାନେ କେବଳ ଡ୍ରୋନରେ ନୀରିକ୍ଷଣ କରି ହ୍ୱାଟସଆପ ଗ୍ରୁପ ରେ କରାଯାଉଛନ୍ତି ସଚେତନ। ହାତୀଙ୍କ ସୁରକ୍ଷା ନେଇ ବନ ବିଭାଗ ଚିନ୍ତାରେ ଥିବାବେଳେ ବିଗତ ବର୍ଷରେ ହାତୀ ଓ ମଣିଷ ମୃତ୍ୟୁ ବଡ ଚିନ୍ତାଜନକ।

# ଫଗୁ ଦଶମୀରେ ଫଗୁ ଖେଳିଲେ ଠାକୁର

ଖୋର୍ଦ୍ଧା,୨୬।୨(ସମିସ): ଆଜି ପବିତ୍ର ଫଗୁ ଦଶମୀରେ ଖୋର୍ଦ୍ଧା ଓ ଏହାର ଆଖାପାଖ ବିଭିନ୍ନ ମନ୍ଦିରରେ ଠାକୁରଙ୍କର ଫଗୁ ଖେଳ ଧୁମଧାମରେ ପାଳିତ ହୋଇଯାଇଛି। ଖୋର୍ଦ୍ଧାର୍ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ରାଧାକୃଷ୍ଣ ମନ୍ଦିର, ମହାଦେବ ମନ୍ଦିର, ଜଗନ୍ନାଥ ମନ୍ଦିର, ବିଷ୍ଣୁ ମନ୍ଦିରରେ ଏହି ଫଗୁ ଦଶମୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗଡଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ରାଧାକାନ୍ତ ମନ୍ଦିର, କୁଞ୍ଜବିହାରୀ ମନ୍ଦିର, ଓଡିଆ ମଠ, ଗୋବିନ୍ଦଜୀ ମନ୍ଦିର, ସ୍ଥାନୀୟ ରାଧାବଲ୍ଲଭସାହିସ୍ଥିତ ରାଧାବଲ୍ଲଭ ମନ୍ଦିର, ଗୋପୀନାଥ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ବରାଡବାଲୁଙ୍କେଶ୍ୱର ମନ୍ଦିର,



ଜାଗୁଳେଇପାଟଣାସ୍ଥିତ ଅନନ୍ତପୁରୁଷୋତମ ଦେବ, ନୀଳକଣ୍ଠେଶ୍ୱର ପ୍ରଭୃତି ମନ୍ଦିର ରେ ଫଗୁ ଦଶମୀ ପାଳିତ ହୋଇଯାଇଛି।

ପ୍ରକାଶ ଥାଉକି, ଫଗୁ ଦଶମୀରେ ତଥା ଆଜିଠାରୁ ଠାକୁରଙ୍କୁ ପ୍ରବଳ ଗରମ ହୋଇଥିବାରୁ ଏବଂ ଫଗୁ ଥଣ୍ଡା ହୋଇଥିବାରୁ ଏହାକୁ ଫଗୁ ଦଶମୀ ଭାବେ ପାଳନ କରାଯାଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖିତ ଅଛି। ଆଜି ଠାକୁର ଫଗୁ ଖେଳିବା ପରେ ଆସନ୍ତା କାଲିଠାରୁ ବିଭିନ୍ନ ଦୁଆରେ ଚାଚେରୀ ଭୋଗ ଖାଇବେ। ଖୋର୍ଦ୍ଧାରେ ପ୍ରଥମେ ସ୍ଥାନୀୟ ଗୁରୁଜଙ୍ଗ ଧବଳେଶ୍ୱର ଦେବ ଭୋଗ ଖାଇବା ଆରମ୍ଭ କରିବା ପରେ ଅନ୍ୟ ଠାକୁରମାନେ ଭୋଗ ଖାଇବା ଆରମ୍ଭ କରିଥାନ୍ତି ବୋଲି ଜଣାଯାଇଛି। ଆସନ୍ତା କାଲି ରାତିରୁ ସହରର ବିଭିନ୍ନ ସ୍ଥାନରେ ମହାଦେବ, ବିଷ୍ଣୁ ଶ୍ରଦ୍ଧାଳୁଙ୍କ ଘରେ ଭୋଗ ଖାଇବେ। ଆଜି ପବିତ୍ର ଦିବସରେ ବିଭିନ୍ନ ମନ୍ଦିର ରଙ୍ଗ ହୋଇଥିବାବେଳେ ବିଭିନ୍ନ ଲାଇଟରେ ଓ ଭଜନ, ସଂଗୀତରେ ମନ୍ଦିର ଗୁଡିକ ପ୍ରକମ୍ପିତ ହେଉଛି।

## ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ

ଖୋର୍ଦ୍ଧା/ବାଲିପାଟଣା,୨୬।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଆଜି ପୂର୍ବାହ୍ନରେ ଅଚାନକ ବାଲିପାଟଣାସ୍ଥିତ ପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ବିଦ୍ୟାଳୟରେ ବାଳିକା ମାନେ ବ୍ୟବହାର କରୁଥିବା ଶୌଚାଳୟ, ଶୁଦ୍ଧ ପାନୀୟ ଜଳର ଉତ୍ସ, ରୋଷେଇ ଘର ଇତ୍ୟାଦି ତନଖି କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ କିପରି ନିଜର ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ ଏବଂ ଆତ୍ମ ସୁରକ୍ଷା ତଥା ଝିଅମାନଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଆଇନ ଯଥା କିଶୋର ନ୍ୟାୟ ଆଇନ ୨୦୧୫, ବାଲ୍ୟ ବିବାହ ଆଇନ ତଥା ପୋକ୍ସୋ ଆଇନ ଉପରେ ଛାତ୍ରୀମାନଙ୍କ ମଧ୍ୟରେ ସଚେତନ କରାଇଥିଲେ। କୌଣସି ପରିସ୍ଥିତିରେ ଯଦି ଶିଶୁମାନେ ଅସୁରକ୍ଷିତ ମନେ କରନ୍ତି। ଶିଶୁ ସହାୟତା ଟୋଲ୍ ଫ୍ରି ନମ୍ବର ୧୦୯୮ ଏବଂ ପୁଲିସ୍ ସହାୟତା ନମ୍ବର ୧୧୨ ସହିତ ଯୋଗାଯୋଗ କରିବା ପାଇଁ ସମସ୍ତ ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ତଥା ପ୍ରୋବସନ ଅଧିକାରୀ ସୌମେନ୍ଦ୍ର ନାୟକ,



ୟୁନିଟ୍ ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ ପ୍ରମୁଖ ଏହି ପରିଦର୍ଶନ କାର୍ଯ୍ୟକ୍ରମ ରେ ସାମିଲ ଥିଲେ। ବିଦ୍ୟାଳୟର ଶିକ୍ଷକ ସୁନିଲ କୁମାର ପଣ୍ଡା, ଉମା ସାହୁ ଏବଂ ବରିଷ୍ଠ କିରାଣୀ ସୁକାନ୍ତ କିଶୋର ରାୟ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ପ୍ରଦାନ



**ଯାଜପୁର,୨୬।୨(ସମିସ):** ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଯୁଧିଷ୍ଠିର ନାୟକ ନିର୍ମାଣ ଶ୍ରମିକଙ୍କୁ ସାଙ୍କେତିକ ଅର୍ଥ ରାଶି ପ୍ରଦାନ ପୂର୍ବକ ୮ ଜଣ ହିତାଧିକାରୀ ତଥା ତାଙ୍କ ମନୋନୀତ ବ୍ୟକ୍ତିଙ୍କୁ ଡମି ଚେକ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପ୍ରଦତ୍ତ ବିଭିନ୍ନ ସହାୟତା ରାଶି ସମସ୍ତ ୨୮୦ ଜଣ ଆବେଦନକାରୀଙ୍କୁ ୧,୭୦,୭୫,୨୦୦ ଟଙ୍କା ତାଙ୍କର ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟରେ ଡିବିଟି ମାଧ୍ୟମରେ ଦିଆଯାଇଛି ବୋଲି ଯାଜପୁର ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି। ଏହି ଅବସରରେ ଶିକ୍ଷା ସହାୟତା ବାବଦରେ ୭୫ ଜଣଙ୍କୁ ୭,୭୦,୨୦୦ ଟଙ୍କା, ବିବାହ କାଳୀନ ସହାୟତା ୧୩୭ ଜଣଙ୍କୁ ୬୮ ଲକ୍ଷ ଟଙ୍କା, ମହିଳା ଶ୍ରମିକମାନଙ୍କ ପ୍ରସୂତୀକାଳୀନ ସହାୟତା ୫ ଜଣଙ୍କୁ ୫୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ୩୨ ଜଣଙ୍କୁ ୯୩ ଲକ୍ଷ ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୩୧ ଜଣଙ୍କୁ ୧ ଲକ୍ଷ ୫୫ ହଜାର ଟଙ୍କାର ସହାୟତା ରାଶି ପ୍ରେରଣ କରାଯାଇଛି। ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ଯାଜପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯାଜପୁର ବ୍ଲକ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ସୁନ୍ଦର ରାଉତରାୟ, ଡାଟା ଏଣ୍ଟ୍ରି ଅପରେଟର ଶଶିକାନ୍ତ ପ୍ରଧାନ ଓ ନାରାୟଣ ଚନ୍ଦ୍ର ନନ୍ଦ ପ୍ରମୁଖ ଡମି ଚେକ ପ୍ରଦାନ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଆଦିବାସୀ ନାବାଳିକା ଗର୍ଭବତୀ ମାମଲାରେ ଜଣେ ଗିରଫ

**ବ୍ୟାସନଗର,୨୬।୨(ସମିସ):** ବ୍ୟାସନଗରରେ ନାବାଳିକା ଗର୍ଭବତୀ ମାମଲାରେ ଜଣଙ୍କୁ ଗିରଫ କରିଛି ପୁଲିସ। କୋପଣ୍ଡ ଗ୍ରାମର ପଦ୍ମନାଭ ଶତପଥୀ ଜନୈକା ନାବାଳିକାକୁ ଗର୍ଭବତୀ କରାଇ ପ୍ରସବ କରାଇବା ଘଟଣା ପରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଅଭିଯୋଗ ପରେ ଜନୈକା ନାବାଳିକାଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ପରେ ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସ ଅଭିଯୁକ୍ତ ପଦ୍ମନାଭ ଶତପଥୀ ଏବଂ ପ୍ରସବ ହୋଇଥିବା ଲକ୍ଷ୍ମୀ ହସ୍ପିଟାଲ ମାଲିକ ମନୋଜ କୁମାର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଗତ ୨୩ ତାରିଖରେ ପୁଣି ଏକ ନାବାଳିକା ଗର୍ଭବତୀ



ହୋଇଥିବା ଖବର ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ତେବେ ଏନେଇ ଗତ ୨୩ ତାରିଖରେ ଯାଜପୁର ରୋଡ଼ ଆଦର୍ଶ ଥାନାରେ ଏତଲା ହେବା ପରେ ପୁଲିସ ରାତି ଦିନ ଏକ କରି ବୁଧବାର ଅଭିଯୁକ୍ତ ରଘୁନାଥ ହେମ୍ବ୍ରମ (୨୬)କୁ ତାର ପୈତୃକ ଗ୍ରାମ ପତ୍ରତୋଳା ଠାକୁରମୁଣ୍ଡା ଅଂଚଳରୁ ଗିରଫ କରିଛି। ବୁଧବାର ଅଭିଯୁକ୍ତ ରଘୁନାଥ ହେମ୍ବ୍ରମକୁ ଗିରଫ କରିବା ସହିତ ତାର ଡାକ୍ତରୀ ମାଇନା କରି ଗୁରୁବାର କୋର୍ଟ ଚାଲାଣ କରିଥିବା ଯାଜପୁର ରୋଡ଼ ଆଦର୍ଶ ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

# ସଦାନନ୍ଦପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୁଆଖିଆ,୨୬।୨(ସମିସ):** ରସୁଲପୁର ବ୍ଲକ ସଦାନନ୍ଦପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଓଁକାର ଗୀତା ବାଣୀ ଭୂଷଣ ପରିଷଦର ଅଧ୍ୟକ୍ଷା ସରୋଜିନୀ ପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଓଡ଼ିଶାର ରାଜ୍ୟ ସଭାପତି ବିକ୍ରମ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ରାହାମ୍ବା ପଞ୍ଚାୟତ ସରପଞ୍ଚ ଚନ୍ଦନ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଶ୍ରୀଯୁକ୍ତ ଅରୁଣ କୁମାର ସ୍ୱାଇଁ, ଶିକ୍ଷକ ନେତା ବିଜୟ କୁମାର ଭଦ୍ର,ସାଧନ କେନ୍ଦ୍ର ସଂଯୋଜିକା ଦେବକୀ ପାତ୍ର, ପରିଚାଳନା କମିଟି ସଭାପତି ଯତୀଶ ଚନ୍ଦ୍ର ବେହେରା, ଅଙ୍ଗନବାଡ଼ି ଶିକ୍ଷୟିତ୍ରୀ ଆଶାଲତା ସାହୁ, ସୁବାସିନୀ ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ଗୁରୁମା ତଥା କଥାବାଚିକା ସରୋଜିନୀ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ନିର୍ମଳା ଦାସ ବାର୍ଷିକ ବିବରଣୀ ପାଠ କରିଥିବା ସ୍ଥଳେ ଶିକ୍ଷୟିତ୍ରୀ କବିତା ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନୁପମା ନାୟକ ମାନପତ୍ର ପାଠ ଏବଂ ଶିକ୍ଷୟିତ୍ରୀ ମୋନାଲିସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ସହିତ କ୍ରୀଡା ଓତଃପ୍ରୋତଭାବେ ଜଡ଼ିତ।ଏହା ଶରୀରକୁ ସୁସ୍ଥ ଓ ନିରୋଗ ରଖିଥାଏ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ତୁଷାର ଦାସ, ଦୁର୍ଯ୍ୟୋଧନ ବେହେରା, ମଧୁସ୍ମିତା ମହାନ୍ତି, ସୁରେଖା ମହାନ୍ତି ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

ଯାଜପୁର ପୁଲିସ ଦ୍ୱାରା ସାଇବର ଠକ ଗିରଫ

# ୫ଟି ଆକାଉଣ୍ଟରୁ ଲୁଟିଥିଲା ୭୫ ଲକ୍ଷ

**ଯାଜପୁର,୨୬।୨(ସମିସ):**



ଦୀର୍ଘଦିନ ଧରି ଅନଲାଇନ ମାଧ୍ୟମରେ ବିଭିନ୍ନ ବ୍ୟକ୍ତିଙ୍କ ଆକାଉଣ୍ଟ ଖାଲି କରୁଥିବା ଏକ ଠକକୁ ଗିରଫ କରିଛି ଯାଜପୁର ପୁଲିସ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ମକେଇପୁର ଗ୍ରାମର ଦେବାଶିଷ ରାଉତ ନାମକ ଜଣେ ଯୁବକଙ୍କୁ ଯାଜପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଗୁରୁବାର ଦିନ ଜିଲ୍ଲା ଏସ୍‌ପି ଯଶପ୍ରତାପ ଶ୍ରୀମାଲ ଯାଜପୁର ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଘଟଣାର ବିସ୍ତୃତ ସୂଚନା ଦେଇଛନ୍ତି।

ପ୍ରାୟ ୭୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏହି ଠକେଇ କାରବାର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି। ଦେବାଶିଷ ରାଉତଙ୍କ ଏହି ଠକେଇ ପ୍ରକ୍ରିୟାରେ ସେ ଏକ ଅବୈଧ କ୍ରିପ୍ଟୋ-ମାଇନିଂ, କ୍ରିପ୍ଟୋ-ଜ୍ୟାକିଂ ଚକ୍ର ଚଳାଉଥିଲେ ଏବଂ କୌଣସି ବୈଧ ଆୟ ସ୍ରୋତ ବିନା ବ୍ୟାପକ ଠକେଇ ମୂଳକ ଆର୍ଥିକ ନେଣଦେଣରେ ଜଡିତ ଥିଲେ। ସେ ଇଚ୍ଛାପୂର୍ବକ ଆୟକର ଦେୟ ଏଡ଼ାଇ ଥିଲେ, ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କ ନାମରେ ଠକେଇ ପୂର୍ବକ ବ୍ୟାଙ୍କ ଖାତା ମଧ୍ୟ ଖୋଲିଥିବା ତଦନ୍ତରୁ ଜଣାପଡିଛି। ସେହି ଖାତା ଗୁଡ଼ିକୁ ଅବୈଧ ଆର୍ଥିକ ନେଣଦେଣ, ଅର୍ଥ ସ୍ତରୀକରଣ (ଲେୟରିଂ) ଏବଂ ମନି ଲଣ୍ଡରିଂ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିଲେ। ଏହି ଠକେଇ କାରବାରର ସମ୍ପୂର୍ଣ୍ଣ ନେଟୱର୍କ ଉନ୍ମୋଚନ କରିବା ସହ ଅନ୍ୟ ସହଯୋଗୀ ଏବଂ ଲାଭ ଭୋଗୀ ମାନଙ୍କ ପରିଚୟ ଚିହ୍ନଟ କରିବା ଓ ମୋଟ ଠକେଇ ରାଶି ତଥା ଅପରାଧ ଆୟ ନିର୍ଣ୍ଣୟ ପାଇଁ ଅଧିକ ତଦନ୍ତ ଚାଲିଥିବା ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀମାଲ ସୂଚନା ଦେଇଛନ୍ତି। ଅଭିଯୁକ୍ତକୁ କେଶ୍ ନଂ-୭୬/ତା ୨୫.୨.୨୦୨୬ରିଖ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ମଧ୍ୟ ପୋଲିସ ଖୋଳତାଡ଼ କରୁଛି ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ଗତ ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଓଡିଶା ପୁଲିସ ଦ୍ୱାରା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଚାଲିଥିବା ସାଇବର କବଚ ଅଭିଯାନରେ ଯାଜପୁର ଜିଲ୍ଲା ପୁଲିସ ୨୫ଟି ମ୍ୟୁଲ୍ ଆକାଉଣ୍ଟ ମାମଲା ପଞ୍ଜୀକରଣ କରିଛନ୍ତି ଏବଂ ଅନେକ ଗୁଡିଏ ବ୍ୟାଙ୍କ ଖାତାରୁ ୭୫ ଲକ୍ଷ ଟଙ୍କାରୁ ଅଧିକ ରାଶି ଜବତ କରିଛନ୍ତି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଗତ ୨୦ତାରିଖ ସନ୍ଧ୍ୟାରେ ବିଶେଷ ସୂତ୍ରରୁ ପୁଲିସ ସୂଚନା ପାଇ ଅଭିଯୁକ୍ତ ଦେବାଶିଷକୁ ତଦନ୍ତ ପରିସର ଭୁକ୍ତ କରିଥିଲା। ସେ ନିଜକୁ ଓଡ଼ିଶା ସରକାରଙ୍କ ଗ୍ରାମ୍ୟଉନ୍ନୟନ ବିଭାଗର ଜଣେ ବୈଷୟିକ ସହଯୋଗୀ ବୋଲି ମିଥ୍ୟା ପରିଚୟ ଦେଇ ନକଲି ଓ ଜାଲି ନିଯୁକ୍ତି ପତ୍ର ବ୍ୟବହାର କରି ନିର୍ଦ୍ଦୋଷ ଲୋକମାନଙ୍କୁ ଠକୁଥିଲା ବୋଲି ପୋଲିସ ଜାଣିବାକୁ ପାଇଥିଲା।ଏ ସମ୍ପର୍କରେ ଉପରୋକ୍ତ ତାରିଖରେ ଯାଜପୁର ଥାନା ଜିଡି ନଂ୨୬ ଏକ ରେ ମାମଲା ଦରଜ କରାଯାଇଥିଲା ଏବଂ ପୁଲିସ ଏହାର ଗୁପ୍ତ ଯାଞ୍ଚ ଆରମ୍ଭ କରିଦେଇଥିଲା। ତଦନ୍ତ ଚାଲିଥିବା ସମୟରେ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଦେବାଶିଷ, ସଞ୍ଜୀବ ଜେନା ଓ ରାଜିବ ଜେନା ଇତ୍ୟାଦି ଙ୍କ ନାମରେ ଅନେକ ବ୍ୟାଙ୍କ ଖାତାରେ ଠକେଇ ଭାବରେ ଖୋଲିଥିଲେ ଏବଂ ଏହାକୁ ଚଳାଇ ଆସୁଥିଲେ। ତତ୍କାଳୀନ ଅତିରିକ୍ତ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ସବ୍ ଇନ୍ସପେକ୍ଟର ତୃପ୍ତିମୟୀ ରାଉତ ଏବଂ ଅନ୍ୟ ପୁଲିସ କର୍ମଚାରୀ ମାନେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଥିବା ବେଳେ ସେମାନେ ଖବର ପାଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଇ ଗିରଫ କରିଥିଲା। ତଲାଶି ସମୟରେ ଦୁଇଟି ଲ୍ୟାପଟପ୍, ହାର୍ଡ ଡିସ୍କ, ନେଟୱର୍କିଂ ଡିଭାଇସ୍ ଓ କ୍ରିପ୍ଟୋକରେନ୍ସି ମାଇନିଂ ସଂପର୍କିତ ଉପକରଣ ମଧ୍ୟ ଜବତ ହୋଇଛି। ଚାରିଟି ନୋଟବୁକ୍‌ରେ ଅନେକ ଇମେଲ୍ ଆଇଡି, ମୋବାଇଲ୍ ନମ୍ବର ଓ ବ୍ୟାଙ୍କ/ୟୁପିଆଇ ତଥ୍ୟ ଲେଖା ଥିବା ଜଣାପଡ଼ିଛି। ପୁଣି ୨୧ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ ମଧ୍ୟ ପୁଲିସ ଦେବାଶିଷ ଠାରୁ ଜବତ କରିଛି। ଏହା ବ୍ୟତୀତ ଦୁଇଟି ବ୍ୟାଙ୍କ ପାସ୍‌ବୁକ୍ ଏବଂ ଗୋଟିଏ ଚେକ୍ ବୁକ୍ ସହ ୭ଟି ମୋବାଇଲ୍ ଫୋନ୍, ଅନେକ ସିମ୍ କାର୍ଡ ଓ ୩୦୦ରୁ ଅଧିକ ଇମେଲ୍ ଆଇଡି ବ୍ୟବହାର ହେଉଥିବାର ମଧ୍ୟ ପୁଲିସ ପ୍ରମାଣ ପାଇଛି। ସେହିପରି ତଦନ୍ତ ସମୟରେ ଏକ ମିଥ୍ୟା ନିଯୁକ୍ତି ପତ୍ର ଓ ମିଥ୍ୟା ବିବାହ ବାୟୋଡାଟା ମଧ୍ୟ ଅଭିଯୁକ୍ତ ଙ୍କ ଠାରୁ ମିଳିଛି। ଯେଉଁଥିରେ ସେ ସରକାରୀ ଚାକିରି କରିଥିବା ନେଇ ଦର୍ଶାଯାଇଥିଲା। ପୁଲିସ ମଧ୍ୟ ଅଭିଯୁକ୍ତଙ୍କ ଠାରୁ ଗୋଟିଏ କାର୍, ୨ଟି ବାଇକ୍, ଜବତ କରିଛି। ଏହି ମାମଲାଟି ବିହାର ଓ ଝାଡ଼ଖଣ୍ଡରେ ଗଠିତ ଆନ୍ତର୍ଦେଶୀୟ ଠକେଇ ଗୋଷ୍ଠୀ ସହ ସମ୍ପୃକ୍ତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ଅପରାଧ ଅର୍ଜିତ ଟଙ୍କାକୁ ସୁନା ଗହଣା କ୍ରୟ ଏବଂ ଜମି କିଣାରେ ବିନିଯୋଗ କରିଥିବା ତଦନ୍ତରେ ସାମ୍ନାକୁ ଆସିଛି। ଆଗାମୀ ଦିନରେ ଆହୁରି ଚମକପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବା ସମ୍ଭାବନା ରହିଥିବାର ଜଣାପଡିଛି। ଏହି ସାମ୍ବାଦିକ ସମିଳନୀରେ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ସମସ୍ୟା ନେଇ ତାତିଲା କୃଷକ ସଂଗଠନ

**ଯାଜପୁର,୨୬।୨(ସମିସ):** ଦିନକୁ ଦିନ ଚାଷୀଙ୍କ ସମସ୍ୟା ବଢୁଛି ପଛେ, କମିବାର ନାଁ ଧରୁନି। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି କରାଯାଉଥିବାବେଳେ ଏଥିରେ ସୁଧାର ଆସୁନାହିଁ। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ନବନିର୍ମାଣ କୃଷକ ସଂଗଠନ।

ଆଜି ଯାଜପୁର ବ୍ଲକ୍ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆସ୍ଥ କାଳୀ ମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସହ ସଂଯୋଜକଙ୍କ ସଭାପତିତ୍ୱରେ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ବୈଠକରେ ଚାଷୀକୁଳର ମୂଳ ସମସ୍ୟା, ଧାନ ମଣ୍ଡିରେ ବ୍ୟାପକ ତଞ୍ଚକତା ଓ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମଣ୍ଡିରେ ଧାନ ବିକ୍ରି ଠିକ୍ ସମୟରେ ହୋଇ ନ ପାରିବାରୁ ଚାଷୀ ହନ୍ତସନ୍ତ ହେଉଥିବା ପ୍ରସଙ୍ଗ ଓ ବର୍ଷାର ଅଭାବ ସହିତ କାଳିମୁଣ୍ଡି ପୋକର ପ୍ରାଦୁର୍ଭାବରେ ଚିନାବାଦାମ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ପ୍ରସଙ୍ଗକୁ ନେଇ ବେଶ୍ ଅଶନ୍ତୋଷ ମତବ୍ୟକ୍ତ କରିଛନ୍ତି ଚାଷୀ। ପ୍ରତ୍ୟେକ ମଣ୍ଡିରେ, ଦିନ ଦ୍ୱି ପ୍ରହରରେ ୮ରୁ ୧୦ କିଲୋ କଟ୍‌ନୀ ଛଟ୍‌ନୀ କରାଯାଉଥିବାବେଳେ ମିଲର ମାନେ ନେତାମନ୍ତ୍ରୀଙ୍କ ମୁହଁରେ ତୁଣ୍ଡି ପକାଇ ଚାଷୀଙ୍କୁ ଶୋଷଣ କରିବାରେ ଲାଗିପଡ଼ିଛନ୍ତି। ଚାଷୀମାନଙ୍କର ଏଭଳି ଦୁର୍ଦ୍ଦିନରେ ସରକାର ଓ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା କହିଛନ୍ତି ଶ୍ରୀ ରାୟ। ଅନ୍ୟପଟେ ବରିଷ୍ଠ ସଙ୍ଗଠକ ଦୁର୍ଗା ପ୍ରସାଦ ଦାସ କହିଛନ୍ତି ଯେ, ଚାଷୀ ସମସ୍ୟା ଉପରେ ସରକାର କିମ୍ବା ପ୍ରଶାସନ ସୁଧାର ଆଣିବାରେ ଯଦି କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଚାଷୀ ସମସ୍ୟାକୁ ନେଇ ଜିଲ୍ଲାରେ ଯେଉଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ତା' ପାଇଁ ସରକାର ଦାୟୀ ରହିବେ। ଆଜିଠାରୁ ଜିଲ୍ଲାର ପ୍ରତି ଗାଁ ଗାଁରେ ଚାଷୀଙ୍କ ଜନମତକୁ ଏକାଠି କରିବାରେ ନବନିର୍ମାଣ ସକ୍ରିୟ ଭୂମିକା ନେଇ ଆଗାମୀ ଦିନରେ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ହୋଇ ଠିଆ ହେବ ବୋଲି କହିଛନ୍ତି ଶ୍ରୀ ଦାସ। ଏ ପରିପ୍ରେକ୍ଷୀରେ ଆଜିର ଏହି ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିବା ଜଣାପଡ଼ିଛି।

ଏହି ବୈଠକରେ ବରିଷ୍ଠ ସଂଗଠକ ଦୁର୍ଗା ପ୍ରସାଦ ଦାସ, ମାଧବାନନ୍ଦ ଶାନ୍ତି, ପ୍ରତାପ ନାୟକ, ଅଜୟ ରାଉତ, ଅମୀୟ ବେହୁରା, ନଗେଶ ଜେନା, ବଲ୍ଲଭ ଜେନା, ଧନଞ୍ଜୟ ବିଶ୍ୱାଳ, ପ୍ରଫୁଲ୍ଲ କଣ୍ଟ, ହରିଶ ଦଳେଇ, ପ୍ରଫୁଲ୍ଲ ନାୟକ ପ୍ରମୁଖ ବକ୍ତବ୍ୟରେ ସରକାରଙ୍କୁ ସମାଲୋଚନା କରିବା ସହ ଚାଷୀଙ୍କ ସ୍ୱରକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଓ ବ୍ଲକ୍ କମିଟିଗୁଡ଼ିକୁ ସକ୍ରିୟ କରିବା ସହ ସାଂଗଠନିକ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଏକ ୨୦ ଜଣିଆ ଷ୍ଟିୟରିଂ କମିଟି ଗଢ଼ାଯାଇଥିବା ସୂଚନା ମିଳିଛି। ଏହାଛଡ଼ା ଚାଷୀର ଉପରୋକ୍ତ ସମସ୍ୟାକୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ପ୍ରଶାସନ ସହ କଥାବାର୍ତ୍ତା କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ସଭା ପ୍ରାରମ୍ଭରେ ସୋନପୁରର ବରିଷ୍ଠ ଚାଷୀନେତା ରାଜେନ୍ଦ୍ର ମିଶ୍ର ଓ ବରୀର ଦିବ୍ୟଙ୍ଗତ ଚାଷୀ ଗଣେଶ୍ୱର ଘଡ଼େଇଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ରଞ୍ଜନ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

ସରକାର-ଠିକାଦାର ତାଳମେଳ ନାହିଁ

# ବନ୍ଦହୋଇ ପଡ଼ିରହିଛି ଶହ ଶହ କୋଟିର ପ୍ରକଳ୍ପ

**ଯାଜପୁର ଟାଉନ,୨୬।୨(ସମିସ):** ଓଡ଼ିଶା ସରକାରଙ୍କ ଦ୍ୱାରା ପାରିତ ହୋଇଥିବା ନୂତନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନର ତ୍ରୁଟିପୂର୍ଣ୍ଣ ନିୟମ ପାଇଁ ସମସ୍ତ ଠିକାଦାର ସଙ୍ଘ ନିର୍ମାଣ କାର୍ଯ୍ୟ ବନ୍ଦ ନିଷ୍ପତ୍ତି ନେଇଛନ୍ତି। ଏହି ବନ୍ଦ ନିଷ୍ପତ୍ତି କେବଳ ଯାଜପୁରରେ ନୁହେଁ ସମଗ୍ର ଓଡ଼ିଶାର ଠିକାଦାର ମହାସଂଘ ନେଇଛି। ଗତ ଜାନୁଆରୀ ୩ ତାରିଖରୁ ରାଜ୍ୟ ସରକାର ନୂଆ ନିର୍ମାଣ ନିବେଦନ ଆହ୍ୱାନ ନୀତି ପ୍ରଣୟନ କରିଛନ୍ତି। ଏହି ନିୟମ ଅନୁଯାୟୀ ଜଣେ ଠିକାଦାର ଯେତେ ଚାହିଁବ ପ୍ରକଳ୍ପ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍‌ରେ ଟେଣ୍ଡର ପକାଇ ପାରିବ। ସବୁଠାରୁ ବେଶୀ କମ୍ ଯାହାର ହେବ ସେହି ଠିକାଦାର କାମଟିକୁ ହାସଲ କରିବ। ଏହି ନିୟମ କାର୍ଯ୍ୟକ୍ଷମ ପରେ କିଛି ଠିକାଦାର ସ୍ଥିରୀକୃତ ମୂଲ୍ୟଠାରୁ ୫୮ ପ୍ରତିଶତ କମ୍‌ରେ ଟେଣ୍ଡର ହାସଲ କରିଥିବା ନଜିର ଆସିଛି। ସରକାରଙ୍କ ଏହି ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ନିର୍ମାଣ କାର୍ଯ୍ୟରେ ଜଣେ ଠିକାଦାର କିପରି ଉନ୍ନତମାନର କାର୍ଯ୍ୟ କରିପାରିବେ ତାହା ଏବେ ଆଲୋଚନାର ବିଷୟ ହୋଇଛି। ପୂର୍ବ ସରକାର ଠିକାଦାରଙ୍କ ନିଜ ଭିତରେ ପ୍ରତିଯୋଗିତା ମନୋଭାବ ପାଇଁ ସର୍ବନିମ୍ନ ୧୪.୯୯ ଲେସ୍‌ରେ ଟେଣ୍ଡର ପକାଇ ପାରିବ ଏବଂ ଲଟେରୀ ମାଧ୍ୟମରେ ପ୍ରକଳ୍ପ ଦାୟିତ୍ୱ କେଉଁ ଠିକାଦାର ପାଇବ ତାହା ସ୍ଥିର କରାଯାଉଥିଲା। ଯାହା ଦ୍ୱାରା ଟେଣ୍ଡରରେ ଜାଲିଆତି କମିଯାଇଥିଲା। ଚଳିତ ସରକାରଙ୍କ ନୂଆ ଏବଂ ତ୍ରୁଟିପୂର୍ଣ୍ଣ ନୀତି ବିରୁଦ୍ଧରେ ସମ୍ପୂର୍ଣ୍ଣ ଓଡ଼ିଶା ଠିକାଦାର ସଙ୍ଘ ଆନ୍ଦୋଳନ କରିବା ସହିତ କାର୍ଯ୍ୟବନ୍ଦ ନିଷ୍ପତ୍ତି ନେଇଛନ୍ତି। ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି ରାସ୍ତା, ପୋଲ, ବିଭିନ୍ନ ସରକାରୀ ଅଫିସର ନିର୍ମାଣ କାର୍ଯ୍ୟ। ଖରା ବଢୁଥିବାରୁ ପାନୀୟ ଜଳ ପାଇଁ ଥିବା ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଆବଶ୍ୟକ ହେଉଥିବାବେଳେ ତାହା ହେଉନାହିଁ। ଫଳରେ ସାଧାରଣ ଜନତା ହତାଶ ହେଉଛନ୍ତି। ପାନୀୟ ଜଳ ପାଇଁ ହେଉଥିବା ସମସ୍ତ ନିର୍ମାଣ କାର୍ଯ୍ୟକୁ ଠିକାଦାର ବନ୍ଦ କରିଦେଇଛନ୍ତି। ଏହା ଭିତରେ ଠିକାଦାର ଆନ୍ଦୋଳନ ୭ଦିନ ବିତିଗଲାଣି। ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୋଇପାରିବନି କୋଟି କୋଟି ଟଙ୍କାର ପ୍ରକଳ୍ପ। ଠିକାଦାର ସଙ୍ଘ ସରକାରଙ୍କ ନିକଟରେ ଦାବି ରଖିଛନ୍ତି ଯେ ଯେଉଁ ପ୍ରକଳ୍ପ କାର୍ଯ୍ୟ ପାଇଁ ସରକାର ଟେଣ୍ଡର ଆହ୍ୱାନ କରୁଛନ୍ତି ତାହା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୂଲ୍ୟ ଅନୁସାରେ ଟେଣ୍ଡର ଡକାଯାଉ। ଲଟେରିରେ ଯଉଁ ଠିକାଦାରର ଉଠିବ ପ୍ରକଳ୍ପ କାର୍ଯ୍ୟ ଉକ୍ତ ଠିକାଦାର ନାମରେ ଏଗ୍ରିମେଣ୍ଟ କରାଯିବ। ତାହା ଦ୍ୱାରା ଉଚିତ ମାନର କାର୍ଯ୍ୟ ହୋଇପାରିବ। ସରକାରଙ୍କ ଠିକାଦାର ମାରଣ ନୀତି ବିରୁଦ୍ଧରେ ଠିକାଦାର ସଙ୍ଘର କାର୍ଯ୍ୟବନ୍ଦ ନିଷ୍ପତ୍ତିକୁ ସରକାର କିପରି ଗ୍ରହଣ କରୁଛନ୍ତି ଆଲୋଚନାର ବିଷୟ ହୋଇଛି। ଶୀଘ୍ର ଯଦି ଏହାର ସମାଧାନ ସରକାର ନକରନ୍ତି, ତେବେ ନିଜ ଜାଲରେ ନିଜେ ଛନ୍ଦି ହେବା ସାର ହେବ ବୋଲି ଠିକାଦାର ସଂଘ କହିଛି।

# ଏନ୍‌ସି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ବ୍ୟାସନଗର,୨୬।୨(ସମିସ):** ଏନ୍‌ସି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଅବିଳମ୍ବେ ପ୍ରଦାନ ନିମନ୍ତେ ବୟନ ଓ ସମବାୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଗଣ। ଆଜି ହୋଟେଲ ବ୍ରାହ୍ମଣୀରେ ଏନ୍‌ସି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ତଥା ପ୍ରାକ୍ତନ୍ ସାଂସଦ ଅଞ୍ଚଳ ଦାସ, ସନ୍ତୋଷ କୁମାର ନନ୍ଦ, ପଦ୍ମାକର ଗୁରୁ, ଅର୍ଜୁନ ଚରଣ ସାହୁ, ହରିହର ସ୍ୱାଇଁ, ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ରାଜ୍ୟ ବୟନ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ସାକ୍ଷାତ୍ କରି ୧୯୪୬ ରେ ପ୍ରତିଷ୍ଠିତ ଯାଜପୁରର ସର୍ବପୁରାତନ ଏନ୍‌ସି ମହାବିଦ୍ୟାଳୟକୁ ରାଜ୍ୟ ସରକାର ଅବିଳମ୍ବେ ବିଶ୍ୱବିଦ୍ୟାଳୟ ଘୋଷଣା କରି ଜିଲ୍ଲା ବାସୀଙ୍କ ଦୀର୍ଘ ଦୁଇ ଦଶନ୍ଧିର ଦାବିକୁ ପୂରଣ କରିବା ଲାଗି ମନ୍ତ୍ରୀଙ୍କ ସହଯୋଗ କାମନା କରିଥିଲେ। ଏ ଦିଗରେ ମନ୍ତ୍ରୀ ତ୍ୱରିତ ଓ ସକାରାତ୍ମକ ପଦକ୍ଷେପ ନେବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଥାଉକି ନିକଟ ଅତୀତରେ ରାଜ୍ୟ ସରକାର ଚାରୋଟି ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଥିବା ବେଳେ ଏନ୍‌ସି ମହାବିଦ୍ୟାଳୟ ସ୍ଥାନ ପାଇ ନାହିଁ। ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାଗଣ ଜିଲ୍ଲାର ସମସ୍ତ ବିଧାୟକ ଗଣ ଓ ସାଂସଦଙ୍କ ସମେତ ପ୍ରାକ୍ତନ ବିଧାୟକ ଓ ସାଂସଦଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ଏନ୍‌ସି କଲେଜର ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଗୁରୁ ସୂଚନା ଦେଇଛନ୍ତି।

# ଜମି ଅଧିଗ୍ରହଣ ବିନା ସେତୁ କାର୍ଯ୍ୟ; ବଢୁଛି ଅସନ୍ତୋଷ

**କାଳିଆପାଣି,୨୬।୨(ସମିସ):**

ସୁକିନ୍ଦା ବ୍ଲକ୍ ନୂଆଡିହ ଗ୍ରାମ ଦେଇ ଯାଇଥିବା ପଥର ଖାଞ୍ଜିଆ ନାଳ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧୀନ ବିଜୁ ସେତୁ କାର୍ଯ୍ୟକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଜମି ଅଧିଗ୍ରହଣ ବିନା ସେତୁ କାମ ଆରମ୍ଭ ହୋଇଥିବା ସହ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଞ୍ଚଳବାସୀ ଗୁରୁତର ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସେତୁ ପିଲାର୍ ପାଇଁ ଆବଶ୍ୟକ ଗଭୀରତାରେ ଗାତ ଖୋଳାଯାଇନଥିବା ସତ୍ତ୍ୱେ ତାହାରେ ଲୁହାଜାଲି ପତିତ କରି କଂକ୍ରିଟ ଢଳାଯାଉଛି। ଏହାରେ ସେତୁର ଦୀର୍ଘସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। କଂକ୍ରିଟ କାମରେ ମାନ ଓ ମାପ



ଅନୁସରଣ ହେଉନଥିବା ମଧ୍ୟ ଅଭିଯୋଗ ହେଉଛି। ନିର୍ମାଣ ସ୍ଥଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଅଧିକାରୀ ନିରୀକ୍ଷଣ କରୁଥିବା ଦେଖାଯାଉନଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ସେତୁ ଏ ସମ୍ପର୍କିତ ପ୍ରକଳ୍ପ ବିବରଣୀ ଓ ଖର୍ଚ୍ଚ ସୂଚନା ସହିତ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନଥିବା ନିୟମ ଉଲ୍ଲଂଘନକୁ ସୂଚିତ କରୁଛି। ଅନ୍ୟପଟେ, ସେତୁର ଉଭୟ ପାର୍ଶ୍ୱର ସଂଯୋଗ ରାସ୍ତା ପାଇଁ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇନଥିବା ସତ୍ତ୍ୱେ କାମ ଚାଲିଥିବା ନେଇ ଅନେକ ପ୍ରଶ୍ନ ଉଠୁଛି। ଭବିଷ୍ୟତରେ ଯଦି ଜମି ସମସ୍ୟା ଦୂର ନ ହୁଏ, ତେବେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେତୁ ଅଧପନ୍ତରିଆ ଭାବେ ପଡ଼ିରହିବା ସାର ହେବ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ଟେଣ୍ଡର ପାଇଥିବା ଠିକାଦାର କାମ ଯେନତେନ ପ୍ରକାରେ ସାରି ଚାଲିଯିବା ସନ୍ଦେହ କରାଯାଉଛି। ସେମାନେ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପନ୍ନ କରିବା, ସଂଯୋଗ ରାସ୍ତାର ଫାଉଣ୍ଡେସନ କାମ ଆରମ୍ଭ କରିବା ସହ ସେତୁ ନିର୍ମାଣର ଗୁଣମାନ ଯାଞ୍ଚ କରିବାକୁ ଦାବି କରିଛନ୍ତି।

# ମନ୍ମଥ ଧଳ ଡିଗ୍ରୀ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ

**କୟାଁଗୋଲା,୨୬।୨:(ସମିସ):** ଆଜି ଦଶରଥପୁର ବ୍ଲକ ବିରିପଟା ଠାରେ ମନ୍ମଥ ଧଳ ଡିଗ୍ରୀ କଲେଜ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ୱର୍ଗତଃ ମନ୍ମଥ ଧଳଙ୍କ ପୁତ୍ର ବିଜୟ ଧଳଙ୍କ ତତ୍ତ୍ୱାବଧାନରେ ଏଠାରେ ଅସ୍ଥାୟୀ ବିଲଡିଂରେ କାର୍ଯ୍ୟ କରିଆସୁଥିବା ଏହି ଡିଗ୍ରୀ କଲେଜର ନୂତନ ବିଲଡିଂ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଛାତ୍ରଛାତ୍ରୀ, ଅଭିଭାବକ ଓ



ଗ୍ରାମବାସୀ ସାମିଲ ହୋଇଥିଲେ। କିଟ୍-କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମଧ୍ୟ ଏଠାରେ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ସାମଲ, ଖରସ୍ରୋତା ସାହିତ୍ୟ ସଂସଦର ସଭାପତି ତଥା ଯୁବନେତା ପଦ୍ମାକର ଗୁରୁ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତି ଏଠାରେ ଉପସ୍ଥିତ ଥିଲେ। ଏହି ଡିଗ୍ରୀ କଲେଜ ପ୍ରତିଷ୍ଠା ହେବା ଦ୍ୱାରା ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀ ମାନେ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ପାଇବା ସହିତ ଏକ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ମତପ୍ରକାଶ ପାଇଛି।



### ବାରମ୍ବାର ଦୌଡ଼ି ଦୌଡ଼ି ମିଳିଲାନି ନ୍ୟାୟ

# ଥାନାରେ କନ୍‌ଷ୍ଟେବଲଙ୍କୁ ୪ ଚାପୁଡ଼ା

ଭୁବନେଶ୍ୱର, ୨୬।୨(ସମିସ): ମହିଳା ଜଣେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କଲେ। ବାରମ୍ବାର ଥାନାକୁ ଆସିଲେ। ହେଲେ ପୁଲିସ ଅଭିଯୋଗ ଶୁଣିଲାଣି। କାର୍ଯ୍ୟାନୁଷ୍ଠାନ ନିଆଯିବ କହି ଦିନ ଗଡ଼ାଇ ଚାଲିଲା। ଶେଷରେ ମହିଳା ଜଣଙ୍କ ମାମଲାର ଷ୍ଟାଟସ୍ ବୁଝିବାକୁ ପଚାରିଲେ। ପୁଲିସର ବ୍ୟବହାର ସାମାନ୍ୟ ଏପଟ ସେପଟ

- ମାମଲାର ଷ୍ଟାଟସ୍ ବୁଝିବାକୁ ଆସିଥିଲେ
- ଉତ୍ତର ସନ୍ତୋଷଜନକ ନ ହେବାରୁ ଉଠାଇଲେ ହାତ



ହେବା ମାତ୍ରେ ମହିଳାଙ୍କ ମୁଣ୍ଡ ବିଗିଡି ଗଲା। ଆଉ ଥାନା ଭିତରେ ପୁଲିସ କର୍ମଚାରୀଙ୍କୁ ପିଟି ଚାଲିଲେ। ଚାପୁଡା ପରେ ଚାପୁଡା ମାରି ଚାଲିଲେ। ୩ରୁ ୪ଟି ଚାପୁଡା ମାରିଥିଲେ। ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଜୋରସୋରରେ ଭାଇରାଲ ହେବାରେ ଲାଗିଛି।

ମହିଳାଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୯ଟାରେ ମହିଳା ଜଣଙ୍କ ଚନ୍ଦ୍ରଶେଖରପୁର ଥାନାକୁ ଆସିଥିଲେ। ମାମଲାର ଷ୍ଟାଟସ ସମ୍ପର୍କରେ ପ୍ରଥମେ ଡିସିଓଙ୍କୁ ପଚାରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ନମିଳିବାରୁ ଥାନା ଅଧିକାରୀଙ୍କୁ ଗୁହାରୀ ଜଣାଇଥିଲେ। କିଛିସମୟ ପରେ ୩ଜଣ ପୁଲିସ କର୍ମଚାରୀ ତାଙ୍କ ପାଖକୁ ଆସିଥିଲେ। ପ୍ରଥମେ ଯୁକ୍ତତର୍କ ହୋଇଥିଲା। ଏହାପରେ ଏହି ୩ଜଣ ପୁଲିସ କର୍ମଚାରୀ ତାଙ୍କୁ ବାହାରକୁ ନେଇ ଯିବାକୁ ଚେଷ୍ଟା କରିଥିଲେ।

ଏହା ମଧ୍ୟରେ ପୁଲିସ ଏବଂ ଅଭିଯୋଗକାରୀଣୀଙ୍କ ମଧ୍ୟରେ ପ୍ରଥମେ ହାତାପାଇ ହୋଇଥିଲା। ପେଲାଠେଲା ହେବା ସହ ଥାନା ଭିତରେ ମହିଳା ଜଣଙ୍କ ପାଟି କରିବାକୁ ଲାଗିଲେ। ଡିସିଓଙ୍କୁ ଗାଳିଗୁଲଜ କଲେ। କିଛି ସମୟ ଏଭଳି ଚାଲିଲା ପରେ ମହିଳା ଜଣଙ୍କ ଜଣେ ପୁଲିସ କନ୍‌ଷ୍ଟେବଲଙ୍କୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଟିଏ କରି ୩ରୁ ୪ଚାପୁଡା ମରି ଚାଲିଥିଲେ। ଏହାକୁ ନେଇ ଥାନା ଭିତାରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ଏହି ମାମଲାର ତଦନ୍ତ କରୁଛି ବୋଲି ଜଣାପଡ଼ିଛି।

### କାର୍ ବିକି ମାଲିକାନା ବଦଳାଉ ନଥିଲା

# ଧରାପଡ଼ିଲା କୁଖ୍ୟାତ ଠକ ପୂର୍ଣ୍ଣଚନ୍ଦ୍ର

ଭୁବନେଶ୍ୱର, ୨୬।୨ (ସମିସ): କାର୍ ବିକ୍ରି କରି ମାଲିକାନା ନ ବଦଳାଇବା ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ କୁଖ୍ୟାତ ଠକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଘାଟିକିଆର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ (୪୮)। ତା' ଠାରୁ ଦୁଇଟି କାର୍ ଓ ଦୁଇଟି ମୋବାଇଲ ଜବତ କରିଛି ପୁଲିସ।

- ଦୁଇ ମାସ ଖୋଜା ପରେ ଧରାପଡ଼ିଲା
- ଫସିଛନ୍ତି ୨୦ରୁ ଅଧିକ ଲୋକ; ଆସିଛି ୩ ଅଭିଯୋଗ



ପୁଲିସ ସୂଚନାନୁଯାୟୀ, ବିକାଶ କୁମାର ଅଗ୍ରୱାଲ କାର୍ କିଣିବାକୁ ଖୋଜାଖୋଜି କରୁଥିବା ବେଳେ ଦୁଇଜଣଙ୍କ ମାଧ୍ୟମରେ ପୂର୍ଣ୍ଣଚନ୍ଦ୍ର ଯୋଗାଯୋଗରେ ଆସିଥିଲେ। ପୂର୍ଣ୍ଣଚନ୍ଦ୍ର ନିଜକୁ ଗାଡ଼ିର ମାଲିକ ବୋଲି ପରିଚୟ ଦେବା ସହ ୫ ଲକ୍ଷ ୫୦ ହଜାର ଟଙ୍କାରେ ଗାଡ଼ି ବିକ୍ରି କରିବ ବୋଲି କହିଥିଲା। ବିକାଶ ଏକ ଚୁକ୍ତିନାମା କରି ପୂର୍ଣ୍ଣଚନ୍ଦ୍ରକୁ ନଗଦ ୫ ଲକ୍ଷ ଟଙ୍କା ଦେବା ସହ ମାଲିକାନା ପଞ୍ଜିକରଣ ପରେ ଅବଶିଷ୍ଟ ଟଙ୍କା ଦେବେ ବୋଲି କହିଥିଲେ। ଟଙ୍କା ପାଇବା ପରେ ପୂର୍ଣ୍ଣଚନ୍ଦ୍ର ଗାଡ଼ିଟିକୁ ବିକାଶଙ୍କୁ ଦେଇଥିଲେ ମଧ୍ୟ ମାଲିକାନା ବଦଳାଇ ନଥିଲେ। ଗାଡ଼ିର ୪ ଲକ୍ଷ ଟଙ୍କାର କିସ୍ତି ବକେୟା ଥିବା ବିକାଶ ପରବର୍ତ୍ତୀ ସମୟରେ ଜାଣିବାକୁ ପାଇଥିଲେ। ଫାଇନାନ୍ସ କମ୍ପାନୀ ପକ୍ଷରୁ ଗାଡ଼ି ଜବତ ହେବା ଭୟରେ ବିକାଶ ୩୮ ହଜାର ଟଙ୍କା ଫୋନ-ପେ ମାଧ୍ୟମରେ ଦେଇଥିଲେ। ଏହି ବିଷୟରେ ପଚାରିବାରୁ, ଗାଡ଼ିଟି କେ. ସୁନୀତା ପାତ୍ରଙ୍କ ନାମରେ ଥିବାବେଳେ ସେ ବର୍ଷକର କିସ୍ତି ଦେବାପରେ ମାଲିକାନା ବଦଳାଇବେ ବୋଲି ପୂର୍ଣ୍ଣଚନ୍ଦ୍ର କହିଥିଲା। ପୂର୍ଣ୍ଣଚନ୍ଦ୍ର କହିବା ମୁତାବକ, ବିକାଶ ମାଲିକାନା ହସ୍ତାନ୍ତର ପାଇଁ ଆହୁରି ୬ ଅପେକ୍ଷା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଗତ ଡିସେମ୍ବର ମାସରେ ବିକାଶ ଯୋଗାଯୋଗ କରିବାରୁ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ପୂର୍ଣ୍ଣଚନ୍ଦ୍ର ନିଲାମରୁ ବିକ୍ରୟ ଗାଡ଼ି କିଣିଥିବା ସତ୍ତ୍ୱେ ନିଜକୁ ଗାଡ଼ିର ପ୍ରକୃତ ମାଲିକ ବୋଲି ଦର୍ଶାଇ ୫ ଲକ୍ଷ ଟଙ୍କା ଠକି ନେଇଛି। ଏନେଇ ବିକାଶ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ପୂର୍ଣ୍ଣଚନ୍ଦ୍ରକୁ ଗିରଫ କରିଛି। ତେବେ କେବଳ ବିକାଶ ନୁହଁନ୍ତି, ପ୍ରାୟ ୨୦ରୁ ଅଧିକ ଲୋକଙ୍କୁ ପୂର୍ଣ୍ଣଚନ୍ଦ୍ର ସମାନ ଉପାୟରେ ଠକିଥିବା କଥା ତଦନ୍ତ ବେଳେ ଜଣାପଡ଼ିଛି। ଏପର୍ଯ୍ୟନ୍ତ ତା' ବିରୋଧରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଆଗକୁ ଅଭିଯୋଗର ଫର୍ଦ୍ଦ ବଢ଼ିପାରେ ବୋଲି ପୁଲିସ ଅନୁମାନ କରୁଛି।

### ଏକନମ୍ବର ହାଟରେ ଉତ୍ତେଜନା

# ଥାନା ଘେରାଉ, ନିଆଁ ଲଗାଇବା ବ୍ୟକ୍ତିଙ୍କ ନାମରେ ଏତଲା



ଭୁବନେଶ୍ୱର, ୨୬।୨(ସମିସ): ୟୁନିଟ୍-୧ ହାଟରେ ଅଗ୍ନିକାଣ୍ଡ ପରେ ବିବାଦ ଲାଗି ରହିଛି। କେବେ ରାତି ଅଧିଆ ଉଚ୍ଛେଦ ହେଉଛି। ପୁଣି କେତେବେଳେ ବିଏମ୍‌ସିକୁ ବିରୋଧ କରାଯାଉଛି। ଏହାକୁ ନେଇ ଏଠାରେ ଏକ ଗୋଳମାଳିଆ ସ୍ଥିତି ଉପୁଜିଛି। ହାଟରେ ରାସ୍ତା ସମସ୍ୟା ସମାଧାନ ପାଇଁ ବିଏମ୍‌ସିର ଏକ ଟିମ୍ ଗୁରୁବାର ହାଟରେ ପହଞ୍ଚିଥିଲା। ଉଚ୍ଛେଦ ଜାଣିବା ପରେ ଉଚ୍ଛେଦକାରୀ ଟିମ୍‌କୁ ବ୍ୟବସାୟୀମାନେ ଘେରି ଯାଇଥିଲେ। ପେଲା ଠେଲା କରିବା ସହିତ ଉଚ୍ଛେଦକୁ ଜୋରଦାର ବିରୋଧ କରିଥିଲେ। ଶେଷରେ ବ୍ୟବସାୟୀମାନେ କ୍ୟାପିଟାଲ ଥାନା ଘେରାଉ କରିଥିଲେ। ସଂଘର କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ହାଟରେ ଜାଣିଶୁଣି କେହି ନିଆଁ ଲଗାଇଦେଲା। ଏହାପର ଠାରୁ ହାଟ ଅଞ୍ଚଳ ଅଶାନ୍ତ ହୋଇଗଲା। ଏନେଇ ଜଣେ ବ୍ୟକ୍ତିଙ୍କ ନାମରେ ବ୍ୟବସାୟୀମାନେ ଏତଲା ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବରିଷ୍ଠ ନାଗରିକ ମୃତ

ହଂସପାଳ, ୨୬।୨(ସମିସ): ୧୬ ନମ୍ବର୍ ଜାତୀୟ ରାଜପଥ ପାହାଲ ଥାନା ଅଧୀନ ରୁଦ୍ରପୁର ନିକଟରେ ଅଜଣା ଗାଡ଼ି ଧକ୍କା ରେ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟ ଘଟିଛି। ମୃତକ ହେଲେ ନହରକଣ୍ଟା ହରିଦାସପୁରର ସୋମନାଥ ଖୁଣ୍ଟିଆ(୭୦)। ସେ ଏକ ମାର୍ବଲ ଦୋକାନ ରେ କାମ କରନ୍ତି। ସୂଚନା ଅନୁସାରେ ସୋମନାଥ ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବା ହେତୁ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଫଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ରୋକ କରିଥିଲେ ଏବଂ ଫୁଟ ବ୍ରିଜ ନିର୍ମାଣ ପାଇଁ ଅଡି ବସିଥିଲେ। ପାହାଲ ଥାନା ଅଧିକାରୀ ଅଶ୍ୱିନୀ ଜେନା ଏବଂ ବାଲିଅନ୍ତା ଥାନା ଅଧିକାରୀ ଅନିଲ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ରାସ୍ତା ରୋକ ହଟିଥିଲା। ପୋଲିସ ସିସିଟିଭି ଆଧାରରେ ଗାଡ଼ିକୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି।

# ଆୟକର ରିଆତି ଆଳରେ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୨୬।୨ (ସମିସ): ଆୟକର ରିଆତି ଆଳରେ ଠକେଇ କରିଥିବା ଅଭିଯୋଗରେ ଧୂର୍ତ୍ତକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଅନ୍ଧାରୁଆରେ ରହୁଥିବା ଆସ୍କା ଥାନା ଅଞ୍ଚଳର ନିରାକାର ନାହାକ (୪୫)।

ପୁଲିସ ସୂଚନାନୁସାରେ, ଅଭିଯୋଗକାରୀ ନିର୍ମଳ ସାହୁ ସମୟକ୍ରମେ ନିରାକାର ସଂସ୍ପର୍ଶରେ ଆସିଥିଲେ ଓ ନିରାକାର ନିଜକୁ ଶ୍ରୀ ଜଗନ୍ନାଥ ଜନକଲ୍ୟାଣ ଫାଉଣ୍ଡେସନ୍ ଟ୍ରଷ୍ଟର ନିର୍ଦ୍ଦେଶକ ଭାବେ ପରିଚୟଦେଇଥିଲା। ଏଥିସହ ପ୍ରତିବର୍ଷ ୫୦ ହଜାର ଟଙ୍କା ଲେଖାଏଁ ଅଗାମୀ ୪ ବର୍ଷ ଯାଏଁ ଟ୍ରଷ୍ଟକୁ ୨ ଲକ୍ଷ ଟଙ୍କା ଦେଲେ ଧାରା ୮୦ (ଜି) ଅନୁଯାୟୀ ଆୟକର ରିଆତି ସୁବିଧା ମିଳିବା ସହ ଚାରିଟେବୁଲ କାର୍ଯ୍ୟରେ ସହଯୋଗ ହେବ ବୋଲି ନିରାକାର କହିଥିଲା। ନିର୍ମଳ ତା କଥାକୁ ବିଶ୍ୱାସ କରି, ୨୦୨୪ ଡିସେମ୍ବର ମାସରେ ନିଜ ବ୍ୟାଙ୍କ୍ ଆକାଉଣ୍ଟରୁ ଶ୍ରୀ ଜଗନ୍ନାଥ ଜନକଲ୍ୟାଣ ଫାଉଣ୍ଡେସନ୍ ଟ୍ରଷ୍ଟକୁ ୨ ଲକ୍ଷ ଟଙ୍କା ପଠାଇଥିଲେ। ପରିଚୟ ବଢ଼ିବା ପରେ, ନିରାକାର ଜରୁରୀ ଚିକିତ୍ସା ଥିବାର ଆବଶ୍ୟକତା ଦେଖାଇ ନିର୍ମଳଙ୍କ ଠାରୁ ୨ ଲକ୍ଷ ଟଙ୍କା ଧାର୍ ନେଇଥିଲା। ଏକ ମାସ ମଧ୍ୟରେ ଫେରସ୍ତ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଟଙ୍କାଟିଏ ଫେରାଇନଥିଲା। ଏମିତିକି ଧାରା ୮୦ (ଜି) ଅନୁଯାୟୀ କୌଣସି ପ୍ରମାଣପତ୍ର ପ୍ରଦାନ କରିନଥିଲା। ସବୁଆଡ଼ୁ ନିରାଶ ହେବାପରେ ନିର୍ମଳ ମଞ୍ଚେଶ୍ୱର ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ନିରାକାରକୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି।

### ଫଗୁ ଦଶମୀରେ ଏକାମ୍ରକ୍ଷେତ୍ରରେ ଫଗୁଲାଗି

# ଚନ୍ଦ୍ରଗ୍ରହଣରେ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ଭୁବନେଶ୍ୱର, ୨୬।୨(ସମିସ): ଫଗୁ ଦଶମୀରେ ଏକାମ୍ର କ୍ଷେତ୍ରରେ ଶ୍ରୀଲିଙ୍ଗରାଜଙ୍କୁ ଫଗୁଲାଗି କରାଯାଇଥିଲା। ଏହି ଅବସରରେ ବଡ଼ସିଂହାର ବେଶ ଶେଷ ହେବା ପରେ ପୀଠାଧୀଶଙ୍କୁ ରୁପା ଥାଳିରେ ଚଣା ଓ ସାକର ଭୋଗ ହୋଇଥିଲା। ଏହା ପରେ ଚଳନ୍ତି ବିଗ୍ରହଙ୍କୁ ଦକ୍ଷିଣୀ ଘରୁ ବିଜେ କରାଇ ଲିଙ୍ଗରାଜ, ଦେବୀ ପାର୍ବତୀ, ଦେବୀ ଦୁର୍ଗାଙ୍କୁ ବିମାନରେ ଏବଂ ଶ୍ରୀବାସୁଦେବଙ୍କୁ ପାଲିଙ୍କିରେ ବିଜେ କରାଯାଇ ମହାପ୍ରଭୁଙ୍କୁ ବେଢ଼ା ଭିତରେ ଥିବା ଫଗୁ ମଣ୍ଡପକୁ ଯାତ୍ରା କରି ନିଆଯାଇ ମଣ୍ଡପ ଉପରେ ଥିବା ଖଟୁଲିରେ ବିଜେ କରାଯାଇଥିଲା।



ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ଚଳିତବର୍ଷ ପ୍ରଥମ ଚନ୍ଦ୍ରଗହଣ ଓ ଦୋଳପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ତିନି ନିଯୋଗ ସମ୍ପାଦକ, ଚର୍ଚ୍ଚିତ, ଚପରାସି, ମନ୍ଦିର ଜ୍ୟୋତିଷଙ୍କୁ ନେଇ ବୈଠକ ହୋଇଥିଲା।

ଆସନ୍ତା ମାସ ୩ ତାରିଖ ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଦିଅଁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଚତୁର୍ଦ୍ଦଶୀ ତଥା ୨ତାରିଖ ଦିନ ସନ୍ଧ୍ୟା ୭ଟାରେ ମହାଦୀପ ଉଠିବ। ରାତି ୮ଟା ଭିତରେ ଦିଅଁ ବାହାରକୁ ଦୋଳ ଭୋଗ ଖାଇବାକୁ ଯିବେ। ରାତି ୧୧ଟା ଭିତରେ ମହାଖଳାରେ ଅଗ୍ନି ଉତ୍ସବ କାର୍ଯ୍ୟସାରି ରାତି ୧୧ଟା ଭିତରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ରାତି ୧୨ଟା ସୁଦ୍ଧା ବଡ଼ସିଂହାର ସରି ପହୁଡ଼ ପଡ଼ିବ। ରାତି ୨ଟାରେ ମନ୍ଦିର ଖୋଲା ଯାଇ ମଙ୍ଗଳଆଳତି ଓ ଅବକାଶ ନୀତି କରାଯାଇ ଦିଅଁଙ୍କ ଅନ୍ୟାନ୍ୟ ନୀତି କରାଯିବ। ୩ ତାରିଖ ସକାଳ ସାଢ଼େ ୬ଟା ଭିତରେ ଭୋମଣ୍ଡପ ନୀତିକାର୍ଯ୍ୟ ସରି ମନ୍ଦିରରେ ସମସ୍ତ ଦେବନୀତି ବନ୍ଦ ରହିବ। ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଦିଅଁ ବିନ୍ଦୁସାଗର ଅଭିମୁଖେ ଗ୍ରହଣ ସ୍ନାନ କରିବାକୁ ଯିବେ। ସନ୍ଧ୍ୟା ସାଢ଼େ ୬ଟାରେ ଗ୍ରହଣ ଭୋଗ କରାଯିବ। ସର୍ବମୋକ୍ଷ ହୋଇସାରିବା ପରେ ମାଘସ୍ନାନ ଦିଆଯାଇ ବଲ୍ଲଭ ବେଶ ଏବଂ ବଲ୍ଲଭ ଧୂପ କରାଯାଇ ରାତି ୮ଟା ମଧ୍ୟରେ ଦିଅଁଙ୍କ ଚଳନ୍ତି ପ୍ରତିମା ଦୋଳବେଦୀକୁ ବିଜେ କରିବେ। ରାତି ୧୨ଟା ସୁଦ୍ଧା ଦୋଳବେଦୀରେ ସକାଳଧୂପ, ଦ୍ୱିପ୍ରହର ଧୂପ ଏବଂ ସନ୍ଧ୍ୟା ଧୂପ କରାଯାଇ ମନ୍ଦିରକୁ ଦିଅଁ ପ୍ରତ୍ୟାବର୍ତ୍ତନ କରିବେ। ମନ୍ଦିରରେ ଅନ୍ୟାନ୍ୟ ନୀତି ହୋଇ ବଡ଼ସିଂହାର ହୋଇ ପହୁଡ଼ ପଡ଼ିବ। ବୈଠକରେ ବଡୁ ନିଯୋଗ ସମ୍ପାଦକ ପୂଜାପଣ୍ଡା କମଳାକାନ୍ତ ବଡୁ, ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗର ସମ୍ପାଦକ ବିରଞ୍ଚି ନାରାୟଣ ପତି, ମନ୍ଦିର ଚର୍ଚ୍ଚିତ, ମନ୍ଦିର ଜ୍ୟୋତିଷ, ଚପରାସି ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାର୍ଷିକ ମିଡିଆ ଫେଷ୍ଟ: 'ରମାଦେବୀ'ରେ ଖୋଲିବ କ୍ୟାମ୍ପସ୍ ରେଡିଓ

ଭୁବନେଶ୍ୱର, ୨୬।୨(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଖୋଲିବ କ୍ୟାମ୍ପସ ରେଡ଼ିଓ। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ ଦ୍ୱାରା ଆୟୋଜିତ ବାର୍ଷିକ ମିଡିଆ ଫେଷ୍ଟ, ମିଡିଆ ଅନ୍ତର ୨୦୨୬ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏହି ଘୋଷଣା କରିଛନ୍ତି। ଗୁରୁବାର ମନ୍ତ୍ରୀ ସୂର୍ଯ୍ୟବଂଶୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସାମ୍ବାଦିକତା ଏବଂ ପ୍ରଯୁକ୍ତିବିଦ୍ୟାରେ ମହିଳା ସଶକ୍ତୀକରଣ ଏବଂ ନୈତିକ ଗଣମାଧ୍ୟମର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେବାକୁ ପ୍ରେରଣା ଦେଇଥିଲେ।

ବିଶ୍ୱବିଦ୍ୟାଳୟ ସଙ୍ଗୀତରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଂଯୋଜକ ଏବଂ ବିଭାଗର ମୁଖ୍ୟ ଡକ୍ଟର ଅମ୍ବିକା ଶଙ୍କର ମିଶ୍ର ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଭାଇସ୍ ଚାନ୍‌ସେଲର ପ୍ରଫେସର ଚଣ୍ଡି ଚରଣ ରଥ ମଧ୍ୟ



ସମାବେଶକୁ ସମ୍ବୋଧିତ କରିଥିଲେ। ଉଦଘାଟନୀ ଅଧିବେଶନରେ ଦାସମତୀ ଚତରଙ୍କ ଦ୍ୱାରା ମା ରମା ଦେବୀଙ୍କ ସ୍କ୍ରିନିଂ, ମୋମେଣ୍ଟସ୍ ପ୍ରଡକ୍ସନ୍ ଅନ୍ତର୍ଭୁକ୍ତ ଥିଲା। ଅଧ୍ୟାପକ ନରସିଂହ ମାଝୀ ଛାତ୍ର ନେତୃତ୍ୱ, ବ୍ୟବହାରିକ ଶିକ୍ଷା ଏବଂ ଭୁଲ ତଥ୍ୟର ମୁକାବିଲା ଉପରେ ଗୁରୁତ୍ୱାରୋପ କରିଥିଲେ।

'ମିଡିଆ, ନୀତିଶାସ୍ତ୍ର ଏବଂ ମହିଳା ନେତୃତ୍ୱ' ଉପରେ ଏକ ପ୍ୟାନେଲ ଆଲୋଚନାରେ ସୁଶ୍ରୀ ସାରଦା ଲହାଙ୍ଗିର, ସୁଶ୍ରୀ ଆଭା ମିଶ୍ର, ଦିଲୀପ ବିସୋଇ ଏବଂ ପ୍ରଫେସର ଡ. ଡକ୍ଟର ସ୍ମିତି ପାଢ଼ୀଙ୍କ ଦ୍ୱାରା ସଂଯୋଜିତ ଅର୍ଚ୍ଚନା ନାୟକ, ନୈତିକ ସାମ୍ବାଦିକତା, ଗଣମାଧ୍ୟମ ସ୍ୱଚ୍ଛତା ଏବଂ ସାମାଜିକ ପ୍ରଭାବ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ।

ଏହି ମହୋତ୍ସବରେ ଛୋଟି ଫିଲ୍ମ ବାଡି କାହାଣୀ, ରିଲ୍-ଏ-ରିଲ୍ ଏବଂ ଡୁଡଲ୍ ଡ୍ରାମା ଭଳି ଏଗାରଟି ସୃଜନଶୀଳ ଗଣମାଧ୍ୟମ ପ୍ରତିଯୋଗିତା ସହିତ ଆଠଟି ଖାଦ୍ୟ ଷ୍ଟଲ୍ ଏବଂ ବାଗଚି କରୁଣାଶ୍ରୟଙ୍କ ଦ୍ୱାରା ଏକ ଏନଜିଓ ପଦକ୍ଷେପ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀ ଚିନ୍ମୟୀ ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ କନ୍ୟା ଅନମୋଲ ହେର ପ୍ରତିଷ୍ଠାତ୍ରୀ ସସ୍ମିତା ଦାଶ ଓ ନୂତନବାର୍ତ୍ତାର ସମ୍ପାଦକ ବିଭୂପଦ ଦାସଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା।

# ଦୁନିଆ ଦୌଡୁଛି; ପଛରେ ପଡ଼ିଛି ପୁଲିସ

ଭୁବନେଶ୍ୱର, ୨୬।୨(ସମିସ): ଆଜିର ଦିନରେ ହାଇପ୍ରୋଫାଇଲ୍ ଅପରାଧ ମାମଲାରେ ପୁଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ଡିଜିଟାଲ୍ ପ୍ରମାଣ ଯୋଗାଡ଼। କିନ୍ତୁ ଏ କ୍ଷେତ୍ରରେ କମିସନରେଟ୍ ପୁଲିସର ଖାମଖିଆଲ ମନୋଭାବ ହେଉ ଅବା ବୈଷୟିକ ଜ୍ଞାନକୌଶଳର ଅଭାବ ହେଉ ଅଦାଲତରେ ତାହା ପ୍ରମାଣିତ ହୋଇପାରୁନି। ଫଳରେ ଅଭିଯୁକ୍ତ ସହଜରେ ଖସି ଯାଉଛନ୍ତି। ପରବର୍ତ୍ତୀ ସମୟରେ ତାହା କେବଳ ପୁଲିସ ପାଇଁ ନୁହେଁ ପୂରା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟୁଛି।

ଆଜିର ଦିନରେ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ବଡ଼ବଡ଼ ଠକେଇ ଏବଂ ଅପରାଧ ଘଟଣାରେ ଭିଡ଼ିଓଗ୍ରାଫି ସହ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣର ଗୁରୁତ୍ୱ ବଢ଼ିଯାଇଛି। ଭିଡ଼ିଓ ଇ-ସାକ୍ଷ୍ୟ ଆପ୍‌ରେ ଅପ୍‌ଲୋଡ୍ କରାଯିବାର ବ୍ୟବସ୍ଥା ରହିଛି। ଏହିଭଳି ଫୋରେନ୍‌ସିକ୍ ରିପୋର୍ଟ ଉପରେ ଉପରେ ମଧ୍ୟ ଗୁରୁତ୍ୱ ଅଧିକ ରହିଛି। ସବୁ ଅପରାଧସ୍ଥଳକୁ ପୁଲିସ ସହ ଫୋରେନ୍‌ସିକ୍ ଟିମ୍ ଯିବାକୁ ବାଧ୍ୟ। ଫୋରେନ୍‌ସିକ୍ ଟିମ୍ ନମୁନା ସଂଗ୍ରହ ସମୟରେ ଭିଡ଼ିଓ କରାଯିବ। ଫୋରେନ୍‌ସିକ୍ ଟିମ୍‌ର କାମକୁ ସହଜ କରିବାକୁ ସବୁ ଥାନାର କନ୍‌ଷ୍ଟବଲଙ୍କୁ ଫୋରେନ୍‌ସିକ୍ ଆସେଟ୍ ଭାବେ ରଖାଯାଇଥିଲେ ମଧ୍ୟ ସେମାନଙ୍କୁ ଦେଖିବାକୁ ମିଳୁଛି। ପୁଲିସ ପାଖରେ ଟେକ୍ନୋଲୋଜିର ଅଭାବ ଥିବାରୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ପୁଲିସ ଏଠାରୁ ଡିଜିଟାଲ ପ୍ରମାଣକୁ ରାଜ୍ୟ ବାହାରକୁ ପଠାଉଛି, ସେଠାରୁ ରିପୋର୍ଟ ଆସିବା ବେଳକୁ ୩ ମାସରୁ ଅଧିକ ଦିନ ଲାଗୁଛି। ସେତବେଳେ କୋର୍ଟରେ ପ୍ରମାଣ ଦାଖଲ କରାଯାଇ ପାରୁନଥିବାରୁ ଅଭିଯୁକ୍ତକୁ ଜାମିନ୍ ମିଳିଯାଉଛି। ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌ରେ ମାନବସମ୍ବଳ ଅଭାବ ଏବଂ ଅନ୍ୟା ଟେକ୍ନୋଲୋଜି ନଥିବାରୁ ବାହାର ରାଜ୍ୟ ଉପରେ ନିର୍ଭର ହେବାକୁ ପଡୁଛି। ଭୁବନେଶ୍ୱରରେ ନାର୍କୋ ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଗୁଜୁରାଟ ଗାନ୍ଧୀନଗର ଏବଂ ଅନ୍ୟ ରାଜ୍ୟ ଉପରେ ଭରସା କରିବାକୁ ପଡୁଛି।

- ଡିଜିଟାଲ୍ ପ୍ରମାଣ ଯୋଗାଡ଼ରେ ବିଳମ୍ବ
- କର୍ମଚାରୀ ନାହାନ୍ତି କି ତାଲିମ ନାହିଁ




### ମୋବାଇଲର ପାସ୍‌ୱାର୍ଡ ଖୋଲିବାକୁ ସିଙ୍ଗାପୁର ଭରସା

କିଛିବର୍ଷ ତଳେ ବିଜେବି କଲେଜରେ ପାଠ ପାଢୁଥିବା ରୁଚିକା ମହାନ୍ତି ମୃତ୍ୟୁ ମାମଲାରେ ମୋବାଇଲ୍ ପାସ୍‌ୱାର୍ଡ୍ ଖୋଲିବା ପାଇଁ ପୁଲିସକୁ ୬ ମାସ ଲାଗିଯାଇଥିଲା। ଆତ୍ମହତ୍ୟା ପରେ ପୁଲିସ ମୃତଦେହ ନିକଟରେ ଏକ ଚିଠି ଏବଂ ମୋବାଇଲ୍ ଫୋନ୍ ଜବତ କରିଥିଲା। ପୁଲିସ ଚିଠିକୁ ହ୍ୟାଣ୍ଡରାଇଟିଂ ବ୍ୟୁରୋକୁ ପଠାଇଥିବା ବେଳେ ଫୋନ୍‌ର ପାସ୍‌ୱାର୍ଡ ଖୋଲିବା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲେ। ହେଲେ ସେଠାରେ ମୋବାଇଲର ପାସ୍‌ୱାର୍ଡ ଖୋଲି ନ ପାରିବାରୁ ସିଙ୍ଗାପୁର ପଠାଇଥିଲା। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏକାଧିକ ହତ୍ୟା ଏବଂ ଆତ୍ମହତ୍ୟା ମାମଲାରେ ରାଜ୍ୟ ବାହାରକୁ ପଠାଯାଉଛି।

### ୩ ମାସରେ ଆସିଲା ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟ

ବ୍ଲାକ୍‌ମେଲିଂ ମାମଲାରେ ଅର୍ଚ୍ଚନା ନାଗ ଏବଂ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦକୁ ଗିରଫ କରିଥିଲା। ଗିରଫ ସମୟରେ ତାଙ୍କ ନିକଟରୁ ମୋବାଇଲ୍ ଫୋନ୍, ଲାପ୍‌ଟପ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କଲା। ଏଥିରେ ଥିବା ପ୍ରମାଣ ପାଇବା ପାଇଁ ପୁଲିସ ଏହାକୁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇଥିଲେ। ହେଲେ ସେଠାରୁ ରିପୋର୍ଟ ମିଳିଲା ୩ ମାସ ପରେ। ପୁଲିସ ଯେଉଁ ସମୟରେ ତଦନ୍ତ କରି ସତ୍ୟାସତ ବାହାର କରିବାକୁ ଚେଷ୍ଟା କରିଥିଲା। ହେଲେ ସେହି ସମୟରେ ପୁଲିସକୁ ମିଳି ନ ଥିଲା ଡିଜିଟାଲ ତଥ୍ୟ। ଯେଉଁଥି ପାଇଁ ପୁଲିସର ତଦନ୍ତ ଶିଥିଳ ପଡ଼ିଥିଲା। ସେହିପରି ଅନେକ ଠକେଇ ମାମଲାରେ ପୁଲିସକୁ ଠିକ୍ ସମୟରେ ତଥ୍ୟ ମିଳିପାରୁନାହିଁ।

### ଫୋରେନ୍‌ସିକ୍ ଲ୍ୟାବ୍‌ରେ କର୍ମଚାରୀ ଅଭାବ

ସନ୍ଦେହଜନକ ମୃତ୍ୟୁ ମାମଲାରେ ଭିସେରା ପରୀକ୍ଷା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପ୍ରତିଦିନ ୨୦ରୁ ଅଧିକ ମୃତ ବ୍ୟକ୍ତିଙ୍କ ଭିସେରା ଆସୁଛି। କିନ୍ତୁ ମାନବ ସମ୍ବଳ ଅଭାବରୁ ରିପୋର୍ଟ ଠିକ୍ ସମୟରେ ପରୀକ୍ଷା କରାଯାଇପାରୁ ନାହିଁ କି ରିପୋର୍ଟ ପ୍ରକାଶ ପାଇପାରୁ ନାହିଁ। ଫଳରେ ଗୋଟିଏ ଗୋଟିଏ ମାମଲାର ରିପୋର୍ଟ ଆସିବା ପାଇଁ ୨ରୁ ୩ ମାସ ଲାଗିଯାଉଛି। ଏମିତି କି ହତ୍ୟା ମାମଲାରେ ରିପୋର୍ଟ ପୁଲିସର ହସ୍ତଗତ ହେବା ବେଳକୁ ଅଭିଯୁକ୍ତ ସହଜରେ ରାଜ୍ୟ ବାହାରକୁ ଚମ୍ପଟ ମାରୁଛି। ସେହିପରି ପାଣିରେ ବୁଡ଼ି ମରିବା ମାମଲାରେ ଡାଏଟମ୍ ପରୀକ୍ଷା ପାଇଁ ରାଜ୍ୟ ବାହାରକୁ ପଠାଯାଇଥାଏ। ଏ ନେଇ ରିପୋର୍ଟ ଆସିବା ବେଳକୁ ଯଥେଷ୍ଟ ବିଳମ୍ବ ହେଉଛି। ଯାହାର ସୁଯୋଗ ନେଇ ଅପରାଧୀମାନେ ସହଜରେ ଖସି ଯାଉଛନ୍ତି।

### ବିନା ତାଲିମରେ କାମ କରୁଛନ୍ତି କର୍ମଚାରୀ

ଅପରପକ୍ଷେ ରାଜ୍ୟ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କୁ ନିୟମିତ ଭାବେ ଟ୍ରେନିଂ ଦିଆଯାଉନାହିଁ। ସେମାନେ ସେହି ପୁରୁଣା ଢାଞ୍ଚାରେ ତଦନ୍ତ କରୁଛନ୍ତି। ଫଳରେ ଅତ୍ୟାଧୁନିକ ଡିଜିଟାଲ ସାମଗ୍ରୀରୁ ତଥ୍ୟ ମିଳିପାରୁନି। ତେଣୁ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଅବଶ୍ୟକ କର୍ମଚାରୀ ଏବଂ ନିୟମିତ ଟ୍ରେନିଂ ଦିଆଗଲା ସଫଳତା ମିଳିବ ବୋଲି କୁହାଯାଉଛି। ଆହୁରି ମଧ୍ୟ କମିସନରେଟ୍ ପୁଲିସରେ କାମ କରୁଥିବା ତଦନ୍ତ ଅଧିକାରୀଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉ ନ ଥିବା କୁହାଯାଉଛି।





## ବିଡିଏ ଅଫିସରେ ଏମିତି ପରିମଳ

# ଆଗରେ ଆବର୍ଜନା, ପଛରେ ଭାସୁଛି ମଇଳା ପାଣି



ଭୁବନେଶ୍ୱର, ୨୬।୨ (ସମିସ): ଆଗରେ ଚହଟ ଚିକ୍କଣ, ମାତ୍ର ପଛରେ କଣା ପଡ଼ିଛି। ଏହି କଣାରୁ ଆବର୍ଜନା ପାଣି ବାହାରି ରାସ୍ତାରେ ଭାସୁଛି। ଖଣ୍ଡମଣ୍ଡଳକୁ ବ୍ୟାପି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ରାସ୍ତାରେ ଯାଉଥିବା ବାଟୋଇ ନାକରେ ହାତ ଦେବାକୁ ବାଧ ହେଉଛି। କୌଣସି ଉପାନ୍ତ କିମ୍ବା ବସ୍ତି ଅଞ୍ଚଳ ନୁହେଁ,

### ଅନ୍ୟ ପାଇଁ ଦଣ୍ଡ ବିଧାନ ନିଜ ପାଇଁ ନାହିଁ

ରାଜଧାନୀର ବିକାଶ ପାଇଁ କାର୍ଯ୍ୟ କରୁଥିବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଫିସ କୋଠାରେ ଏଭଳି ଅଜବ ବିକାଶ ଦେଖିବାକୁ ମିଳିଛି। ଯଦି ବିଡିଏ ଅଫିସ କୋଠା ପଛର ଏଭଳି ସ୍ଥିତି ତାହାଲେ ରାଜଧାନୀରେ କେମିତି ବିକାଶ ହେଉଛି ତାହା ମା' ଗଙ୍ଗେଇ ଜାଣନ୍ତି ବୋଲି ଲୋକେ କହୁଛନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି ବ୍ୟସ୍ତ ବହୁଳ ରାସ୍ତା ଦେଇ ଯାଉଛନ୍ତି। ପାଖରେ ବୟନିକା ଅଫିସ ମଧ୍ୟ ରହିଛି। ଏଥିଯୋଗୁ ଦିନତମାମ ପର୍ଯ୍ୟଟକ, ଯାତ୍ରୀ ଏବଂ କର୍ମଚାରୀଙ୍କ ଗହଳି ଲାଗି ରହୁଛି। ମାତ୍ର ଏହି ସମସ୍ୟା ସୁଧାରିବାକୁ ବିଡିଏ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଏହା ଦୀପତଳ ଅନ୍ଧାର ସ୍ଥିତି ସୃଷ୍ଟି କରିଛି। ନିଜ ଘରକୁ ସ୍ୱଚ୍ଛ ରଖିପାରୁ ନ ଥିବା ବିଡିଏ ପାଇଁ ବାଟୋଇ ଅପରିଷ୍କାର ପାଣିରେ ମାଡ଼ି ଯିବାକୁ ବାଧ ହେଉଛନ୍ତି। ରାଜଧାନୀରେ ଲୋକେ ଘର ବାହାରେ ଅଳିଆ ପକାଇଲେ ଦଣ୍ଡ ଦେଇ ଜୋରିମାନା ଲଗାଯାଉଛି। ଏପରିକି ଅଳିଆ ଘର ଭିତରେ ନେଇ ଫୋପଡ଼ା ଯାଇଥିବାର ନଜିର ରହିଛି। କିନ୍ତୁ ଉନ୍ନୟନ କରୁଥିବା ବିଡିଏକୁ ସବୁ କିଛି ଛାଡ଼। ରାସ୍ତାକୁ ପାଣି ଛାଡ଼ି ଅପରିଷ୍କାର କରୁଥିବା ସତ୍ତ୍ୱେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଏଥିରୁ ନିୟମର ଅଦ୍ଭୁତ ଗତି ଆଉ ମତି ବୁଝା ପଡୁଛି।

ଏ ତ ଗଲା ବିଡିଏ ଅଫିସ ପଛ ପାଖ କଥା। ଆଗ ସ୍ଥିତି ନ କହିଲେ ଭଲ। ଆଗରେ ଟାଇଲ ପକାଇ ଶୋ' ଗଛକୁ ସୁନ୍ଦର ଭାବେ ସଜା ଯାଇଛି। ମାତ୍ର ଏହି କୁଣ୍ଡ ଭିତରେ ପଲିଥିନ, ଜରି ଆଦି ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ଗଛ ଛାଇରେ ବସିବାକୁ ପଳାଇ ଆସୁଥିବା ବ୍ୟକ୍ତି ଏହା ଦେଖି ନାକ ମୋଡି ପଳାଉଛି। କେମିତି ବାବୁ ମାନେ ଏହାକୁ ଦେଖି ପାରୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।



## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୬।୨(ସମିସ): ସମୟ ସୁଅରେ ଅନେକ ଉତ୍ଥାନ ପତନ ଦେଇ ଦୁନିଆ ଗତି କରିଚାଲିଛି। ଏପରିସ୍ଥଳେ ଅନେକ ପୁରୁଣା କଥା ରହିଛି ବା ସ୍ମୃତି ରହିଛି ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟ କରି ରଖିଥାଏ। ସେମିତି ଏକ ଫଟୋ ରହିଛି ଯାହା ଓଡ଼ିଶୀ ନୃତ୍ୟଗୁରୁ ସଞ୍ଜୁକ୍ତା ପାଣିଗ୍ରାହୀ, ଗୁରୁ ମାୟାଧର ରାଉତ ଏବଂ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ନିବିଡ଼ତାର ପ୍ରମାଣ ଦିଏ। କଳା, ନୃତ୍ୟ ସଙ୍ଗୀତ ସହିତ ଜଡ଼ିତ ଏହି ୩ ଜଣ ବିଶିଷ୍ଟ ବ୍ୟକ୍ତି ଯେ, ଓଡ଼ିଶା ଏବଂ ଓଡ଼ିଶୀକୁ ବିଶ୍ୱ ଦରବାରରେ ପହଞ୍ଚାଇ ପ୍ରତିଟି ଓଡ଼ିଆଙ୍କ ମନରେ ଚୀରକାଳ ଅମର ହୋଇ ରହିଛନ୍ତି। ଏହି ଫଟୋଟି ୮୧ ବର୍ଷ ତଳର ବୋଲି କୁହାଯାଉଛି। ଅର୍ଥାତ୍ ୧୯୫୫ ମସିହାରେ ଉତ୍ତୋଳନ କରାଯାଇଥିଲା। ଯେତେବେଳେ ସଞ୍ଜୁକ୍ତାଙ୍କୁ ମାତ୍ର ୧୧ ବର୍ଷ ବୟସ ହୋଇଥିଲା ବେଳେ ପଣ୍ଡିତ ରଘୁନାଥଙ୍କୁ ସେତେବେଳେ ମାତ୍ର ୨୩ ବର୍ଷ ବୟସ ଏବଂ ନୃତ୍ୟଗୁରୁ ମାୟାଧର ରାଉତଙ୍କୁ ସେତେବେଳେ ୨୫ ବର୍ଷ ବୟସ ହୋଇଥିଲା। ଯଦିବା ଏହି ନୃତ୍ୟଶିଳ୍ପୀଙ୍କ ମଧ୍ୟରୁ ଆଜି କେହି ନାହାନ୍ତି କିନ୍ତୁ ତାଙ୍କର ଏହି ସ୍ମୃତି ସମ୍ବଳିତ ଫଟୋଟି ଅନେକଙ୍କ ନୃତ୍ୟ ଏବଂ ସଙ୍ଗୀତ ପ୍ରେମୀଙ୍କ ମଧ୍ୟରେ ଅମଳିନ ହୋଇ ରହିଯାଇଛି।

ଯାହା 'ସୂର୍ଯ୍ୟନନ୍ଦନ' ନାମକ ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇଥିବା ବେଳେ ଏହା କ୍ରମେ ପ୍ରବଳ ମାତ୍ରାରେ ଭାଇରାଲ୍ ହେବାରେ ଲାଗିଛି। ଯାହାକୁ ସାମାଜିକ ଗଣମାଧ୍ୟମରେ ପ୍ରଶଂସା ସାଉଁଟିଥିବା ବେଳେ ଅନେକ ଏହାକୁ ଅବିସ୍ମରଣୀୟ ମୂହୁର୍ତ୍ତ ବୋଲି କମେଣ୍ଟ ବକ୍ସରେ ଉଲ୍ଲେଖ କରିଛନ୍ତି।

## ବେସିକ ସାଇନ୍ସ କଲେଜର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୬।୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ 'ସ୍ପନ୍ଦନ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ନିର୍ବାଚନ ମଣ୍ଡଳୀର ବିଧାୟକ ବାବୁ ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପିଲାଙ୍କୁ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଗେଇ ଆସିବାକୁ ପ୍ରୋତ୍ସାହିତ କରିଥିଲେ। ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ଆନୁଷ୍ଠାନିକ ସଭାପତି ଆଶୁତୋଷ ନନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସୋହେଲା ଶେଖ ଏବଂ ସଭାପତି ସ୍ମୃତି ରଞ୍ଜନ ସେଠି ଅଭିଭାଷଣ ପ୍ରଦାନ କରିଥିଲେ। ଶୁଭରାଜିତ ପଡ଼ି ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## 'ତୋଷାଳୀ ମେଳା' ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୨(ସମିସ): ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା '୨୦ତମ ଭବ୍ୟ ତୋଷାଳୀ ମେଳା-୨୦୨୬' ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗ ଦେଇଥିବା ବେଳେ ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତାଙ୍କ ସମେତ ବିଭାଗର ବିଭିନ୍ନ ଯୋଜନା ପ୍ରଦର୍ଶିତ ହୋଇଥିଲା। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ 'ଫେଶନ ଶୋ' ଆୟୋଜିତ ହୋଇଥିବା ବେଳେ ପ୍ରଥମଥର ଡ୍ରୋନ୍ ଶୋ' ଆକର୍ଷଣ ପାଲଟିଥିଲା। ଚଳିତ ବର୍ଷ ମେଳାରେ ୯୦୫ ଗୋଟି ଷ୍ଟଲ ରହିଥିଲା। ଏଥର ମେଳାରେ ଲାଇଭ୍ ଡେମନଷ୍ଟ୍ରେସନ୍ ସହ ହସ୍ତଶିଳ୍ପ, ହସ୍ତତନ୍ତ ଓ ବୟନ ଏବଂ ରେଶମ କ୍ଷେତ୍ରକୁ ନେଇ ୩ଟି ଥିମ୍ ପାଭିଲିଅନ୍‌ରେ ବିଭିନ୍ନ ସରକାରୀ ଯୋଜନାର ସଫଳତା ଏବଂ ଘୋଷଣାନାମା ଓ ନୂତନ ପଦକ୍ଷେପ ସମ୍ପର୍କରେ ପ୍ରଦର୍ଶିତ ହୋଇଥିଲା। ଚଳିତ ବର୍ଷ ମେଳାରେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଜନ ସମାବେଶ ହୋଇଥିବା ସୂଚନା ରହିଛି।

## ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତିଙ୍କ ଗିରଫଦାରୀ ପ୍ରତିବାଦରେ ବିକ୍ଷୋଭ




ଭୁବନେଶ୍ୱର, ୨୬।୨(ସମିସ): ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍‌ଙ୍କୁ ଦିଲ୍ଲୀ ପୁଲିସର ଗିରଫ କରିଛି। ଏହା ପ୍ରତିବାଦରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ କଂଗ୍ରେସ ଭବନଠାରୁ ଏକ ରାଲିରେ ବାହାରି ମାଷ୍ଟରକ୍ୟାଂଟିନ ଛକଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଯୁବ କଂଗ୍ରେସର କର୍ମୀମାନେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତିଙ୍କୁ ଦିଲ୍ଲୀ ପୁଲିସ ବିଜେପି ସରକାରଙ୍କ ପ୍ରରୋଚନାରେ ହିନ ରାଜନୈତିକ ଉଦ୍ଦେଶ୍ୟ ରଖି ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି। ଏହା ପୂର୍ବରୁ ମଧ୍ୟ ଶାନ୍ତିପୂର୍ଣ୍ଣଭାବେ ପ୍ରତିବାଦ କରୁଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାଙ୍କୁ ଦିଲ୍ଲୀ ପୁଲିସ ଗିରଫ କରି ଜେଲ ହାଜତକୁ ପଠାଇଛି। ରାଷ୍ଟ୍ରୀୟ ସଭାପତି ଶ୍ରୀ ଚିବ୍ ଦେଶର ଯୁବକ ଯୁବତୀ ଏବଂ କୃଷକମାନଙ୍କର ଅଧିକାର ପାଇଁ ଲଢ଼େଇ କରିଆସୁଛନ୍ତି। ତେଣୁ ଆକ୍ରୋଶମୂଳକ ଭାବେ ତାଙ୍କୁ ଗିରଫ କରାଯାଇଛି। ତୁରନ୍ତ ତାଙ୍କୁ ଛଡ଼ା ନଗଲେ ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ଯୁବ କଂଗ୍ରେସ ପକ୍ଷରୁ ଚେତାବନି ଦିଆଯାଇଛି।

## ବାୟାଁପଦା ହରଚଣ୍ଡୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବାଲିଅନ୍ତା, ୨୬।୨(ସମିସ): ବାଲିଅନ୍ତା ବ୍ଲକ ବାୟାଁପଦା ଗ୍ରାମ ମା' ହରଚଣ୍ଡୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୩ ତାରିଖରେ ଅଙ୍କୁରାରୋପଣ, ୨୪ ତାରିଖରେ ଭାଗର୍ବୀ ନଦୀରୁ ୧୦୮ କଳସ ଶୋଭାଯାତ୍ରା, ଧ୍ୱଜା ଧାନ୍ୟାଧିବାସ, ଅଗ୍ନିସ୍ଥାପନ, ୨୫ ତାରିଖରେ ମଣ୍ଡପ ପୂଜା, ହବନ, ଶୟନ, ୨୬ ତାରିଖରେ ମଣ୍ଡପ ପୂଜା, ହବନ, ଦେବୀ ନ୍ୟାସ ହୋମ, ଗ୍ରାମ ପରିକ୍ରମା, ମନ୍ଦିର ପ୍ରବେଶ, ପ୍ରାଣ ପ୍ରତିଷ୍ଠା, ପୂର୍ଣ୍ଣାହୁତି ଏବଂ ବିସର୍ଜନ ପୂଜାବିଧି ଅନୁଷ୍ଠିତ ହୋଇଥିଲା।

## ପ୍ରତିବାଦ ଦିବସରେ ସରକାରୀ କର୍ମଚାରୀଙ୍କ ଦାବିପତ୍ର

ଭୁବନେଶ୍ୱର, ୨୬।୨(ସମିସ): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଗୁରୁବାର ସମଗ୍ର ଭାରତବର୍ଷରେ ପ୍ରତ୍ୟେକ ରାଜ୍ୟ ସରକାରୀ କର୍ମଚାରୀମାନେ ପ୍ରତିବାଦ ଦିବସ ପାଳନ କରୁଥିବା ବେଳେ ଓଡ଼ିଶା ରାଜ୍ୟ କର୍ମଚାରୀ ମହାସଂଘର ଏକ ୬ ଜଣିଆ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ମହୋଦୟାଙ୍କୁ ଏକ ସ୍ମାରପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଠିକା ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଚାକିରି ପ୍ରଦାନ, ଏନ୍‌ପିଏସ୍ ଓ ୟୁପିଏସ୍ ବଦଳରେ ସମସ୍ତଙ୍କୁ ପୁରୁଣା ପେନସନ ପ୍ରଦାନ, ୨୦୨୫ ପେନସନ ନିୟମକୁ ରଦ୍ଦ କରିବା, ସରକାରୀ କାର୍ଯ୍ୟାଳୟକୁ ସଙ୍କୁଚିତ ଓ ଘରୋଇକରଣ ବନ୍ଦ କରିବା, ସମସ୍ତ କର୍ମଗରୀଙ୍କୁ ସ୍ୱାସ୍ଥ୍ୟବୀମା ପ୍ରଦାନ, ଅଷ୍ଟମ ପେନସନ କମିଶନରଙ୍କୁ ଦିଆଯାଇଥିବା ଟର୍ମ ଆଣ୍ଡ ରେଫରେନ୍ସକୁ ପୁର୍ନବିଚାର କରିବା ଆଦି ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ପ୍ରତିନିଧି ଦଳରେ ମହାସଂଘର ସଭାପତି ମିନାକ୍ଷୀ ରାଣୀ ମହାନ୍ତି, ଅର୍ଥ ସଚିବ ମନୋଜ କୁମାର ମଲ୍ଲିକ ଏବଂ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ପୂର୍ବତନ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ପୂର୍ବତନ ସମ୍ପାଦକ କ୍ଷେତ୍ରମୋହନ ଦାସ ଓ କାର୍ଯ୍ୟାଳୟ ସମ୍ପାଦକ କାହ୍ନୁଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।



## ହରଦୀପ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ



ଭୁବନେଶ୍ୱର, ୨୬।୨(ସମିସ): ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଳଙ୍କା ଲାମ୍ବାଙ୍କ ନିର୍ଦ୍ଦେଶକ୍ରମେ ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱର ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନଠାରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହିଳା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଏପିଷ୍ଟିନଙ୍କ ସହ ତାଙ୍କର ସମ୍ପର୍କକୁ ଘୋଡ଼ାଇବାପାଇଁ ମିଥ୍ୟା କାହାଣି ରଚନା କରୁଛନ୍ତି। ହରଦୀପ ସିଂ ପୁରୀ ଓ ଏପିଷ୍ଟିନ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ତାଙ୍କୁ କ'ଣ ପାଇଁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରାଯାଉ ନାହିଁ ତାକୁ ନେଇ ମହିଳା କଂଗ୍ରେସ ପ୍ରଶ୍ନ ଉଠାଇଛି। କାର୍ଯ୍ୟକ୍ରମରେ ଜୟଶ୍ରୀ ପଟ୍ଟନାୟକ, ପ୍ରଣତୀ ମିଶ୍ର, ସୁମିତା ବିଶ୍ୱାଳ, ବିଶ୍ୱକଲ୍ୟାଣି କରଙ୍କ ସମେତ ବହୁ ନାରୀ ନେତ୍ରୀ ଯୋଗ ଦେଇଥିଲେ।

## ଦାମୋଦର ସାହୁ ପାଇବେ 'ସିଟିଜେନସ୍ ଲିଜେଣ୍ଡ ଆୱାର୍ଡ'

ଭୁବନେଶ୍ୱର, ୨୬।୨(ସମିସ): ଆସନ୍ତା ମାର୍ଚ୍ଚ ୧ ତାରିଖ ରବିବାର ଅନୁଷ୍ଠିତ ହେବ ସିଟିଜେନସ୍ ଫୋରମ ଗ୍ରେଟର ଗାଡ଼କଣର ୧୧ତମ ବାର୍ଷିକ ଉତ୍ସବ। ଗୁରୁ କେଳୁ ଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ଅଡିଟୋରିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୨୬ ବର୍ଷ ପାଇଁ ହିନ୍ଦ ସେବକ ସଂଘର ସର୍ବଭାରତୀୟ ସଭାପତି ଦାମୋଦର ସାହୁ ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ ଗ୍ରହଣ କରିବେ ବୋଲି ଅନୁଷ୍ଠାନର ମିଡିଆ ସେଲର ଆବାହକ ଦିଲ୍ଲୀପ ଦାଶଶର୍ମା ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ଶ୍ରାଦ୍ଧବାର୍ଷିକୀରେ ହେମାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୬।୨(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ବହୁ କଂଗ୍ରେସ ନେତା ଏକାଠି ହୋଇ ହେମାନନ୍ଦଙ୍କ ସ୍ମୃତିଚାରଣ କରିଛନ୍ତି। ହେମାନନ୍ଦ ବିଶ୍ୱାଳ ସ୍ମୃତି କମିଟି ଦ୍ୱାରା ଜୟଦେବ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିରୂପେ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ, ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ ଧର୍ମପତ୍ନୀ ଉର୍ମିଳା ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ହୋଇ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ। ସଭାପତି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ସଭାକୁ ପରିଚାଳନା କରିଥିଲେ। ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ ସୁପୁତ୍ରୀ ତଥା କଂଗ୍ରେସ ନେତ୍ରୀ ସୁନିତା ବିଶ୍ୱାଳ ସଭାକାର୍ଯ୍ୟ ସମାପନ ଭାଷଣ ଦେଇଥିଲେ।

## ଜନସେବା ଓ ରକ୍ତଦାନ କରି ଜନ୍ମଦିନ ପାଳନ

ଭୁବନେଶ୍ୱର, ୨୬।୨(ସମିସ): ଆଜିର ଆଡ଼ମ୍ବରପୂର୍ଣ୍ଣ ଜନ୍ମଦିନ ପାଳନ ପ୍ରଥାକୁ ପଛକୁ ଛାଡ଼ି ସମାଜସେବାକୁ ପ୍ରାଧାନ୍ୟ ଦେଇ ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ନିଜ ଜନ୍ମଦିନକୁ ନିଆରା ଓ ସ୍ମରଣୀୟ ଢଙ୍ଗରେ ପାଳନ କରିଛନ୍ତି। ଦିନଟିକୁ ସେ ଉତ୍ସବ ନୁହେଁ, ବରଂ ସେବା, ପାଠ୍ୟପୁସ୍ତକ ବଣ୍ଟନ ଓ ରକ୍ତଦାଦ କରି ପାଳନ କରିଛନ୍ତି। ଶ୍ରୀକ୍ରିଷ୍ଣା ବୃଦ୍ଧାଶ୍ରମରେ ବୃଦ୍ଧବୃଦ୍ଧାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବା ସହ କଳିଙ୍ଗ ଯୁବ ସେନା ଟ୍ରଷ୍ଟ ଆନୁକୂଲ୍ୟରେ ଗୋଶାଳାରେ ଗୋମାତାଙ୍କ ସେବା କରି ଆଶୀର୍ବାଦ ଗ୍ରହଣ କରାଯାଇଥିଲା।

## ୪ଜଣଙ୍କୁ 'ଲୋକରତ୍ନ ସମ୍ମାନ'

ଭୁବନେଶ୍ୱର, ୨୬।୨(ସମିସ): ଲୋକ ବିକାଶର ୩୨ତମ ପ୍ରତିଷ୍ଠା ଦିବସ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗଠନର ପ୍ରତିଷ୍ଠାତା ସମ୍ପାଦକ ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ 'କର୍କଟ ଚିକିତ୍ସା ସେବାରେ ସାମାଜିକ ସଂଗଠନମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ, ଡା. କୃପାସିନ୍ଧୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡା. କୃପାସିନ୍ଧୁ ପଣ୍ଡା, ଡା. ନବଘନ ପରିଡ଼ା, ଅଶୋକ କୁମାର ସାରଦା, ନିହାର ରଞ୍ଜନ ପଟ୍ଟନାୟକଙ୍କୁ 'ଲୋକରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଅମ୍ରିତା ସାଇଶ୍ରୀଙ୍କୁ 'ଲୋକ ବିକାଶ ବିଜ୍ଞାନ' ମେଡାଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋଲକ ବିହାରୀ ସିଂହ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ସୁବାସ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେଶନ୍‌ରେ ଯୋଡ଼ି ହେଉଛି ପାରମ୍ପରିକ ଚିତ୍ରକଳା

- ବଢୁଛି ପଟ୍ଟଚିତ୍ର ଶାଢ଼ି ଓ ପୋଷାକର ଚାହିଦା
- ବିଦେଶରେ ମଧ୍ୟ ସାଉଁଟୁଛି ଆଦୃତ

ଭୁବନେଶ୍ୱର, ୨୬।୨(ସମିସ): ପଟ୍ଟଚିତ୍ର ଓଡ଼ିଶାର ଏକ ପାରମ୍ପରିକ ଚିତ୍ରକଳା। ଶାଢ଼ି ହେଉ ଅବା ଡ୍ରେସ୍‌ରେ ଝଲସୁଛି ରାଧାକୃଷ୍ଣଙ୍କ ଲୀଳା। ତେବେ ଏହା କେବଳ ଓଡ଼ିଶା ନୁହେଁ ବରଂ ଓଡ଼ିଶା ଏବଂ ଦେଶ ବାହାରେ ମଧ୍ୟ ବେଶ୍ ଆଦୃତି ଲାଭ କରୁଛି।

ଏବେ ଯୁଗ ବଦଳିବା ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଘଟୁଥିବା ବେଳେ ଏହି ପରିବର୍ତ୍ତିତ ଜୀବନଶୈଳୀ ଓ ପୋଷାକ ପରିଧାନରେ ସ୍ୱାତନ୍ତ୍ର୍ୟତା ବଜାୟ ରଖିଛି ପଟ୍ଟଚିତ୍ର କାରିଗରୀ। ବିଭିନ୍ନ ପ୍ରକାର ପିଓର ସିଲ୍କ, କଟନ ସିଲ୍କ, କିମ୍ବା ପାଟ ଶାଢ଼ିରେ ଅଙ୍କା ଯାଇଥିବା ଏହି ପାରମ୍ପରିକ ଶାଢ଼ୀ ଏବେ ସମ୍ଭ୍ରାନ୍ତ ପରିବାର ମହିଳାଙ୍କ ପ୍ରଥମ ପସନ୍ଦ ପାଲଟିଛି। ବିବାହ ହେଉ ଅବା କୌଣସି ଫଙ୍କସନ୍‌ରେ ଅଧିକାଂଶ ମହିଳା ପଟ୍ଟଚିତ୍ର ଶାଢ଼ୀ, ଡ୍ରେସ୍ କିମ୍ବା ଏହି ଚିତ୍ରକଳା ରହିଥିବା ଓଢ଼ଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ରଘୁରାଜପୁରୁ ସୃଷ୍ଟି ଏହି ପାରମ୍ପରିକ କାରିଗରୀ ଏବେ ଡିଜାଇନିଂ କୋର୍ସରେ ମଧ୍ୟ ସାମିଲ ହୋଇଛି। ଦିନକୁ ଦିନ ଏହାର ଚାହିଦା ବଢ଼ିବା ସହ ଏହାର ବଜାରୀକରଣ ଦିଗରେ ମଧ୍ୟ ସୁଯୋଗ ସୃଷ୍ଟି ହୋଇଥିବାରୁ ଏହାକୁ ନେଇ ଆଜିର ଯୁବପିଢ଼ିମାନେ କ୍ୟାରିୟର କରିବାକୁ ମଧ୍ୟ ଆଗେଇ ଆସିଲେଣି। ନାନାଦି ପ୍ରାକୃତିକ ରଙ୍ଗର ବ୍ୟବହାର କରି ପଟ୍ଟ ବା ମଣ୍ଡ ଦିଆ କନା ଉପରେ ଅଙ୍କାଯାଇଥାଏ। ଯାହାକି ଧୋଇବା ଦ୍ୱାରା ଆଦୌ ଛାଡ଼ି ନ ଥାଏ ବୋଲି ଭୁବନେଶ୍ୱରର ପଟ୍ଟଚିତ୍ର କାରିଗର ଶିବାନୀ ତ୍ରିପାଠୀ କହିଛନ୍ତି। ଯଦିଓ ବିଭିନ୍ନ ପ୍ରକାର ପଟ୍ଟଚିତ୍ର କାମ କରାଯାଉଛି କିନ୍ତୁ ଅଧିକ କାମ କଷ୍ଟମାଇଜ୍ ହୋଇଥାଏ। ଗ୍ରାହକଙ୍କ ଅର୍ଡର ମୁତାବକ ଥିମ୍ ଡିଜାଇନ୍ କରାଯାଇଥାଏ। କାରଣ ଗୋଟିଏ ଶାଢ଼ୀରେ ଡିଜାଇନ୍ କରିବାକୁ ୭ରୁ ୮ ଦିନ ଲାଗିଥାଏ। ତେଣୁ ଗ୍ରାହକଙ୍କ ପସନ୍ଦକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଶିବାନୀ କହିଛନ୍ତି। ଶାଢ଼ି ଗୁଡ଼ିକର ଦାମ୍ ୧୦ହଜାର ଟଙ୍କାରୁ ଆରମ୍ଭ ହୋଇ ୫୦ ହଜାର ପର୍ଯ୍ୟନ୍ତ ରହିଛି। ଏହାଠାରୁ ଅଧିକ ମଧ୍ୟ ରହିଛି। ସେହିପର କୁର୍ତ୍ତିର ଦାମ୍ ୨୫୦୦ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କେବଳ ଶାଢ଼ୀ କିମ୍ବା ଡ୍ରେସ୍ ନୁହେଁ ପଟ୍ଟଚିତ୍ର ଚିତ୍ରକଳା ରହିଥିବା ହାର, କାନଫୁଲ ଆଦି ଜୁଏଲାରୀର ମଧ୍ୟ ବର୍ତ୍ତମାନ ଟ୍ରେଣ୍ଡରେ ରହିଛି। ଉଭୟ ଅନଲାଇନ୍ ମାଧ୍ୟମରେ ଦେଶ ବିଦେଶର ଗ୍ରାହକ ଏହାକୁ କିଣିବା ସହ ବୁକିଂ କରୁଥିବା ଶିବନୀ କହିଛନ୍ତି।



# ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଝାରସୁଗୁଡ଼ା, ୨୬।୨(ସମିସ)




## ସୁପାରିଶ ନୁହେଁ, ପ୍ରତିଭା ଆଧାରରେ ମିଳିବ ନିଯୁକ୍ତି: ରାଜସ୍ୱ ମନ୍ତ୍ରୀ

## ୩୬ ପ୍ରତିଷ୍ଠିତ କମ୍ପାନୀ ଓ ୨୫୦୦ରୁ ଅଧିକ ଯୁବପିଢ଼ିଙ୍କ ଅଂଶଗ୍ରହଣ

## ଜିଲ୍ଲାରେ ପ୍ରତିଷ୍ଠା ହେବ ପୋଷ୍ଟ ଗ୍ରାଜୁଏସନ ୟୁନିଭରସିଟି

ଜିଲ୍ଲାର ଶିକ୍ଷିତ ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ବେହେରାମାଲ ସ୍ଥିତ ଏମସିଏଲ କମ୍ୟୁନିଟି ହଲ୍ ପରିସରରେ ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା-୨୦୨୫ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟର ମିଳିତ ପ୍ରୟାସରେ ଆୟୋଜିତ ମେଳାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଉପରେ ଜୋର ଦେଇଥିଲେ। ଝାରସୁଗୁଡ଼ାକୁ ରାଜ୍ୟର ଶିଳ୍ପ ହବ୍ ବୋଲି ଅଭିହିତ କରିବା ସହ ସୁପାରିଶରେ ନିଯୁକ୍ତି ପାଇବା ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କହିଥିଲେ। ସୁପାରିଶ ନୁହେଁ, ପ୍ରତିଭା ଆଧାରରେ ନିଯୁକ୍ତି ହେବା ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନ ଗୁଡିକରେ ଜିଲ୍ଲାର ଯୁବପିଢ଼ିଙ୍କୁ ପ୍ରାଥମିକତା ଦେବା, ଜିଲ୍ଲାରେ ଉଚ୍ଚଶିକ୍ଷା ପାଇଁ ପୋଷ୍ଟ ଗ୍ରାଜୁଏସନ ୟୁନିଭରସିଟି ସ୍ଥାପନ କରାଯିବା ଏବଂ ଯୁବବର୍ଗ ଆତ୍ମନିର୍ଭରଶୀଳ ହେବା ପାଇଁ ବୈଷୟିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିଯୁକ୍ତି ମେଳା ମାଧ୍ୟମରେ ପ୍ରତିଭାବାନ ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତିଦାତାଙ୍କ ସହ ଯୋଡିବାକୁ ପ୍ରୟାସ କରାଯାଉଥିବା କହିଥିଲେ। ଆଜି ମେଳାରେ ୨୫୫୭ରୁ ଅଧିକ ପ୍ରାର୍ଥୀ ପଞ୍ଜୀକରଣ କରିଥିଲେ। ଦେଶ ଓ ରାଜ୍ୟର ପ୍ରାୟ ୩୬ଟି ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ଏବଂ ୪ଟି ପ୍ଲେସମେଣ୍ଟ ପ୍ରତିଷ୍ଠାନ (ପିଆଇଏ) ଏଥିରେ ଯୋଗ ଦେଇଥିଲେ। ବିଭିନ୍ନ କମ୍ପାନୀ ପକ୍ଷରୁ ମୋଟ ୧୪୩୯ଟି ପଦବୀ ପାଇଁ ନିଯୁକ୍ତି ସୁଯୋଗ ରଖାଯାଇଥିବା ବେଳେ, ପ୍ରାୟ ୪୯୦ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ଯବ୍-ରୋଲ୍‌ରେ ପ୍ରଶିକ୍ଷଣ ଓ ନିଯୁକ୍ତି ପାଇଁ ଚୟନ କରାଯାଇଛି। କାର୍ଯ୍ୟକ୍ରମଟିରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ମୁଖ୍ୟ ସୁନନ୍ଦ୍ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିଯୋଜନ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ ସଙ୍ଗୀତା ମେହେର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ଓଡ଼ିଶା ଗସ୍ତ

**ଝାରସୁଗୁଡ଼ା, ୨୬।୨(ସମିସ):** ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଏବଂ ସଦସ୍ୟ ମାନେ ଓଡ଼ିଶା ଗସ୍ତରେ ଆସି ଗୁରୁବାର ସନ୍ଧ୍ୟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଛନ୍ତି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ ତ୍ରିବେଦୀ, ସଦସ୍ୟ ଜଷ୍ଟିସ ଡ.ରବିରଞ୍ଜନ, ସଦସ୍ୟ ଜଷ୍ଟିସ ଇନ୍ଦରମିତ କୌର କୋଚ୍ଛର, ସଦସ୍ୟ ଭବ୍ୟା ପ୍ରିୟଦର୍ଶିନୀ, ଏସେସର ଏ.କେ ସିଂ, ଏସେସର କ୍ରିଷ୍ଣାନୁନ୍ନି ଏନଏମ, ରେଜିଷ୍ଟ୍ରାର ଚନ୍ଦନ ମୁଖାର୍ଜୀ, ପିପିଏସ ଅନିଲ ଦତ୍ତ ଶର୍ମା, ପିଏସ ସୁଜିତ ଗିରି, ଏସଓ ମନୋଜ ଗୁରୁବାର ଅପରାହ୍ଣ ୫.୧୫ରେ ଦିଲ୍ଲୀରୁ ବିମାନ ଯୋଗେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିଥିଲେ। ଝାରସୁଗୁଡ଼ାରୁ ସମ୍ବଲପୁର ହୀରାକୁଦରେ ଥିବା ଅଶୋକ ନିବାସରେ ରାତ୍ରିଯାପନ କରି ଶୁକ୍ରବାର ହୀରାକୁଦ ଏବଂ ମହାନଦୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ଓଡ଼ିଶା ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଭିଭିଆଇପି ଅତିଥିଙ୍କ ଗସ୍ତକୁ ନେଇ ଝାରସୁଗୁଡ଼ା ବିମାନ ବନ୍ଦର



ହାଇଏଲର୍ଟରେ ରହିଥିଲା। ଆଇଜି ହିମାଂଶୁ ଲାଲଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ, ଏସପି ଗୁଣ୍ଡାଲାରେଡ୍ଡୀ ରାଘବେନ୍ଦ୍ର ବିମାନ ବନ୍ଦରରେ ଉପସ୍ଥିତ ଥିଲେ।

# ବହି ହେଉଛି ଗୁପ୍ତଧନର ଚାବିକାଠି

**ବରଗଡ଼, ୨୬।୨(ସମିସ):** ପୁସ୍ତକ ଆନନ୍ଦରୂପକ ବଗିଚାର ଫାଟକ ଟିଏ। ଗୁପ୍ତ ଧନର ଚାବିକାଠି ଟିଏ। ପୁସ୍ତକ ମଣିଷର ପରମ ବନ୍ଧୁ। ପୁସ୍ତକ ସହିତ ବନ୍ଧୁତା ରଖିଥିବା ବ୍ୟକ୍ତିଟିଏ ଜୀବନରେ କେବେ ହାରି ନଥାଏ ବୋଲି



ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧୀନ ସୁଦର୍ଶନ ପୁର, ସହିଦ୍ ବାଟିକାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଆୟୋଜିତ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ବରଗଡ଼ର 'ଶିଶୁଶ୍ରୀ' ଭ୍ରାମ୍ୟମାଣ ପାଠାଗାରର ରାଜ୍ୟ ପରିକ୍ରମା କ୍ରମରେ ଭଦ୍ରକ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂଗ୍ରାହକ ତଥା 'ବାଇ ଚଢ଼େଇ'ର ସମ୍ପାଦକ ବିକାଶ ଶତପଥୀ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ନାଥ ଯୋଗ ଦେଇଥିଲେ। ପାଠାଗାର ତରଫରୁ ପ୍ରଦର୍ଶିତ ପୁସ୍ତକରୁ ପୁସ୍ତକ ଚୟନ କରି

## 'ଶିଶୁଶ୍ରୀ' କାର୍ଯ୍ୟକ୍ରମ

ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟରଖି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସାଇବ୍ରତ ପଣ୍ଡା, ଶିବ ସୁନ୍ଦର ବେହେରା ଓ ପ୍ରଯୁକ୍ତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ 'ଶିଶୁଶ୍ରୀ'ର ଆବାହକ ଡ.ରବିନାରାୟଣ ସାହୁ ସଂଯୋଜନା କରିଥିଲେ ଓ ବିଦ୍ୟାଳୟର ଆଚାର୍ଯ୍ୟ ପ୍ରଭାତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବୋଧନ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ


**ପାଇକମାଳ, ୨୬।୨(ସମିସ):** ପାଇକମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଧିକାରୀ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପ୍ରବୋଧନ ଶିକ୍ଷକ ତାଲିମ ଶିବିର ୬ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ




ଆଜି ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଅନୁସାରେ ନୂତନ ପାଠ୍ୟପୁସ୍ତକର ପରିଚାଳନା ଓ ଶିକ୍ଷାଦାନ ପ୍ରଣାଳୀର ସୁଦୃଢ଼ୀକରଣ ଶିବିରର ମୁଖ୍ୟ ବିଷୟବସ୍ତୁ ଥିଲା। ଏଥିରେ ପଞ୍ଚକୋଷ ବିକାଶ ଆଧାରିତ ସମଗ୍ର ଶିକ୍ଷା ମାଧ୍ୟମରେ ଶିଶୁଙ୍କ ସମ୍ପୂର୍ଣ୍ଣ ବିକାଶ ପ୍ରସଙ୍ଗରେ ପ୍ରଶିକ୍ଷକ ଭାବେ ନିରାକାର ପ୍ରଧାନ, ଟେକରାଜ ପଟେଲ, ମାଧବ ସାହୁ, ବିକ୍ରମ କେଶରୀ ପଟେଲ ବ୍ୟାଖ୍ୟା କରିଥିଲେ। ପଞ୍ଚପଦୀ ଶିକ୍ଷଣ ପଦ୍ଧତି, ଭାଷା, କଳା, ଗଣିତ, ବିଜ୍ଞାନ, ଶାରୀରିକ ଶିକ୍ଷା, ସାମାଜିକ ପାଠ ଓ ବୃତ୍ତିଗତ ଶିକ୍ଷା ଭଳି ବିଷୟରେ ଅନୁଭବ ଆଧାରିତ ଓ କ୍ରିୟାତ୍ମକ ଶିକ୍ଷାଦାନ ପ୍ରଣାଳୀ ବିଷୟରେ ଶିକ୍ଷକମାନେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଶିବିରରେ ଦଳଗତ ଆଲୋଚନା ମାଧ୍ୟମରେ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଡୋଳାମଣି ମାହାର ଯୋଗ ଦେଇଥିଲେ। ଅତିରିକ୍ତ ସହ ଶିକ୍ଷା ଅଧିକାରୀ ଚକାମନ ସୁନା, ଦୁବରାଜ ବେସରା ତାଲିମ ପରିଚାଳନାକୁ ନିରୀକ୍ଷଣ କରୁଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମୋଟ ୪୫୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିବା ବେଳେ ପ୍ରଶିକ୍ଷକ ଭାବେ ସୁଶାନ୍ତ ବରିହା, ରାମନାଥ ବାଗ, ଡେଜଲିଙ୍ଗ ଦନ୍ତା, ନୀଳ ମହାନନ୍ଦ, ସ୍ନିଗ୍ଧା ଆଚାର୍ଯ୍ୟ, ବ୍ରଜକିଶୋର ଭୀଲ, ରୋଜାଲିନ ଦାଶ, ମୀରାରାଣୀ କର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ନାଟ୍ୟ ହାସ୍ୟ ଅଭିନେତାଙ୍କ ପରଲୋକ

**ବରପାଲି, ୨୬।୨(ସମିସ):** ବରପାଲିର ବରିଷ୍ଠ ନାଟ୍ୟ ହାସ୍ୟ କଳାକାର ତଥା ପୂର୍ବତନ ନଗର କଂଗ୍ରେସ ସଭାପତି ସୁରୁବାବୁ ମେହେର(୮୫)ଙ୍କ ଗୁରୁବାର ପରଲୋକ ହୋଇଛି। ବୟାସାଧିକ୍ୟ କାରଣରୁ ତାଙ୍କର ଦେହାନ୍ତ ହୋଇଥିବା ଜଣା ପଡ଼ିଛି। ଖବର



ଜଣାପଡ଼ିଲା ପରେ ଅଞ୍ଚଳର ରାଜନୈତିକ ବ୍ୟକ୍ତି ତଥା କଳାକାର, ବୁଣାକାର, ବ୍ୟବସାୟୀ, ଶୁଭେଚ୍ଛୁ ଓ ସମାଜସେବୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବହୁବାର ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ରହିଥିବା ବେଳେ ବିଭିନ୍ନ ଅନୁଷ୍ଠାନ ତଥା ପ୍ରତିଷ୍ଠାନ ସ୍ଥାପନରେ ତାଙ୍କର ସହଭାଗିତା ରହିଥିଲା।

# ପାଇକମାଳ ଶକ୍ତି ନଗର ବିଦ୍ୟାଳୟରେ ଚାରାରୋପଣ

**ପାଇକମାଳ, ୨୬।୨(ସମିସ):** ପାଇକମାଳ ସ୍ଥିତ ଶକ୍ତିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜବାହର ନବୋଦୟ ବିଦ୍ୟାଳୟ ପାଇକମାଳର ସ୍ନାତକୋତ୍ତର ଭୂଗୋଳ ଶିକ୍ଷକ ଡ.ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ସାମ୍ବାଦିକ ବଡ ଶତପଥୀ, ସାମ୍ବାଦିକ ସୁରଥ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲମ୍ବୋଦର ଭୋଇ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପାଇକମାଳ ଜଙ୍ଗଲ ବିଭାଗ ପ୍ରକାଶ ପଟେଲ ଓ ଅନ୍ୟ ବ୍ୟକ୍ତି ବିଶେଷ ସହଯୋଗ କରିଥିଲେ। ପରିବେଶ ପରି ସମ୍ବେଦଶୀଳ ବିଷୟକୁ ଗୁରୁତ୍ୱ ନଦେଲେ ମାନବ ସମାଜ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବ ବୋଲି ମତ ପ୍ରକାଶ ପାଇଥିଲା।

# ପି.ଗିରିନାଥ ସ୍ମାରକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବ୍ରଜରାଜନଗର, ୨୬।୨(ସମିସ):** ଇଣ୍ଟିଗ୍ରିଟି ଖେଳ ପଡ଼ିଆରେ ୪ ଦିନ ଧରି ପି.ଗିରିନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଓର ଦୋସ୍ତ ଏବଂ ବିଏଏ ବ୍ରଜରାଜନଗର ଦ୍ୱାରା ଆୟୋଜନ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲଜକୁରା କୋଇଲା ଖଣିର ପ୍ରୋଜେକ୍ଟ ମ୍ୟାନେଜର ପ୍ରଶାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ରିଜେଶ ଶର୍ମା, ପି.ଗିରିନାଥଙ୍କ ଧର୍ମପତ୍ନୀ ଶ୍ରୀପ୍ରିୟା ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥାଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଖେଳ ୮ଟି ଦଳକୁ ନେଇ ୪ ଦିନ ଧରି ଚାଲିବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଓସିଏମ ବଏସ ସହିତ ଏମବିସନ୍ କ୍ଲବ୍ ପ୍ରଥମ ମ୍ୟାଚ୍ ଓ ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ରେଳୱେ କ୍ରିକେଟ ଏକାଡେମି ସହିତ ସାଇନିଂ ଷ୍ଟାର ଝାରସୁଗୁଡ଼ା ମଧ୍ୟରେ ଆୟୋଜିତ ହୋଇଥିଲା। ବିକାଶ ଯାଦବ, ଜୟ ସିଂହ, ଗଣେଶ ମରେଇ, ଅନିରୁଧ କେଉଟ, ଖେଳ ପରିବେଷଣ କରିଥିଲେ। ଆୟୋଜକ କମିଟିର ସମସ୍ତ ସଦସ୍ୟ ସଦସ୍ୟା ମାନେ ଶାନ୍ତି ଶୃଙ୍ଖଳା ବଜାୟରଖି ଖେଳ ପରିଚାଳନାକୁ ସହଯୋଗ କରିଥିଲେ।



# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

**ଝାରସୁଗୁଡ଼ା, ୨୬।୨(ସମିସ):** ଜିଲ୍ଲା ପ୍ରଶାସନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଗୁରୁବାର ଦୁଇ ଦିନିଆ 'ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫' ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି

## ୫ ବ୍ଲକ୍‌ରୁ ୫୦୦ରୁ ଅଧିକ ଚାଷୀଙ୍କ ଯୋଗଦାନ

ଭାବେ ମେଳାର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାର ୫ଟି ପ୍ରମୁଖ ବ୍ଲକ ଯଥା ଲାଇକେରା, କିର୍ମିରା, ଝାରସୁଗୁଡ଼ା, ଲଖନପୁର ଏବଂ କୋଲାବିରାରୁ ୫୦୦ରୁ ଅଧିକ ସଫଳ ଚାଷୀ, ପଶୁପାଳକ ଏବଂ ମତ୍ସ୍ୟଜୀବୀ ଅଂଶଗ୍ରହଣ କରିଥିଲେ। ସଭାକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପୂଜାରୀ ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ ଏକ ପାରମ୍ପରିକ ଜୀବିକା ନୁହେଁ ବରଂ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ମୁଖ୍ୟ ଆଧାର ଏବଂ କୃଷକ ମାନେ ହେଲେ ନୂତନ ଓଡ଼ିଶାର ବିନ୍ଧାଣୀ ବୋଲି କହିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ୨୦ରୁ ଅଧିକ ପ୍ରଦର୍ଶନୀ ଷ୍ଟଲ୍ ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା। ଏଗୁଡ଼ିକ ଚାଷୀଙ୍କୁ ସରକାରୀ ଯୋଜନା ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ସହ ସିଧାସଳଖ ଯୋଡିବାରେ ସଫଳ ହୋଇଥିଲା। ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ଟି



ସ୍ୱତନ୍ତ୍ର ପଞ୍ଜୀକରଣ ଓ ପରାମର୍ଶ କେନ୍ଦ୍ର ଖୋଲାଯାଇ ଚାଷୀଙ୍କ ସମସ୍ୟାର ସମାଧାନ କରାଯାଇଥିବା ବେଳେ ୫ଟି କାଉଣ୍ଟରରେ ଜୀବନ୍ତ ପଶୁ ଓ ମାଛ ଚାଷର 'ଲାଇଭ୍ ଡେମୋନଷ୍ଟ୍ରେସନ' ମାଧ୍ୟମରେ ଆଧୁନିକ ପ୍ରଣାଳୀ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଆର୍ଥିକ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ଏସ୍‌ବିଆଇ ପକ୍ଷରୁ ଆର୍ଥିକ ସାକ୍ଷରତା ଶିବିର ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ)ର ସ୍ୱତନ୍ତ୍ର ଷ୍ଟଲ୍ ଜରିଆରେ ସରକାରୀ ସହାୟତା ଓ ଋଣ ସୁବିଧା ବିଷୟରେ ବୁଝାଯାଇଥିଲା। ଏଥିସହ କୃଷି ବିଜ୍ଞାନ କେନ୍ଦ୍ର, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ଓ ଓମଫେଡ୍ ଭଳି ବିଭିନ୍ନ ବିଭାଗ ପକ୍ଷରୁ ନୂତନ ଜ୍ଞାନକୌଶଳ ପ୍ରଦର୍ଶିତ ହେବା ସହ ମାଁ ସରସ୍ୱତୀ ମିଶନ ଶକ୍ତି ଗ୍ରୁପ୍ ପକ୍ଷରୁ ମହିଳା ଉଦ୍ୟୋଗୀଙ୍କ ସଫଳ ମଡେଲ୍ ଉପସ୍ଥାପନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୟା ସାଗର ଦୁରିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମେଳାରେ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମତ୍ସ୍ୟ ବିଭାଗୀୟ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାଟି ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ରହିଛି।

## ଅଧିକାର ଓ ସ୍ୱାଭିମାନ ମେଳା

# ବୟସ୍କ ନାଗରିକଙ୍କୁ ସହାୟତା ଉପକରଣ ବଣ୍ଟନ

**ଭେଡେନ, ୨୬।୨(ସମିସ):** ଭେଡେନ ବ୍ଲକ ଅଧୀନ ରେଶମ ପଞ୍ଚାୟତ ସ୍ଥିତ ରେଶମ ବଜାର ପ୍ରାଙ୍ଗଣରେ ପିଏମଡିକେ ବଲାଙ୍ଗିର ଓ ସେବା ପରିବାର ସିଂହେନପାଲିର ମିଳିତ ଆନୁକୂଲ୍ୟରେ ଅଧିକାର ଓ ସ୍ୱାଭିମାନ ମେଳା ଅନୁଷ୍ଠିତ ହୋଇଛି। ଏହାସହିତ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ସହାୟତା ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭେଡେନ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନା, ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ ଅତିଥି ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପିଏମଡିକେ ବଲାଙ୍ଗିରର ଅଡିଓଲୋଜିଷ୍ଟ ଧରିତ୍ରୀ ଗଡ଼ତିଆ, ୟୁଏସଡବ୍ଲ୍ୟୁ ପ୍ରହ୍ଲାଦ ଭୋଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ୨୯୫ ଜଣ ବୟସ୍କ ନାଗରିକଙ୍କୁ ହୁଇଲ ଚେୟାର, ବଙ୍କୁଳି ବାଡି, ଅଣ୍ଟା ବେଲ୍ଟ, ବେକ ବେଲ୍ଟ ପ୍ରଭୃତି ଉପକରଣ ବଣ୍ଟନ କରାଯାଇଥିଲା। ଶିବିର ପରିଚାଳନାରେ ସେବା ପରିବାରର ସଭାପତି ନରେନ୍ଦ୍ର ଭୋଇ, ଉପ ସଭାପତି ସଞ୍ଜୀବ ଭୋଇ, ସମ୍ପାଦକ ରାକେଶ ଦୀପ, କୋଷାଧ୍ୟକ୍ଷ ସୌରଭ ସାହୁ, ବରିଷ୍ଠ ସଦସ୍ୟ ଡ.ଅବଧୂତ ପଧାନ, ଇନ୍ଦ୍ରମଣି ଭୋଇ, କୌତୁକ ବାରିକ, ଗୌତମ ପଟେଲ, ଦେବରାଜ ଭୋଇ, ରଞ୍ଜନ ପଧାନ, କେଶବ ଭୋଇ, ଅଜିତ ସେଠ, ଅଲେଖ ଭୋଇ, ତରଣୀ ସେନ ନାଏକ ନିତ୍ୟାନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



## ଜିଲ୍ଲାପାଳଙ୍କ 'ସ୍ନେହ ସେତୁ' ଅଭିଯାନ

# ଛତିଶଗଡ଼ର ସୋନମତୀଙ୍କ ପରିବାର ସହ ପୁନର୍ମିଳନ

**ଝାରସୁଗୁଡ଼ା, ୨୬।୨(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଓ ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନରେ ଗୁରୁବାର ୧୯ତମ ଅସହାୟ ବ୍ୟକ୍ତି ଭାବେ ସୋନମତୀ (ସାକେତ କୁମାରୀ)ଙ୍କ ନିଜ ପରିବାର ସହ ପୁନର୍ମିଳନ ହୋଇଛି। ଗତ ୧୦ ନଭେମ୍ବର ୨୦୨୪ରେ ଲଇକେରା ପୁଲିସ ଦ୍ୱାରା ସୋନମତୀଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଝାରସୁଗୁଡ଼ା ସ୍ଥିତ 'ମିଶନ ଆଶ୍ରା-୨' କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଶାସନିକ ତତ୍ତ୍ୱାବଧାନରେ ତାଙ୍କୁ




ନିରନ୍ତର ଚିକିତ୍ସା, ମାନସିକ ପରାମର୍ଶ ଏବଂ ସାମାଜିକ ସହାୟତା ଯୋଗାଇ ଦିଆଯାଇଥିଲା। ଧୀରେ ଧୀରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା ଏବଂ ସେ ନିଜ ପରିଚୟ ଦେବାକୁ ସକ୍ଷମ ହୋଇଥିଲେ। ମିଶନ ଆଶ୍ରା ଟିମ୍ କଠିନ ପରିଶ୍ରମ କରି ଶେଷରେ ଛତିଶଗଡ଼ର ଜଶପୁର ଜିଲ୍ଲାରେ ତାଙ୍କ ପରିବାରକୁ ଖୋଜି ବାହାର କରିଥିଲେ। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକ ଏବଂ ମିଶନ ଆଶ୍ରା ଟିମ୍‌ଙ୍କ ଉପସ୍ଥିତିରେ ସୋନମତୀଙ୍କୁ ତାଙ୍କ ପୁଅଙ୍କୁ ହସ୍ତାନ୍ତର କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଏବେ ସୁଦ୍ଧା ୧୯ ଜଣ ବ୍ୟକ୍ତି ନିଜ ଘରକୁ ଫେରିସାରିଛନ୍ତି। ଜିଲ୍ଲାପାଳ ନିଜେ ଏହି ପ୍ରକ୍ରିୟାର ତଦାରଖ କରୁଥିବାରୁ ଏହା ଜନସାଧାରଣଙ୍କ ମଧ୍ୟରେ ବେଶ୍ ଆଦୃତ ହେଉଛି।

# ବନାଗ୍ନି ନିରାକରଣ ସଚେତନତା ପାଇଁ ଫୁଟବଲ ପ୍ରତିଯୋଗିତା

ଝାରସୁଗୁଡ଼ା, ୨୬।୨(ସମିସ)

ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବ୍ରଜରାଜନଗର ବନାଞ୍ଚଳ ତରଫରୁ ବନାଗ୍ନି ନିରାକରଣ ସଚେତନତା ଉପଲକ୍ଷେ ଗୁରୁବାର ଜୁନାନୀମୁଣ୍ଡା ଖେଳ ପଡ଼ିଆରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରଣକଟା ଭିଏସଏସ ଓ ଗରରାଖାଇ ଭିଏସଏସ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରଣକଟା ଭିଏସଏସ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ ମୁଖ୍ୟ ଅତିଥି, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ, ବେଲପାହାଡ ଜୁନିୟର କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲ୍ଲା ପରିବେଶ କମିଟିର ଗୋବିନ୍ଦ ସାକୁନିଆ ଓ ବିଜୟ ବେହେରା, ଝାରସୁଗୁଡ଼ା ମାଷ୍ଟର



ଟ୍ରେନର ଇକୋ କ୍ଲବ୍ ହମିଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜରାଜନଗର ବନାଞ୍ଚଳ ଅଧିକାରିଣୀ ରିସନା ଜାମଦାଲିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅତିଥିଗଣ ଚାମ୍ପିଅନ ରଣକଟା ଭିଏସଏସ ଦଳକୁ ଓ ଉପବିଜେତା ଗରରାଖାଇ ଭିଏସଏସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବେଷ୍ଟ ସ୍କୋରର କ୍ଷୀରୋଦ ଖଡିଆ, ବେଷ୍ଟ ଗୋଲକିପର ପ୍ରେମଦାସ କାଲୋ, ବେଷ୍ଟ ପ୍ଲେଆର ଭାବେ ଦିଲବାଲା ମୁଣ୍ଡାଙ୍କୁ ପୁରସ୍କୃତ

## ରଣକଟା ଚାମ୍ପିଅନ

କରାଯାଇଥିଲା। ରେଫ୍ରି ଭାବେ ଟାର୍ଜନ ବିଶ୍ୱାଳ, ଅରୁଣ ମିର୍ଦ୍ଧା, ମିଥୁନ ମୁଣ୍ଡା ଖେଳ ପରିଚାଳନା କରିଥିଲେ। ଅଶୋକ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ମେଗା ନର୍ସରୀ ବନପାଳ ସଞ୍ଜୀବ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବରେ ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ ମୁଖ୍ୟ ଅତିଥି, ଜିଲ୍ଲା ପରିବେଶ କମିଟି ସଦସ୍ୟ ବିଜୟ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜପୁର ବନପାଳ ସରୋଜ ଭୋଇ, ବ୍ରଜରାଜନଗର ବନପାଳ ଅଜୟ ବିଶାଳ, ବନ୍ଧବାହାଲ ବିଟ ଇନଚାର୍ଜ ସରୋଜ ନାୟକ, ମେଗା ନର୍ସରୀ ବନପାଳ ସଞ୍ଜୀବ ଚୌଧୁରୀ, ବନ୍ଧବାହାଲ ବନପାଳ ଉପେନ୍ଦ୍ର ବେସନ, ବନରକ୍ଷୀ କିଶୋର ଷଣ୍ଢ, ରିମା ପଟେଲ, ସୋନମ ପଟେଲ, ସଂଘମିତ୍ରା ସାମଲ, କାଜଲ ଶର୍ମା, ନନ୍ଦିନୀ ବୁଡା, ଟ୍ୱିଙ୍କଲ ଭଇଁସା, ପାରା ଷ୍ଟେଫ ଯୋଗେଶ ଦେହେରି, ଜୟ ନାରାୟଣ ପରୁଆ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୮ଟି ବନ ସୁରକ୍ଷା ସମିତି(ଭିଏସଏସ)ରୁ ଗଠିତ ଦଳ ଅଂଶଗ୍ରହଣ କରିଥିଲେ। ସେହିପରି ଏହି ଅବସରରେ ସଚେତନତା ବାଇକ ରାଲି ରେଞ୍ଜ ଅଫିସରୁ ବାହାରି ଜୁନାନିମୁଣ୍ଡା ଖେଳ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା।

# ନୂତନ ରେଙ୍ଗାଲି ଓ ବାମରା ଏନ୍‌ଏସିର ପ୍ରୋଭିଜନାଲ୍ ନୋଟିଫିକେସନ୍ ପ୍ରକାଶିତ

**ସମ୍ବଲପୁର, ୨୬।୨ (ସମିସ)**

ସମ୍ବଲପୁର ଜିଲ୍ଲାରେ ନୂତନ ଘୋଷିତ ରେଙ୍ଗାଲି ଓ ବାମରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ୱାର୍ଡ ଓ ସଂରକ୍ଷଣକୁ ନେଇ ପ୍ରୋଭିଜନାଲ୍ ନୋଟିଫିକେସନ୍ ଆଜି ପ୍ରକାଶିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରେଙ୍ଗାଲି ଓ ବାମରା ଏନ୍‌ଏସିର ଡ୍ରାଫ୍ଟ ନୋଟିଫିକେସନ୍ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ଯଥାକ୍ରମେ ୩୩୨୨ ଓ ୩୩୨୭ ତା. ୧୨-୨-୨୦୨୬ ଜରିଆରେ ପ୍ରକାଶ ପାଇଥିଲା। ଏଥିରେ ପ୍ରସ୍ତାବିତ ୱାର୍ଡ ସୀମା ନିର୍ଦ୍ଧାରଣ (ଡିଲିମଟେସନ୍ ଅଫ୍ ୱାର୍ଡ) ଏବଂ ଆସନ ସଂରକ୍ଷଣକୁ ନେଇ ୧୦ ଦିନ ମଧ୍ୟରେ ଅଭିଯୋଗ ଏବଂ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଅଭିଯୋଗ ପତ୍ର ଗୁଡ଼ିକୁ ନେଇ ଗତ ୨୪ ତାରିଖରେ ଶୁଣାଣି କରାଯିବାସହ ଆବଶ୍ୟକ ସଂଶୋଧନ କରାଯାଇଥିବା ସୂଚନା ମିଳିଛି। ଆଜି ସଂଶୋଧନ ପରେ ୱାର୍ଡ ସୀମା ଏବଂ ଆସନ ସଂରକ୍ଷଣକୁ ନେଇ ପ୍ରୋଭିଜନାଲ ନୋଟିଫିକେସନ ପ୍ରକାଶ କରାଯାଇଛି।

ରେଙ୍ଗାଲି ଏନ୍‌ଏସିରେ ୱାର୍ଡ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ଜିଲ୍ଲାପାଳଙ୍କ ପ୍ରୋଭିଜନାଲ ନୋଟିଫିକେସନ ପତ୍ର ସଂଖ୍ୟା ୪୫୯୬ ତା.୨୬-୨-୨୦୨୬ ଜରିଆରେ ଜାରି କରାଯାଇଛି। ରେଙ୍ଗାଲି ଏନ୍‌ଏସିକୁ ୧୪ଟି ୱାର୍ଡରେ ବିଭକ୍ତ କରାଯାଇଛି। ନିର୍ଦ୍ଧାରିତ ୧୦ ଦିନ ସମୟ ମଧ୍ୟରେ ୬ଟି ଆପତ୍ତି ଅଭିଯୋଗ ହୋଇଥିଲା। ଏଥିରେ ପଛୁଆ ବର୍ଗ ସକାଶେ ଆସନ ସଂରକ୍ଷଣ ଆବେଦନ ମଧ୍ୟ ରହିଥିବାବେଳେ ସରକାରଙ୍କ ନିୟମ ନଥିବାରୁ ବାତିଲ ହୋଇଥିଲା। ଜିଲ୍ଲାପାଳଙ୍କ ଶୁଣାଣିରେ ସମସ୍ତ ଆପତ୍ତି ଅଭିଯୋଗର ବିଚାରକରି ସମାଧାନ କରାଯାଇଛି।

ଆଜିର ନୋଟିଫିକେସନ୍ ଅନୁଯାୟୀ, ରେଙ୍ଗାଲି ଏନ୍‌ଏସିରେ ୱାର୍ଡ ନଂ.୧ ଲଛମନପଡ଼ା, ଡୁଙ୍ଗରିପଡ଼ା ଓ ଗଣେଶ ନଗରକୁ ନେଇ ହୋଇଥିବାବେଳେ ୱାର୍ଡ ୨ ସିଆନବାହାଲ ଓ ପନସପଡ଼ା, ୱାର୍ଡ ୩ ସାଲେପଡ଼ା ଓ ଜାମବାହାଲ, ୱାର୍ଡ ୪ ମହୁଲପଡ଼ା ବଡ଼ପଡ଼ା ଓ ରାମପଡ଼ା, ୱାର୍ଡ ୫ ପୁରୁଣାବସ୍ତି (କ), ୱାର୍ଡ ୬ ପୁରୁଣାବସ୍ତି (ଖ), ୱାର୍ଡ ୭ ମାଉଲିନଗର, ୱାର୍ଡ ୮ ଓରାମପଡ଼ା, ୱାର୍ଡ ୯ ଷ୍ଟେସନବସ୍ତି ଓ ଝଣ୍ଡା ଛକ, ୱାର୍ଡ ୧୦ ଗୌରପଡ଼ା ଓ ଭୀମନଗର, ୱାର୍ଡ ୧୧ ଝୁରିପଡ଼ା, ରାୟନପଡ଼ା ଓ ବାହାଲପଡ଼ା, ୱାର୍ଡ ୧୨ ଚାଉଲଡିପୋ (କ), ୱାର୍ଡ ୧୩ ଚାଉଲଡିପୋ (ଖ) ଏବଂ ୱାର୍ଡ ୧୪ ଗୋବର୍ଦ୍ଧନପଡ଼ା, କଲୋନୀପଡ଼ା ଓ ବ୍ଲକପଡ଼ାକୁ ନେଇ ଗଠିତ। ଅନ୍ୟପକ୍ଷରେ ୱାର୍ଡ ସଂରକ୍ଷଣରେ ୱାର୍ଡ ୧ ମହିଳା, ୨ ଏସ୍‌ଟି, ୩ ଏସ୍‌ଟି (ମହିଳା), ୪

**ରେଙ୍ଗାଲି ସଂରକ୍ଷଣ ଅପରିବର୍ତ୍ତିତ**

**ବାମରାରେ ୪ ୱାର୍ଡ ସଂରକ୍ଷଣ ବଦଳିଲା**

ଏସ୍‌ଟି (ମହିଳା), ୫ ଅଣସଂରକ୍ଷିତ, ୬ ଏସ୍‌ସି, ୭ ମହିଳା, ୮ ଅଣସଂରକ୍ଷିତ, ୯ ଅଣସଂରକ୍ଷିତ, ୧୦ ମହିଳା, ୧୧ ଏସ୍‌ଟି, ୧୨ ଅଣସଂରକ୍ଷିତ, ୧୩ ମହିଳା ଏବଂ ୧୪ ଏସ୍‌ସି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି।

ବାମରା ଏନ୍‌ଏସିରେ ୱାର୍ଡ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ଜିଲ୍ଲାପାଳଙ୍କ ପ୍ରୋଭିଜନାଲ ନୋଟିଫିକେସନ ପତ୍ର ସଂଖ୍ୟା ୪୬୦୨ ତା.୨୬-୨-୨୦୨୬ ଜରିଆରେ ଜାରି କରାଯାଇଛି। ବାମରା ଏନ୍‌ଏସିକୁ ୧୨ଟି ୱାର୍ଡରେ ବିଭକ୍ତ କରାଯାଇଛି। ନିର୍ଦ୍ଧାରିତ ୧୦ ଦିନ ସମୟ ମଧ୍ୟରେ ୭ଟି ଆପତ୍ତି ଅଭିଯୋଗ ହୋଇଥିଲା। ଏଥିରେ ମଧ୍ୟ ପଛୁଆ ବର୍ଗ ସକାଶେ ଆସନ ସଂରକ୍ଷଣ ଆବେଦନ ରହିଥିଲା। ଜିଲ୍ଲାପାଳଙ୍କ ଶୁଣାଣିରେ ସମସ୍ତ ଆପତ୍ତି ଅଭିଯୋଗର ବିଚାର କରାଯାଇଛି। ଆପତ୍ତି ଅଭିଯୋଗର ବିଚାରକରି ଯୋଗ୍ୟତା ଅନୁଯାୟୀ ଆସନ ସଂରକ୍ଷଣରେ ୱାର୍ଡ ନଂ. ୩ ଓ ୧୧ ମହିଳା ସଂରକ୍ଷଣକୁ ଏସ୍‌ଟି ସଂରକ୍ଷଣ କରାଯାଇଥିବାବେଳେ ଏବଂ ୱାର୍ଡ ନଂ. ୮ ଓ ୯ ଏସ୍‌ଟି ସଂରକ୍ଷଣକୁ ମହିଳା ସଂରକ୍ଷଣରେ ପରିବର୍ତ୍ତନ କରାଯାଇଛି।

ଆଜିର ନୋଟିଫିକେସନ୍ ଅନୁଯାୟୀ, ବାମରା ଏନ୍‌ଏସିରେ ୱାର୍ଡ ନଂ.୧ ମଝିପଡ଼ା, ଗୁଣ୍ଡିଚାପଡ଼ା ଓ ପୁରୁଣାବସ୍ତିକୁ ନେଇ ହୋଇଥିବାବେଳେ ୱାର୍ଡ ୨ ତାଲଡିହିପଡ଼ା, ଟିଡିସି ଗୋଦାମପଡ଼ା ଓ ପଶୁପଡ଼ା, ୱାର୍ଡ ୩ ମିଟୁପଡ଼ା ଓ ପଣ୍ଡରିପଥର, ୱାର୍ଡ ୪ ନୂଆପଡ଼ା ଓ ଗୌରପଡ଼ା, ୱାର୍ଡ ୫ ଡୁମେରମୁଣ୍ଡା, ଆମମୁଣ୍ଡା ଓ ବିଜୁ ଛକ, ୱାର୍ଡ ୬ ଷ୍ଟେସନବସ୍ତି, ଡେଲି ମାର୍କେଟ୍ ଓ ରେଲୱେ କଲୋନୀ, ୱାର୍ଡ ୭ ମନ୍ଦିରପଡ଼ା ଓ ଶିଶାଲ ଫାର୍ମ, ୱାର୍ଡ ୮ ରଜାବନ୍ଧପଡ଼ା, ହାତୀପଡ଼ା ଓ ଫରେଷ୍ଟ କଲୋନୀ, ୱାର୍ଡ ୯ ବ୍ଲକ କଲୋନୀ, ବସଷ୍ଟାଣ୍ଡ, ଦଲଦଲିଆପଡ଼ା ଓ ହାଇସ୍କୁଲପଡ଼ା, ୱାର୍ଡ ୧୦ ବଗିଚାପଡ଼ା, ମୁଣ୍ଡାଡ଼ିପା ଓ ବଜାରପଡ଼ା, ୱାର୍ଡ ୧୧ ଗଣେଶନଗର, ମଇନାପଡ଼ା ଓ ଖୋକୋପଡ଼ା ଏବଂ ୱାର୍ଡ ୧୨ ହରିପଡ଼ାକୁ ନେଇ ଗଠିତ। ଅନ୍ୟପକ୍ଷରେ ୱାର୍ଡ ସଂରକ୍ଷଣରେ ୱାର୍ଡ ୧ ମହିଳା, ୨ ଅଣସଂରକ୍ଷିତ, ୩ ଏସ୍‌ଟି, ୪ ଅଣସଂରକ୍ଷିତ, ୫ ଏସ୍‌ସି (ମହିଳା), ୬ ଅଣସଂରକ୍ଷିତ, ୭ ଅଣସଂରକ୍ଷିତ, ୮ ମହିଳା, ୯ ମହିଳା, ୧୦ ଏସ୍‌ଟି (ମହିଳା), ୧୧ ଏସ୍‌ଟି ଏବଂ ୧୨ ଏସ୍‌ଟି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଥିବା ସୂଚନା ମିଳିଛି।

ବର୍ତ୍ତମାନ ନୂତନ ରେଙ୍ଗାଲି ଓ ବାମରା ଏନ୍‌ଏସିରେ ୱାର୍ଡ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ସଂଶୋଧିତ ତାଲିକା ପ୍ରକାଶିତ ହେବାପରେ ଅଞ୍ଚଳବାସୀ ପ୍ରଥମଥର କରି ଜନପ୍ରତିନିଧି ନିର୍ବାଚିତ କରିବାକୁ ସରକାରଙ୍କ ନିର୍ବାଚନ ଘୋଷଣାକୁ ଅପେକ୍ଷା କରି ରହିଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ସମ୍ବଲପୁର, ୨୬।୨ (ସମିସ) :** ସମ୍ବଲପୁର ଉପକଣ୍ଠସ୍ଥ ସଦର ଥାନା ଅଞ୍ଚଳ ମାନେଶ୍ୱର ଛକ ନିକଟରେ ଆଜି ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ, ମୃତକ କୁମ୍ଭାରପଡ଼ା ଅଞ୍ଚଳର ପ୍ରକାଶ ବାଗ (୨୫)। ସେ ମୋଟର ୱାସ ନାମକ ସଂସ୍ଥାରେ କାମ କରୁଥିଲେ। ମାନେଶ୍ୱରରୁ ଏକ ଗାଡ଼ି ସଫା କରିବା ପାଇଁ ଯାଇ ସମ୍ବଲପୁର ପଟକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୋଟିଏ ହାଇୱା ଗାଡ଼ି ପୂର୍ବରୁ ରାସ୍ତା ଉପରେ ଛିଡ଼ା ହୋଇଥିଲା। ସେହି ଗାଡ଼ି ପଛପଟେ ବାଇକ୍‌ରେ ପିଟିହେବାରୁ ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସଦର ଥାନା ପୁଲିସ ଏକ ମାମଲା ରୁଜୁ କରିବାସହ ଉଭୟ ଗାଡ଼ିକୁ ଜବତ କରିଛି। ଅନ୍ୟପକ୍ଷରେ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏହି ରାସ୍ତାରେ ଦୁର୍ଘଟଣା ଘଟି ୩ ଜଣ ନାବାଳକଙ୍କ ଜୀବନ ଯାଇଥିଲା।

## ସାଇବର୍ ଅପରାଧରେ ଜଣେ ଗିରଫ

**ସମ୍ବଲପୁର, ୨୬।୨ (ସମିସ) :** ପ୍ରତିଦିନ ସାଇବର ଅପରାଧ ବଢ଼ି ଚାଲିଥିବାବେଳେ ସାଇବର ଠକେଇ ଘଟଣା ସାମ୍ନାକୁ ଆସୁଛି। ଏଭଳି ଜଣେ ସାଇବର ଅପରାଧୀକୁ ସାଇବର ଥାନା ଚିହ୍ନଟ କରିବାପରେ ପୁଲିସ୍




ବୁର୍ଲା ଥାନା ମୁଣ୍ଡୋଘାଟ, ପରଦେଶୀପଡ଼ାର ଶିବମ ସିଂହ (୨୪)କୁ ଗିରଫ କରିଛି। ଅଭିଯୁକ୍ତ ବୁର୍ଲା ଥାନା ଅନ୍ତର୍ଗତ ବରେଇପାଲିରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲା। ସେ ଏହି ଆକାଉଣ୍ଟକୁ ସାଇବର ଠକେଇରେ ବ୍ୟବହାର କରୁଥିଲା। ଆକାଉଣ୍ଟରେ ମୋଟ ୧୦ ଲକ୍ଷ ୬୨ ହଜାର ୬୩୪ ଟଙ୍କାର ଠକେଇ କାରବାର ହୋଇଥିବା ପୁଲିସ କହିଛି। ଅଭିଯୁକ୍ତଠାରୁ ୩ଟି ମୋବାଇଲ ଫୋନ, ଗୋଟିଏ ଲାପଟପ୍, ୨ଟି ପାନ୍ କାର୍ଡ, ୩ଟି ଏଟିଏମ୍ ଓ ଡେବିଟ୍ କାର୍ଡ ଜବତ କରାଯାଇଛି। ବୁର୍ଲା ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।

## ମାର୍ଚ୍ଚ ଜନଅଭିଯୋଗ ଶୁଣାଣି ସୂଚୀ ଜାରି

**ସମ୍ବଲପୁର, ୨୬।୨ (ସମିସ) :** ସମ୍ବଲପୁର ଜିଲ୍ଲାରେ ମାର୍ଚ୍ଚ ମାସ ନିମନ୍ତେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣିର ସୂଚୀ ଜାରି କରାଯାଇଛି। ଆସନ୍ତା ମାର୍ଚ୍ଚ ୨ ତାରିଖରେ ଧନକଉଡ଼ା, ମାର୍ଚ୍ଚ ୯ ତାରିଖରେ ବାମରା, ମାର୍ଚ୍ଚ ୧୬ ତାରିଖରେ ଯୁଯୋମୁରା, ମାର୍ଚ୍ଚ ୨୩ ତାରିଖରେ ଜମନକିରା ଓ ମାର୍ଚ୍ଚ ୩୦ ତାରିଖରେ ରେଢ଼ାଖୋଲର ପଞ୍ଚାୟତ ସମିତି କାର୍ଯ୍ୟାଳୟ ମାନଙ୍କରେ ଜନଶୁଣାଣି ଅନୁଷ୍ଠିତ ହେବ। ତଦନୁଯାୟୀ ଜନସାଧାରଣ ସେମାନଙ୍କ ଆପତ୍ତି ଅଭିଯୋଗ ଦାଖଲ କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନୁରୋଧ କରିଛନ୍ତି।

## ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ବିୟୋଗ

**ସମ୍ବଲପୁର, ୨୬।୨ (ସମିସ) :** ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ପତ୍ନୀ ମଲ୍ଲିକା ହରିପାଲଙ୍କ ଆଜି ଚିକିତ୍ସାଧୀନ



ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଗତକାଲି ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ଅପରାହ୍ନରେ ତାଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କ ପଛରେ ସ୍ୱାମୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଦୁଇ ପୁଅ ପାରସ ଓ ପ୍ରଭାତ, ଦୁଇବୋହୂ ଝୁନୁ ଓ ମିନୁ ତଥା ପରିବାରବର୍ଗ ରହିଛନ୍ତି।

## ରାସେଶ୍ୱରୀଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୨୬।୨ (ସମିସ) :** ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପ୍ରାଙ୍ଗଣରେ ପୂର୍ବତନ ଟ୍ରଷ୍ଟ ବୋର୍ଡ ସଦସ୍ୟା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ ସଭାପତି ଶ୍ରୀ ବାବୁଙ୍କ ସମେତ ସମସ୍ତ ସଦସ୍ୟମାନେ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିବା ସହିତ ଟ୍ରଷ୍ଟ ବୋର୍ଡ ସଦସ୍ୟ ଥିବା ସମୟରେ ତାଙ୍କ କାର୍ଯ୍ୟକୁ ମନେ ପକାଇଥିଲେ। ଓଡ଼ିଶାର ଜଣେ ସୁନାମଧନ୍ୟ ଡାକ୍ତର ଭାବରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ତାଙ୍କର ଅକ୍ଳାନ୍ତ ରୋଗୀ ସେବାକୁ ଭୁରି ଭୁରି ପ୍ରଶଂସା କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀଙ୍କ ବିଧାୟିକା କାର୍ଯ୍ୟକାଳ ସମୟରେ ସେ କରିଥିବା ଜନକଲ୍ୟାଣକାରୀ କାର୍ଯ୍ୟ ଓ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ କରିଥିବା ଉଦ୍ୟମକୁ ମନେ ପକାଇଥିଲେ। ଦିବଂଗତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଜଣାଇବା ସହ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ଚନ୍ଦ୍ର ମିଶ୍ର, ଦେବକୁମାର ଆଜମେରିଆ, ସନ୍ତୋଷ ପୃଷ୍ଟେଠ, ବୀରେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ବାମରାରେ ଲଜ୍ୟା

## ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ, ପୀଡ଼ିତା ଗର୍ଭବତୀ

**କୁଚିଣ୍ଡା, ୨୬।୨(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ମାନସିକ ଭିନ୍ନକ୍ଷମ ନାବାଳିକା ଦୁଷ୍କର୍ମର ଶିକାର ହୋଇ ଗର୍ଭବତୀ ହୋଇଥିବା ଭଳି ଲଜ୍ଜାଜନକ ଘଟଣା ଘଟିଛି। ସୂଚନା ଅନୁସାରେ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟ ମାନସିକ ଅନଗ୍ରସର ତଥା ମୁକବଧିର ନାବାଳିକାଙ୍କ ଅସ୍ୱାଭାବିକ ଭାବେ ପେଟ ବଢ଼ିବଢ଼ି ଚାଲିଥିବା ବେଳେ ଏହାକୁ ନେଇ ତାଙ୍କ ବାପାମାଆ ସନ୍ଦେହ କରିଥିଲେ। ବୁଧବାର ଦିନ ସେମାନେ ସମ୍ପୃକ୍ତ ନାବାଳିକାଙ୍କ ଡାକ୍ତରୀ ଯାଞ୍ଚ କରାଇବାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ମାତ୍ର ନାବାଳିକା ଜଣକ ମୁକବଧିର ଥିବା ବେଳେ କିଏ ତାଙ୍କ ସହ ଦୁଷ୍କର୍ମ କଲା କହିପାରୁ ନାହାଁନ୍ତି। ପୀଡ଼ିତାଙ୍କ ମାଆ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଉକ୍ତ ଘଟଣାକୁ ନେଇ ଯାଞ୍ଚ ଆରମ୍ଭ କରିଥିବା ସୂଚନା ରହିଛି। ନାବାଳିକା ଜଣକ ପ୍ରାୟ ୪ ମାସର ଗର୍ଭବତୀ ଥିବା ଅନୁମାନ କରାଯାଉଛି। ଗୁରୁବାର ଦିନ ତାଙ୍କ ଡାକ୍ତରିମାଇନା କରାଯାଇଛି। ଜଣେ ମୁକବଧିର ତଥା ମାନସିକ ଅନଗ୍ରସର ନାବାଳିକାଙ୍କ ସହ ଏପରି ଅମାନୁଷିକ ଘଟଣା ଜାଣି ସମସ୍ତେ ସ୍ତବ୍ଧ ହୋଇ ପଡ଼ିଛନ୍ତି। ଅନ୍ୟପଟେ ପୁଲିସ ଏନେଇ ସନ୍ଧ୍ୟାରେ ଗୋବିନ୍ଦପୁର ଥାନାରେ ପୋକ୍‌ସୋ ଓ ବଳାତ୍କାର ନେଇ ମାମଲା ରୁଜୁ କରାଯାଇଛି। ଏସ୍‌ଆଇ ଫିରୋଜ ଏକ୍କା ଉକ୍ତ ଘଟଣାର ତଦନ୍ତ ଦାୟିତ୍ୱ ତୁଲାଉଛନ୍ତି।

## ୨ଜଣଙ୍କୁ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଜରିମାନା

**ସମ୍ବଲପୁର, ୨୬।୨ (ସମିସ) :** ସମ୍ବଲପୁର ଦ୍ୱିତୀୟ ଅତିରିକ୍ତ ସେସନ୍‌ସ ଜଜ୍ ପ୍ରିୟବ୍ରତ ଦାଶ ଗତ ୨୦୨୨ରେ ଧମା ଥାନା ଅଞ୍ଚଳରେ ଘଟିଥିବା ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ହେମନ୍ତ ଭୋଇ ଓ ଶଶିଭୂଷଣ ବାଗଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୬ ମାସ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଘଟଣାଟି ସମ୍ବଲପୁର ଜିଲ୍ଲା ଧମା ଥାନା ଅଞ୍ଚଳରେ ଘଟିଥିଲା। ୧୨ ଜୁଲାଇ ୨୦୨୨ ଦିନ ନେପାଳ ପୋଡ଼ ଓ ଝ୍ୱାଇଁ ଜିତମଲ ବର୍ଗର୍ତ୍ତୀ କ୍ଷେତକୁ ସାର ଦେବାକୁ ଯାଇଥିଲେ। କ୍ଷେତ ପାଖର ଏକ କଲଭର୍ଟରେ ଧମା ଥାନା ଅନ୍ତର୍ଗତ ପୁଡ଼ାପଡ଼ା, ଦଶପୁରର ହେମନ୍ତ ଭୋଇ ଓ କେଶାପାଲିର ଶଶିଭୂଷଣ ବାଗ ଏବଂ ଜଣେ ନାବାଳକ ବସିଥିଲେ। ସେମାନେ ନେପାଳ ପୋଡ଼ଙ୍କ ସହ କୌଣସି କାରଣ ନଥାଇ ଝଗଡ଼ା ଆରମ୍ଭ କରିଥିଲେ। ଝଗଡ଼ା ବଢ଼ିବାପରେ ଅଭିଯୁକ୍ତମାନେ ନେପାଳ ପୋଡ଼ଙ୍କୁ ଛୁରିରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଜିତମଲ ବର୍ଗର୍ତ୍ତୀ ସେଠାକୁ ପହଞ୍ଚି ଯିବାରୁ ଅଭିଯୁକ୍ତମାନେ ଫେରାର

**୨୦୨୨ ଧମା ହତ୍ୟା ମାମଲା**

ହୋଇଯାଇଥିଲେ। ମରଣାନ୍ତକ ଆକ୍ରମଣ ଯୋଗୁଁ ଉକ୍ତ ସ୍ଥାନରେ ନେପାଳ ପୋଡ଼ଙ୍କ ମୃତ୍ୟୁ ହୋଇଯାଇଥିଲା। ଧମା ଥାନାରେ ଲିଖିତ ଅଭିଯୋଗ ପରେ ଥାନାଧିକାରୀ କେସ ନଂ. ୧୧୦ / ୧୨.୭.୨୦୨୨ ଦଫା ୩୦୨ ଓ ୩୪ ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସମ୍ବଲପୁରରୁ ସାଇଣ୍ଟିଫିକ୍ ଦଳ ଯାଇ ସେଠାରେ ଅନୁସନ୍ଧାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଚଢ଼ଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାସହ ନାବାଳକକୁ ଅଟକ ରଖିଥିଲା। ଅଭିଯୁକ୍ତ ହେମନ୍ତ ଭୋଇ ଓ ଶଶିଭୂଷଣ ବାଗଙ୍କୁ କୋର୍ଟଚାଲାଣ କରାଗଲା। ଧମା ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଗୁରୁବାର ଦ୍ୱିତୀୟ ଅତିରିକ୍ତ ସେସନ୍‌ସ ଜଜ୍ ପ୍ରିୟବ୍ରତ ଦାଶ ୧୯ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ହେମନ୍ତ ଭୋଇ ଓ ଶଶିଭୂଷଣ ବାଗଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨/୩୪ ଆଇପିସିରେ ଆଜୀବନ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୬ ମାସ ଲେଖାଏ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଆଇନଜୀବୀ ପି.କେ ଶର୍ମା ଓ ଆସୋସିଏଟ୍‌ସ୍ ମାମଲା ପରିଚାଳନା କରିଥିଲେ।

## ଶ୍ରୀନିବାସ ସାହୁଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୨୬।୨ (ସମିସ) :** ବୁର୍ଲାସ୍ଥିତ ପ୍ରତିଷ୍ଠା ପରିବାରର ସକ୍ରିୟ ସଦସ୍ୟ ଶ୍ରୀନିବାସ ସାହୁଙ୍କର ୪୫ ବର୍ଷ ବୟସରେ ବୁର୍ଲା ଭିମସାରରେ ଦେହାନ୍ତ



ହୋଇଯାଇଛି। ସେ ଜଣେ କର୍ମବତ୍ସଳ ତଥା ସମାଜସେବୀ ଥିଲେ। ବୁର୍ଲାର ପିଡବ୍ଲୁଡିରେ ସେ କାର୍ଯ୍ୟରତ ଥିଲେ। ତାଙ୍କ ଅନ୍ତିମ ସଂସ୍କାର ତାଙ୍କ ନିଜ ଗ୍ରାମସ୍ଥିତ ଗଞ୍ଜାମରେ କରାଯିବ ବୋଲି ସ୍ଥିର ହୋଇଛି। ଏକ ଶୋକସଭା ପ୍ରତିଷ୍ଠା ପରିବାରର ସୁବ୍ରତ ପଟ୍ଟନାୟକ, ଦେବାଶିଷ ନନ୍ଦ, ଜୟନ୍ତ ସାହୁ, ଝୁଲୁ ପଣ୍ଡା, ହରିଶଙ୍କର ପଣ୍ଡା, ସ୍ୱାଧୀନ ଦୀପ, ଦିପକ ରାଉତ, ବାବୁଲା ଗୌଡ଼, ରାମେଶ୍ୱର ସିଂ, ପ୍ରେମାନନ୍ଦ ଷଣ୍ଢ, ବୁଲୁ ଆପଟ ଓ ପ୍ରମୋଦ ଗୌଡ଼ଙ୍କର ଉପସ୍ଥିତିରେ ପାଳନ କରାଯାଇଥିଲା। ପ୍ରାରମ୍ଭରେ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ସମ୍ବଲପୁରରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଦଳ

**ସମ୍ବଲପୁର, ୨୬।୨ (ସମିସ) :** ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଦଳ ଆଜି ସନ୍ଧ୍ୟାରେ ଆସି ସମ୍ବଲପୁରରେ ପହଞ୍ଚିଛନ୍ତି। ଦିଲ୍ଲୀରୁ ବିମାନଯୋଗେ ଝାରସୁଗୁଡ଼ା ଆସି ସେମାନେ ସଡ଼କ ପଥରେ ଅଶୋକ ନିବାସଠାରେ ପହଞ୍ଚିଥିଲେ। ଆସନ୍ତା ଦୁଇଦିନ ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରିବାସହ ସମୀକ୍ଷା କରିବ। ଆସନ୍ତା ୨୮ ତାରିଖ ଅପରାହ୍ନରେ ସେମାନେ ଭୁବନେଶ୍ୱର ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଜଳବିବାଦ ଟ୍ରିବ୍ୟୁନାଲ ଦଳରେ ଚେୟାରମ୍ୟାନ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ, ସଭ୍ୟ ଜଷ୍ଟିସ ଡ. ରବି ରଞ୍ଜନ ଏବଂ ସଭ୍ୟ ଜଷ୍ଟିସ ଇନ୍ଦରମିତ୍ କୌର କୋଚାର ରହିଛନ୍ତି। ଏହାସହ ଓଡ଼ିଶା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଓଡ଼ିଶା ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଛତିଶଗଡ଼ ଜଳସମ୍ପଦ ବିଭାଗ ସଚିବ ରାଜେଶ ସୁକୁମାର ଟପ୍ପୋ ଏବଂ ଛତିଶଗଡ଼ ଆଡଭୋକେଟ ଜେନେରାଲ ବିବେକ ଶର୍ମା ମଧ୍ୟ ଆସିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଦଳ ଆସନ୍ତାକାଲି ୨୭ ତାରିଖ ହୀରାକୁଦ ଡ୍ୟାମର ବିଭିନ୍ନ ସ୍ଥାନ ପରିଦର୍ଶନ ସହ କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା / ଆଲୋଚନା କରିବେ। ଏଥିରେ ହୀରାକୁଦ ବାମ ସ୍ପିଲୱେ, ବୁର୍ଲା ପାୱାର ହାଉସ, ବରଗଡ଼ ମେନ୍ କେନାଲ କମାଣ୍ଡ ଏରିଆ, ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ ଆଦି ରହିଛି। ୨୮ ତାରିଖ ସକାଳେ ସେମାନେ ସମଲେଶ୍ୱରୀ ମନ୍ଦିରରେ ଦର୍ଶନ ପରେ ଏମ୍‌ସିଏଲ୍ ହେଲିପ୍ୟାଡରୁ ଭୁବନେଶ୍ୱରକୁ ଯାତ୍ରା କରିବେ। ମାର୍ଚ୍ଚ ୨ ତାରିଖ ଭୁବନେଶ୍ୱରରୁ ଏହି ଦଳ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

## ପ୍ଲାଷ୍ଟିକ ଏବଂ ଆବର୍ଜନା ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ରେଢ଼ାଖୋଲ, ୨୬।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ରାମପୁର ରେଞ୍ଜ ପକ୍ଷରୁ ସହରର ଐତିହାସିକସ୍ଥଳ ରଞ୍ଜନା ଠାରେ ଗୁରୁବାର ପ୍ଲାଷ୍ଟିକ ଓ ଆବର୍ଜନା ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମପୁର ରେଞ୍ଜ ଏସିଏଫ୍ ମୈତ୍ରୀ ମଞ୍ଜିତ୍ ବିଶ୍ୱାଳଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, କାଉନସିଲର ତପସ୍ୱିନୀ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ସଚେତନତା ସୃଷ୍ଟି କରିବା ପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ସମସ୍ତେ ପ୍ରକୃତି ପ୍ରେମୀ ହେବା ଦରକାର, ନଚେତ୍ ଆଗାମୀ ଦିନରେ ଘୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଆଲୋକପାତ କରିଥିଲେ। ଏସିଏଫ୍ ଶ୍ରୀ ବିଶ୍ୱାଳ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ପ୍ରତି ବର୍ଷ ପ୍ଲାଷ୍ଟିକ ଓ ଆବର୍ଜନା ମୁକ୍ତ ରଞ୍ଜନା କରାଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ଫରେଷ୍ଟର, ରେଞ୍ଜର, ଫରେଷ୍ଟ ଗାର୍ଡମାନେ ଉପସ୍ଥିତ ଥିଲେ।

## ଡକାୟତି ଅଭିଯୋଗରେ ଧରାପଡ଼ିଲେ ୨ ନାବାଳକ

**ସମ୍ବଲପୁର, ୨୬।୨ (ସମିସ) :** ବୁର୍ଲା ଥାନା ପୁଲିସ୍ ଡକାୟତି ଅଭିଯୋଗରେ ୩ ଜଣ ନାବାଳକଙ୍କୁ ଧରିଛି। ଚିପିଲିମା ଫୁଟବଲ ପଡ଼ିଆ ପେଣ୍ଡାଲରେ ଦୁଇଜଣ ସାଙ୍ଗ ଶୋଇଥିଲାବେଳେ ୪ ଜଣ ଦୁର୍ବୃତ୍ତ ଆସି ଛୁରୀ ଦେଖାଇ ଭୟଭୀତ କରିଥିଲେ। ଏହାପରେ ଧମକଚମକ ଦେଇ ଅନ୍‌ଲାଇନ ମାଧ୍ୟମରେ ୧୯୦୦ ଟଙ୍କା ଟ୍ରାନ୍ସଫର୍ କରାଇବା ସହ ମୋବାଇଲ ଲୁଟ୍ କରି ନେଇଥଲେ। ଅଭିଯୁକ୍ତମାନେ ଏକ ଟାଟା ଏସିଇ ଗାଡ଼ିକୁ ଭଙ୍ଗାରୁଜା କରିବାସହ ରୁପା ବ୍ରାସଲେଟ୍ ଓ ଚେନ ନେଇଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ବୁର୍ଲା ଥାନା ପୁଲିସ କେସ ନଂ. ୯୬ ତା ୨୫-୨-୨୦୨୬ରେ ମାମଲା ରୁଜୁ କରି ତଦନ୍ତ କରିବା ସମୟରେ ୨ ଜଣ ନାବାଳକଙ୍କୁ ଧରି କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପନ କରିଛି। ଜଣେ ନାବାଳକ ପୂର୍ବରୁ ଅନ୍ୟ ମାମଲାରେ ମଧ୍ୟ ସଂଶ୍ଳିଷ୍ଟ ଥିବା ପୁଲିସ କହିଛି। ସେମାନଙ୍କଠାରୁ ବ୍ରାସଲେଟ୍, ମୋବାଇଲ ଫୋନ, ୧୪୦୦ ଟଙ୍କା ଓ ଛୁରୀ ଜବତ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

### ବନ ବିଭାଗ ପକ୍ଷରୁ ଉପଖଣ୍ଡସ୍ତରୀୟ ବୈଠକ

## ଜଙ୍ଗଲକୁ ନିଆଁଦାଉରୁ ରକ୍ଷା ପାଇଁ ପ୍ରସ୍ତୁତି

**ରେଢ଼ାଖୋଲ, ୨୬।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ଉପଖଣ୍ଡ ବନ ବିଭାଗ କାର୍ଯ୍ୟାଳୟ ଠାରେ ଗୁରୁବାର ଦିନ ବନ ବିଭାଗ ପକ୍ଷରୁ ଉପଖଣ୍ଡସ୍ତରୀୟ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ପ୍ରସ୍ତୁତି ବୈଠକ, ପ୍ରେସ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବୈଠକରେ ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଡ଼. ଏଲଭର୍ସନ କେଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଉପଖଣ୍ଡ ରେ ସ୍ୱତନ୍ତ୍ର ପ୍ରତିନିଧି ଦଳ ଗଠନ କରାଯାଇଛି। ଏଥିସହିତ ଉପଖଣ୍ଡସ୍ତରରେ ଗ୍ରାମାଞ୍ଚଳରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ ସାମିଲ କରାଯାଇଛି। ନିଆଁ ବିପଦ ଅଞ୍ଚଳ ମାନଚିତ୍ର ପ୍ରସ୍ତୁତ କରି ସମସ୍ତ ରେଞ୍ଜ ଗୁଡ଼ିକୁ ଉନ୍ନତ ପ୍ରସ୍ତୁତି ପାଇଁ ପ୍ରଦାନ କରାଯାଇଛି। ରେଞ୍ଜସ୍ତରୀୟ କଣ୍ଟ୍ରୋଲ ରୁମ୍ ୨୪ସ୍ଥ୭ କାର୍ଯ୍ୟରତ ରହିଛି। ଏଥିସହିତ ନିଆଁ ଲାଗିବ ଅଞ୍ଚଳ ବୁଲି ତଦାରଖ କରାଯାଉଛି। ଗ୍ରାମାଞ୍ଚଳ ଗୁଡିକରେ ଜନସାଧାରଣଙ୍କୁ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି ବୋଲି ବନବିଭାଗ ଅଧିକାରୀ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ବୈଠକରେ ଏସିଏଫ୍ ମାଳତିଲତା ହାଁସଦା, ଗଜେନ୍ଦ୍ର ଅଧାଜ ପ୍ରମୁଖ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




## ୨୫ ଜଣଙ୍କୁ ରାସେଶ୍ୱରୀ ପାଣିଗ୍ରାହୀ ସ୍ମୃତି ସମ୍ମାନ





**ସମ୍ବଲପୁର, ୨୬।୨ (ସମିସ)**

ରକ୍ତଦାନ ସଂସ୍ଥା 'ତ୍ୟାଗ' ପକ୍ଷରୁ ଗୁରୁବାର ବିଶିଷ୍ଟ ସମାଜସେବୀ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସ୍ମୃତିରେ ବୁର୍ଲା ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୫ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରି ସ୍ୱର୍ଗତ ପୁଣ୍ୟାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉପସ୍ଥିତ ଶତାଧିକ ବ୍ୟକ୍ତି, ରକ୍ତଦାତା, ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିବିରରେ ବରିଷ୍ଠ ନାଗରିକ ତ୍ୟାଗର ଅନ୍ୟତମ ପୃଷ୍ଠପୋଷକ ଦୁତିକୃଷ୍ଣ ପାଢ଼ୀ, ସୁଲୋଚନା ପାଢ଼ୀ ଓ ଡାକ୍ତର ପ୍ରଫେସର ବ୍ରଜମୋହନ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସ୍ମୃତିସଭା ତ୍ୟାଗ ସଭାପତି ଦୁର୍ଗା ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ସରୋଜ ତ୍ରିପାଠୀ ସ୍ମୃତି ସଭାକୁ ସଂଯୋଜନା କରିଥିଲେ। ପ୍ରଫେସର ଫକୀର ଚରଣ ରଣା, ଡାକ୍ତର ପ୍ରଫେସର ଶ୍ରୀବତ୍ସ ମହାପାତ୍ର, ଡ.ପ୍ରଫେସର ଲାଲ ମୋହନ ନାୟକ, ଡ.ପ୍ରଫେସର ବ୍ରଜ ବନ୍ଧୁ ପଣ୍ଡା, ଡାକ୍ତର ଏଏସ କେ ପଟ୍ଟଯୋଶୀ, ବୟୋଜ୍ୟେଷ୍ଠ ନାଗରିକ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ପାଣି, ସିପ୍ରା ମହାନ୍ତି ପ୍ରମୁଖ ରାସେଶ୍ୱରୀ ପାଣିଗ୍ରାହୀଙ୍କ ଜୀବନୀ ଓ ତାଙ୍କ ତ୍ୟାଗ ସେବା ନେଇ ସ୍ମୃତିଚାରଣ କରିଥିଲେ।

ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ପାଣି, ପ୍ରଫେସର ଫକୀର ଚରଣ ରଣା, ପ୍ରଫେସର ଡାକ୍ତର ଶ୍ରୀବତ୍ସ ମହାପତ୍ର, ପ୍ରଫେସର ଡାକ୍ତର ଲାଲମୋହନ ନାୟକ, ପ୍ରଫେସର ଡ.ବ୍ରଜ ମୋହନ ମିଶ୍ର, ପ୍ରଫେସର ଡାକ୍ତର ବି ବି ପଣ୍ଡା, ଡାକ୍ତର ସୁଶାନ୍ତ କର, ତିନିଶହ ଶବ ଦାହ କରିଥିବା କ୍ରିଷ୍ଣା ସାହୁ, ସମାଜସେବୀ ବିପିନ ବିହାରୀ ପଣ୍ଡା, ସୌରୀ ପାଣିଗ୍ରାହୀ, ଶତକ ରକ୍ତଦାତା ପାଣ୍ଡବ କର୍ଣ୍ଣ (ବରଗଡ଼), ସମାଜସେବୀ ସିପ୍ରା ମହାନ୍ତି, ବରିଷ୍ଠ ଓକିଲ ପ୍ରମୋଦ ଦାଶ, ଡ ସରୋଜ ଦାଶ, ପ୍ରଫେସର ଡାକ୍ତର ମୀନକେତନ କର, ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର, ବରିଷ୍ଠ ନାଗରିକ ଚକ୍ରଧର ଚଇନି, ଡାକ୍ତର ପାଫେସର କବିତା ମାଝୀ, ବରିଷ୍ଠ ନାଗରିକ ଅବସର ପ୍ରାପ୍ତ ଶିକ୍ଷକ ଯତୀନ୍ଦ୍ର ମୋହନ ପଣ୍ଡା, ଅଶ୍ୱିନୀ କୁମାର ଦର୍ଜୀ, ଡ ରାଜାରାମ ଷଡ଼ଙ୍ଗୀ, ପ୍ରଫେସର ଡାକ୍ତର ପି କେ ମହାନ୍ତି, ପ୍ରଫେସର ଡାକ୍ତର ପି କେ ସାହୁ ପ୍ରମୁଖଙ୍କୁ ରାସେଶ୍ୱରୀ ପାଣିଗ୍ରାହୀ ସ୍ମୃତି ସମ୍ମାନରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। 'ତ୍ୟାଗ'ର ଏହି ସ୍ମୃତି ସମ୍ମାନ କାର୍ଯ୍ୟକ୍ରମରେ ଡାକ୍ତର ପ୍ରଫେସର ଲାଲମୋହନ ନାୟକ ମୁଖ୍ୟ ଅତିଥି ଏବଂ ଡାକ୍ତର ଶ୍ରୀବତ୍ସ ମହାପତ୍ର, ଶ୍ରୀମତୀ ସୁଲୋଚନା ପାଢ଼ୀ, ଶ୍ରୀମାନ ଦୁତିକୃଷ୍ଣ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଜୟ ବିଶ୍ୱାସ ଧନ୍ୟବାଦ ଦେଇଥିଲେ।

# ଚାରି ସପ୍ତାହରେ ପଞ୍ଚାୟତକୁ କଲ୍ୟାଣମଣ୍ଡପ ହସ୍ତାନ୍ତର ନିର୍ଦ୍ଦେଶ

ସିମୁଳିଆ, ୨୬।୨ (ସମିସ)

ବେନିୟମ ଭାବେ ନିଲାମ ଦିଆଯାଇଥିବା ମୁରୁଣା ପଂଚାୟତର କଲ୍ୟାଣ ମଣ୍ଡପକୁ ସରପଞ୍ଚ ପଞ୍ଚାୟତ ଅଧୀନକୁ ଗତ ଏପ୍ରିଲ ୨୧ରେ ଫେରାଇ ଆଣିଥିଲେ। କଲ୍ୟାଣ ମଣ୍ଡପ କୁ ନେଇଥିବା ଅଷ୍ଟଗ୍ରାମ ମେଳଣ କମିଟିର ନାରାୟଣ ବେହେରା ଓ ବଂଶୀଧର ବେହେରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ କୋର୍ଟ ଏପ୍ରିଲ ୨୪ରେ ସ୍ଥିତାବସ୍ଥା ବଜାଇ ରଖି ଥିଲେ। ଜୁନ ୧୬ ତାରିଖରେ ମୁରୁଣା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆଦେଶ ପାଇବାର ଦୁଇ ସପ୍ତାହ ମଧ୍ୟରେ ଚୂଡାନ୍ତ ବିଚାର କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁରୁଣା ପଂଚାୟତର କାର୍ଯ୍ୟନିର୍ବାହୀଙ୍କ ନିର୍ଦ୍ଦେଶ ବିରୋଧ ରେ ପୁନର୍ବାର ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇ ଥିଲେ। ଏହାକୁ ବିଚାର କରି ଆବେଦନ କାରୀଙ୍କୁ ୪ ସପ୍ତାହ ମଧ୍ୟରେ କଲ୍ୟାଣ ମଣ୍ଡପକୁ ପଂଚାୟତ କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସିମୁଳିଆ ବ୍ଲକ୍ ମୁରୁଣା ପଞ୍ଚାୟତର ତତ୍କାଳୀନ ସରପଞ୍ଚ ୨୦୨୧ ନଭେମ୍ବର ମାସ ପଞ୍ଚାୟତ ପକ୍ଷରୁ ରିଜୋଲ୍ୟୁସନ୍ କରି ଧୋବଗଡ଼ିଆରେ ଥିବା କଲ୍ୟାଣ ମଣ୍ଡପ ଅଷ୍ଟଗ୍ରାମ ରାଧାକୃଷ୍ଣ ମେଳଣ କମିଟିକୁ ନିଲାମ ଦେଇଥିଲେ। ମାସିକ ୫୫୦ ଟଙ୍କା ଭଡ଼ା ସ୍ଥିର ହୋଇଥିଲା। ତେବେ ୨୦୨୨ ମସିହାରେ ନିରୁପମା ପତ୍ରୀ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ନିୟମକୁ ଉଲ୍ଲଂଘନ କରି ଧୋବଗଡ଼ିଆ କଲ୍ୟାଣ ମଣ୍ଡପ ସହ ଅନ୍ୟ କିଛି ପଞ୍ଚାୟତ ଘର ନିଲାମ ଦିଆଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ କରାଯାଇଥିବା ରିଜୋଲ୍ୟୁସନ୍‌ରେ ସରପଞ୍ଚଙ୍କ ଦସ୍ତଖତ ଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ନ ଥିଲା କିମ୍ବା ଜିପିଇଓ; କାହାରି ଅନୁମୋଦନ ନ ଥିଲା। ଏମିତି କି ସମସ୍ତ ୱାର୍ଡସଭ୍ୟଙ୍କ ଦସ୍ତଖତ ମଧ୍ୟ ନଥିଲା। ପଂଚାୟତିରାଜ ବିଭାଗ ଚିଠି ୧୧୬୦ ରେ ୧୬/୧/୨୦୧୬ ର ଆଦେଶ ରେ ପଞ୍ଚାୟତ ସମ୍ପତ୍ତି ୧ ବର୍ଷ ପାଇଁ ନିଲାମ ଦେବାର ବ୍ୟବସ୍ଥା ଥିବା ବେଳେ ଧୋବଗଡ଼ିଆ କଲ୍ୟାଣ ମଣ୍ଡପ ୩ ବର୍ଷ ପାଇଁ ନିଲାମ ଦିଆଯାଇଥିଲା। ଉପଜିଲ୍ଲାପାଳଙ୍କ ଅନୁମୋଦନ ନ ଥାଇ, ପଂଚାୟତ ପିଇଓଙ୍କ ଦସ୍ତଖତ ନ ଥାଇ ବେଆଇନ ଭାବେ ଅଷ୍ଟଗ୍ରାମ ମେଳଣ କମିଟିକୁ କଲ୍ୟାଣ ମଣ୍ଡପକୁ ପ୍ରଥମେ ତିନି ବର୍ଷ ଓ ପୁଣି ପାଞ୍ଚ ବର୍ଷ ନିଲାମ ଦିଆ ଯାଇଥିଲା। ମୁରୁଣା ସରପଞ୍ଚ ନିରୁପମା ପତ୍ରୀ ଗତ ଫେବୃଆରି ମାସ ସମସ୍ତ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ କଲ୍ୟାଣ ମଣ୍ଡପ ପଞ୍ଚାୟତ ଅଧୀନକୁ ଫେରାଇ ଆଣିବା ନେଇ ନୂଆ ରେଜୋଲ୍ୟୁସନ୍ କରିବା ସହ ସିମୁଳିଆ ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିପିଇଓଙ୍କୁ ଜଣାଇଥିଲେ। ସେହିପରି ଉପଜିଲ୍ଲାପାଳ, ସିମୁଳିଆ ତହସିଲଦାର ଓ ସିମୁଳିଆ ଥାନା ସହ ଅଷ୍ଟଗ୍ରାମ ରାଧାକୃଷ୍ଣ ମେଳଣ କମିଟିକୁ ଅବଗତ କରିଥିଲେ। ଏହିକ୍ରମରେ ଗତ ମାସ ୨୧ ତାରିଖ ସରପଞ୍ଚ ନିରୁପମା ପତ୍ରୀ ଓ ସମିତିସଭ୍ୟ ଗୋପୀକାନ୍ତ ମହାନ୍ତି ପଞ୍ଚାୟତବାସୀ, ୱାର୍ଡସଭ୍ୟ ଏବଂ କାର୍ଯ୍ୟନିର୍ବାହୀଙ୍କ ଉପସ୍ଥିତିରେ କଲ୍ୟାଣ ମଣ୍ଡପରେ ତାଲା ପକାଇବା ସହ ପଞ୍ଚାୟତ ଅଧୀନକୁ ଆଣିଥିଲେ। ତେବେ ଏ ନେଇ ରାଧାକୃଷ୍ଣ ମେଳଣ କମିଟିର ସଭାପତି ନାରାୟଣ ବେହେରା ଓ ସମ୍ପାଦକ ବଂଶୀଧର ବେହେରା ହାଇକୋର୍ଟଙ୍କ ଆଶ୍ରୟନେଇଥିଲେ। ୨୪ ଏପ୍ରିଲ ରେ କୋର୍ଟ ସ୍ଥିତାବସ୍ଥା ବଜାୟ ରହିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏପରି ସମୟରେ ଗତ ୩୦ ତାରିଖ ଦିନ ମେଳଣ କମିଟି ସଭାପତି ନାରାୟଣ ବେହେରା ନ୍ୟାୟ ପାଇଁ ଉପଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଗତ ୬ ତାରିଖ ଦିନ ସିମୁଳିଆ ବିଡିଓ, ଜିପିଇଓ, ପଞ୍ଚାୟତ ପିଇଓ, ସରପଞ୍ଚ ଓ ମେଳଣ କମିଟିର ସଦସ୍ୟଙ୍କୁ ଉପଜିଲ୍ଲାପାଳଙ୍କଠାରେ ଉପସ୍ଥିତ ହେବାକୁ ଚିଠି କରାଯାଇଥିଲା। ସେଦିନ ଉପଜିଲ୍ଲାପାଳ ଉଭୟ ପକ୍ଷକୁ ଶୁଣିଥିଲେ ଏବଂ ତିନିଦିନ ମଧ୍ୟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିମୁଳିଆ ବିଡିଓ, ସରପଞ୍ଚ, ପିଇଓ ଉପସ୍ଥିତିରେ ମେଳଣ କମିଟି ସଭାପତି ଓ ସମ୍ପାଦକଙ୍କୁ କଲ୍ୟାଣ ମଣ୍ଡପରେ ଥିବା ରାଧାକୃଷ୍ଣ ଅଷ୍ଟ ଗ୍ରାମ ମେଳଣ କମିଟିର ଜିନିଷ ପତ୍ର ନେଇଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ଚାଲେଞ୍ଜ କରି ମେଳଣ କମିଟି ର ସଭାପତି ନାରାୟଣ ବେହେରା ଓ ସମ୍ପାଦକ ବଂଶୀଧର ବେହେରା ପୁନର୍ବାର ଉଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ପଂଚାୟତିରାଜ ବିଭାଗ, ଓଡିଶା ସରକାର, ବାଲେଶ୍ୱର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ପଂଚାୟତ ଅଧିକାରୀ, ସିମୁଳିଆ ବିଡ଼ିଓ, ମୁରୁଣା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ମୁରୁଣା ସରପଞ୍ଚ, ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ, ସିମୁଳିଆ ଥାନା ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ଥିଲେ। ଆବେଦନ କାରୀ ଓ ସରକାରଙ୍କ ଯୁକ୍ତି ଶୁଣିବା ପରେ ଉଚ୍ଚ ନ୍ୟାୟାଳୟ ୧୭/୬/୨୦୨୫ ରେ ମୁରୁଣା ପଂଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅର୍ଡର କପି ପାଇବାର ଦୁଇ ସପ୍ତାହ ମଧ୍ୟରେ ଚୂଡାନ୍ତ ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେବା ସହିତ ସେ ପର୍ଯ୍ୟନ୍ତ ମେଳଣ କମିଟି ର ଥିବା ନିଜସ୍ୱ ଜିନିଷ ପତ୍ର ସେମିତି ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପଂଚାୟତ ନିର୍ବାହୀ ଅଧିକାରୀଙ୍କ ବିଚାର ବିରୋଧ ରେ ମେଳଣ କମିଟି ତରଫରୁ ପୁନର୍ବାର ରାଜ୍ୟ ସରକାର, ସଚିବ ପଂଚାୟତ ରାଜ, ଜିଲ୍ଲାପାଳ, ଉପ ଜିଲ୍ଲା ପାଳ, ଜିଲ୍ଲା ପଂଚାୟତ ଅଧିକାରୀ, ବିଡ଼ିଓ, ସରପଞ୍ଚ, ପଂଚାୟତ ନିର୍ବାହୀ ଅଧିକାରୀ, ସିମୁଳିଆ ଥାନାଧିକାରୀ, ଏସପି, ସିମୁଳିଆ ଥାନାଧିକାରୀଙ୍କୁ ପକ୍ଷ କରି ମକଦ୍ଦମା କରିଥିଲେ। ଉଚ୍ଚ ନ୍ୟାୟାଳୟ ୨୩/୨/୨୦୨୬ ରେ ବିଚାର କରି ଆବେଦନ କାରୀ ଅଷ୍ଟଗ୍ରାମ ମେଳଣ କମିଟି ର ଆବେଦାନକାରୀଙ୍କୁ ଚାରି ସପ୍ତାହ ମଧ୍ୟରେ କଲ୍ୟାଣ ମଣ୍ଡପକୁ ମୁରୁଣା ପଂଚାୟତକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଦେଶ କାର୍ଯ୍ୟକାରୀ ନ କଲେ ଆଇନ ଅନୁସାରେ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏ ବିଷୟରେ ସିମୁଳିଆ ବିଡ଼ିଓ ସୁନୀଲ କୁମାର ଟୁଡୁଙ୍କୁ ପଚାରିବାରୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ଏ ବିଷୟରେ ମୁରୁଣା ସରପଞ୍ଚ ନିରୁପମା ପତ୍ରୀ କହିଛନ୍ତି ସତ୍ୟର ବିଜୟ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ସମସ୍ତେ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

## ଅଟକ ରଖିବା ଘଟଣାରେ ଶତାଧିକ ଗ୍ରାମବାସୀଙ୍କୁ ଉଠାଇ ନେଲା ପୁଲିସ

ଜଳେଶ୍ୱର, ୨୬।୨ (ସମିସ): ଏସ୍.ଆଇ.ଆର ସର୍ଭେ କରୁଥିବା ବେଳେ ଓଡିଶା ଭିତରକୁ ପଶି ଆସିଥିବା ଦୁଇ ପଶ୍ଚିମବଙ୍ଗ ଅଧିକାରୀଙ୍କୁ ମାଡ ମାରିବା ଘଟଣାରେ ଶହେରୁ ଉର୍ଦ୍ଧ ଗ୍ରାମବାସୀଙ୍କୁ ଉଠାଇ ଆଣିଲା ପୁଲିସ। ସୂଚନାନୁଯାୟୀ ଗତ କାଲି ରାଇବଣିଆ ଥାନା ରାଜନଗର ପାଟଣା ଗ୍ରାମକୁ ପଶ୍ଚିମବଙ୍ଗର ଦୁଇ ଅଧିକାରୀ ସର୍ଭେ କରିବାକୁ ଆସି ଭୁଲରେ ଓଡିଶା ମଧ୍ୟକୁ ପଶି ଆସିଥିବା ବେଳେ ସେମାନଙ୍କୁ ପିଲାଚୋର ସନ୍ଦେହରେ ଗ୍ରାମବାସୀ ମାଡ ମାରିବା ସହିତ ଅଟକ ରଖିଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିବା ପୁଲିସ ଓ ତହସିଲଦାରଙ୍କୁ ମଧ୍ୟ ଉତ୍ୟକ୍ତ ଗ୍ରାମବାସୀମାନେ ଅଟକ ରଖିଥିଲେ। ଫଳରେ ଉକ୍ତ ଗ୍ରାମରେ ବାଲେଶ୍ୱର ଅତିରିକ୍ତ ଏସ.ପି ନିରଂଜନ ବେହେରାଙ୍କ ସହିତ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ପହଂଚି ଅଧିକାରୀ ଦୁଇଜଣଙ୍କ ସହିତ ପୁଲିସ ଓ ତହସିଲଦାରଙ୍କୁ ଉଦ୍ଧାର କରିଥିଲେ। ବିଳମ୍ବିତ ରାତ୍ରୀରେ ଜଳେଶ୍ୱର ଓ ବସ୍ତା ସବଡିଭିଜନ ଥାନା ଅଧିକାରୀମାନଙ୍କ ସହିତ ମିଳିତ ପୋଲିସ ଫୋର୍ସ ଚଢାଉ କରି ଗ୍ରାମରେ ଉପସ୍ଥିତ ଥିବା ଶହେରୁ ଉର୍ଦ୍ଧ ମହିଳା ଓ ପୁରୁଷ ଲୋକଙ୍କୁ ଜଳେଶ୍ୱର ଥାନାକୁ ଉଠାଇ ଆଣିଥିଲେ। ସେମାନଙ୍କ ମଧ୍ୟରେ ମାଟ୍ରିକ ପରୀକ୍ଷା ଦେଉଥିବା ଜଣେ ନାବାଳକକୁ ମଧ୍ୟ ପୁଲିସ ଉଠାଇ ଆଣିଥିଲା। ତେବେ ଆଜି ଉକ୍ତ ଗ୍ରାମବାସୀ ମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ପୁଲିସ ଛାଡି ଦେଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ୭୨ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ଏଥିନେଇ ଜଳେଶ୍ୱର ଥାନାରେ ଦୁଇଜଣ ସର୍ଭେ ଅଧିକାରୀଙ୍କୁ ଅଟକ ମାମଲାରେ ୩୨/୨୦୨୬ ଓ ପୁଲିସକୁ ଅଟକ ମାମଲାରେ ଦୁଇଟି ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ଗ୍ରାମରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଫୋର୍ସ ମୁତୟନ କରାଯାଇଛି।

## ଖଇରା ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଘାଟିତ




ଖଇରା, ୨୬।୨ (ସମିସ): ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନାରେ ୨ଦିନିଆ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଶିକ୍ଷକ ଭବନ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଶୃତି ସଞ୍ଜିତା ଗିରି ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟଅତିଥି, ଉଦ୍ୟାନ କୃଷି ସହନିର୍ଦ୍ଦେଶିକା ରଶ୍ମିରେଖା ପଣ୍ଡା, ସହକାରୀ ମତ୍ସ୍ୟ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ସହକାରୀ କୃଷି ଅଧିକାରୀ ରମ୍ୟ ସାହୁ, ସିମୁଳିଆ ବ୍ଲକ ସହକାରୀ ଉଦ୍ୟାନକୃଷି ଅଧିକାରୀ ଜ୍ୟୋତି ପ୍ରକାଶ ମହାପାତ୍ର, ବ୍ଲକ ପ୍ରାଣିଚିକିତ୍ସା ଅଧିକାରୀ ଡା ରିତାଞ୍ଜଳୀ ନାୟକ ପ୍ରମୁଖ ଯୋଗ ଦେଇ ଉଦ୍ୟାନ କୃଷି, ମତ୍ସ୍ୟଚାଷ, ଜିଆଖତ ତଥା ସମନ୍ୱିତ କୃଷି ଉପରେ ଚାଷୀ ମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ।

## ପର୍ଯ୍ୟଟକଙ୍କ ପାଇଁ ସମୁଦ୍ର କୂଳରେ ବ୍ୟାଗେଜ୍ ଲକର୍ ସିଷ୍ଟମ୍ ଦାବି

ଭୋଗରାଇ, ୨୬।୨ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ସୀମାନ୍ତ ଉଦୟପୁର ସମୁଦ୍ର କୂଳରେ ନିଶା କାରବାରକୁ ଆରମ୍ଭ କରି ବିଭିନ୍ନ ସମୟରେ ପର୍ଯ୍ୟଟକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବିଭିନ୍ନ ସମୟରେ ସମୁଦ୍ରରେ ଗାଧୋଇବା ପର୍ଯ୍ୟଟକଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ସମୁଦ୍ର ବାଲିରେ ନିଜର ବ୍ୟାଗ୍ ରଖି ସମୁଦ୍ରକୁ ଗାଧେଇ ଯାଆନ୍ତି ପର୍ଯ୍ୟଟକ। ପୁରୀ ସମୁଦ୍ର କୂଳରେ ସରକାର ବ୍ୟାଗେଜ୍ ଲକର୍ ସିଷ୍ଟମ୍ କରୁଥିବା ବେଳେ ସରକାର ଉଦୟପୁରରେ ବିଶ୍ୱସ୍ତରୀୟ ବେଳାଭୂମି ନିର୍ମାଣର ପରିକଳ୍ପନା ଭିତରେ ସମୁଦ୍ର କୂଳରେ ବ୍ୟାଗେଜ୍ ଲକର୍ ସିଷ୍ଟମ୍ ନିର୍ମାଣ ପାଇଁ ସାଧାରଣରେ ଦାବୀ ରହିଛି। ଏଥିପାଇଁ ମଧ୍ୟ ସରକାରଙ୍କ କିଛି ଆୟ ମଧ୍ୟ ବଢିବ। ପ୍ରଥମଥର ପାଇଁ ପୁରୀ ସମୁଦ୍ର କୂଳରେ ବେଳାଭୂମିର ଭିକ୍ଟୋରିଆ ହୋଟେଲ୍ ସମ୍ମୁଖ ଓ ଦିଗବାରେଣୀ ଛକ ପାଖରେ ଦୁଇଟି ସ୍ଥାନରେ ଏହି ବ୍ୟାଗେଜ୍ ଲକର୍ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଛି। ଆବଶ୍ୟକୀୟ ତଥ୍ୟ ଦେବା ପରେ ଅନଲାଇନରେ କିଛି ଟଙ୍କା ଦେବା ପରେ ଲକର୍ ଆପେଆପେ ଖୋଲିବା ପରେ ପର୍ଯ୍ୟଟକମାନେ ନିଜର ବ୍ୟାଗ୍, ଜୋତା, ମୋବାଇଲ ଆଦି ଅନ୍ୟାନ୍ୟ ଜିନିଷପତ୍ର ରଖି ମୋବାଇଲ ଯୋଗେ ଏହାକୁ ବନ୍ଦ କରିବାର ସୁବିଧା ରହିଛି। ୨୫ ଫେବୃଆରୀ ବୁଧବାରରୁ ଏହି ବ୍ୟବସ୍ଥା ପୁରୀରେ ଲାଗୁ ହୋଇଥିବା ବେଳେ ଓଡିଶା ସୀମାନ୍ତ ଉଦୟପୁରରେ ଏଭଳି ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

## ସାପ କାମୁଡ଼ା ଓ ବଜ୍ରପାତଜନିତ ସଚେତନତା ପ୍ରଶିକ୍ଷଣ ଶିବିର




ଜଳେଶ୍ୱର, ୨୬।୨ (ସମିସ): ଆସନ୍ତା ବର୍ଷାଋତୁ ଓ କାଳବୈଶାଖୀ ଜନିତ ଆପାତକାଳୀନ ଦୁର୍ଘଟଣାକୁ ଆଖିଆଗରେ ରଖି ସାପ କାମୁଡା ଓ ବଜ୍ରପାତ ଜନିତ ସଚେତନତା ପ୍ରଶିକ୍ଷଣ ଶିବିର ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ପଂଚାୟତ ସମିତି ଦ୍ୱାରା ଆୟୋଜିତ ଏହି ସଚେତନତା ପ୍ରଶିକ୍ଷଣ ଶିବିର ଓ.ଏସ.ଡି.ଏମ.ଏ ଭୁବନେଶ୍ୱର ଓ ଡି.ଡି.ଏମ.ଏ ବାଲେଶ୍ୱରଙ୍କ ଦ୍ୱାରା ପ୍ରଯୋଜିତ ହୋଇଥିବା ବେଳେ ଏହି ଶିବିରକୁ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଭୀଷ୍ମ ପରୀଡା ଓ ଲକ୍ଷ୍ମଣନାଥ ରୋଡସ୍ଥିତ ସୀମାନ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅନୁରାଧା ଦାସ ସାପ କାମୁଡା ଓ ବଜ୍ରପାତ ଜନୀତ ଆପାତକାଳୀନ ଦୁର୍ଘଟଣା ସମୟରେ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ଯୋଗ ଦେଇଥିବା ଶିବିରାର୍ଥୀ ମାନଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକ ବିଏସ୍‌ଓ ଜୀବନ କୁମାର ପରିଡା ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ପଂଚାୟତ ସମିତ ସଦସ୍ୟ ଓ ସରପଞ୍ଚ ଯୋଗ ଦେଇଥିଲେ। ଶିବିର ପ୍ରାରମ୍ଭରେ ତ୍ରିଲୋଚନ ଗିରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ବେଆଇନ ପଥର ବୋଝେଇ ଗାଡି ଚାଳକଙ୍କ ନାଲି ଆଖି

ସୋର, ୨୬।୨ (ସମିସ): ସୋର ଥାନା ବାଗୁଡି ପଥର ଖାଦାନରୁ ପଥର ଚୋରି ରୋକିବାର ନାଁ ଧରୁନି। ପୂର୍ବରୁ ରାତିରେ ପଥର ଚୋରା ଚାଲାଣ ହେଉଥିବା ବେଳେ ଏବେ ଦିନ ରାତି ଅହରହ ପଥର ଚୋରା ଚାଲାଣ ହେଉଛି। ଏହି ଚୋରା ଚାଲାଣ ସମୟରେ ଚୋରା ପଥର ଗାଡି ଚଳାଉଥିବା ଚାଳକ ମାନେ ବେପରୁଆଭାବେ ଗାଡି ଚଳାଉଥିବାରୁ ବିଭିନ୍ନ ସମୟରେ ସାଧାରଣ ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି। ଗତକାଲି ଅପରାହ୍ଣରେ ତଳନଗର ଗଣ୍ଡତରା ଗ୍ରାମର ସୁମନ ରାଉତ କୌଣସି କାମରେ ଡଗରପଡା ଅଭିମୁଖେ ଯାଉଥିବା ବେଳେ କାନପୁର ପୋଲ ନିକଟରେ ବାଗୁଡି ପଥର ଖାଦାନରୁ ପଥର ବୋଝେଇ କରି ଆସୁଥିବା ଓଡି ୦୧ କେ ୮୬୪୨ ନମ୍ବର ବିଶିଷ୍ଟ ଏକ ପଥର ବୋଝେଇ ଡମ୍ଫର ଦ୍ରୁତଗତିରେ ଆସି ତାଙ୍କୁ ସାଇଟ ମାରିବାରୁ ସୁମନ ଓ ତାଙ୍କ ପିଉସି ବାଇକରୁ ପଡି ସାମାନ୍ୟ ଆହତ ହୋଇଥିବା ବେଳେ ଏକ ବଡ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଏନେଇ ସୁମନ ଉକ୍ତ ଗାଡିଚାଳକଙ୍କୁ ଅଟକାଇ ପଚାରିବାରୁ ଚାଳକ ଜଣଙ୍କ ତାଙ୍କୁ ନାଲି ଆଖି ଦେଖାଇଥିବା ସୁମନ ଅଭିଯୋଗ କରିଛନ୍ତି।

## ଜନ ଆରୋଗ୍ୟ ସମିତି ବୈଠକ

ବାଲେଶ୍ୱର, ୨୬।୨ (ସମିସ): ସହଦେବଖୁଂଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରପରିଷଦର୨୨ନମ୍ବର ୱାଡର୍‌ର କାଉନସିଲର ଦେବାଶିଷ ସିଂହ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ କୁମାର କର, ସହକାରୀ କାର୍ଯ୍ୟକ୍ରମ ସଂଯୋଜିକା ଶାଶ୍ୱତୀ ମହାପାତ୍ର, ଡା ଅରୁପ ଅଭିଷେକ, ଜନଆରୋଗ୍ୟ ସମିତିର ସଦସ୍ୟ ସଞ୍ଜୟ ଚୌଧୁରୀ, ସରସ୍ୱତୀ ପଣ୍ଡା ଓ ଗୌରାଙ୍ଗ ପାଣିଗ୍ରାହୀ, ଇଂ କ୍ଷିତିନ୍ଦ୍ର ନାୟକ, କମଳଲୋଚନ ପରିଡ଼ା, କମଳ ଲୋଚନ ପାତ୍ର, ଦମୟନ୍ତୀ ଶତପଥୀ, ମିନାକ୍ଷୀ ପଣ୍ଡା, ଉପସ୍ମିତା ଦାସ, ଯାଜ୍ଞସେନୀ ବେହେରା ଓ ମେଡିକାଲ ଅଫିସର ଡା ଲମ୍ବୋଦର ବଳ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭିତିଭୂମିକୁ ସୁଦୃଢ଼ କରାଯାଇ ରୋଗୀମାନଙ୍କୁ ଅଧିକ ଉନ୍ନତ ଓ ସଠିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରୋଗୀସେବା କ୍ଷେତ୍ରରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବହୁ ସୁନାମ ଅର୍ଜନ କରିପାରିଛି। ଏଣୁ ଏହି ଧାରାକୁ ବଜାୟ ରଖିବା ଦିଗରେ ପରିଚାଳନା ସମିତିର ସଦସ୍ୟମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ଶେଷରେ ପରମେଶ୍ୱର ବାରିକ ଧନ୍ୟବାଦ ଦେଇଥିଲେ।

## କାଂଶବାଂଶ ନଦୀବନ୍ଧ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ



ସିମୁଳିଆ, ୨୬।୨ (ସମିସ): ଦୀର୍ଘ ବର୍ଷ ଧରି କାଂଶବାଂଶ ନଦୀର ବନ୍ୟା ଆସିଲେ ସୋର ଓ ସିମୁଳିଆ ଅଞ୍ଚଳର ୬ଟି ଗାଁର ବହୁ ଗ୍ରାମବାସୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ସେହି ଆଡିବନ୍ଧକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭ ଶିଳାନ୍ୟାସ କରିଥିଲେ। ସାଳନ୍ଦୀ କେନାଲ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ରାକେଶ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜଳ ସମ୍ପଦ ବିଭାଗ ପକ୍ଷରୁ ୩କିମି ୯୦ମିଟର କାଂଶବାଂଶ ନଦୀ ଡାହାଣ ପାଶ୍ୱର୍ ବନ୍ଧର ନିର୍ମାଣ ଉନ୍ନତିକରଣ କାର୍ଯ୍ୟ ୩କୋଟି ୮୪ଲକ୍ଷ ଟଙ୍କାର ପ୍ରକଳ୍ପକୁ ଶିଳାନ୍ୟାସ ଅବସରରେ କୁରୁକୁରିଆ ପଡିଆରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ବାଉରୀପଦା ପଞ୍ଚାୟତର ସରପଞ୍ଚ ଧରଣୀଧର ନାୟକ, ସମିତି ସଭ୍ୟ ଗଜେନ୍ଦ୍ର ସେଠୀ, ମଣ୍ଡଳ ସଭାପତି ଅଭିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୫ରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ'

ବାଲେଶ୍ୱର, ୨୬।୨ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଜିଲ୍ଲାସ୍ତରୀୟ "ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ' ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମଟି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବ। ଯୁଥ ପାର୍ଲାମେଣ୍ଟରେ "ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗୀମାନେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜ ବକ୍ତୃତା ପ୍ରଦାନ କରିପାରିବେ। ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସ୍କ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବବର୍ଗ ମାନେ "ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରାୟ ୨୦୦ ପ୍ରତିଯୋଗୀଙ୍କ ଭାଗ ନେବାର ବ୍ୟବସ୍ଥା ରହିଛି। ପ୍ରତିଯୋଗିତାରୁ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ଚୟନିତ ହେବେ ଏବଂ ସେଠାରୁ ୩ ଜଣ କେନ୍ଦ୍ର ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିର ସଦସ୍ୟମାନେ ହେଲେ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ସମନ୍ୱୟକର୍ତ୍ତା, ଏନଏସଏସ ବ୍ୟୁରୋ; ଏମ. ବିଘ୍ନେଶ, ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ର, ବାଲେଶ୍ୱର; ଡ଼କ୍ଟର ପ୍ରତିମା ପ୍ରଧାନ, ଜିଲ୍ଲା ଏନଏସଏସ ଅଧିକାରୀ, ବାଲେଶ୍ୱର; ଗୌରାଙ୍ଗ ପଣ୍ଡା, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ବାଲେଶ୍ୱର; ଅଭୟ ନାୟକ, କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀମାନେ।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

ସୋର, ୨୬।୨ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଡିଖୋଲ ଗ୍ରାମରେ ଅଗ୍ନିକାଣ୍ଡରେ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ଏହି ଗ୍ରାମର ଦୁର୍ଗା ଭକ୍ତା ଆଜି ମଧ୍ୟାହ୍ନରେ ରୋଷେଇ କରୁଥିବା ବେଳେ ହଠାତ ଚୁଲିରୁ ନିଆଁ ଲାଗି ତାଙ୍କ ଚାଳଘରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ୨ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ଦୁର୍ଗା ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ପୁନଃ ନିର୍ମାଣ ଓ ସ୍ଥାପନ ପାଇଁ ଷ୍ଟେସନ ମାଷ୍ଟରଙ୍କୁ ଦାବିପତ୍ର



ବାଲେଶ୍ୱର, ୨୬।୨ (ସମିସ): ରେଳଷ୍ଟେସନର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଷ୍ଟେସନ ପରିସରରେ ଥିବା ବାଲେଶ୍ୱର ମାଟିର ଗର୍ବ ଓ ଗୌରବ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହାକୁ ନେଇ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ରେଳଷ୍ଟେସନ ପରିସରରେ ଥିବା ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ପୁନଃ ନିର୍ମାଣ ଓ ପୁନଃ ସ୍ଥାପନ ପାଇଁ ଷ୍ଟେସନ ମାଷ୍ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଷ୍ଟେସନ ପରିସରରେ ଷ୍ଟେସନର ବିକାଶ କାର୍ଯ୍ୟ ଚାଲୁଛି। ହେଲେ ଏହି କାର୍ଯ୍ୟ ଚାଲୁଥିବା ବେଳେ ଠିକାଦାର ଷ୍ଟେସନ ପରିସରରେ ଠିଆ ହୋଇଥିବା ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହାକୁ ନେଇ କଂଗ୍ରେସ ବିରୋଧ କରିବା ସହ ପ୍ରତୀମା କେବେ ଏବଂ କେଉଁଠି ପୁନଃ ସ୍ଥାପିତ ହେବ ତାହାର ଏକ ସ୍ପଷ୍ଟ ଯୋଜନା କରାଯାଉ, ଏହାଛଡା ପୂର୍ବ ସୂଚନା ପରାମର୍ଶ କିମ୍ବା ଉପଯୁକ୍ତ ଯୋଜନା ବିନା ପ୍ରତିମୂର୍ତ୍ତିକୁ ସ୍ଥାୟୀ ଭାବରେ ଭାଙ୍ଗିବା କିମ୍ବା ଅପସାରଣ କରିବାର ଯେ କୌଣସି ପ୍ରୟାସ ବାଲେଶ୍ୱରବାସୀଙ୍କ ପାଇଁ ଗ୍ରହଣୀୟ ହେବ ନାହିଁ ବୋଲି କୁହାଯାଇଛି। କଂଗ୍ରେସ ଜିଲ୍ଲା ଉପସଭାପତି ସରୋଜ କୁମାର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଶ୍ରୀକାନ୍ତ ବୁଗୁଡାଇ, ଟାଉନ ସଭାପତି ଅନୁପ କୁମାର ସ୍ୱାଇଁ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇ ଦାବିପତ୍ର ପ୍ରଦାନ କରିଥିଲେ।

## ୧୫ଦିନରେ ୪ଟି ସ୍କୁଲରୁ ଚୋରି

ଜଳେଶ୍ୱର, ୨୬।୨ (ସମିସ): ଜଳେଶ୍ୱର ପୁଲିସ୍ ଥାନାଠାରୁ ମାତ୍ର ୨୦୦ ମିଟର ଦୂର ପଥରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଗତ ରାତିରେ କାର୍ଯ୍ୟାଳୟ ତାଲା ଭାଂଗି ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ୩ଟି ଆଲମାରୀ ଭାଂଗିବା ସହ ନଗଦ ୩୦୦୦ ଟଙ୍କା ଓ କେତେକ ଫାଇଲ ନେଇଯାଇଥିବା ଜଣାଯାଇଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ମୀରା ମିଶ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଥାନାଠାରୁ ମାତ୍ର ୧ କି.ମି ପରିଧି ମଧ୍ୟରେ ଗତ ୧୫ଦିନ ମଧ୍ୟରେ ସେକବାର୍ଡ ବିଦ୍ୟାଳୟ, ଝାଡେଶ୍ୱରପୁର ଓ ଗୋପ କ୍ଲଷ୍ଟର କାର୍ଯ୍ୟାଳୟର ତାଲାଭାଙ୍ଗି ଚୋରି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କୁ ଠାବ କରାଯାଇପାରିନାହିଁ। ଜଳେଶ୍ୱର ଅଂଚଳଟି ପଶ୍ଚିମବଂଗ ସୀମାକୁ ଲାଗି ରହିଥିବାରୁ ପ୍ରତିମାସରେ ଚୋରି ହେଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି।

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ଧାରଣା

ଜଳେଶ୍ୱର, ୨୬।୨ (ସମିସ)



ଧାନ ଅମଳର ଦୁଇମାସ ବିତିଥିଲେ ମଧ୍ୟ ଚାଷୀ ତାର ବଳକା ଧାନ ଏ ପର୍ଯ୍ୟନ୍ତ ପ୍ୟାକ୍ସରେ ବିକ୍ରି କରିପାରିନାହିଁ। ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଙ୍କ ଠାରୁ ସରକାର ଧାନ କିଣିବେ ବୋଲି କହିଥିବା ବେଳେ ରାମନଗରପାଟଣା ସେବା ସମବାୟ ସମିତିରେ ଚାଷୀମାନଙ୍କୁ ମିଳିଥିବା ଟୋକନ୍ ଲାପସ୍ ହେବାକୁ ବସିଲାଣି। ମିଲର ମନମାନି ଯୋଗୁଁ ଧାନ କିଣାଯାଇପାରୁ ନାହିଁ। ଏପରିକି ପ୍ରାୟ ୧୪ଶହ କ୍ୱିଣ୍ଟାଲ ଧାନ ଲାପ୍‌ସ ହୋଇଥିଲାବେଳେ ଆଜି ସେବାସମବାୟ ସମିତି ସମ୍ମୁଖ ଓଡିରୋଡରେ ଧାନବସ୍ତା ରଖି ଚାଷୀମାନେ ଧାରଣାରେ ବସିଥିଲେ। ଚାଷୀ କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନାରାୟଣ ମିଶ୍ରଙ୍କ ନେତୃତ୍ୱରେ ହରିଶଚନ୍ଦ୍ର ଭୂୟାଁ, ରାଧାଶ୍ୟାମ ସାହୁ, ଦିଲ୍ଲିପ କୁମାର ପରିଡା, ଗଣେଶ ପାତ୍ର, ସୁନିଲ କୁମାର ନାୟକ, ଶ୍ରୀକାନ୍ତ ଭୂୟାଁ, ଦୁର୍ଗାଶଙ୍କର ଭୂୟାଁ, ମଧୁସୂଦନ ଦତ୍ତ, ରାମଚନ୍ଦ୍ର ପାତ୍ର ପ୍ରମୁଖ ବହୁ ଚାଷୀ ଉପସ୍ଥିତ ହୋଇ ଧାନ ନ କିଣିବା ଯାଏ ଚାଷୀମାନେ ଧାରଣାରେ ବସିବେ ବୋଲି କହିଛନ୍ତି। ଟୋକନ୍ ପାଇଥିବା ଚାଷୀଙ୍କ ସମସ୍ତ ଧାନ କିଣାନଗଲେ ଚାଷୀମାନେ ଆମରଣ ଅନଶନ କରିବେ ବୋଲି ସୂଚନା ଦେଇଛନ୍ତି।

● ଭାଷାପକ୍ଷ ଓ କୁଟୀର ବହିମେଳାର ତୃତୀୟ ଦିବସ

## କବି ବିମଳ ଜେନା ସାହିତ୍ୟ ସନ୍ଧ୍ୟା



ବାଲେଶ୍ୱର,୨୬।୨(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଭାଷାପକ୍ଷ ଓ କୁଟୀର ବହିମେଳାର ତୃତୀୟ ଦିବସରେ କବି ବିମଳ ଜେନା ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ କବି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସନ୍ଧ୍ୟାରେ ଯୁବ ଗବେଷକ ଡ. ସାରଙ୍ଗଧର ତ୍ରିପାଠୀ ଅଲୋଚକ ଭାବେ ଯୋଗଦେଇ କବି ବିମଳ ଜେନାଙ୍କ ସମଗ୍ର ସାରସ୍ୱତ ସର୍ଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ତଥା ଫକୀରମୋହନ ବିଶ୍?ବିଦ୍ୟାଳୟର ଗବେଷଣାରତ ଛାତ୍ର ଚିତ୍ତରଞ୍ଜନ ସାହୁ କବି ଶ୍ରୀଜେନାଙ୍କୁ ଜଣେ ଦରଦୀ କବି ଭାବରେ ଆଖ୍ୟାୟିତ କରିବା ସହିତ ତାଙ୍କ କବିତାର ଭାବ, ଶୈଳୀ ଓ କୌଶଳ ରମାକାନ୍ତ ଓ ସୀତାକାନ୍ତଙ୍କ ସ୍ଥାନ ଦାବି କରେ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ଏତାଦୃତ ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ କବି ଶ୍ରୀଯୁକ୍ତ ଜେନା ନିଜର ସାରସ୍ୱତ ଯାତ୍ରା ସଂପର୍କରେ ଅନୁଭବ ବଖାଣିଥିଲେ। ଅନୁଷ୍ଠାନର ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଉତ୍ସବ ସଂପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କବି ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଅଞ୍ଜଳି ପଣ୍ଡା, ଡ. ରମାକାନ୍ତ ନାୟକ, କବି ଶ୍ରୀଦେବ, ଗୀତାଞ୍ଜଳି ଶତପଥୀ, ପଦ୍ମଲୋଚନ ପ୍ରଧାନ, ପୀତାମ୍ବର ବେହେରା ଓ ଡ. ରତ୍ନାକର ସିଂହ କବିଙ୍କ ବିଭିନ୍ନ ଜବିତା ଆବୃତ୍ତି କରିଥିଲେ। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ତଥା କବି ଶ୍ରୀ ଜେନାଙ୍କ ଉପରେ ଆଧାରିତ ଗୋଟିଏ କବିତାକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। ଯୁଗ୍ମ ସମ୍ପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଜୁମରନାଥ ପାତ୍ର ଶେଷ କଥା ରଖିଥିଲେ।

ଭୋଗରାଇରେ ବଢ଼ି ଚାଲିଛି ଫାଷ୍ଟଫୁଡ ଦୋକାନ

# ଅପମିଶ୍ରିତ ଖାଦ୍ୟ ଉପରେ ପ୍ରଶାସନର ନିୟନ୍ତ୍ରଣ ନାହିଁ

ଚନ୍ଦନେଶ୍ୱର, ୨୬।୨(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଥାନାଛକ, କମର୍ଦ୍ଦା, ଦେଉଳା, ଭୋଗରାଇ ହାଟ, ଚୌକି ହାଟ ଆଦି ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ ଦୋକାନ ଖୋଲା ଚାଲିଛି! ବିଶେଷ କରି ଚନ୍ଦନେଶ୍ୱର ବଜାର ଓ ରାସ୍ତା କଡରେ ଫାଷ୍ଟଫୁଡ ଦୋକାନ ଅଧିକ ଦେଖିବାକୁ ମିଳୁଛି। ଅଧିକାଂଶ ସ୍ଥାନରେ ଦୂଷିତ, ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ବିକ୍ରି ଚାଲିଛି। ଖାଦ୍ୟ ନାମରେ ଲୋକଙ୍କୁ ବିଷ ଦିଆଯାଉଛି। ବ୍ୟବସାୟ ଆଳରେ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ଦୋକାନୀ। ଖାଦ୍ୟ ସୁରକ୍ଷା ବିଭାଗଙ୍କ ଉଦାସୀନତା ପାଇଁ ଏହାର ଫାଇଦା ନେଉଛନ୍ତି ବ୍ୟବସାୟୀ ମାନେ।

ପୂର୍ବ ଭାରତର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭାବେ ବାବା ଚନ୍ଦନେଶ୍ୱର ରହିଛନ୍ତି। ପ୍ରତ୍ୟେକ ଦିନ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଅପରପକ୍ଷେ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର, ସୌନ୍ଦର୍ଯ୍ୟମୟୀ ବେଳାଭୂମି ତାଳସାରୀ ଓ ବୈଚିତ୍ର୍ୟରେ ଭରା ବିଚିତ୍ରପୁର ଇକୋ ଟୁରିଜିମକୁ ଏହି ରାସ୍ତା ଦେଇ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯାଇଥାନ୍ତି। ଏହାର ସୁଯୋଗ ନେଇ ସକାଳରୁ ସଞ୍ଜ ଯାଏ ଏଠାରେ ପସରା ମେଲାଇ ଥାନ୍ତି ଫାଷ୍ଟଫୁଡ ଦୋକାନୀ। ଏହି ଫାଷ୍ଟଫୁଡ ଦୋକାନ ଗୁଡିକରେ ବହୁଳ ମାତ୍ରାରେ ନିମ୍ନମାନର ଓ ଅପମିଶ୍ରିତ ଖାଦ୍ୟ ପ୍ରଦାର୍ଥ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ଚନ୍ଦନେଶ୍ୱର ପ୍ରସିଦ୍ଧ ଆଳୁଦମ ଓ ଚାଟ ଖାଇବାକୁ ଲୋକଙ୍କର ଏତେ ଗହଳି ଲାଗିଥାଏ ଯେ ଲମ୍ବା ଧାଡିରେ ଅପେକ୍ଷା କରିବାକୁ ପଡିଥାଏ। ଏଠାକାର ଆଳୁଦମରେ ଏତେ ପରିମାଣରେ ରଙ୍ଗ ମିଶିଥାଏ ଯେ ତାହା ଦେଖିଲେ ସହଜରେ ଅନୁମାନ କରିହେବ। ଏହାଛଡା ରାସ୍ତା କଡରେ ଅସ୍ଥାୟୀ ଠେଲା ଗାଡ଼ିରେ ଗୁପଚୁପ, ଚାଉମିନ, ଏଗରୋଲ, ଚିକେନପକୋଡା ଇତ୍ୟାଦି ଦୂଷିତ ପରିବେଶରେ ବିକ୍ରି କରାଯାଉଛି। ବ୍ୟବସାୟୀ ଶସ୍ତାରେ କୁକୁଡ଼ା ଆଣି ଉପରୋକ୍ତ ଜଙ୍କ ଫୁଡ ତିଆରି କରି ବିକ୍ରି କରୁଛନ୍ତି। କେତେକ ଦୋକାନରେ ବାସି, ପଚା ଶଢା ପନିପରିବା, ନିମ୍ନମାନର ତେଲ, ମସଲା, ସସ, ରଙ୍ଗ ଆଦି ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ପାଟିକୁ ସୁଆଦ ଲାଗୁଥିଲେ ବି ଏହି ଫାଷ୍ଟଫୁଡ ଖାଇ ଲୋକ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ଖାଦ୍ୟ ଜିନିଷ ଗୁଡିକ କେତେକ ସ୍ଥାନରେ ଖୋଲା ମେଳାରେ ରଖି ବିକ୍ରି କରିବା ଦ୍ୱାରା ରାସ୍ତାର ଧୂଳି ଆଉ ମାଛି ବସି ଖାଦ୍ୟ ଆହୁରି ଦୂଷିତ କରୁଛି ! ବିଶେଷ କରି କୌଣସି ଦୋକାନୀ ହାତରେ ଗ୍ଲୋବସ ପିନ୍ଧି ନ ଥାନ୍ତି କି ହାତକୁ ଭଲରେ ଭାବେ ଧୋଇ ନ ଥିବା ଦେଖିବାକୁ ମିଳିଥାଏ। ଏହାଛଡା ଗୋଟିଏ ପାଣି କୁଣ୍ଡରେ ବାରମ୍ବାର ଅଇଁଠା ବାସନ ଧୁଆ ଯାଉଥିବା ଦେଖିବାକୁ ମଧ୍ୟ ମିଳିଥାଏ । ଖାଦ୍ୟରେ ମାଛି ବସିବା ବିପଦର କାରଣ ହୋଇପଡିଛି।

● ନିୟମିତ ହେଉନାହିଁ ଚଢ଼ଉ ଓ ଯାଞ୍ଚ

● ଅଘଟଣ ଘଟିଲେ ଚେଇଁ ଉଠୁଛି ଖାଦ୍ୟ ସୁରକ୍ଷା ବିଭାଗ

ଉଲ୍ଲେଖଯୋଗ୍ୟ କିଛି ବର୍ଷ ପୂର୍ବେ ଭୋଗରାଇରେ ଫାଷ୍ଟଫୁଡ ଖାଇ ପିଲାମାନେ ଅସୁସ୍ଥ ହୋଇଥିଲେ ଓ ଜଣେ ପିଲା ମୃତ୍ୟୁ ମଧ୍ୟ ହୋଇଥିଲା। ସେତେବେଳେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦୁଇ ତିନି ଧରି ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ ହୋଇଥିଲା। ବଜାରରେ ଦୂଷିତ ଓ ନିମ୍ନମାନର ଖାଦ୍ୟ ବିକ୍ରୟ ଉପରେ ଲଗାମ ଲଗେଇବା ପାଇଁ ସରକାରୀ କଳ ଅଛି ସତ ତାହା କାମରେ ଆସୁନାହିଁ। ଏହାଛଡା ଶହଶହ ଜଳଖିଆ ଦୋକାନ ରେଜେଷ୍ଟ୍ରିଭୁକ୍ତ କି ନୁହେଁ, ତାହାର ଯାଞ୍ଚ ମଧ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ଜନ ପ୍ରତିନିଧି ସମସ୍ତେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ପରିବେଶ ସୁରକ୍ଷା ପାଇଁ ଲୋକଯାତ୍ରାର ଅଭିଯାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୨୬ ।୨(ସମିସ): ରାଜ୍ୟର ଖଣି,ପାଣି,ଜଙ୍ଗଲ,ଜମି ଓ ପରିବେଶ ସୁରକ୍ଷାପାଇଁ 'ଲୋକଶକ୍ତି ଅଭିଯାନ', 'ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସେଣ୍ଟର ଫର କ୍ଲାଇମେଟ ଜଷ୍ଟିସ' ବିଭିନ୍ନ ଗାନ୍ଧିବାଦୀ ସଙ୍ଗଠନ ଓ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଲଢୁଥିବା ସଙ୍ଗଠନମାନଙ୍କୁ ନେଇ ଲୋକ ଅଧିକାର ଯାତ୍ରୀମାନେ ଆଜି ବାଲେଶ୍ୱର ସହରରେ ପହଁଚିବା ପରେ ପୁଲିସଲାଇନ ଛକରେ ଥିବା ଡ. ବାବାସାହେବ ଆମ୍ବେଦକର ଏବଂ ଫକୀରମୋହନ ଗୋଲେଇରେ ବ୍ୟାସକବିଙ୍କ ପୂର୍ଣ୍ଣାୟବରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାଲେଶ୍ୱର ସିଭିଲ ସୋସାଇଟି ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଭିଯାତ୍ରୀମାନେ ପହଁଚିବା ପରେ ସୋସାଇଟି ପକ୍ଷରୁ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସାମାଜିକ,ସାଂସ୍କୃତିକ ଓ ଗଣସଙ୍ଗଠନମାନଙ୍କ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସଭାରେ ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ କୃଷକ ନେତା ଲିଙ୍ଗରାଜ ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସମିତିର ଆବାହକ ନରେନ୍ଦ୍ର ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ନେତା ଡ ବିଶ୍ୱଜିତ, ପରିବେଶବିତ ତଥା ବିଶିଷ୍ଟ ସମାଜସେବୀ କଲ୍ୟାଣ ଆନନ୍ଦ ସେମାନଙ୍କ ବକ୍ତବ୍ୟରେ ଆମ ରାଜ୍ୟର ଖଣି,ପାଣି,ଜଙ୍ଗଲ ଓ କୃଷିକ୍ଷେତ୍ରକୁ ବର୍ବାଦ କରି ବିକାଶ ନାମରେ ସରକାରଙ୍କ ପ୍ରୋତ୍ସାହନରେ କର୍ପୋରେଟ ହାଉସର ରାହୁ ପୁଞ୍ଜିପତିମାନେ ଯେପରି ବିନାଶ ପ୍ରକ୍ରିୟା ଚାଲୁ ରଖିଛନ୍ତି ତାହାର କୁପରିଣାମ ବର୍ତ୍ତମାନ ପିଢ଼ିର ମଣିଷ ପ୍ରାକୃତିକ ପରିବେଶ ସମସ୍ୟା ଭୋଗୁଛନ୍ତି। ଅସମୟରେ ବର୍ଷା,ଶୀତ ଓ ଗ୍ରୀଷ୍ମପ୍ରବାହ ମାନବ ସମାଜକୁ ଅକାଳ ମୃତ୍ୟୁମୁଖକୁ ଟାଣିନେଉଛି। ଭୋଗବାଦର ଶିକାର ହୋଇ ଆବଶ୍ୟକତା ଠାରୁ ଅଧିକ ପ୍ରାକୃତିକ ସମ୍ବଳକୁ ବିନିଯୋଗ କରିବା ଫଳରେ ଆଗାମୀ ପିଢ଼ିର ମାନବ ସମାଜପାଇଁ ପ୍ରକୃତିଦତ୍ତ କୌଣସି ସମ୍ପଦ ରହିବନାହିଁ। ତେଣୁ ବିଭିନ୍ନ ଅଂଚଳରେ ଲୋକ ଏହି ତଥାକଥିତ ବିକାଶକୁ ବିରୋଧ କରୁଛନ୍ତି। ଏବେ ଠାରୁ ସାଧାରଣ ଜନତା ଏହି ଲୋକଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଐକ୍ୟବଦ୍ଧ ଜନ ସଚେତନତା ଓ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଗତ୨୫ତାରିଖ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରରୁ ଏହି ଯାତ୍ରା ଆରମ୍ଭ ହୋଇ ସମଗ୍ର ରାଜ୍ୟ ପରିକ୍ରମା କରିବା ପରେ ଆସନ୍ତା ମାର୍ଚ୍ଚ୨୯ ତାରିଖ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବରେ ଭୁବନେଶ୍ୱରରେ ପହଁଚିବ। ଏହିଦିନ ଏକ ବିରାଟ ଜନସଭାରେ ରାଷ୍ଟ୍ରୀୟ ନେତାମାନେ ଯୋଗଦେବେ। ତେଣୁ ବାଲେଶ୍ୱରର ସାଥୀମାନେ ଏହି ସମାବେଶରେ ଯୋଗଦେବାକୁ ସେମାନେ ନିବେଦନ କରିଥିଲେ। ବାଲେଶ୍ୱରରୁ ଅଭିଯାତ୍ରୀମାନେ ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲାକୁ ଯାତ୍ରାରମ୍ଭ କରିଛନ୍ତି। ଏହି ଅବସରରେ ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅଭିଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଭିଲ ସୋସାଇଟିର ସାଧାରଣ ସମ୍ପାଦକ ମନୋଜ ନାୟକ ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜକିଶୋର ସୁନାନୀ ଓ ତାଙ୍କ ସାଥୀ ବୈପ୍ଳବିକ ସଂଗୀତ ଗାନ କରିଥିଲେ। ଶେଷରେ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ସାହୁ, ସରସ୍ୱତୀ ପଣ୍ଡା, ପ୍ରତିମା ପଣ୍ଡା, ଭରତ ଚନ୍ଦ୍ର ସେଠୀ, ଅରୁଣ ଜେନା ଓ ସଂଯୁକ୍ତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## 'ସକାଳ' ଏବଂ 'ନନ୍ଦିଘୋଷ ଟିଭି' ପକ୍ଷରୁ ୭ରେ ରକ୍ତଦାନ ଶିବିର



ବାଲେଶ୍ୱର, ୨୬।୨(ସମିସ) : ଆସନ୍ତା ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ୭ ତାରିଖରେ 'ସକାଳ' ଏବଂ ନନ୍ଦିଘୋଷ ଟିଭି ପକ୍ଷରୁ 'ସକାଳ' ଓ ନନ୍ଦିଘୋଷ ଭବନ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ନେଇ ଚୂଡ଼ାନ୍ତ ହୋଇଛି। ଏ ନେଇ ଆଜି 'ସକାଳ' ଓ ନନ୍ଦିଘୋଷ ଭବନ ପରିସରରେ ଦୈନିକ "ସକାଳ"ର ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରମେଶ ଗୁପ୍ତା ଫାଉଣ୍ଡେସନର ମିଳିତ ସହଯୋଗରେ ଏହି ରକ୍ତଦାନ ଶିବିର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଫାଉଣ୍ଡେସନର ଅଧ୍ୟକ୍ଷ ରମେଶ କୁମାର ଗୁପ୍ତା ମଧ୍ୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ରୂପେ ଆୟୋଜନ କରିବାକୁ ମତବ୍ୟକ୍ତ କରିଥିଲେ। ମହିଳା ଦିବସରେ ମହିଳାଙ୍କୁ ସମ୍ମାନ ଜଣାଇ ଏହି ରକ୍ତଦାନ କରି କିଭଳି ଅନ୍ୟର ଅମୂଲ୍ୟ ଜୀବନକୁ ବଞ୍ଚାଯାଇପାରିବ ଏହି କାର୍ଯ୍ୟକ୍ରମର ତାହା ହିଁ ହେଉଛି ଆଭିମୁଖ୍ୟ। ଆସନ୍ତା ୭ ତାରିଖ ଶନିବାର ସକାଳ ୮ଟାରେ ଆଲଫା ଟାୱାର ରାଜାବଗିଚା ସ୍ଥିତ 'ସକାଳ' ଓ ନନ୍ଦିଘୋଷ ଟିଭି କାର୍ଯ୍ୟାଳୟ ପରିସରରେ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମହିଳା ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାରେ ସଫଳ କାର୍ଯ୍ୟ ଯୋଗୁଁ ଦକ୍ଷତା ଅର୍ଜନ କରିଥିବା ବିଭିନ୍ନ ବର୍ଗର ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ "ସକାଳ"ର ବାଲେଶ୍ୱର ସହର ପ୍ରତିନିଧି କଳିଙ୍ଗ ସାହୁ, ସ୍ୱତନ୍ତ୍ର ପ୍ରତିନିଧି ରୁଚିକ ରଞ୍ଜନ ମହାପାତ୍ର, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ଉତ୍ତର ଓଡ଼ିଶା ପ୍ରସାରଣ ମୁଖ୍ୟ ରବିଚନ୍ଦ୍ର ବେହେରା, ଅଫିସ ସହଯୋଗୀ ରମେଶ ଦାସ, ପ୍ରସାରଣ ବିଭାଗର ସହଯୋଗୀ ରମେଶ ମାଝୀ ପ୍ରମୁଖ ଯୋଗଦେଇ ହେବାକୁ ଥିବା ଉକ୍ତ ଶିବିରକୁ ସଫଳ କରାଇବା ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ, ମହିଳା ସଂଗଠନକୁ ସାମିଲ କରାଯିବା ନେଇ ଆଲୋଚନା କରାଯାଇଥିଲା।

## ବାଲେଶ୍ୱର ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ବାଲେଶ୍ୱର,୨୬।୨(ସମିସ): ବାଲେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଏନ୍ ଏସ୍ ଏସ୍ ଓ ୱାଇଆରସି ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରଟି ଥାଲାସେମିଆ ରୋଗରେ ପୀଡିତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଆମ ଓଡିଶା ପରିବାର ଏବଂ 'ଆଜିକାଲି' ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ତଥା ବାଲେଶ୍ୱର ମହିଳା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାକର ନାୟକ, 'ମଣିଷ ଘର'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ, ରକ୍ତଦାତା ସଙ୍ଘର ଉପସଭାପତି ଦେବାଶିଷ ପାଣି, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ନାୟକ ଉଦଘାଟନ କରିଥିଲେ। ଶିବିରରେ ସ୍ଥାନୀୟ ବାସିନ୍ଦା, ଓ ।ଓ୍ୱାଇଆରସି କାଉନସିଲର ତଥା ରାଜନୀତି ବିଜ୍ଞାନ ଅଧ୍ୟାପିକା ମାୟାବତୀ ମଲ୍ଲିକ, ସଂସ୍କୃତ ବିଭାଗର ଅଧ୍ୟାପିକା ଚମ୍ପାବତୀ କିସ୍କୁ, ଏନ୍ ଏସ୍ ଏସ୍ ର ପ୍ରୋଗ୍ରାମ ଅଫିସର ଡଃ. ପୂଜାରାଣୀ ପରିଡା, ଆଇକ୍ୟୁଏସି ର ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ମଣ୍ଡଳ, ଡ. ମନିକା ଶତପଥୀ, ପ୍ରଦୀପ କୁମାର ଜେନା ଅଂଶଗ୍ରହଣ କରିଥିଲେ। ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତ ଭଣ୍ଡାର ପକ୍ଷରୁ ଡ. ଜି. ପୂର୍ଣ୍ଣ୍ୟତୋୟା ଓ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଅଣଶିକ୍ଷକ, କର୍ମଚାରୀ ଓ ସମସ୍ତ ଛାତ୍ରୀ ଯୋଗ ଦେଇଥିଲେ।

## ମହିଳାଙ୍କୁ ନିସ୍ତୁକମାଡ଼ ଅଭିଯୋଗ

ବାଲିଆପାଳ, ୨୬।୨ (ସମିସ): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତର କୁଲ୍ଲାଚଡ ଗ୍ରାମରେ ଅବଦୁଲ ଇତିଫ୍ ଖାଁ ଏବଂ ବାପା ଅବଦୁଲ ଅବିଜ ଖାଁ ବାହାରକୁ କାମରେ ଯାଇଥିବା ବେଳେ ବୁଧବାର ସକାଳେ ତାଙ୍କ



ନିଜ ବାଡିରୁ ପଡ଼ୋଶୀ ଫିରୋଜ ଖାଁ ଜେସିବି ଲଗାଇ ମାଟି ତାଡି ନେଉଥିବା ସମୟରେ ଇତିଫଙ୍କ ମାଆ ବନିଜା ବବି ବାରଣ କରିବାରୁ ଫିରୋଜ ଖାଁ, ହମିଦ ଖାଁ, ଟୁନୁ ଖାଁ ଏକତ୍ରିତ ହୋଇ ପିଟି ବୋହୋସ କରି ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ପରେ ବନିଜାଙ୍କ ବୋହୂ ଜାଣି ପାରି ୧୦୮ କୁ ଫୋନ୍ କରି ପ୍ରଥମ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବିନା କାରଣରେ ପୁରୁଷ ଲୋକେ ଘରେ ଥିବା ସମୟରେ ତାଙ୍କ ବୃଦ୍ଧ ମାଙ୍କୁ ମାଡ଼ ମାରିଥିବା ବ୍ୟକ୍ତି ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୁଅ। ଅନ୍ୟ ପଟେ ଏ ନେଇ ଫିରୋଜ ଖାଁ ମଧ୍ୟ ପାଲଟା ଅଭିଯୋଗ କରିଥିବା ଜଣା ପଡିଛି।

## ନାଗେଶ୍ୱରପୁରରେ ରକ୍ତଦାନ ଶିବିର ୨ରେ

ଜଳେଶ୍ୱର,୨୬।୨ (ସମିସ) : ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତର ନାଗେଶ୍ୱରପୁର ଗ୍ରାମର ଆସନ୍ତା ଦୁଇ ତାରିଖରେ ଶ୍ରୀ ବାବାମଣି ନାଗେଶ୍ୱର ମହାଦେବଙ୍କ ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ମଣି ନାଗେଶ୍ୱର ଯୁବ ସମିତି, ଜିଲ୍ଲା ରକ୍ତଦାତା ସଂଘ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ କମିଟି ଅଧ୍ୟକ୍ଷ ପ୍ରିୟକାନ୍ତ ଗିରିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କମିଟିର ସମ୍ପାଦକ ଦେବବ୍ରତ ବେହେରା, ସଭ୍ୟ ବରୁଣ କୁମାର ଗିରି, ଅମିତ ଗିରି, ସୁନୀଲ କୁମାର ଗିରି, ବୁଧରାଇ ମାରାଣ୍ଡି, ରାମ ହେମ୍ବ୍ରମ, ବିକ୍ରମ କେଶରୀ ଗିରି, ଅଙ୍କିତ ଗିରି, ଅମିତ୍ ଗିରି, ଅରୂପ ଗିରି, ଅନୁପ ଗିରି, ଶିବବ୍ରତ ବେହେରା, ଉମାକାନ୍ତ ଗିରି ସତ୍ୟବ୍ରତ ବେହେରା, ଆକାଶ ଗିରି, ବୁଦ୍ଧି ରାମ ମାରାଣ୍ଡି, ରାଜେନ୍ଦ୍ର ମୁର୍ମୁ, ରାମଚନ୍ଦ୍ର ମୁର୍ମୁ ଓ ସମ୍ବାଦ ଉତ୍ତର ବାଲେଶ୍ୱର ପ୍ରତିନିଧି ସତ୍ୟବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିର ସଫଳତା ପାଇଁ ଆଲୋଚନା କରିଥିଲେ। ଶିବିର ସକାଳ ୧୦ଟାରୁ ଆରମ୍ଭ ହେବ। ଏଥିରେ ବହୁ ସଂଖ୍ୟାରେ ଯୋଗଦେଇ ରକ୍ତଦାନ କରିବା ପାଇଁ ଆୟୋଜକ ପକ୍ଷରୁ ନିବେଦନ କରିଛନ୍ତି।


ଦିବ୍ୟାଙ୍ଗଙ୍କୁ ବସ୍‌ରେ ସୁବିଧା ନ ଦେବା ପ୍ରସଙ୍ଗ

# ଜରିମାନା ଗଣିଲେ ବସ୍ ମାଲିକ ଓ କଣ୍ଡକ୍ଟର

ବାଲେଶ୍ୱର,୨୬।୨ (ସମିସ)

ବସ୍‌ରେ ଯାତାୟାତ ବେଳେ ସିଟ୍ ଟେ ପାଉନାହାଁନ୍ତି ଦିବ୍ୟାଙ୍ଗ। ଶତପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ବେଳେ ବସ୍‌ରେ ମଧ୍ୟ ସେମାନଙ୍କ ପାଇଁ ବ୍ୟବସ୍ଥା ସହ ରିହାତି ରହିଛି। ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏପରି ବସ୍‌ରେ ଅସୁବିଧା ଭୋଗିଥିବା ଉଦଳା ଅଞ୍ଚଳର ଦୁଇଟି ହାତ ନଥିବା ଦିବ୍ୟାଙ୍ଗ କୃଷ୍ଣଚନ୍ଦ୍ର ପଣ୍ଡା କିଛି ଦିନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ସେହି ଅଭିଯୋଗ ଆଧାରରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ ଉକ୍ତ ବସ୍ ମାଲିକ ଓ କଣ୍ଡକ୍ଟରକୁ କାର୍ଯ୍ୟାଳୟକୁ ଆଜି ଡକାଇଥିଲେ। ବସ୍ ମାଲିକ ଓ କଣ୍ଡକ୍ଟର ଜରିମାନା ଆଦାୟ ସହ ଭବିଷ୍ୟତରେ ଏପରି କାର୍ଯ୍ୟ ନକରିବା ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କୃଷ୍ଣ ଚନ୍ଦ୍ର ପଣ୍ଡା(୬୫)ଙ୍କ ଦୁଇ ହାତ ନାହିଁ। ଫଳରେ ତାଙ୍କ ପାଇଁ ଯାତାୟାତ ତଥା ଅନ୍ୟ କାମ ପାଇଁ ଅନେକ ସମସ୍ୟା ହୋଇଥାଏ। ବାଲେଶ୍ୱରର ବାଲିଆ ନମ୍ବର-୩ ଇଲେକ୍ଟ୍ରିକ ବିଭାଗରେ କାମ କରୁଥିଲେ। ୨୦୧୦ ମସିହା ମାର୍ଚ୍ଚ ମାସରେ ଏକ ଦୁର୍ଘଟଣା ଯୋଗୁଁ ତାଙ୍କର ଦୁଇ ହାତ ଜଳିଯାଇଛି। ଯେଉଁଥିପାଇଁ ସେ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି। ଅସୁସ୍ଥ ଥିବାରୁ ସେଦିନ କୃଷ୍ଣ ଚନ୍ଦ୍ର ପଣ୍ଡା ବାଲେଶ୍ୱର ସହରକୁ ଡାକ୍ତର ଦେଖାଇବା ପାଇଁ ଉଦଳା ବସଷ୍ଟାଣ୍ଡରେ ଶ୍ରୀ ଜଗନ୍ନାଥ ନାମକ ବସ୍ ରେ ଚଢ଼ିଥିଲେ। ବସ୍‌ରେ



ସବୁ ଲୋକ ବସିଯାଇଥିଲେ। ହେଲପର୍ ପ୍ରଥମେ ତାଙ୍କୁ ଗାଡ଼ି ଚାଳକ ପାଖରେ ଥିବା ସିଟ୍ ପାଖରେ ବସିବାକୁ କହିଥିଲେ। ମାତ୍ର ବସ୍ ଚାଲିବା ପରେ କଣ୍ଡାକ୍ଟର ତାଙ୍କୁ ଉଠାଇ ଗାଡ଼ି ଇଞ୍ଜିନ କଡ଼ରେ ଥିବା ପାଣି ଡ୍ରମ୍ ଉପରେ ତାଙ୍କୁ ବସାଇଥିଲେ। କିଛି ସମୟ ପରେ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ପ୍ୟାଣ୍ଟ, ସାର୍ଟ ଓଦା ହୋଇଯାଇଥିଲା। ଫଳରେ ଭିନ୍ନକ୍ଷମଙ୍କୁ ସିଟ୍ ଦେବା କଥା କୃଷ୍ଣ ବସ୍ କଣ୍ଡକ୍ଟରଙ୍କୁ କହିଥିଲେ। ମାତ୍ର ବସ୍ ରେ ଦିବ୍ୟାଙ୍ଗ ପାଇଁ କିଛି ସିଟ୍ ସୁବିଧା ନାହିଁ ବୋଲି ତାଙ୍କୁ କହିଥିଲେ। କୃଷ୍ଣଚନ୍ଦ୍ର ଓଦା ହୋଇଯାଇଥିବାରୁ ବାଧ୍ୟ ହୋଇ ସୋନପୋଲ ଠାରେ ବସ୍‌ରୁ ଓହ୍ଲାଇ ଯାଇଥିଲେ। ଏହାପରେ କୃଷ୍ଣ ଚନ୍ଦ୍ର ଜାନୁଆରୀ ୨୬ ତାରିଖ ଦିନ ଲିଖିତଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ମେଲ୍ କରି ଅଭିଯୋଗ ଜଣାଇଥିଲେ। ଏହି ଅଭିଯୋଗ ଆଧାରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ବସ୍ ର ମାଲିକଙ୍କୁ ଏକ ଚିଠି ପ୍ରଦାନ କରାଯାଇଥିଲା। ତାଙ୍କଠୁ ଜରିମାନା ଆଦାୟ ସହ ଭବିଷ୍ୟତରେ ଏପରି କାର୍ଯ୍ୟ ନକରିବା ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି କରିଛନ୍ତି। ପ୍ରକାଶ ଥାଉକି, ସରକାରୀ ବାଣିଜ୍ୟ ଏବଂ ପରିବହନ (ପରିବହନ) ବିଭାଗର ୦୪.୦୬.୨୦୧୫ ଅନୁଯାୟୀ, ଅକ୍ଷମତା ପରିଚୟପତ୍ର ପ୍ରଦାନ କରି ଅକ୍ଷମତା ଥିବା ବ୍ୟକ୍ତିଙ୍କୁ ସିଟ୍ ଏବଂ ବସ୍ ଭଡ଼ା ରିହାତି ପ୍ରଦାନ କରିବା ଉଚିତ। କିନ୍ତୁ ଏନେଇ ବସ୍ କଣ୍ଡକ୍ଟର ଆଇନ ଅମାନ୍ୟ କରିଛନ୍ତି। ତେଣୁ ଏହି ମାମଲାର ଶୁଣାଣି ପାଇଁ କାର୍ଯ୍ୟାଳୟରେ ବସ୍ ମାଲିକ ଓ କଣ୍ଡକ୍ଟରଙ୍କୁ ହାଜର ହେବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲା।

## ଯୁବ କଂଗ୍ରେସର ବିକ୍ଷୋଭ ଶୋଭାଯାତ୍ରା



ବାଲେଶ୍ୱର,୨୬।୨(ସମିସ): ଅଖିଳ ଭାରତୀୟ ସଭାପତି ଉଦୟ ଭାନୁ ଚିବ ଜି ଙ୍କୁ ଅନ୍ୟାୟ ଭାବରେ ଗିରଫ କରାଯାଇଥିବାରୁ ବାଲେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଇଂ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱ ରେ ଏକ ଶୋଭାଯାତ୍ରା ବାହାରି ଷ୍ଟେସନ ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ କୁଶପୁତଳିକା ଦାହ କରାଯାଇଛି। ଏହି ବିକ୍ଷୋଭରେ ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ସଦର ଯୁବ ନେତା ସରୋଜ ଲେଙ୍କା, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ପ୍ରଭାସ ପଣ୍ଡା, ଶ୍ରୀକାନ୍ତ ବୁଗୁଡାଇ, ଛାତ୍ର କଂଗ୍ରେସ ନେତା ଜଗନ୍ନାଥ ମହାପାତ୍ର, ଜ୍ୟୋସ୍ନା ସେନାପତି, ଆରୟଣ ଖାନ, ସାଗର କୁମାର ମହାନ୍ତି, ଭବାନୀ ଦଣ୍ଡପାଟ, ସନ୍ତୋଷ ସୋରେନ, କିରଣ ସିଂ ପ୍ରମୁଖ ଯୁବ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପୀତବାସ ପଣ୍ଡା ହତ୍ୟା ମାମଲା

# ଆଇସିୟୁରୁ ସିଧା ଜେଲ୍‌କୁ ଗଲେ ମଳୟ






ବ୍ରହ୍ମପୁର, ୨୬।୨ (ସମିସ): ଗୁରୁତର ଅବସ୍ଥାରେ ମେଡିସିନ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା କର୍ପୋରେଟର ମଳୟ ବିଶୋୟୀଙ୍କୁ ଆଜି ହଠାତ ଜେଲକୁ ସ୍ଥାନାନ୍ତର କରାଯାଇଛି। ଆଇସିୟୁରେ ଥିବା ଜଣେ ରୋଗୀଙ୍କୁ କିଭଳି ତରବରିଆ ଭାବେ ୱାର୍ଡକୁ ନଆଣି ସିଧାସଳଖ ସେପୁଣି ତାଙ୍କ ପରିବାର ବର୍ଗଙ୍କୁ ଡିସଚାର୍ଜ ସମ୍ପର୍କିତ କୌଣସି ସୂଚନା ଦିଆନଯାଇ ଜେଲକୁ ସ୍ଥାନାନ୍ତର କରାଗଲା ତାକୁ ନେଇ ମଳୟଙ୍କ ପତ୍ନୀ ତଥା ପୂର୍ବତନ କର୍ପୋରେଟର ମିନତି ବିଶୋୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଅସନ୍ତୋଷ ନୁହେଁ ବରଂ ଅସୁସ୍ଥ ମଳୟଙ୍କର ଜେଲରେ ଯଦି କିଛି ଅସୁବିଧା ହୁଏ ମେଡିକାଲ, ପୁଲିସ ଓ ଜେଲ କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ତେବେ ମଳୟଙ୍କ ସ୍ୱାସ୍ଥ୍ୟ କ୍ଲିନିକାଲି ଠିକ ଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ସେପଟେ ହାର୍ଣ୍ଣିଆ, ମଳକଣ୍ଟକ ଓ ଗଲବ୍ଲାଡରରେ ଷ୍ଟୋନ ଭଳି ଏକାଧିକ ରୋଗରେ ପୀଡ଼ିତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଆଜି ପୁଣି ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କ ସର୍ଜରୀ ବା ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ରକ୍ତ ନମୂନା ସହିତ ଅଲଟ୍ରାସାଉଣ୍ଡ, ଏମଆରଆଇ ଓ ସିଟିସ୍କାନ ଆଦି ପରୀକ୍ଷା କରାଯାଇଛି। ବିଭିନ୍ନ ନିଦାନର ରିପୋର୍ଟ ଆସିବା ପରେ ପ୍ରଥମେ କେଉଁ ରୋଗର ସର୍ଜରୀ କରାଯିବ ଡାକ୍ତରଙ୍କ ସହ ପରାମର୍ଶ ପରେ ନିଷ୍ପତ୍ତି ନିଆଯିବ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କୁ ସାକ୍ଷାତ କରିବା ଉପରେ ଆଜି ପୁଣି ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଯଦିଓ ଜେଲ କର୍ତ୍ତୃପକ୍ଷ ବିକ୍ରମଙ୍କ ପତ୍ନୀଙ୍କୁ ଓ ତାଙ୍କ ଅନୁପସ୍ଥିତିରେ ପରିବାର ସଦସ୍ୟଙ୍କୁ ଅନୁମତି ପ୍ରଦାନ କରିଥିଲେ ତେବେ ଆଜି ପୁଲିସ ପକ୍ଷରୁ ପତ୍ନୀଙ୍କୁ ଦୈନିକ କେବଳ ଘଣ୍ଟାଏ ଏବଂ ଓକିଲଙ୍କୁ ମାତ୍ର ୩୦ମିନିଟ ପାଇଁ ଅନୁମତି ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ଆପତ୍ତି ଉଠାଇଛନ୍ତି। ପ୍ରଥମ ଥର ବିକ୍ରମ ଡାକ୍ତରଖାନାରେ ଭର୍ତ୍ତି ହେବା ସମୟରେ କୋର୍ଟଙ୍କ ପକ୍ଷରୁ ଏଭଳି ଏକ ନିର୍ଦ୍ଦେଶ ରହିଥିଲା। ତେବେ ଦ୍ୱିତୀୟ ଥର ପାଇଁ କୋର୍ଟଙ୍କ ପକ୍ଷରୁ ସେଭଳି କିଛି ନିର୍ଦ୍ଦେଶନାମା ନଥିବା ବେଳେ ପୂର୍ବ ନିର୍ଦ୍ଦେଶନାମାକୁ ପୁଲିସ କାର୍ଯ୍ୟକାରୀ କରିବାକୁ ଚାହୁଁଥିବାରୁ ଏହାକୁ ଆଇନଜୀବୀ ଦୀପକ ପଟ୍ଟନାୟକ ପ୍ରତିବାଦ କରିଥିଲେ। ବିକ୍ରମଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା ବେଳେ ତାଙ୍କ ନିକଟରେ ପାଣି କିମ୍ବା ଔଷଧ ଅଥବା କିଛି ଖାଇବାକୁ ଦେବାକୁ କେହି ନଥିଲେ ସମସ୍ୟା ହେଉଥିବା ସେ ଅଭିଯୋଗ କରି କଟକଣାକୁ କୋହଳ କରିବାକୁ ଯୁକ୍ତି ରଖିଥିଲେ। ଏଭଳି ସ୍ଥିତିରେ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମଙ୍କୁ ମେଡିକାଲରେ ଦୂରରେ ରହି ଦେଖିଛନ୍ତି ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝି। ମାମଲା ବିଚାରାଧିନ ଥିବା ବେଳେ ବିକ୍ରମଙ୍କ ଭଳି ଜଣେ ରାଜନେତାଙ୍କ ପ୍ରତି ଏଭଳି ଆଚରଣ ଓ ମନୋଭାବ ପୋଷଣ ଆଦୌ ଉଚିତ ନୁହେଁ ବୋଲି କହିଛନ୍ତି ଶ୍ରୀ ମାଝି।

- ବିକ୍ରମଙ୍କୁ ମେଡିକାଲରେ ସାକ୍ଷାତକୁ ନେଇ ପୁଣି କଟକଣା
- ଦୂରରୁ ରହି ଦେଖିଲେ ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝି
- ପେଟରେ ଯନ୍ତ୍ରଣା ଯୋଗୁଁ ଛଟପଟ ବିକ୍ରମ, ଅସ୍ତ୍ରୋପଚାର ପାଇଁ ପ୍ରସ୍ତୁତି

## ନାବାଳିକାକୁ ଟଣାଓଟରା କରି ଯୁବକ ଗିରଫ

ବ୍ରହ୍ମପୁର,୨୬।୨(ସମିସ): ଜଣେ ନାବାଳିକାକୁ ଟଣାଓଟରା କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ଉକ୍ତ ଥାନା ଅଞ୍ଚଳର ଗୋବିନ୍ଦ ନାୟକ(୨୨)। ଗତକାଲି ରାତି ପ୍ରାୟ ୮ ଟାରେ ଗୋପାଳପୁର ଥାନା ଅଞ୍ଚଳର ନାବାଳିକା ଜଣକ କମାପଲ୍ଲୀରୁ ଟ୍ୟୁସନ ସାରି ଘରକୁ ସାଇକଲରେ ଯାଉଥିବା ବେଳେ ରାସ୍ତାରେ ଏକୁଟିଆ ଦେଖି ଅଭିଯୁକ୍ତ ଗୋବିନ୍ଦ ଟଣାଓଟରା କରିଥିଲା। ଅଭିଯୁକ୍ତ କବଳରୁ ନାବାଳିକା ଜଣକ ଖସି ଦୌଡ଼ି ଘରେ ପହଞ୍ଚି ଥିଲେ। ଆଜି ସମ୍ପୃକ୍ତ ନାବାଳିକା ଜଣକ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ନାବାଳିକାର ବୟାନ ରେକର୍ଡ଼ କରି ଅଭିଯୁକ୍ତ ଗୋବିନ୍ଦକୁ ନିଜ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

## ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟଣା; ବସ୍ ଚାଳକ ଗିରଫ



ବ୍ରହ୍ମପୁର,୨୬।୨(ସମିସ): ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦରଠାରେ ଏକ ଘରୋଇ ବସ-ଅଟୋ ମଧ୍ୟରେ ଧକ୍କା ହୋଇ ଅଟୋ ଚାଳକଙ୍କ ମୃତ୍ୟୁ ଘଟଣାରେ ପୁଲିସ ସଂପୃକ୍ତ ବସ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଶେରଗଡ଼ ଗୋବିନ୍ଦପୁରର ସୁନୀଲ ଖଟୁଆ(୨୭)। ସୂଚନାଯୋଗ୍ୟ ଯେ, ଜାନୁଆରୀ ୨୯ ରେ ହରିଡାଖଣ୍ଡି ଲକ୍ଷ୍ମୀବିହାର ପ୍ରଥମ ଲାଇନର ଅଟୋ ଚାଳକ ସଞ୍ଜୟ କୁମାର ଡେଙ୍ଗାପଦରରେ ଯାତ୍ରୀ ଓହ୍ଲାଇ ବ୍ରହ୍ମପୁର ଫେରୁଥିବାବେଳେ ଦିନ ସାଢେ ୧ଟା ବେଳେ ବ୍ରହ୍ମପୁରରୁ ଦିଗପହଣ୍ଡି ଆଡକୁ ଯାଉଥିବା ମା' ତାରାତାରିଣୀ ନାମକ ଏକ ଘରୋଇ ବସ୍ ସଞ୍ଜୟଙ୍କ ଅଟୋକୁ ଧକ୍କା ଦେଇଥିଲା। ଅଟୋଟି ଓଲଟି ପଡ଼ିବା ସହ ସଞ୍ଜୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଏବଂ ବସ୍‌କୁ ଜବତ କରିଥିବାବେଳେ ବସ୍ ଚାଳକ ସୁନୀଲ ଫେରାର ହୋଇଯାଇଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

## ଦିବ୍ୟାଙ୍ଗଙ୍କୁ ମାଡ଼ ମାରି ବସ୍‌ରୁ ଓହ୍ଲାଇଦେଲେ ଚାଳକ

ବ୍ରହ୍ମପୁର,୨୬।୨(ସମିସ): ଗୋପାଳପୁର ବସଷ୍ଟାଣ୍ଡରେ ଗତ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ବସ୍ ଚାଳକ ମାଡ଼ ମାରିବା ସହ ବସରୁ ଓହ୍ଲାଇ ଦେଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ପ୍ରକାରେ ଗୋପାଳପୁରର ଦିବ୍ୟାଙ୍ଗ ଯୁବକ ସୁରେଶ କୁମାର ସାହୁ ବ୍ରହ୍ମପୁର ଏକ ଘରୋଇ ସଂସ୍ଥାରେ ସୁରକ୍ଷାକର୍ମୀ ଭାବେ କାମ କରୁଥିବା ସହ ଡ୍ୟୁଟିରେ ଯୋଗଦେବାକୁ ଗୋପାଳପୁରରୁ ବ୍ରହ୍ମପୁର ଯାଉଥିବା ଆମ ବସ୍ (ଓଡି ୩୩ ଏ ଏନ୍ ୦୬୪୨)ରେ ବ୍ରହ୍ମପୁର ଯିବା ନିମନ୍ତେ ଉଠିଥିଲେ। ବସ୍ କଣ୍ଡକ୍ଟର ଜଣଙ୍କ ତାଙ୍କୁ ବସ୍ ଭଡ଼ା ମାଗିଥିଲେ। ସୁରେଶ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କ ଠାରୁ କନ୍‌ସେସନ ଭଡ଼ା ନେବାକୁ କହିଥିଲେ। କିନ୍ତୁ କଣ୍ଡକ୍ଟର ଜଣଙ୍କ ଏଥିରେ ରାଜି ହୋଇନଥିଲେ। ସୁରେଶଙ୍କ ଫଟୋ ନିଜ ମୋବାଇଲରେ ଉତ୍ତୋଳନ କରିଥିଲେ। ଏନେଇ ସୁରେଶ ପ୍ରତିବାଦ କରିବାରୁ ହଠାତ୍ ଚାଳକ ସୁରେଶଙ୍କୁ ଧକ୍କା ମାରିବା ସହ ମାଡ଼ ମାରି ବସରୁ ଓହ୍ଲାଇ ଦେଇଥିଲେ। ଘଟଣା ନେଇ ସୁରେଶଙ୍କ ପକ୍ଷରୁ ମୌଖିକ ଭାବରେ ଗୋପାଳପୁର ଥାନାରେ ଜଣାଇଥିଲେ। ଥାନା ପକ୍ଷରୁ ଲିଖିତ ଭାବେ କରିବାକୁ କହିଥିବା ବେଳେ ସୁରେଶ ଡ୍ୟୁଟି କରିବାକୁ ବ୍ରହ୍ମପୁର ଯିବା ନିମନ୍ତେ ସମୟ ହୋଇ ଯାଇଥିବାରୁ ସେ ପଳାଇ ଯାଇଥିଲେ। ଆଜି ଆସି ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରି ଡ୍ରାଇଭର ଓ କଣ୍ଡକ୍ଟରକୁ ଡ଼ାକି ପଚରା ଉଚରା କରୁଛି।

● ଖଜୁରିଆ ବାଇପାସ୍‌ରେ ଦୁର୍ଘଟଣା

## ବାଇକ୍-ଅଟୋ ଧକ୍କା; ରୋଷେୟା ମୃତ, ୨ ଗୁରୁତର

ବ୍ରହ୍ମପୁର,୨୬।୨(ସମିସ): ଜାତୀୟ ରାଜପଥ ୧୬ ଖଜୁରିଆ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ୮ ଟା ୪୫ରେ ବାଇକ- ଡ଼ାଲାଅଟୋ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ରୋଷେୟାଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପୀତାତଳି ଅଞ୍ଚଳର ଅଚ୍ୟୁତ ଗୌଡ଼(୫୯)। ଏଥିରେ ୨ଜଣ ଚାଳକ ଆହତ ହୋଇଥିବାବେଳେ ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଛି। ଜାତୀୟ ରାଜପଥର ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହେଉଛି।

ସୂଚନା ପ୍ରକାରେ, ଏକ ଡ଼ାଲାଅଟୋ ଜାତୀୟ ରାଜପଥ ଦେଇ ବ୍ରହ୍ମପୁର ଆଡ଼କୁ ଯାଉଥିଲା। ସେଥିରେ ପୀତାତଳିର ଅଚ୍ୟୁତ ବସିଥିଲେ। ଖଜୁରିଆ ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ୍ ଉକ୍ତ ଡ଼ାଲା ଅଟୋକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଓଲଟି ପଡ଼ିବାରୁ ଏହାର ଚାଳକ ଏବଂ ପଛରେ ବସିଥିବା ରୋଷେୟା ଅଚ୍ୟୁତ ଛିଟିକି ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଅଚ୍ୟୁତଙ୍କ ମୃତ୍ୟୁ ହୋଇଥିବାବେଳେ ବାଇକ୍ ଚାଳକ କାହ୍ନୁ ଓ ଅଟୋ ଚାଳକ ଆହତ ହୋଇଥିଲେ। ଟ୍ରାଫିକ ଥାନା ପୁଲିସ ଓ ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ପୁଲିସ ୨ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମୃତ ମାଟ୍ରିକ୍ ପରୀକ୍ଷାର୍ଥିନୀଙ୍କ ପରିବାର



ବ୍ରହ୍ମପୁର,୨୬।୨(ସମିସ): ଇଂରାଜୀ ପରୀକ୍ଷା ସରିବା ପରେ ଘରକୁ ଫେରି ଆତ୍ମହତ୍ୟା କରିଥିବା ମାଟ୍ରିକ ଛାତ୍ରୀ ଶ୍ରୀୟା ସାହୁଙ୍କ ପରିବାର ଲୋକେ ନ୍ୟାୟ ପାଇଁ ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରୀକ୍ଷା କେନ୍ଦ୍ରରେ ମାନସିକ ନିର୍ଯାତନା ଯୋଗୁ ଶ୍ରୀୟା ଆତ୍ମହତ୍ୟା କଲେ ବୋଲି ଅଭିଯୋଗ କରିବା ସହ ସେ ଦିଗରେ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ଆଇନଜୀବୀ ପ୍ରଦୀପ ବେହେରାଙ୍କ ସହ ମୃତ ଛାତ୍ରୀଙ୍କ ପରିବାର ଏସ୍‌ପିଙ୍କୁ ଭେଟି ତଦନ୍ତ କରି ଦାବି କରିଛନ୍ତି। ଶ୍ରୀରାମନଗର ୩ୟ ଲାଇନର କାଳିଆ ସାହୁଙ୍କ ଝିଅ ଶ୍ରୀୟା ମ୍ୟୁନିସିପାଲଟି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପଢୁଥିବା ବେଳେ ଭିଡିଗିରି ବାଳିକ ଉଚ୍ଚ ବିଦ୍ୟାଳୟରେ ତାଙ୍କ ପରୀକ୍ଷା କେନ୍ଦ୍ର ପଡ଼ିଥିଲା। ଇଂରାଜୀ ପରୀକ୍ଷା ଦିନ ଶ୍ରୀୟା କପି କରୁଥିବା ବେଳେ ଜଣେ ଶିକ୍ଷୟିତ୍ରୀ ତାଙ୍କୁ ଧରି ନେଇଥିଲେ। ସଂପୃକ୍ତ ଶିକ୍ଷୟିତ୍ରୀ ଜଣଙ୍କ ତାଙ୍କୁ ବିଭିନ୍ନ ପ୍ରକାର ତାଗିତ କରିଥିଲେ। ହେଲେ ପରୀକ୍ଷାରୁ ଫେରିବା ପରେ ଘରେ କେହି ନଥିବାର ସୁଯୋଗ ନେଇ ଶ୍ରୀୟା ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରି ଦେଇଥିଲେ।

## କୃଷି ପମ୍ପସେଟ୍ ଓ ନାନୋ ସାର ଉପରେ ସଚେତନତା





ବ୍ରହ୍ମପୁର,୨୬।୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨, ବ୍ରହ୍ମପୁର ପରିସରରେ "ଶକ୍ତି ସଞ୍ଚୟମୂଳକ କୃଷି ପମ୍ପସେଟ୍ ବ୍ୟବହାର" ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲ୍ଲାର ଅଧୀକ୍ଷଣ ଯନ୍ତ୍ରୀ (କୃଷି) ରବି ମିଶ୍ର କୃଷି କ୍ଷେତ୍ରରେ ଶକ୍ତି ସଞ୍ଚୟ ତଥା ନବୀନ ପ୍ରଯୁକ୍ତିର ଅବଲମ୍ବନ ଉପରେ ଜୋର ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶକ୍ତି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏନ୍. ଯାଜ୍ଞସେନୀ ଉପସ୍ଥିତ ରହି କୃଷକମାନଙ୍କୁ ଶକ୍ତିକ୍ଷମ ପମ୍ପସେଟ୍ ବ୍ୟବହାର କରି ବିଦ୍ୟୁତ ଖର୍ଚ୍ଚ କମେଇବା ସହ ଜଳ ସମ୍ପଦର ସଠିକ୍ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଇଫକୋ, ଗଞ୍ଜାମର ମୁଖ୍ୟ ପରିଚାଳକ ସୌଭାଗ୍ୟ ପ୍ରଧାନ ଉପସ୍ଥିତ ରହି, କୃଷିରେ ବିଭିନ୍ନ ନାନୋ ଟେକ୍ନୋଲୋଜି ସାର ଓ ଔଷଧ ଉପରେ ଆଲୋଚନା କରିଥିଲେ। କେଭିକେର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୁଜିତ୍ ନାଥ କୃଷି ପମ୍ପସେଟ୍‌ର ଶକ୍ତି କ୍ଷମତା, ପମ୍ପ ଚୟନ ଓ ସୌର ଶକ୍ତିଚାଳିତ ପମ୍ପ ବ୍ୟବହାର ଉପରେ ଅଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା, ଚିକିଟି, ଦିଗପହଣ୍ଡି ଆଦି ବ୍ଲକରୁ ୭୦ଜଣ ଚାଷୀ ଓ କୃଷକ ଉତ୍ପାଦନ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ଉପସ୍ଥିତ ଚାଷୀମାନେ ପ୍ରଶ୍ନୋତ୍ତର ଅଧିବେଶନରେ ସକ୍ରିୟ ଭାଗ ନେଇ ନିଜ ଅନୁଭବ ଆଦାନ-ପ୍ରଦାନ କରିଥିଲେ। ଶେଷରେ ବୈଜ୍ଞାନିକ ସନ୍ଦୀପ ମହାନ୍ତି ଧନ୍ୟବାଦ ଦେଇଥିଲେ। ମହିଳା ଚାଷୀ ଛାୟା ଦେବୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ଓ ଇଫକୋ ତରଫରୁ ପମ୍ପ ସେଟ୍ ଦେଇ ସମ୍ମାନିତ କରାଯାଇଥିଲା।

## ମାର୍ଚ୍ଚ ୧୪ରେ ଜାତୀୟ ଲୋକ ଅଦାଲତ

ବ୍ରହ୍ମପୁର,୨୬।୨(ସମିସ): ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲାର ବ୍ରହ୍ମପୁର ସମେତ ସମସ୍ତ ତାଲୁକ ଆଇନ ସେବା କମିଟି ସ୍ତରରେ ଆସନ୍ତା ମାର୍ଚ୍ଚ ୧୪ତାରିଖ ଶନିବାର ଦିନ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତକୁ ଜାତୀୟ ଆଇନ ସେବା ପ୍ରାଧିକରଣ(ଦିଲ୍ଲୀ) ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶାନୁସାରେ ଆୟୋଜନ କରାଯାଉଛି। ଏହି ଜାତୀୟ ଲୋକ ଅଦାଲତରେ ଦାଖଲ ହୋଇଥିବା ଓ ପ୍ରି-ଲିଟିଗେସନ୍ ମାମଲାମାନଙ୍କୁ ସମ୍ମତିଭିତ୍ତିକ ଭାବରେ ସମାଧାନ କରାଯିବ। ବିଦ୍ୟୁତ ବିଲ୍, ବ୍ୟାଙ୍କ ଋଣ ଆଦାୟ, ମୋଟର ଦୁର୍ଘଟଣା ଦାବି ମାମଲା, ବୈବାହିକ ବିବାଦ, ଚେକ୍ ବାଉନ୍ସ ମାମଲା, ଶ୍ରମ ବିବାଦ, ରାଜସ୍ୱ ମାମଲା ସହିତ ବିଭିନ୍ନ ପ୍ରକାରର ସମ୍ମତିଯୋଗ୍ୟ ମାମଲାମାନଙ୍କୁ ଶୀଘ୍ର, ସହଜ ଓ ନିଶୁଳ୍କ ଭାବେ ନିର୍ଣ୍ଣୟ କରାଯିବ। ଲୋକ ଅଦାଲତରେ ମାମଲା ନିର୍ଣ୍ଣୟ ହେଲେ ଆପିଲ୍ ଶୁଳ୍କ ନାହିଁ ଓ କୋର୍ଟ ଫି ଫେରସ୍ତ ପାଇବାର ବ୍ୟବସ୍ଥା ରହିଛି। ଏହା ଦ୍ୱାରା ସମୟ ଓ ଧନର ସଞ୍ଚୟ ସହିତ ଦୁଇପକ୍ଷଙ୍କ ସମ୍ମତିରେ ବିବାଦର ସମାଧାନ ସମ୍ଭବ ହୁଏ। ସାଧାରଣ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଯେକୌଣସି ଚାଲୁଥିବା କିମ୍ବା ପ୍ରି-ଲିଟିଗେସନ୍ ମାମଲାକୁ ଜାତୀୟ ଲୋକ ଆଦାଲତରେ ରଖି ସମାଧାନ କରିବା ପାଇଁ ସମ୍ବନ୍ଧିତ ଅଦାଲତ କିମ୍ବା ଡିଏଲଏସଏ/ଟିଏଲଏସସି କାର୍ଯ୍ୟାଳୟ ସହିତ ସମ୍ପର୍କ କରନ୍ତୁ। ଏହି ସୁଯୋଗକୁ ସବୁଠାରେ ଉପଯୋଗ କରି ସ୍ୱ-ଇଚ୍ଛାମୂଳକ ଓ ସହଜ ପ୍ରକ୍ରିୟାରେ ବିବାଦର ନିରାକରଣ କରିବା ପାଇଁ ଡିଏଲଏସଏ, ଗଞ୍ଜାମ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବ୍ରହ୍ମପୁର,୨୬।୨(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ର ସଂସଦ ଏବଂ ଏମ୍‌କେସିଜି ରକ୍ତ ଭଣ୍ଡାର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ମୋଟ ୩୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଭଳି ମହତ କାର୍ଯ୍ୟ ପାଇଁ ମହାବିଦ୍ୟାଳୟକୁ ଓଡ଼ିଶା ରକ୍ତ କେନ୍ଦ୍ର ପକ୍ଷରୁ ସମ୍ମାନିତ କରାଯାଇଛି। ଶିବିରକୁ ସଂଘ ସଭାପତି ସିଦ୍ଧାର୍ଥ ପଣ୍ଡା, ସମ୍ପାଦକ ପି. ଜଗଦୀଶ ପାତ୍ର, ଓ ସାଧାରଣ ସଚିବ ଆୟୁଷ୍ମାନ ମିଶ୍ରଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



କିଲର୍ ହଳଦିଆପଦର ଓଭରବ୍ରିଜ୍

# ଡିଜାଇନ ଅନୁଧାନ କଲେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍





ବ୍ରହ୍ମପୁର, ୨୬।୨ (ସମିସ): ବ୍ରହ୍ମପୁର ହଳଦିଆପଦର ଓଭରବ୍ରିଜ ଦୁର୍ଘଟଣାରେ ୫ଜଣଙ୍କ ଜୀବନ ଯିବାପରେ ଆରମ୍ଭ ହୋଇଛି ତ୍ରୁଟି ଖୋଜା। ବୈଷୟିକ ଟିମ୍ ପହଞ୍ଚି ବ୍ରିଜର ପିଲର କାମ, ଭୌଗଳିକ ସ୍ଥିତି, ବୁଲାଣି ଓ ଚଉଡ଼ା ଆଦି ବିଭିନ୍ନ ଦିଗର ଅନୁଧାନ କରିଥିଲେ।

ଟ୍ରାଫିକ ସର୍ଭେ ଓ ଟ୍ରାଫିକ ଅଡ଼ିଟ୍ ସହିତ ବ୍ରିଜର ଜ୍ୟାମିତି ବା ଡିଜାଇନକୁ ପରଖିବା ପରେ ସମସ୍ୟା ସମ୍ପର୍କରେ ତଥ୍ୟ ହାସଲ ହୋଇପାରିବ। ଏହାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ କହିଛନ୍ତି। ଚଳିତ ବର୍ଷ ଜାନୁଆରୀ ୩୧ରେ ଓଭରବ୍ରିଜରେ ଏକ ଟ୍ରକ ଦୁର୍ଘଟଣାରେ ୫ଜଣଙ୍କ ଜୀବନ ଯାଇଥିଲା। ନିର୍ମାଣ ପରଠାରୁ ଓଭରବ୍ରିଜରେ ବାରମ୍ବାର ଦୁର୍ଘଟଣା ଘଟି ୨୦ରୁ ଅଧିକ ଜୀବନ ଯାଇଥିବାରୁ ଢାଞ୍ଚାରେ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ଏହାପରେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ଦ୍ୱାରା ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମରେ ଆଜି ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ବ୍ରହ୍ମପୁରରେ ପହଞ୍ଚି କିଲର ହଳଦିଆପଦର ଓଭରବ୍ରିଜର ସ୍ଥିତି ଓ ଅବସ୍ଥିତି ଅନୁଧାନ କରିଥିଲେ। ଟିମ୍‌ରେ ମୁଖ୍ୟଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ, ପ୍ଲାନିଂ ପ୍ରକ୍ୟୁର୍‌ମେଣ୍ଟ ଇନଭେଷ୍ଟିଗେସନ ମୁଖ୍ୟଯନ୍ତ୍ରୀ ହରିଲାଲ ଅଗ୍ରୱାଲ, ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ଜ୍ୟୋତି ରଞ୍ଜନ ଶତପଥି ଓ ଡ଼ିଜାଇନ ବିଭାଗ ମୁଖ୍ୟଯନ୍ତ୍ରୀ ମାନସ ରଞ୍ଜନ ବେହେରା ସାମିଲ ଥିଲେ। ଏହି ଟିମ୍ ବ୍ରିଜର ବିଭିନ୍ନ କର୍ଭ (ଟର୍ଣ୍ଣ) ସହ ଏହାର ବିଭିନ୍ନ ବୈଷୟିକ ଦିଗକୁ ମିଳିତ ରୂପେ ଅନୁଧାନ କରିଛନ୍ତି। ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ ମାପଚୁପ କରିବା ସହ ବ୍ରିଜର ଲୋୟର ଲେବେଲକୁ ମଧ ତଦାରଖ କରିଛନ୍ତି। ବହୁବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ବ୍ରିଜର ସ୍ଥିତି ଇଣ୍ଡିଆନ ରୋଡ କଂଗ୍ରେସର ଗାଇଡ ଲାଇନ ପ୍ରକାରେ ନିର୍ମାଣ ହୋଇଛି କି ନାହିଁ ତାହା ଅନୁଧାନ କରି ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି ବିଶେଷଜ୍ଞ ଦଳ। ଆଗାମୀ ଦିନରେ ଏଠାରେ ଏକ ଟ୍ରାଫିକ ସର୍ଭେ କରାଯିବ ଏହାସହ ସୁରକ୍ଷା ଅଡିଟ ମଧ କରାଯିବ ବୋଲି ପୂର୍ତ୍ତବିଭାଗ ନିକଟରୁ ସୂଚନା ମିଳିଛି।

ପ୍ରାଥମିକ ଅନୁଧାନରୁ ଜଙ୍କସନ୍ ପଟେ କିଛି ସମସ୍ୟା ରହିଥିବା ଅନୁମାନ କରାଯାଉଛି ବୋଲି ଯନ୍ତ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ୪ଜଣିଆ ବୈଷୟିକ ଟିମ୍ ପ୍ରଥମେ ହଳଦିଆପଦର ଓଭରବ୍ରିଜ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଛକରେ ପହଞ୍ଚିଥିଲେ। ସେଠିକାର ସ୍ଥିତି ପରିଖିବା ସହିତ ଓଭରବ୍ରିଜ ଜାତୀୟ ରାଜପଥକୁ ସଂଯୋଗ କରିବା ପୂର୍ବରୁ ଥିବା ବୁଲାଣିକୁ ନେଇ ଚିନ୍ତା ପ୍ରକଟ କରିଥିଲେ। କାରଣ ଓଭରବ୍ରିଜ ସିଧାସଳଖ ଭାବେ ଜାତୀୟ ରାଜପଥକୁ ସଂଯୋଗ ନକରି ବୁଲାଣି କରି ସଂଯୋଗ କରୁଛି। ଯଦ୍ୱାରା ଦୁର୍ଘଟଣାର ମାତ୍ରା ଅଧିକ ହେବାର ସମ୍ଭାବନା ରହିଛି। ଏହାପରେ ଓଭରବ୍ରିଜର ମଧ୍ୟଭାଗ ଓ ଗୋଷାଣିନୂଆଗାଁକୁ ସଂଯୋଗ କରୁଥିବା ରାସ୍ତାକୁ ମଧ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ଓଭରବ୍ରିଜରେ ଅଧିକ ମାତ୍ରାରେ ଯାନବାହାନ ଯାତାୟତ କରୁଥିବା ବେଳେ ଢ଼ାଞ୍ଚାଗତ ତ୍ରୁଟି ମଧ ରହିଛି। ତେଣୁ ଟ୍ରାଫିକ ସର୍ଭେ, ଟ୍ରାଫିକ ଅଡ଼ିଟ୍ ସହ ଡିଜାଇନ ଚେକ କରାଯିବା ପରେ କଣ ସବୁ ସମସ୍ୟା ରହିଛି ତାହା ଜଣାପଡିବ। ଓଭରବ୍ରିଜର ଡ଼ିଜାଇନରେ କଣ ପରିବର୍ତ୍ତନ କରାଗଲେ ଦୁର୍ଘଟଣା ହେବ ନାହିଁ ସେନେଇ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଅରବିନ୍ଦ ତ୍ରିପାଠୀ ଓ ଡ଼ିଜାଇନର ମୁଖ୍ୟଯନ୍ତ୍ରୀ ମାନସ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

ଓଭରବ୍ରିଜରେ ଇତି ମଧ୍ୟରେ ପ୍ରାୟ ୨୦ଜଣଙ୍କ ଜୀବନ ଗଲାପରେ ତ୍ରୁଟି ଖୋଜାଚାଲିଛି। କେବଳ ତ୍ରୁଟିକୁ ଖୋଜି ଚୁପ୍ ବସିଲେ ହେବନାହିଁ ବରଂ କିଭଳି ଡ଼ିଜାଇନରେ ତୁରନ୍ତ ପରିବର୍ତ୍ତନ କରାଯିବ ସେନେଇ ପଦକ୍ଷେପ ନେବା ଜରୁରୀ ବୋଲି ସହରବାସୀ ଦାବି କରିଛନ୍ତି। ଦୁର୍ଘଟଣା ରୋକିବା ନିମନ୍ତେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି କୃଷ୍ଣନଗର ନିବାସୀ କୃଷ୍ଣଚନ୍ଦ୍ର ସାହୁ ଓ ଚନ୍ଦନନଗର ନିବାସୀ ସୁମନ ମହାପାତ୍ର ଏବଂ ହଳଦିଆପଦର ବାସିନ୍ଦା ମନ୍ମଥ ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି। ବୈଷୟିକ ଟିମ ସହ ଗଞ୍ଜାମ ଜିଲ୍ଲା ପୂର୍ତ୍ତବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇ ସହାୟତା କରିଥିଲେ।

- ୨୦ରୁ ଅଧିକ ଜୀବନ ଗଲାପରେ ତ୍ରୁଟି ଖୋଜା ଆରମ୍ଭ
- ଟ୍ରାଫିକ ସର୍ଭେ ଓ ଡିଜାଇନ ଯାଞ୍ଚ ପରେ ହିଁ ସମସ୍ୟାର କାରଣ ସ୍ପଷ୍ଟ ହେବ: ମୁଖ୍ୟଯନ୍ତ୍ରୀ
- ତ୍ରୁଟି ଚିହ୍ନଟ ସହ ନିର୍ମାଣ ଢାଞ୍ଚାରେ ତୁରନ୍ତ ପରିବର୍ତ୍ତନ କରାଯିବା ଜରୁରୀ: ସହରବାସୀ